# ଧରିତ୍ରୀ DHARITRI

ଭୁବନେଶ୍ୱର, ମଙ୍ଗଳବାର, ସେପ୍ଟେମ୍ବର ୧/୨୦୨୦ (୧୩ ପୃଷ୍ଠା) | Bhubaneswar, Tuesday, September 1/2020 | ★★★★★★

୪୬ଶ ଭାଗ ୨୭୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




**କମୁଛି କଙ୍ଗନାଙ୍କ ଫଲୋଅର୍ସଙ୍କ ସଂଖ୍ୟା**

ଅଭିନେତ୍ରୀ କଙ୍ଗନା ରାନାଓ୍ୱତଙ୍କ ଏବେ ସୋସିଆଲ ମିଡିଆ ଆକାଉଣ୍ଟ ଟୁଇଟରରେ ଫଲୋଅର୍ସଙ୍କ ସଂଖ୍ୟା କମିବାରେ ଲାଗିଛି। ୧୦

୧୩ **ଓଡ଼ିଶା ଏଫ୍‌ସିରେ ଯୋଗଦେଲେ ଡିଏଗୋ**

ଇଣ୍ଡିଆନ ସୁପରଲିଗ୍‌ର ୭ମ ସଂସ୍କରଣ ପାଇଁ ବ୍ରାଜିଲିଆନ ଷ୍ଟ୍ରାଇକର ଡିଏଗୋ ମୌରିସିଓଙ୍କ ସହ ଏକ ବର୍ଷିଆ ଚୁକ୍ତି କରିଛି ଓଡ଼ିଶା ଏଫ୍‌ସି।



# ପ୍ରଣବଙ୍କ ପରଲୋକ



- ଆଜି ଶେଷକୃତ୍ୟ
- ୭ ଦିନିଆ ରାଷ୍ଟ୍ରୀୟ ଶୋକ

**ନୂଆଦିଲ୍ଲୀ, ୩୧।୮**

ପୂର୍ବତନ ରାଷ୍ଟ୍ରପତି ଭାରତରତ୍ନ ପ୍ରଣବ ମୁଖାର୍ଜୀଙ୍କର ସୋମବାର ପରଲୋକ ହୋଇଯାଇଛି। ତାଙ୍କୁ ୮୪ ବର୍ଷ ହୋଇଥିଲା। ଅଗଷ୍ଟ ୧୦ରେ ସେ ଦିଲ୍ଲୀର ଆର୍ମି ରିସର୍ଚ୍ଚ ତଥା ରେଫରାଲ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ତାଙ୍କଠାରେ କରୋନା ପଜିଟିଭ୍ ଚିହ୍ନଟ ହୋଇଥିଲା। ମସ୍ତିଷ୍କରେ ଜମାଟ ବାନ୍ଧିଥିବା ରକ୍ତ ବାହାର କରିବା ପାଇଁ ଅସ୍ତ୍ରୋପଚାର କରାଯିବା ପରେ ସେ କୋମାକୁ ଚାଲିଯାଇଥିଲେ। ପ୍ରଣବଙ୍କ ପରଲୋକ ସମ୍ପର୍କରେ ତାଙ୍କ ପୁଅ ଅଭିଜିତ ଟୁଇଟ୍ କରି ଜଣାଇଛନ୍ତି। ତାଙ୍କ ଦେହାନ୍ତରେ କେନ୍ଦ୍ର ସରକାର ୭ ଦିନିଆ ରାଷ୍ଟ୍ରୀୟ ଶୋକ ଘୋଷଣା କରିଛନ୍ତି। ମଙ୍ଗଳବାର ତାଙ୍କର ଶେଷକୃତ୍ୟ ଦିଲ୍ଲୀରେ ସମ୍ପନ୍ନ ହେବ ବୋଲି ସରକାରୀ ବିବୃତ୍ତିରେ କୁହାଯାଇଛି। ଦୀର୍ଘଦିନ ହେଲା ଭେଣ୍ଟିଲେଟର ସପୋର୍ଟରେ ଥିବା ପ୍ରଣବଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଅବନତି ଘଟିଥିବା ନେଇ ସୋମବାର ସକାଳେ ହସ୍ପିଟାଲ ପକ୍ଷରୁ କୁହାଯାଇଥିଲା। ଫୁସ୍‌ଫୁସ୍‌ରେ ସଂକ୍ରମଣ ଯୋଗୁ ସେ ସେପ୍ଟିକ୍ ଶକ୍‌ରେ ଥିଲେ। ୨୫ରେ ତାଙ୍କ ରେନାଲ ପାରାମିଟରରେ ମଧ୍ୟ ସମସ୍ୟା ଦେଖାଦେଇଥିଲା।

ଦୀର୍ଘ ୫ ଦଶନ୍ଧି ଧରି ରାଜନୀତି ସହ ଜଡ଼ିତ ଥିବା ପ୍ରଣବ ୨୦୧୨ରୁ ୨୦୧୭ ପର୍ଯ୍ୟନ୍ତ ଭାରତର ୧୩ତମ ରାଷ୍ଟ୍ରପତି ଥିଲେ। କଂଗ୍ରେସ ନେତା ଭାବରେ ସେ କେନ୍ଦ୍ରରେ ଅର୍ଥମନ୍ତ୍ରୀ, ପ୍ରତିରକ୍ଷା ମନ୍ତ୍ରୀ, ସ୍ୱରାଷ୍ଟ୍ର ମନ୍ତ୍ରୀ ହେବା ସହ ବହୁ ଗୁରୁତ୍ୱପୂର୍ଣ୍ଣ ମନ୍ତ୍ରଣାଳୟ ଦାୟିତ୍ୱରେ ରହିଥିଲେ। ଉପାର ଦ୍ୱିତୀୟ ପାଳି ସରକାରରେ ସେ ଅର୍ଥମନ୍ତ୍ରୀ ଥିବାବେଳେ ତାଙ୍କୁ ରାଷ୍ଟ୍ରପତି ପ୍ରାର୍ଥୀ କରାଯାଇଥିଲା। ସେ ପି.ଏ. ସାଙ୍ଗମାଙ୍କୁ ବିପୁଳ ଭୋଟ ବ୍ୟବଧାନରେ ପରାଜିତ କରି ରାଷ୍ଟ୍ରପତି ଭାବେ ନିର୍ବାଚିତ ହୋଇଥିଲେ।

ପଶ୍ଚିମବଙ୍ଗରେ ଜନ୍ମିତ ପ୍ରଣବ ପ୍ରତିବର୍ଷ ଦୁର୍ଗାପୂଜା ବେଳେ ନିଜ ହୋମ୍‌ଟାଉନ୍ ବୀରଭୂମ୍‌ର ମିରାଟିକୁ ଯାଉଥିଲେ। ଦେଶପାଇଁ ଉଲ୍ଲେଖନୀୟ ସେବା ନିମନ୍ତେ ୨୦୦୮ରେ ତାଙ୍କୁ ଦ୍ୱିତୀୟ ସର୍ବୋଚ୍ଚ ବେସାମରିକ ସମ୍ମାନ ପଦ୍ମ ବିଭୂଷଣ ଏବଂ ୨୦୧୯ରେ ସର୍ବୋଚ୍ଚ ସମ୍ମାନ ଭାରତରତ୍ନରେ ବିଭୂଷିତ କରାଯାଇଥିଲା।

(ପ୍ରଣବଙ୍କୁ ପ୍ରଣାମ-ପୃଷ୍ଠା:୨)

# ହଟିଲା ରାତ୍ରି କର୍ଫ୍ୟୁ, ସପ୍ତାହାନ୍ତ ଶଟ୍‌ଡାଉନ

## କଣ୍ଟେନ୍‌ମେଣ୍ଟ ଜୋନ୍ ବ୍ୟତୀତ ହେବନି ଲକ୍‌ଡାଉନ

**ଜାରି ହେଲା ନୂଆ ଗାଇଡଲାଇନ**

- ଲକ୍‌ଡାଉନ୍ ପାଇଁ କେନ୍ଦ୍ର ସରକାରଙ୍କ ଅନୁମତି ନେବାକୁ ହେବ
- ଅନ୍‌ଲାଇନ ପାଠ ପଢ଼ାଇବାକୁ ୫୦% ଶିକ୍ଷକଙ୍କୁ ଅନୁମତି
- ସେପ୍ଟେମ୍ବର ପହିଲାରୁ ଆନ୍ତଃରାଜ୍ୟ ବସ୍ ଚଳାଚଳ
- ୨୧ରୁ ଖୋଲିବ ଓପନ ଥିଏଟର
- ସାମାଜିକ ଦୂରତା, ମାସ୍କ ପିନ୍ଧା ବାଧ୍ୟତାମୂଳକ

**ଭୁବନେଶ୍ୱର,୩୧।୮(ବ୍ୟୁରୋ)**

ରାଜ୍ୟରେ ଆଉ ରାତ୍ରିକାଳୀନ କର୍ଫ୍ୟୁ, ସପ୍ତାହାନ୍ତ ଶଟ୍‌ଡାଉନ୍ ହେବନାହିଁ। କୋଭିଡ୍-୧୯ ସଂକ୍ରମିତ ଅଞ୍ଚଳ(କଣ୍ଟେନ୍‌ମେଣ୍ଟ ଜୋନ) ବ୍ୟତୀତ ରାଜ୍ୟର ଅନ୍ୟ କୌଣସି ସ୍ଥାନରେ କେନ୍ଦ୍ର ସରକାରଙ୍କ ବିନା ଅନୁମତିରେ ଲକ୍‌ଡାଉନ କରାଯାଇପାରିବ ନାହିଁ। ଜିଲାପାଳ, ମହାନଗର ନିଗମ କମିଶନର ମଧ୍ୟ ମନଇଚ୍ଛା ସ୍ଥାନୀୟ ଲକ୍‌ଡାଉନ ଘୋଷଣା କରିପାରିବେ ନାହିଁ। ରାଜ୍ୟ ସରକାରଙ୍କ ପକ୍ଷରୁ ସେପ୍ଟେମ୍ବର ମାସ ଲାଗି ଜାରି କରାଯାଇଥିବା ଗାଇଡ୍‌ଲାଇନରେ ଏନେଇ ସ୍ପଷ୍ଟ କରାଯାଇଛି। ସଂକ୍ରମିତ ଅଞ୍ଚଳ ବାହାରେ ଦୈନନ୍ଦିନ କାର୍ଯ୍ୟକଳାପକୁ ଚଳଚଞ୍ଚଳ କରିବାକୁ କେନ୍ଦ୍ର ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ ଏହି ପଦକ୍ଷେପ ନିଆଯାଇଛି।

କୋଭିଡ୍-୧୯ ସଂକ୍ରମଣକୁ ଦେଖି ଆସନ୍ତା ସେପ୍ଟେମ୍ବର ୩୦ ଯାଏ ରାଜ୍ୟ ସରକାର ଅନ୍‌ଲକ-୪ ଘୋଷଣା କରିଛନ୍ତି। ଏ ନେଇ ସ୍ୱତନ୍ତ୍ର ରିଲିଫ କମିଶନର(ଏସ୍‌ଆରସି)ଙ୍କ କାର୍ଯ୍ୟାଳୟ ପକ୍ଷରୁ ସୋମବାର ଗାଇଡ୍‌ଲାଇନ ଜାରି କରାଯାଇଛି। ଏହା ସେପ୍ଟେମ୍ବର ପହିଲାରୁ ୩୦ ଯାଏ ବଳବତ୍ତର ରହିବ। ପ୍ରକାଶିତ ଗାଇଡଲାଇନ ଅନୁଯାୟୀ କେବଳ କଣ୍ଟେନ୍‌ମେଣ୍ଟ ଜୋନ୍‌ରେ ଲକ୍‌ଡାଉନ ଜାରି ରହିବ। ଜିଲାପାଳ, ମହାନଗର ନିଗମ କମିଶନର କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଏବଂ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ଗାଇଡ୍‌ଲାଇନ ଅନୁଯାୟୀ କଣ୍ଟେନ୍‌ମେଣ୍ଟ ଜୋନ୍ ଚିହ୍ନଟ କରି ବିଜ୍ଞପ୍ତି ପ୍ରକାଶ କରିବେ। ମହାମାରୀ ସଂକ୍ରମଣ ବଢ଼ିବା ଆଶଙ୍କା ଦେଖାଦେଲେ କେନ୍ଦ୍ର ସରକାରଙ୍କ ଅନୁମତି ନେଇ ଲୋକମାନଙ୍କ ଚଳପ୍ରଚଳ, ଦୋକାନ ବଜାର, ଅଫିସ ଖୋଲିବା ଉପରେ କଟକଣା ଜାରି କରିପାରିବେ। ଅନ୍ୟପକ୍ଷରେ ସଂକ୍ରମିତ ଅଞ୍ଚଳ ବାହାରେ ସମଗ୍ର ରାଜ୍ୟରେ ଧାର୍ମିକ କାର୍ଯ୍ୟକଳାପକୁ ବାରଣ କରାଯାଇଛି। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଅନୁମୋଦନ ବ୍ୟତୀତ ସମସ୍ତ ଅନ୍ତର୍ଜାତୀୟ ବିମାନ ଉଡାଣ, ସିନେମା ହଲ୍, ସୁଇମିଂପୁଲ୍, ଅବସର ବିନୋଦନ କମ୍ପ୍ଲେକ୍ସ, ଅଡିଟୋରିୟମ ଇତ୍ୟାଦି ଖୋଲିବା ଉପରେ କଟକଣା ପୂର୍ବଭଳି ଜାରି ରହିଛି। କିନ୍ତୁ ସେପ୍ଟେମ୍ବର ୨୧ରୁ ଓପନ ଥିଏଟର ଖୋଲିବାକୁ ଅନୁମତି ଦିଆଯାଇଛି। ସାମାଜିକ, ରାଜନୈତିକ, କ୍ରୀଡା, ଶିକ୍ଷା, ସାଂସ୍କୃତିକ, ଧାର୍ମିକ ଏବଂ ବହୁଲୋକ ସମାବେଶ ଉପରେ କଟକଣା ପୂର୍ବଭଳି ଜାରି ରହିବ। ସ୍କୁଲ, କଲେଜ, ବିଶ୍ୱବିଦ୍ୟାଳୟ, ଅନ୍ୟାନ୍ୟ ଶିକ୍ଷାନୁଷ୍ଠାନ, କୋଚିଂ ସେଣ୍ଟର, ଅଙ୍ଗନଓ୍ୱାଡି କେନ୍ଦ୍ର ଇତ୍ୟାଦି ଆସନ୍ତା ପୂଜାଛୁଟି ଯାଏ ବନ୍ଦ ରହିବ। ତେବେ ପରୀକ୍ଷା, ଖାତାଦେଖା ଓ ଅନ୍ୟାନ୍ୟ ପ୍ରଶାସନିକ କାର୍ଯ୍ୟକୁ ଅନୁମତି ଦିଆଯାଇଛି। ଅନ୍‌ଲାଇନ ପାଠପଢ଼ାକୁ ପ୍ରୋତ୍ସାହିତ କରାଯିବ। ସେପ୍ଟେମ୍ବର ୨ରୁ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ଷ୍ଟେଣ୍ଡାର୍ଡ ଅପରେଟିଂ ପ୍ରୋସିଡ୍ୟୁରର(ଏସ୍‌ଓପି) ଅନୁଯାୟୀ ସ୍କୁଲ ଓ ଗଣଶିକ୍ଷା, ଉଚ୍ଚଶିକ୍ଷା ବିଭାଗ ସେମାନଙ୍କ ଅଧୀନରେ କାର୍ଯ୍ୟରତ ୫୦ ପ୍ରତିଶତ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀମାନଙ୍କ ଅନ୍‌ଲାଇନ ପାଠପଢ଼ା ଓ ଅନ୍ୟାନ୍ୟ କାର୍ଯ୍ୟ ପାଇଁ ଅନୁମତି ଦେଇପାରିବେ। ସେପ୍ଟେମ୍ବରରେ ଜାତୀୟ ଦକ୍ଷତା ତାଲିମ ଅନୁଷ୍ଠାନ, ଜାତୀୟ ଦକ୍ଷତା ☞ପୃଷ୍ଠା-୪

# ବନ୍ୟା କ୍ଷତିଗ୍ରସ୍ତଙ୍କୁ ୫୦ କିଲୋ ଚାଉଳ, ୫୦୦ଟଙ୍କା ସହାୟତା



- ଆକାଶମାର୍ଗରୁ ସ୍ଥିତି ଅନୁଧ୍ୟାନ କଲେ ମୁଖ୍ୟମନ୍ତ୍ରୀ
- ୧୫ଦିନରେ କ୍ଷୟକ୍ଷତି ରିପୋର୍ଟ ଦେବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ

**ଭୁବନେଶ୍ୱର,୩୧।୮(ବ୍ୟୁରୋ)**

ରାଜ୍ୟରେ ବନ୍ୟାସ୍ଥିତିରେ ସାମାନ୍ୟ ସୁଧାର ଆସିଥିବାବେଳେ ଏବେବି ଅନେକ ଜିଲାର ବହୁ ଅଞ୍ଚଳ ଜଳମଗ୍ନ ରହିଛି। ଏଭଳିସ୍ଥିତିରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ଅପରାହ୍ନରେ ଆକାଶ ମାର୍ଗରୁ ବନ୍ୟା କ୍ଷତିଗ୍ରସ୍ତ ଅଞ୍ଚଳର ସ୍ଥିତି ଅନୁଧ୍ୟାନ କରିଛନ୍ତି। ସେଠାରୁ ଫେରିବା ପରେ ଏକ ଉଚ୍ଚସ୍ତରୀୟ ବୈଠକରେ ଯୋଗଦେଇ ବନ୍ୟା ପରିସ୍ଥିତି, ରିଲିଫ୍ ଓ ପୁନରୁଦ୍ଧାର କାର୍ଯ୍ୟର ସମୀକ୍ଷା କରିଛନ୍ତି। ବନ୍ୟାଜନିତ ସମସ୍ୟା ଭିତରେ ରହିଥିବା ଲୋକଙ୍କ ଦୁର୍ଦ୍ଦଶା ଲାଘବ କରିବା ପାଇଁ ମୁଖ୍ୟମନ୍ତ୍ରୀ ଜରୁରୀ ସହାୟତା ଘୋଷଣା କରିଛନ୍ତି। ବନ୍ୟା ଯୋଗୁ ସ୍ଥାନାନ୍ତର ହୋଇଥିବା ଲୋକଙ୍କୁ ଆଶ୍ରୟସ୍ଥଳରେ ରହିବା ପର୍ଯ୍ୟନ୍ତ ରନ୍ଧା, ଶୁଖିଲା ଖାଦ୍ୟ ଯୋଗାଯିବ। ଗୁରୁତର ଭାବେ କ୍ଷତିଗ୍ରସ୍ତ ଜଳମଗ୍ନ ଗ୍ରାମର ପରିବାରବର୍ଗଙ୍କୁ ତୁରନ୍ତ ୫୦ କେଜି ଚାଉଳ ଓ ୫୦୦ ଟଙ୍କା ସହାୟତା ☞ପୃଷ୍ଠା-୪




# ଯୁକ୍ତ୨ ନାମଲେଖା ଆବେଦନ ଅବଧି ବୃଦ୍ଧି

**ଭୁବନେଶ୍ୱର, ୩୧।୮(ବ୍ୟୁରୋ)**

ଯୁକ୍ତ୨ ନାମଲେଖା ପାଇଁ ଆବେଦନ ଅବଧିକୁ ବୃଦ୍ଧି କରାଯାଇଛି। ରାଜ୍ୟରେ ବନ୍ୟା ସ୍ଥିତି ଉପୁଜିଥିବାରୁ ରାଜ୍ୟ ସରକାର ଆବେଦନ ପାଇଁ ଛାତ୍ରୀଛାତ୍ରଙ୍କୁ ଅଧିକ ସମୟ ଦେଇଛନ୍ତି। ପୂର୍ବରୁ ସେପ୍ଟେମ୍ବର ୪ ଶେଷ ତାରିଖ ରହିଥିଲା। ଏବେ ଆଉ ୭ ଦିନ ବଢ଼ାଇ ଦିଆଯାଇଛି। ସାମ୍ସ ପ୍ଲାଟ୍‌ଫର୍ମରେ ଯୁକ୍ତ୨ ପାଇଁ ଆବେଦନ କରିବାର ଶେଷ ତାରିଖ ୧୧ ତାରିଖକୁ ଘୁଞ୍ଚାଇ ଦିଆଯାଇଛି ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଛନ୍ତି।

ସେହିଭଳି ଯୁକ୍ତ୨ କଳା ପରୀକ୍ଷା ଫଳ ସଂକ୍ରାନ୍ତରେ ମନ୍ତ୍ରୀ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଆସନ୍ତା ୨ରୁ ୩ ଦିନ ମଧ୍ୟରେ ଯୁକ୍ତ୨ କଳା ପରୀକ୍ଷାଫଳ ପ୍ରକାଶ ପାଇବାର ତାରିଖ ସ୍ପଷ୍ଟ ହୋଇଯିବ। ସେପ୍ଟେମ୍ବର ପ୍ରଥମ ସପ୍ତାହରେ ହିଁ ଏହି ଫଳାଫଳ ପ୍ରକାଶ ପାଇବ ବୋଲି ମନ୍ତ୍ରୀ କହିଛନ୍ତି।

# କରୋନା ମୁକାବିଲା: ଓଡ଼ିଶା ଆସିବେ କେନ୍ଦ୍ରୀୟ ଟିମ୍

**ଭୁବନେଶ୍ୱର, ୩୧।୮(ବ୍ୟୁରୋ)**

କରୋନା ମୁକାବିଲା ପାଇଁ କେନ୍ଦ୍ରୀୟ ଟିମ୍ ଓଡ଼ିଶା ଆସିବେ। କୋଭିଡ୍ ପରିଚାଳନାରେ ରାଜ୍ୟ ସରକାରଙ୍କୁ ଏହି ଟିମ୍ ସହାୟତା କରିବେ। ବିଶେଷକରି କଣ୍ଟେନମେଣ୍ଟ, ସର୍ଭେଲାନ୍ସ, ଟେଷ୍ଟିଂ ଆଦିରେ କେନ୍ଦ୍ରୀୟ ଟିମ୍ ପ୍ରଶାସନକୁ ଆବଶ୍ୟକ ସହାୟତା ଯୋଗାଇ ଦେବେ ବୋଲି ସୂଚନା ମିଳିଛି।

ମିଳିଥିବା ସୂଚନାନୁସାରେ, ଓଡ଼ିଶା ସମେତ ଉତ୍ତର ପ୍ରଦେଶ, ଝାଡ଼ଖଣ୍ଡ ଓ ଛତିଶଗଡ଼କୁ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ କେନ୍ଦ୍ରୀୟ ଟିମ୍ ପଠାଇବ। ଏସବୁ ରାଜ୍ୟରେ ସଂକ୍ରମଣ ଓ କରୋନାଜନିତ ମୃତ୍ୟୁ ବଢ଼ୁଥିବାରୁ କେନ୍ଦ୍ର ସରକାର ଏହି ପଦକ୍ଷେପ ନେଇଛନ୍ତି। ତେବେ ପ୍ରତି ଟିମରେ ଜଣେ ସଂକ୍ରାମକ ରୋଗ ବିଶେଷଜ୍ଞ ଓ ଜଣେ ସ୍ୱାସ୍ଥ୍ୟ ବିଶେଷଜ୍ଞ ରହିବେ।

**ଅଦାଲତ ଅବମାନନା ମାମଲା**

# ପ୍ରଶାନ୍ତଙ୍କୁ ୧ ଟଙ୍କା ଜରିମାନା



**ସମ୍ମାନର ସହ ପୈଠ କରିବି**

**ନୂଆଦିଲ୍ଲୀ, ୩୧।୮(ପି.ଟି.)**

ନ୍ୟାୟପାଳିକା ବିରୋଧରେ ଟୁଇଟ୍ ପାଇଁ ଅଦାଲତ ଅବମାନନା ମାମଲାରେ ଦୋଷୀସାବ୍ୟସ୍ତ କରାଯାଇଥିବା ବରିଷ୍ଠ ଆଇନଜୀବୀ ପ୍ରଶାନ୍ତ ଭୂଷଣଙ୍କୁ ସୁପ୍ରିମକୋର୍ଟ ସୋମବାର ଦଣ୍ଡ ଶୁଣାଇଛନ୍ତି। ତାଙ୍କୁ ନାମକୁମାତ୍ର ଦଣ୍ଡ ସ୍ୱରୂପ ୧ ଟଙ୍କା ଜରିମାନା କରାଯାଇଛି। ସେପ୍ଟେମ୍ବର ୧୫ ସୁଦ୍ଧା ଜରିମାନା ରାଶି ପୈଠ କରିବା ପାଇଁ ଜଷ୍ଟିସ୍ ଅରୁଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ପ୍ରଶାନ୍ତଙ୍କୁ କହିଛନ୍ତି। ଏହି ସମୟ ମଧ୍ୟରେ ଯଦି ସେ ଜରିମାନା ପୈଠ ନ କରନ୍ତି ତେବେ ତାଙ୍କୁ ୩ ମାସ ଜେଲ୍ ହେବା ସହ ୩ ବର୍ଷ ପର୍ଯ୍ୟନ୍ତ ଓକିଲାତି କରିପାରିବେ ନାହିଁ ବୋଲି ଖଣ୍ଡପୀଠ କହିଥିଲେ। ସମ୍ମାନର ସହ ଜରିମାନା ଭରିବେ ବୋଲି ପ୍ରଶାନ୍ତ ଭୂଷଣ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। ଦଣ୍ଡ ଶୁଣାଣି ବେଳେ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ଅର୍ଥ ଚିନ୍ତା**

**ଆଜିର ମନ୍ତବ୍ୟ**

"ସୀମାରେ ଅନୁପ୍ରବେଶ ଉଦ୍ୟମ ଜାରି ରହିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କେବେ ଚାଇନାକୁ ନାଲିଆଖି ଦେଖାଇବେ।

– ରଣଦୀପ ସୁର୍‌ଜେଓ୍ୱାଲା, କଂଗ୍ରେସ ମୁଖପାତ୍ର


ORSPL

**ଭାରତର ବୀର ଦୋକାନୀ ଭାଇ**

**କେବଳ ଓଡ଼ିଶା ପ୍ରାନ୍ତର ଦୋକାନୀ ଭାଇମାନଙ୍କ ପାଇଁ**

ଘଡ଼ି ଡିଟର୍ଜେଣ୍ଟ

ଆଜି ସଂପୂର୍ଣ୍ଣ ଦେଶ ଏକ ମୁସ୍କିଲ ସମୟରେ ଗତି କରୁଛି । ଆର୍.ଏସ୍.ପି.ଏଲ. ପରିବାର ସେହି ସମସ୍ତ ଦୋକାନୀ ଭାଇମାନଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରୁଛି, ଯିଏକି ଏହି ମୁସ୍କିଲ ସମୟରେ ନିଜର କାର୍ଯ୍ୟ ଏବଂ ନିଷ୍ଠା ଦ୍ୱାରା ଦେଶ ଓ ଦେଶବାସୀଙ୍କ କୌଣସି ପ୍ରକାର ସମସ୍ୟା ହେବାକୁ ଦେଇନାହାନ୍ତି ।

**ଭାରତର ଏହି ବୀରମାନଙ୍କୁ ଆମେ କୋଟି କୋଟି ନମସ୍କାର ଜଣାଉଛୁ ।**

**ଦୋକାନୀ ଭାଇ ତଳେ ଦିଆଯାଇଥିବା ତାଲିକା ଅନୁସାରେ କିଣିବା ଉପରେ ପାଆନ୍ତୁ ଘଡ଼ି ଡିଟର୍ଜେଣ୍ଟ ପାଉଡର**

| SLAB | ଘଡ଼ି ଡିଟର୍ଜେଣ୍ଟ ପାଉଡର ମାଗଣା ପ୍ୟାକେଟ୍ |
|---|---|
| 3 kg ର 2 *ବସ୍ତା | 3 kg ର 1 ପ୍ୟାକେଟ୍ ମାଗଣା |
| 1 kg ର 1 *ବସ୍ତା | 500 g ର 1 ପ୍ୟାକେଟ୍ ମାଗଣା |
| 500 g ର 1 *ବସ୍ତା | 1 kg ର 1 ପ୍ୟାକେଟ୍ ମାଗଣା |
| ₹10/-(135 g) ର 1 *ବସ୍ତା | ₹10/-(135 g) ର 5 ପ୍ୟାକେଟ୍ ମାଗଣା |
| ₹5/-(67 g) ର 1 *ବସ୍ତା | ₹5/-(67 g) ର 5 ପ୍ୟାକେଟ୍ ମାଗଣା |

**ଦୋକାନୀ ଭାଇ ତଳେ ଦିଆଯାଇଥିବା ତାଲିକା ଅନୁସାରେ କିଣିବା ଉପରେ ପାଆନ୍ତୁ ଘଡ଼ି ଡିଟର୍ଜେଣ୍ଟ କେକ୍**

| SLAB | ଘଡ଼ି ଡିଟର୍ଜେଣ୍ଟ କେକ୍ ମାଗଣା ପିସ୍ |
|---|---|
| 1 ନଗ୍ *(ପେଟି) | ₹5/-(90 g) ର 5 pcs. ସଂପୂର୍ଣ୍ଣ ମାଗଣା |

ସ୍କିମ୍ 1st September, 2020 ରୁ ଲାଗୁ

ଅଫର୍ ସିମିତ ସମୟ ପାଇଁ

SKU (ପେଟ/ବସ୍ତା) Information

Ghadi powder : 3kgx10 pkts.,1kgx25 pkts, 500gx40 pkts, 135gx72 pkts. 67gx100 pkts.

Ghadi Cake : 90gx100 pcs., 185gx56 pcs., 300gx48 pcs., 160gx80 pcs.



*As per Nielsen Retail Index data for MAT November 2019, All India (Urban + Rural) market in Washing Powder Category.

ସ୍କିମ୍ ସମ୍ବନ୍ଧିତ କୌଣସି ସମସ୍ୟା ପାଇଁ ତଳେ ଦିଆଯାଇଥିବା ନମ୍ବରରେ ତୁରନ୍ତ ସଂପର୍କ କରନ୍ତୁ ।

B. UMA SHANKAR (BHUBANESWAR): 7873096108,
RAJESH KUMAR (SAMBALPUR): 8709987942,
DHEERENDRA VERMA (STATE HEAD): 9935279225

ସପ୍ଲାଇ ଏବଂ ସର୍ଭିସର ସମ୍ବନ୍ଧିତ କୌଣସି ଅଭିଯୋଗ କରିବାକୁ ସଂପର୍କ କରନ୍ତୁ । RSPL CARE 1800 120 2800


# ୨୩.୯% ଖସିଲା ଜିଡିପି

- ୪ ଦଶନ୍ଧି ମଧ୍ୟରେ ସବୁଠୁ ବଡ଼ ହ୍ରାସ
- ଅର୍ଥ ବ୍ୟବସ୍ଥା ଉପରେ କରୋନା ମାଡ଼
- କେବଳ କୃଷି କ୍ଷେତ୍ରରେ ଅଭିବୃଦ୍ଧି




**ନୂଆଦିଲ୍ଲୀ,୩୧।୮**

ଆର୍ଥିକ ବର୍ଷ ୨୦୨୦-୨୧ର ଏପ୍ରିଲ-ଜୁନ ତ୍ରୈମାସରେ ଭାରତର ମୋଟ୍ ଘରୋଇ ଉତ୍ପାଦ (ଜିଡିପି) ୨୩.୯% ଖସିଛି। ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ (ଏନ୍‌ଏସ୍‌ଓ) ପକ୍ଷରୁ ସୋମବାର ଏ ସଂକ୍ରାନ୍ତ ତଥ୍ୟ ପ୍ରକାଶ ପାଇଛି। ଗତ ଆର୍ଥିକ ବର୍ଷ ସମାନ ସମୟ ତୁଳନାରେ ଚଳିତ ଆର୍ଥିକ ବର୍ଷ ଏହି ସମୟରେ ଜିଡିପି ଅଭିବୃଦ୍ଧିକୁ ଶକ୍ତ ଧକ୍କା ଲାଗିଥିବା ଜଣାପଡ଼ିଛି। କରୋନା ଭାଇରସ ଯୋଗୁ ହୋଇଥିବା ଲକ୍‌ଡାଉନ କାରଣରୁ ସାରା ଦେଶରେ ଆର୍ଥିକ କାର୍ଯ୍ୟକଳାପ ବିଗିଡି ଯାଇଛି। ଏହାର ପ୍ରଭାବ ଜିଡିପି ଉପରେ ଗଭୀର ଭାବେ ପଡିଥିବା ରିପୋର୍ଟରେ ପ୍ରକାଶ ପାଇଛି। ଗତ ୪ ଦଶନ୍ଧି ମଧ୍ୟରେ ପ୍ରଥମଥର ଲାଗି ଭାରତୀୟ ଅର୍ଥ ବ୍ୟବସ୍ଥାକୁ ଏଭଳି ବୃହତ୍ ପରିମାଣର କ୍ଷତି ସହିବାକୁ ପଡିଛି। ୧୯୯୬ ପରଠାରୁ ତ୍ରୈମାସିକ ଜିଡିପି ଡାଟା ପ୍ରକାଶ ପାଇବା ପରଠାରୁ ଜିଡିପିରେ ଏଭଳି ବଡ ଧରଣର ହ୍ରାସ ପରିଲକ୍ଷିତ ହୋଇଛି। ଚଳିତ ବର୍ଷ ଜାନୁୟାରୀ-ମାର୍ଚ୍ଚ ସମୟରେ ଜିଡିପି ୩.୧% ଅଭିବୃଦ୍ଧି ଘଟିଥିଲା। ଏହା ୧୭ ବର୍ଷର ସର୍ବନିମ୍ନ ସ୍ତର ବୋଲି କୁହାଯାଇଥିଲା।

୨୦୧୯-୨୦ ଆର୍ଥିକ ବର୍ଷର ଜୁନ ତ୍ରୈମାସରେ ଜିଡିପି ୫.୨% ରହିଥିଲା। ଆର୍ଥିକ ବର୍ଷ ୨୦୧୮-୧୯ରେ ଦେଶର ଅଭିବୃଦ୍ଧି ୬.୧% କୁ ହ୍ରାସ ହୋଇଥିବା ବେଳେ ୨୦୧୯-୨୦ରେ ଏହା ୪.୨%କୁ ଖସିଆସିଛି। ଯାହା ୧୧ ବର୍ଷର ସର୍ବନିମ୍ନ ସ୍ତର। ଅପରପକ୍ଷରେ ପ୍ରଥମ ତ୍ରୈମାସରେ ଦେଶର ଗ୍ରସ୍ ଭାଲ୍ୟୁ ଆଡେଡ୍(ଜିଭିଏ) ୨୨.୮% ହ୍ରାସ ପାଇଛି। ମାନୁଫାକଚରିଂରେ ୩୯.୩% ଏବଂ ଖଣି କ୍ଷେତ୍ର ୨୩.୩% ଖସିଥିବା ନଜରକୁ ଆସିଛି। ଗ୍ରସ୍ ଫିକ୍ସଡ କ୍ୟାପିଟାଲ ୫୨.୯%, ବିଦ୍ୟୁତ ଉତ୍ପାଦନ ୭%, ନିର୍ମାଣ କାର୍ଯ୍ୟକଳାପ ୫୦.୩% ଖସିଛି। ଏହି ସମୟରେ କେବଳ କୃଷି ଏବଂ ଆନୁଷଙ୍ଗିକ କ୍ଷେତ୍ର କାର୍ଯ୍ୟକଳାପ ୩.୪% ବଢ଼ିଛି। ଏହି ସମୟରେ କେବଳ ଭାରତରେ ଜିଡିପି ହ୍ରାସ ପରିଲକ୍ଷିତ ହୋଇନାହିଁ। ଅନ୍ୟ ଦେଶଗୁଡ଼ିକ ମଧ୍ୟ କରୋନା ମହାମାରୀ ଜନିତ ଚାପରୁ ବର୍ତ୍ତି ପାରିନାହାନ୍ତି। ଚାଇନାରେ ସ୍ଥିତି ସୁଧାର ଆସିବାରୁ ଏହାର ଜିଡିପି ବୃଦ୍ଧି ୩.୨୦% ସ୍ତରରେ ରହିଛି। ସେହିଭଳି ☞ପୃଷ୍ଠା-୪



# ପ୍ରଣବଙ୍କୁ ପ୍ରଣାମ

ଭାରତରତ୍ନ ପ୍ରଣବ ମୁଖାର୍ଜୀ ଥିଲେ ରାଷ୍ଟ୍ରନୀତିଜ୍ଞ। ଭାରତୀୟ ଜାତୀୟ କଂଗ୍ରେସର ତୁଙ୍ଗ ନେତା ଭାବେ ସେ ଥିଲେ ଜଣାଶୁଣା। ବିଭିନ୍ନ ସରକାରରେ ଭିନ୍ନ ଭିନ୍ନ ମନ୍ତ୍ରୀ ହେବା ସହ ଭାରତର ରାଷ୍ଟ୍ରପତି ହେବାର ସୌଭାଗ୍ୟ ସେ ଅର୍ଜନ କରିଥିଲେ। ଜଣେ ଲେଖକ, ଅର୍ଥନୀତିଜ୍ଞ, ସୁବକ୍ତା ଓ ପ୍ରଜ୍ଞା ପୁରୁଷ ଭାବେ ସେ ପ୍ରସିଦ୍ଧି ଅର୍ଜନ କରିଛନ୍ତି। ୨୦୧୯ରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ତାଙ୍କୁ ଭାରତରତ୍ନ ଉପାଧିରେ ଭୂଷିତ କରିଥଲେ।

୧୯୬୯ରେ ରାଜନୀତିକୁ ପ୍ରବେଶ କରିଥିଲେ ସେ। ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ତାଙ୍କୁ କଂଗ୍ରେସ ଟିକେଟରେ ରାଜ୍ୟ ସଭାକୁ ପଠାଇବାରେ ସହାୟତା କରିଥିଲେ। ଏହା ପରେ ସେ ଗାନ୍ଧୀ ପରିବାର ସହ ଯୋଡ଼ିହୋଇ ୧୯୭୩ରେ କ୍ୟାବିନେଟ ମନ୍ତ୍ରୀ ପଦ ହାସଲ କରିଥିଲେ। ୧୯୮୨ରେ ସେ ଭାରତର ଅର୍ଥମନ୍ତ୍ରୀ ହୋଇଥିଲେ। ରାଜୀବ ଗାନ୍ଧୀଙ୍କ ପ୍ରଧାନମନ୍ତ୍ରୀତ୍ୱ କାଳରେ ତାଙ୍କୁ ଗୁରୁତ୍ୱ ଦିଆଯାଇ ନ ଥିଲା। ଏହା ପରେ ପ୍ରଣବ ରାଷ୍ଟ୍ରୀୟ ସମାଜବାଦୀ କଂଗ୍ରେସ ନାମକ ରାଜନୈତିକ ଦଳ ଗଠନ କରିଥିଲେ। ପରେ ଏହି ଦଳର କଂଗ୍ରେସରେ ବିଲୟ ଘଟିଥିଲା। ରାଜୀବ ଗାନ୍ଧୀଙ୍କ ମୃତ୍ୟୁ(୧୯୯୧) ପରେ ପି.ଭି. ନରସିଂହ ରାଓଙ୍କ ପ୍ରଧାନମନ୍ତ୍ରୀତ୍ୱ କାଳରେ ପ୍ରଣବ ଯୋଜନା କମିଶନ ଉପାଧକ୍ଷ ଭାବେ ନିଯୁକ୍ତି ପାଇଥିଲେ। ୧୯୯୫ରେ ସେ ଭାରତର ବହିର୍ବ୍ୟାପାର ମନ୍ତ୍ରୀ ହୋଇଥିଲେ। କଂଗ୍ରେସ ନେତୃତ୍ୱରେ ୟୁପିଏ ସରକାର କ୍ଷମତାକୁ ଆସିବା ପରେ ମନମୋହନ ସିଂଙ୍କ ପ୍ରଧାନମନ୍ତ୍ରୀ କାଳରେ ସେ ପ୍ରତିରକ୍ଷା, ବହିର୍ବ୍ୟାପାର ମନ୍ତ୍ରଣାଳୟର ପଦଭାର ସମ୍ଭାଳିଥିଲେ। ପରେ ନିଜର ଅଭିଜ୍ଞତା ଓ ପ୍ରତିଭା ବଳରେ ସେ ୨୦୧୨ରେ ଦେଶର ରାଷ୍ଟ୍ରପତି ହୋଇଥିଲେ। ୨୦୧୭ରେ ସ୍ୱାସ୍ଥ୍ୟଗତ କାରଣରୁ ସେ ରାଜନୀତିରୁ ସନ୍ୟାସ ନେଇଥିଲେ।





ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଅନ୍ତରଙ୍ଗ ମୁହୂର୍ତ୍ତରେ



ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କଠାରୁ ଭାରତରତ୍ନ ଉପାଧି ଗ୍ରହଣ କରିବା ଅବସରରେ

## ବାଲ୍ୟାବସ୍ଥା

ପଶ୍ଚିମବଙ୍ଗର ବୀରଭୂମ ଜିଲା ମିରତି ଗ୍ରାମରେ ପ୍ରଣବ ମୁଖାର୍ଜୀଙ୍କ ଜନ୍ମ। ବାପା କାମଦା କିଙ୍କର ମୁଖାର୍ଜୀ ଓ ମା' ରାଜଲକ୍ଷ୍ମୀ ମୁଖାର୍ଜୀଙ୍କ ସେ ଜଣେ ସୁଯୋଗ୍ୟ ସନ୍ତାନ। ବାପା ସ୍ୱାଧୀନତା ସଂଗ୍ରାମରେ ଜଣେ ସକ୍ରିୟ ସଦସ୍ୟ ରହିବା ସହ ରାଜ୍ୟ ବିଧାନ ପରିଷଦର ସଦସ୍ୟ ରହିଥିଲେ। ଏଆଇସିସି ପ୍ରତି ତାଙ୍କର ଆନୁଗତ୍ୟ ରହିଥିଲା। କଲିକତା ବିଶ୍ୱବିଦ୍ୟାଳୟରେ ପ୍ରଣବ ଇତିହାସ ଓ ରାଜନୀତି ବିଜ୍ଞାନରେ ସ୍ନାତକୋତ୍ତର ସହ ଆଇନ ଡିଗ୍ରୀ କରିଥିଲେ। ପାଠପଢ଼ା ପରେ ସେ କଲିକତାରେ ଅପର ଡିଭିଜନାଲ କ୍ଲର୍କ ଭାବେ କାର୍ଯ୍ୟାରମ୍ଭ କରିଥିଲେ। ଏହା ପରେ ବିଦ୍ୟାନଗର କଲେଜରେ ସେ ଆସିଷ୍ଟାଣ୍ଟ ପ୍ରଫେସର ଭାବେ କାର୍ଯ୍ୟ କଲେ। ରାଜନୀତିରେ ପ୍ରବେଶ କରିବା ପୂର୍ବରୁ 'ଦେଶର ଡାକ'ରେ ଖବରଦାତା ଭାବେ କାର୍ଯ୍ୟ କରିଥିଲେ।



ଆଲୋଚନା ବେଳେ ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ସହ ପ୍ରଣବ ମୁଖାର୍ଜୀ



ସ୍ତ୍ରୀ ଶୁଭ୍ରାଙ୍କ ସହ ବିଶେଷ ମୁହୂର୍ତ୍ତରେ




ପୂର୍ବତନ ପ୍ରଧାନମନ୍ତ୍ରୀ ପି.ଭି. ନରସିଂହରାଓଙ୍କ ସହ

## ରାଜନୈତିକ ବୃତ୍ତି

ମିଦ୍‌ନାପୁର ଉପନିର୍ବାଚନରେ ସ୍ୱାଧୀନ ପ୍ରାର୍ଥୀ ଭି.କେ. କ୍ରିଷ୍ଣା ମେନନ୍‌ଙ୍କ ଲାଗି ୧୯୬୯ରେ ପ୍ରଚାର ଆରମ୍ଭ କରି ସଫଳ ହୋଇଥିଲେ। ପରେ ସେ ନିଜ ଦକ୍ଷତା ଓ ପ୍ରତିଭା ବଳରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଦୃଷ୍ଟି ଆକର୍ଷଣ କରିପାରିଥିଲେ। ଭାରତୀୟ ଜାତୀୟ କଂଗ୍ରେସରେ ସେ ଯୋଗଦେବା ପରେ ମୁଖାର୍ଜୀଙ୍କୁ ସେଇବର୍ଷ ରାଜ୍ୟ ସଭାକୁ ପଠାଯାଇଥିଲା। ୧୯୭୫, ୧୯୮୧, ୧୯୯୩, ୧୯୯୯ରେ ସେ ରାଜ୍ୟ ସଭାକୁ ପୁନଃ ନିର୍ବାଚିତ ହୋଇଥିଲେ। ୧୯୭୩ରେ ତାଙ୍କୁ ଇନ୍ଦିରା ଗାନ୍ଧୀଙ୍କ ମନ୍ତ୍ରିମଣ୍ଡଳରେ ସ୍ଥାନ ମିଳିଥିଲା। ୧୯୭୭ ସାଧାରଣ ନିର୍ବାଚନରେ କଂଗ୍ରେସକୁ ପରାଜୟର ରାସ୍ତା ଦେଖିବାକୁ ପଡ଼ିଥିଲେ ହେଁ ପରବର୍ତ୍ତୀ ମୁହୂର୍ତ୍ତ (୧୯୮୨)ରେ ସେ ଦେଶର ଅର୍ଥମନ୍ତ୍ରୀ ହେବାର ସୌଭାଗ୍ୟ ଅର୍ଜନ କରିଥିଲେ। ମନମୋହନ ସିଂଙ୍କୁ ଆର୍‌ବିଆଇ ଗଭର୍ନର କରିବା ପଛରେ ତାଙ୍କର ପ୍ରଚ୍ଛନ୍ନ ହାତ ଥିଲା। ପଶ୍ଚିମବଙ୍ଗ ପ୍ରଦେଶ କଂଗ୍ରେସ ସଭାପତି, ଭାରତୀୟ ଯୋଜନା କମିଶନର ଉପାଧକ୍ଷ, ଏଆଇସିସି ସାଧାରଣ ସମ୍ପାଦକ, ଦେଶର ବହିର୍ବ୍ୟାପାର ମନ୍ତ୍ରୀ, ଶିଳ୍ପ ଓ ବାଣିଜ୍ୟ ମନ୍ତ୍ରୀ, ପ୍ରତିରକ୍ଷା ମନ୍ତ୍ରୀ ହେବାରେ ସେ ସଫଳ ହୋଇଥିଲେ। ୨୦୦୪ରେ ସେ ଦେଶର ପ୍ରଧାନମନ୍ତ୍ରୀ ହେବେ ବୋଲି ଅନୁମାନ କରାଯାଇଥିବାବେଳେ ମନମୋହନଙ୍କ ପ୍ରତି ଦଳୀୟ ନେତୃବୃନ୍ଦଙ୍କ ସମର୍ଥନ ମିଳିଥିଲା।ପ୍ରେତ୍ୟକ୍ଷ ରାଜନୀତିରୁ ଦୂରେଇବା ଲାଗି ମନ ବଳାଇଥିବା ପ୍ରଣବ ୨୦୧୨ରେ ଦେଶର ରାଷ୍ଟ୍ରପତି ହେବାର ସୌଭାଗ୍ୟ ଅର୍ଜନ କରିଥିଲେ।




ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ସହ ଆଲୋଚନାରତ



ରାହୁଲ ଗାନ୍ଧୀଙ୍କୁ ଆଶୀର୍ବାଦ କରିବା ଅବସରରେ

## ରାଷ୍ଟ୍ରପତି

୨୦୧୨ ଜୁନ୍ ୧୫ରେ ପ୍ରଣବ ମୁଖାର୍ଜୀ ରାଷ୍ଟ୍ରପତି ପ୍ରାର୍ଥୀ ଭାବେ ମନୋନୀତ ହୋଇଥିଲେ। ଏନ୍‌ଡିଏ ପ୍ରାର୍ଥୀ ପି.ଏ. ସାଙ୍ଗମାଙ୍କୁ ପରାସ୍ତ କରି ସେ ଜୁଲାଇ ୨୫ରେ ପ୍ରଥମ ବେଙ୍ଗଲି ଭାବେ ଦେଶର ରାଷ୍ଟ୍ରପତି ପଦ ଅଳଙ୍କୃତ କରିଥିଲେ। ଜଣେ ରାଷ୍ଟ୍ରପତି ଭାବେ ସେ ୨୪ କ୍ଷମା ଆବେଦନକୁ ଖାରଜ କରିଥିଲେ। ଫଳରେ ଦେଶଦ୍ରୋହୀ ୟାକୁବ ମେନନ୍, ଅଜମଲ କସବ, ଅଫ୍‌ଜଲ ଗୁରୁଙ୍କୁ ଫାଶୀ ମିଳିପାରିଥିଲା। ୨୦୧୭ ଜାନୁୟାରୀରେ ବୟସାଧିକ କାରଣରୁ ନିର୍ବାଚନରୁ ଦୂରେଇ ରହିବାକୁ ଶ୍ରେୟସ୍କର ମଣିଥିଲେ।

## ବ୍ୟକ୍ତିଗତ ଜୀବନ

ପ୍ରଣବ ମୁଖାର୍ଜୀ ୧୯୫୭ ଜୁଲାଇ ୧୩ରେ ବାଂଲାଦେଶର ନରେଲରେ ଜନ୍ମିତ ଶୁଭ୍ରା ମୁଖାର୍ଜୀଙ୍କୁ ବିବାହ କରିଥିଲେ। ଶୁଭ୍ରାଙ୍କ ୭୪ ବର୍ଷ ବୟସରେ ୨୦୧୫ ଅଗଷ୍ଟ ୧୮ରେ ଦେହାନ୍ତ ହୋଇଥିଲା।ତାଙ୍କର ୨ ପୁଅ ଓ ଗୋଟିଏ ଝିଅ ଅଛନ୍ତି।ବହିପଢ଼ିବା, ବଗିଚା ସଜାଡ଼ିବା ଓ ମ୍ୟୁଜିକ୍ ପ୍ରତି ପ୍ରଣବଙ୍କ ବିଶେଷ ରୁଚି ରହିଥିଲା। ବଡ଼ ପୁଅ ଅଭିଜିତ୍ ମୁଖାର୍ଜୀ ଜଙ୍ଗିପୁରାରୁ କଂଗ୍ରେସ ଏମ୍‌ପି ଥିବାବେଳେ ଝିଅ ଶର୍ମିଷ୍ଠା ଜଣେ ଭଲ କଥକ ନୃତ୍ୟାଙ୍ଗାନା ଓ କଂଗ୍ରେସ ନେତ୍ରୀ।

## ସମ୍ମାନ

**ସମ୍ମାନ:** ପ୍ରଣବ ମୁଖାର୍ଜୀଙ୍କୁ ଦେଶର ସର୍ବୋଚ୍ଚ ବେସାମରିକ ସମ୍ମାନ 'ଭାରତରତ୍ନ' ୨୦୧୯ରେ ପ୍ରଦାନ କରାଯାଇଥିବାବେଳେ ଦ୍ୱିତୀୟ ବେସାମରିକ ସମ୍ମାନ ପଦ୍ମ ବିଭୂଷଣ ୨୦୦୮ରେ ପ୍ରଦାନ କରାଯାଇଥିଲା। ଏହା ବ୍ୟତୀତ ସେ ୨୦୧୩ରେ ବାଂଲାଦେଶ ମୁକ୍ତିଯୁଦ୍ଧ ସମ୍ମାନ ସହ ବିଦେଶରୁ ଏକାଧିକ ଉପାଧି ପାଇଥିଲେ। ବିଭିନ୍ନ ବିଶ୍ୱବିଦ୍ୟାଳୟ ତରଫରୁ ତାଙ୍କୁ ଡକ୍ଟରେଟ୍, ଡି. ଲିଟ୍ ସମ୍ମାନ ପ୍ରଦାନ କରାଯାଇଥିଲା। ୨୦୧୩ରେ ତାଙ୍କୁ ବାଂଲାଦେଶର ସର୍ବୋଚ୍ଚ ସମ୍ମାନ 'ବାଂଲାଦେଶ ମୁକ୍ତିଯୋଦ୍ଧା ସମ୍ମାନ', ୨୦୧୬ରେ ଆଇଭରୀ ପୋଷ୍ଟର 'ନ୍ୟାସନାଲ ଅର୍ଡର ଅଫ୍ ଆଇଭରୀ ପୋଷ୍ଟ', ୨୦୧୭ରେ ସାଇପ୍ରସ୍‌ର 'ଅର୍ଡର ଅଫ୍ ମାକାରୋସ୍-୩' ସମ୍ମାନରେ ସମ୍ମାନିତ କରାଯାଇଥିଲା।



ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂହ, ପୂର୍ବତନ ଉପରାଷ୍ଟ୍ରପତି ହମିଦ୍ ଅନ୍‌ସାରୀ ଓ କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀଙ୍କ ସହ



ଆମେରିକାର ପୂର୍ବତନ ରାଷ୍ଟ୍ରପତି ବାରାକ ଓବାମାଙ୍କ ସହ ବିଶେଷ ମୁହୂର୍ତ୍ତରେ।



ଜାପାନର ପୂର୍ବତନ ପ୍ରଧାନମନ୍ତ୍ରୀ ସିଞ୍ଜୋ ଆବେଙ୍କ ସହ।




ତିବ୍ବତୀୟ ଧର୍ମଗୁରୁ ଦଲାଇ ଲାମାଙ୍କ ସହ କରମର୍ଦ୍ଦନ କରୁଛନ୍ତି ପ୍ରଣବ।



ଚାଇନା ରାଷ୍ଟ୍ରପତି ସି ଜିନ୍‌ପିଙ୍ଗଙ୍କ ସହ ଆଲୋଚନାରତ।

# ‘ଲୋକଙ୍କ ଆବଶ୍ୟକତା ପୂରଣ କର’

ଭୁବନେଶ୍ୱର,୩୧।୮(ବ୍ୟୁରୋ)

**ସ୍ୱାୟତ୍ତ ଶାସନ ଦିବସ ରାଜ୍ୟସ୍ତରୀୟ ବୈଠକ**

- ମିଶନ ଶକ୍ତି ହାତକୁ ଗଲା ୪ ପୌର ସଂସ୍ଥା ସ୍ୱେରେଜ ବିଶୋଧନ ପ୍ଲାଣ୍ଟ ଦାୟିତ୍ୱ
- ସ୍ୱଚ୍ଛ ସର୍ବେକ୍ଷଣ ଅଭିଯାନରେ ୯ ସହର ପୁରସ୍କୃତ
- ଆମ ସହର ମୋବାଇଲ ଆପ୍, ସ୍ୱଚ୍ଛ ସହର ଓଡ଼ିଶା ୱେବ ଆପ୍ ଉନ୍ମୋଚିତ

କୋଭିଡ୍ ମହାମାରୀ ସମୟରେ ଲୋକମାନଙ୍କର ବଢୁଥିବା ପୌର ସେବା ଆବଶ୍ୟକତାକୁ ପୂରଣ କର। ସୋମବାର ସ୍ୱାୟତ୍ତ ଶାସନ ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟର ସମସ୍ତ ସ୍ୱାୟତ୍ତ ଶାସନ ସଂସ୍ଥାଗୁଡିକୁ ଏହି ଆହ୍ୱାନ ଦେଇଛନ୍ତି। ଲୋକସେବା ଭବନରେ ଅନୁଷ୍ଠିତ ସ୍ୱାୟତ୍ତ ଶାସନ ଦିବସ ରାଜ୍ୟସ୍ତରୀୟ ବୈଠକରେ ଅଧ୍ୟକ୍ଷତା କରି ମୁଖ୍ୟମନ୍ତ୍ରୀ ସହରଗୁଡିକର ସ୍ୱଚ୍ଛତାକୁ ନେଇ ପୌର ସଂସ୍ଥାଗୁଡିକୁ ପ୍ରଶଂସା କରିଛନ୍ତି। କଠିନ ବର୍ଜ୍ୟବସ୍ତୁ ଓ ବର୍ଜ୍ୟଜଳ ପରିଚାଳନା ପାଇଁ ପୌର ସଂସ୍ଥାଗୁଡିକୁ ପ୍ରଶଂସା କରିଛନ୍ତି। ମହାମାରୀ ସମୟରେ ସଫେଇ ଯୋଦ୍ଧାମାନଙ୍କର ଅନବରତ ଓ ଉତ୍ସର୍ଗୀକୃତ କାର୍ଯ୍ୟକୁ ମଧ୍ୟ ମୁଖ୍ୟମନ୍ତ୍ରୀ ଉଚ୍ଚ ପ୍ରଶଂସା କରିଛନ୍ତି। ସହରାଞ୍ଚଳ ପରିମଳ ବ୍ୟବସ୍ଥାରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଗୁଡିକର ଭୂମିକା ସମ୍ପର୍କରେ ଉଲ୍ଲେଖ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ମହିଳା ସଶକ୍ତୀକରଣ ହେଉଛି ଆମ ସରକାର ଏକ ସଫଳ ମନ୍ତ୍ରରୁ ଗୋଟିଏ। ମିଶନ ଶକ୍ତି ସଦସ୍ୟାମାନେ କପଡାରେ ମାସ୍କ ତିଆରି କରି ପରିମଳ ବ୍ୟବସ୍ଥାକୁ ସଫଳ କରିଥିବାରୁ ସେମାନଙ୍କର ଏହି କଠିନ ଭୂମିକାକୁ ମୁଖ୍ୟମନ୍ତ୍ରୀ ପ୍ରଶଂସା କରିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ୧୦୦ ମାଇକ୍ରୋ କମ୍ପୋଜିଟ ସେଣ୍ଟର ଏବଂ ୫୦ ସାମଗ୍ରୀ ପୁନରୁଦ୍ଧାର ସୁବିଧା(ମାଟେରିଆ ରିକଭରି ଫାସିଲିଟି)କୁ ଲୋକାର୍ପଣ କରିଛନ୍ତି। ଏଥିସହିତ ମୁଖ୍ୟମନ୍ତ୍ରୀ ୫୧ ସେପ୍ଟେଜ ଟ୍ରିଟମେଣ୍ଟ ପ୍ଲାଣ୍ଟର ଶିଳାନ୍ୟାସ କରିଛନ୍ତି। ରାଜ୍ୟ ସରକାର ପରିମଳ ପରିଚାଳନା ପାଇଁ ଗୋଷ୍ଠୀଭିତ୍ତିକ ସଂଗଠନକୁ ନିୟୋଜିତ କରିବା ଦିଗରେ ଉଦ୍ୟମ କରି ଆସିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ରାଉରକେଲା, ଅନୁଗୋଳ, ବାଲେଶ୍ୱର ଏବଂ ଢେଙ୍କାନାଳ ମ୍ୟୁନିସିପାଲିଟିରେ ସେପ୍ଟେଜ ଟ୍ରିଟମେଣ୍ଟ ପ୍ଲାଣ୍ଟ ପରିଚାଳନା ଓ ରକ୍ଷଣାବେକ୍ଷଣ ଦାୟିତ୍ୱ ମିଶନ ଶକ୍ତି ଗୋଷ୍ଠୀକୁ ପ୍ରଦାନ କରିଛନ୍ତି। ଏହି ଅବସରରେ ଜନସାଧାରଣଙ୍କୁ ସେବା ଯୋଗାଇବା ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀ ୫-ଟି ଅନ୍ତର୍ଗତ ‘ଆମ ସହର’ ମୋବାଇଲ ଆପ ଏବଂ ସ୍ୱଚ୍ଛ ସହର ଓଡିଶା ୱେବ୍ ଆପ୍‌ର ଉଦ୍‌ଘାଟନ କରିଛନ୍ତି। ଏହାଦ୍ୱାରା ପୌର ସଂସ୍ଥାଗୁଡିକ ସେମାନଙ୍କର ବିନିଯୋଗ ସାର୍ଟିଫିକେଟ ଅନ୍‌ଲାଇନ୍ ମାଧ୍ୟମରେ ଦାଖଲ କରିବା ସହ ଉତ୍ତମ ଆର୍ଥିକ ପରିଚାଳନା କରିପାରିବେ। ଏହି ଅବସରରେ ପରିମଳ ସମ୍ପର୍କିତ ଏକ ପୁସ୍ତିକାକୁ ଉନ୍ମୋଚନ କରିଛନ୍ତି।

ସ୍ୱଚ୍ଛ ସର୍ବେକ୍ଷଣ ଅଭିଯାନ-୨୦୨୦ରେ ଉତ୍ତମ ପ୍ରଦର୍ଶନ କରିଥିବା ପୌର ସଂସ୍ଥା ବ୍ରହ୍ମପୁର ମହାନଗର ନିଗମ, ପାରାଦୀପ ମ୍ୟୁନିସିପାଲିଟି, ଯୋଡା ମ୍ୟୁନିସିପାଲିଟି, କୋଟପାଡ ଏନ୍‌ଏସି, ବଡବିଲ ମ୍ୟୁନିସିପାଲିଟି, ଢେଙ୍କାନାଳ ମ୍ୟୁନିସିପାଲିଟି, ରାଜଗାଙ୍ଗପୁର, ବ୍ୟାସନଗର ଏବଂ ଚୌଦ୍ୱାର ମ୍ୟୁନିସିପାଲିଟିକୁ ମୁଖ୍ୟମନ୍ତ୍ରୀ ପୁରସ୍କୃତ କରିଥିଲେ। ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା, ମୁଖ୍ୟ ଶାସନ ସଚିବ, ଉନ୍ନୟନ କମିଶନର, ଅର୍ଥ ବିଭାଗ ସଚିବ, ମୁଖ୍ୟମନ୍ତ୍ରୀଙ୍କ ସଚିବ(୫-ଟି) ଏବଂ ଗୃହ ଓ ନଗର ଉନ୍ନୟନ ବିଭାଗର ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ।

## କରୋନା ସଂକ୍ରମଣ ସ୍ଥିତି

ସୋମବାର ରାତି ୯ଟା ସୁଦ୍ଧା

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨,୫୪,୫୬,୪୯୬ | ୮,୫୧,୬୮୫ | ୧,୭୭,୬୨,୧୩୧ |
| ଭାରତ | ୩୬,୪୯,୬୩୯ | ୬୪,୯୫୧ | ୨୮,୦୦,୬୭୧ |
| ଓଡ଼ିଶା | ୧,୦୩,୫୩୬ | ୪୯୨(+୫୩) | ୭୭,୨୮୬ |

(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ରେକର୍ଡ ସଂଖ୍ୟକ ୪,୦୫୩ ସୁସ୍ଥ

ଭୁବନେଶ୍ୱର, ୩୧।୮(ବ୍ୟୁରୋ)

**୨,୬୦୧ ପଜିଟିଭ୍ ଚିହ୍ନଟ, ୧୦ ମୃତ**

ରାଜ୍ୟରେ ଲଗାତର କିଛିଦିନ ଧରି ଉପରମୁହାଁ ରହୁଥିବା ସଂକ୍ରମଣ ଏବେ ୩ହଜାର ତଳକୁ ଖସିଛି। ଶେଷ ୨୪ ଘଣ୍ଟାରେ ୨,୬୦୧ ନୂଆ କରୋନା ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ୧୦ଜଣଙ୍କ ଜୀବନ ଯାଇଛି। ଏପଟେ ରେକର୍ଡ ସଂଖ୍ୟକ ଆକ୍ରାନ୍ତ ସୁସ୍ଥ ହୋଇଥିବାରୁ ଆଶ୍ୱସ୍ତି ମିଳିଛି। ମୋଟ ୪,୦୫୩ ଆରୋଗ୍ୟ ହୋଇ ହସ୍ପିଟାଲରୁ ଡିସ୍‌ଚାର୍ଜ ହୋଇଥିବା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ମିଳିଥିବା ସୂଚନାନୁସାରେ, ନୂଆ ଆକ୍ରାନ୍ତଙ୍କ ମଧ୍ୟରୁ ୧,୫୬୧ଜଣ କ୍ୱାରାଣ୍ଟାଇନ ସେଣ୍ଟରରୁ ଚିହ୍ନଟ ହୋଇଥିବାବେଳେ ୧,୦୪୧ଜଣ ସ୍ଥାନୀୟ ଆକ୍ରାନ୍ତ ରହିଛନ୍ତି। ତେବେ ସଂକ୍ରମଣରେ ଖୋର୍ଦ୍ଧା ଜିଲା ପୂର୍ବ ରେକର୍ଡ ବଜାୟ ରଖିଛି। ଏହି ଜିଲାରୁ ସର୍ବାଧିକ ୬୧୬ଜଣ ପଜିଟିଭ୍ ରହିଥିବାବେଳେ କଟକ ୨୩୬, ଗଞ୍ଜାମ ୧୯୦, କେନ୍ଦ୍ରାପଡ଼ା ୧୨୮, କୋରାପୁଟ ୧୨୭, ବାଲେଶ୍ୱର ଓ ଯାଜପୁରରୁ ୧୦୩ଜଣ ଲେଖାଏ, ନୟାଗଡ଼ ୯୧, କେନ୍ଦୁଝର ୮୬, ଝାରସୁଗୁଡ଼ା ୮୫, ବରଗଡ଼ ଓ ଜଗତ୍‌ସିଂହପୁରରୁ ୮୨ଜଣ ଲେଖାଏ, ମାଲକାନଗିରି ୮୦, ସମ୍ବଲପୁର ୭୮, ମୟୂରଭଞ୍ଜ ୭୨, ଢେଙ୍କାନାଳ ୬୭, କଳାହାଣ୍ଡି ୬୩, ରାୟଗଡ଼ା ୫୪, ଭଦ୍ରକ ୪୭, ପୁରୀ ୪୬, ବଲାଙ୍ଗୀର ୪୨, ସୋନପୁର ୨୧, ସୁନ୍ଦରଗଡ଼ ୧୯, ନବରଙ୍ଗପୁର ୧୮, କନ୍ଧମାଳ ୧୭, ନୂଆପଡ଼ା ୧୬, ବୌଦ୍ଧ ୯, ଗଜପତି ୭ ଓ ଦେବଗଡ଼ରୁ ୩ଜଣ ରହିଛନ୍ତି। ଫଳରେ ରାଜ୍ୟରେ ଏବେ ମୋଟ ସଂକ୍ରମିତ ସଂଖ୍ୟା ୧,୦୩,୫୩୬ରେ ପହଞ୍ଚିଛି।

ଅପରପକ୍ଷରେ କରୋନାରେ ମୃତ ୧୦ ଜଣଙ୍କ ମଧ୍ୟରେ କନ୍ଧମାଳ ଓ ଖୋର୍ଦ୍ଧାରୁ ୩ଜଣ ଲେଖାଏ ଥିବାବେଳେ ସୁନ୍ଦରଗଡ଼, ରାୟଗଡ଼ା, ନୟାଗଡ଼ ଓ ଗଞ୍ଜାମରୁ ଜଣେ ଲେଖାଏ ରହିଛନ୍ତି। ଏହାକୁ ମିଶାଇ ରାଜ୍ୟର ମୋଟ କରୋନାଜନିତ ମୃତ୍ୟୁ ସଂଖ୍ୟା ୪୯୨କୁ ବୃଦ୍ଧି ପାଇଛି। ସେହିଭଳି ୪,୦୫୩ଜଣ ସୁସ୍ଥ ହୋଇଥିବାରୁ ଏବେ ମୋଟ ଆରୋଗ୍ୟ ସଂଖ୍ୟା ୭୭,୨୮୬କୁ ବୃଦ୍ଧି ପାଇଛି।

# ମହାବାତ୍ୟାରେ କେନ୍ଦ୍ରାପଡ଼ା ଆସିଥିଲେ ପ୍ରଣବଦା



**କେନ୍ଦ୍ରାପଡ଼ା ଅଫିସ, ୩୧।୮:** ଭାରତର ପୂର୍ବତନ ରାଷ୍ଟ୍ରପତି ଭାରତ ରତ୍ନ ପ୍ରଣବ ମୁଖାର୍ଜୀଙ୍କର ସୋମବାର ଦେହାନ୍ତ ପରେ କେନ୍ଦ୍ରାପଡ଼ା ଜିଲାର ଉପାନ୍ତ ଅଞ୍ଚଳରେ ବହୁ ଲୋକ ଶୋକ ବ୍ୟକ୍ତ କରିଛନ୍ତି। ମହାକାଳପଡ଼ା ରାମନଗର ଗ୍ରାମର ତରୁଣକାନ୍ତି କାଞ୍ଜିଲାଲ କହିଛନ୍ତି, ୧୯୯୯ ମହାବାତ୍ୟା ପରେ ପ୍ରଣବଦା କେନ୍ଦ୍ରାପଡ଼ା ଆସିଥିଲେ। ସେ ସମୟରେ ସେ ଅଖିଳ ଭାରତ କଂଗ୍ରେସ କମିଟି (ଏଆଇସିସି) ର ସାଧାରଣ ସମ୍ପାଦକ ଥିଲେ। ମହାବାତ୍ୟାର କରୁଣ ଦୃଶ୍ୟ ଦେଖିବା ପାଇଁ ବରଜ, ବାହାକୁଦ, ବିବି କଲୋନୀ, ଶବରପଡା ଆଦି ଅଞ୍ଚଳ ଗସ୍ତ କରିଥିଲେ। ଏହି ସମୟରେ ସେ ତରୁଣକାନ୍ତିଙ୍କ ବାଇକ୍‌ରେ ବୁଲାବୁଲି କରିଥିଲେ। ଏଥିସହିତ ତାଙ୍କ ଘରେ ଭାତ ମାଛ ତରକାରି ଖାଇଥିଲେ । ପ୍ରଣବଙ୍କ ସ୍ୱାସ୍ଥ୍ୟ ଖରାପ ଖବର ଜାଣିବା ପରେ ତାଙ୍କ ଆରୋଗ୍ୟ ପାଇଁ ଗତ ଅଗଷ୍ଟରେ ତରୁଣକାନ୍ତି ଯଜ୍ଞ କରିଥିଲେ ବୋଲି କହିଛନ୍ତି। ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା ତାଙ୍କର ସ୍ମୃତିଚାରଣ କରି କହିଛନ୍ତି, ଜଣେ ଭଲ ମଣିଷ ଏ ଦୁନିଆରୁ ଚାଲିଗଲେ। ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି ଶୋକ ପ୍ରକଟ କରି ପ୍ରଣବଦାଙ୍କର କେନ୍ଦ୍ରାପଡ଼ା ଜିଲା ଓ ଓଡିଶା ପ୍ରତି ଏକ ସ୍ୱତନ୍ତ୍ର ଆବେଗ ଥିଲା ଏବଂ ଜଣେ ଦରଦୀ ଲୋକଙ୍କୁ ହରାଇଲୁ ବୋଲି କହିଥିଲେ।

# ମାଓବାଦୀଙ୍କ ଗୁଳିରେ ଏଏସ୍‌ଆଇ ନିହତ

ମାଲକାନଗିରି,୩୧।୮(ସ୍ୱ.ପ୍ର.)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ବିଜାପୁର ଜିଲାରେ ମାଓବାଦୀମାନେ ଜଣେ ପୋଲିସ ଏଏସ୍‌ଆଇ ନଗେୟା କର୍ସାଙ୍କୁ ହତ୍ୟା କରିଛନ୍ତି। ରବିବାର ମାଓବାଦୀମାନେ ତାଙ୍କୁ ଅପହରଣ କରି ନେଇଥିଲେ। କିଛିଦିନ ତଳେ ସେ ଘରକୁ ଛୁଟିରେ ଯାଇଥିଲେ। କୁଟ୍ରୁ ଥାନାରେ ଜଏନ୍ କରିବାକୁ ଆସୁଥିବା ବେଳେ ମାଓବାଦୀଙ୍କ ଦ୍ୱାରା ଅପହୃତ ହୋଇଥିଲେ। ସୋମବାର ବିଜାପୁରର ତେନ୍ଦୁଲନାର ଗ୍ରାମ ନିକଟରେ ରାସ୍ତା ଉପରେ ଏଏସ୍‌ଆଇଙ୍କୁ ଗୁଳିକରି ହତ୍ୟାକରି ମାଓବାଦୀମାନେ ଛାଡି ଚାଲିଯାଇଛନ୍ତି । ଘଟଣାସ୍ଥଳରେ ଏକ ଚିଠି ଛାଡ଼ିଯାଇଛନ୍ତି। ଶହୀଦ ଏଏସ୍‌ଆଇଙ୍କ ମୃତଦେହକୁ ବିଜାପୁର ଅଣାଯାଇ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ତୋପ ସଲାମୀ ଦେଇ ତାଙ୍କ ଗ୍ରାମକୁ ପଠାଯାଇଥିଲା। ସେଠାରେ ତାଙ୍କ ଅନ୍ତ୍ୟେଷ୍ଟିକ୍ରିୟା ସମ୍ପନ୍ନ ହୋଇଛି। ପୋଲିସ ଘଟଣାର ଅଧିକ ତଦନ୍ତ ଜାରି ରଖିଛି।

## ମନ୍ତ୍ରୀ ଅରୁଣ ସାହୁ, ବିଧାୟକ ବ୍ୟୋମକେଶଙ୍କୁ କରୋନା

**ଭୁବନେଶ୍ୱର,୩୧।୮(ବ୍ୟୁରୋ)/ଚାନ୍ଦବାଲି, (ଡି.ଏନ.ଏ.):** ରାଜ୍ୟ କୃଷି ମନ୍ତ୍ରୀ ଅରୁଣ କୁମାର ସାହୁ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସୋମବାର ତାଙ୍କ ନମୁନା ପରୀକ୍ଷା ରିପୋର୍ଟ ଆସିବାପରେ ସେ କରୋନା ଆକ୍ରାନ୍ତ ହୋଇଥିବା ନିଜେ ଟୁଇଟ୍‌ରେ ସ୍ପଷ୍ଟ କରିଛନ୍ତି। ଏହାସହିତ ତାଙ୍କ ସଂସ୍ପର୍ଶରେ ଆସିଥିବା ସମସ୍ତଙ୍କୁ ସେ ନିଜର କୋଭିଡ ପରୀକ୍ଷା କରାଇ ନେବାକୁ ପରାମର୍ଶ ଦେଇଛନ୍ତି। ଅରୁଣ କହିଛନ୍ତି, ସେ ଏବେ ସୁସ୍ଥ ଅଛନ୍ତି। ତାଙ୍କ ଘରେ ସଙ୍ଗରୋଧରେ ରହିଛନ୍ତି। ସୂଚନାଅନୁଯାୟୀ, ମନ୍ତ୍ରୀ ସାହୁ ପ୍ରଥମେ ଆଣ୍ଟିଜେନ୍ ଓ ପରେ ପିସିଆର ଟେଷ୍ଟ ମାଧ୍ୟମରେ ସଂକ୍ରମିତ ହୋଇଥିବା କଥା ଜାଣିବାକୁ ପାଇଛନ୍ତି। ସେ କିଛିଦିନ ହେବ ସମସ୍ତ କାର୍ଯ୍ୟ ନିଜ ସରକାରୀ ବାସଭବନରୁ କରୁଛନ୍ତି। ସେହିପରି ଭଦ୍ରକ ଜିଲା ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ୍ କରୋନାରେ ଆକ୍ରାନ୍ତ ହୋଇଛନ୍ତି। ବିଧାୟକ ସୋମବାର ନିଜେ ଟୁଇଟ୍ କରି ଏହି ସୂଚନା ଦେଇଛନ୍ତି। ସେ ଏବେ ଭୁବନେଶ୍ୱରସ୍ଥିତ ବିଧାୟକଙ୍କ କ୍ୱାର୍ଟର୍ସରେ ହୋମ ଆଇସୋଲେଶନରେ ଅଛନ୍ତି। ଯେଉଁମାନେ ତାଙ୍କ ସଂସ୍ପର୍ଶରେ ଆସିଛନ୍ତି ସେମାନେ ହୋମ ଆଇସୋଲେଶନରେ ରହିବା ସହ କୋଭିଡ ପରୀକ୍ଷା କରାଇ ନେବାକୁ ପରାମର୍ଶ ଦେଇଛନ୍ତି।

# ପ୍ରଣବଙ୍କ ବିୟୋଗରେ ମନ୍ତ୍ରୀ, ରାଜନେତାଙ୍କ ଶୋକ

ଭୁବନେଶ୍ୱର,୩୧।୮(ବ୍ୟୁରୋ)

ପୂର୍ବତନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀଙ୍କ ବିୟୋଗରେ କେନ୍ଦ୍ରମନ୍ତ୍ରୀ, ରାଜ୍ୟମନ୍ତ୍ରୀ ଓ ବିଭିନ୍ନ ରାଜନୈତିକ ଦଳର ନେତାମାନେ ଶୋକ ପ୍ରକାଶ କରିଛନ୍ତି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରଣବଙ୍କ ବିୟୋଗରେ ଗଭୀର ଶୋକ ପ୍ରକାଶ କରିଛନ୍ତି। ଟୁଇଟ୍ କରି ଧର୍ମେନ୍ଦ୍ର ଶୋକ ବାର୍ତ୍ତାରେ କହିଛନ୍ତି, ପ୍ରଣବଙ୍କ ବିୟୋଗ ତାଙ୍କ ପାଇଁ ଏକ ବ୍ୟକ୍ତିଗତ କ୍ଷତି। ତାଙ୍କ ବିୟୋଗରେ ଭାରତୀୟ ରାଜନୀତିରେ ଏକ ଅପୂରଣୀୟ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି। ପୂର୍ବତନ ରାଷ୍ଟ୍ରପତିଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇବା ସହ ଶୋକ ସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି।

କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ ପୂର୍ବତନ ରାଷ୍ଟ୍ରପତିଙ୍କ ବିୟୋଗରେ ଶୋକ ପ୍ରକାଶ କରି କହିଛନ୍ତି, ପ୍ରଣବ ମୁଖାର୍ଜୀ ଥିଲେ ଜଣେ ପ୍ରକୃତ ଭାରତ ରତ୍ନ। ଦେଶର ଇତିହାସ, ରାଜନୀତି ଓ ଅର୍ଥନୀତି କ୍ଷେତ୍ରରେ ତାଙ୍କର ପ୍ରଗାଢ ଜ୍ଞାନ ଥିଲା। ସେ ଜଣେ ଉଚ୍ଚକୋଟୀର ସାଂସଦ ଥିଲେ। ସମ୍ବିଧାନ କ୍ଷେତ୍ରରେ ତାଙ୍କର ପ୍ରଗାଢ଼ ଜ୍ଞାନ ରହିଥିଲା। ଦେଶ ଏକ ଅପ୍ରତିଦ୍ୱନ୍ଦ୍ୱୀ ରାଜନେତାଙ୍କୁ ହରାଇଲା, ଯାହା ପୂରଣ ହେବା ଅତ୍ୟନ୍ତ କଷ୍ଟକର। ଶୋକ ସନ୍ତପ୍ତ ପରିବାରବର୍ଗଙ୍କୁ ସେ ନିଜର ସମବେଦନା ଜଣାଇଛନ୍ତି। ପ୍ରଣବଙ୍କ ବିୟୋଗରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ପ୍ରତାପ ଜେନା, ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଟୁକୁନୀ ସାହୁ, ଭାଜପା ରାଷ୍ଟ୍ରୀୟ ଉପସଭାପତି ବୈଜୟନ୍ତ ପଣ୍ଡା, ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ, ଅଖିଳ ଭାରତ କଂଗ୍ରେସ କାର୍ଯ୍ୟକାରିଣୀ କମିଟି ସଦସ୍ୟ ରାମଚନ୍ଦ୍ର ଖୁଣ୍ଟିଆ, କଳିଙ୍ଗ ସେନା ମୁଖ୍ୟ ହେମନ୍ତ ରଥ ପ୍ରମୁଖ ଶୋକ ପ୍ରକାଶ କରିବା ସହ ତାଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି।

## ମୁଖ୍ୟମନ୍ତ୍ରୀଙ୍କ ଶୋକ

ଭୁବନେଶ୍ୱର,୩୧।୮(ବ୍ୟୁରୋ)

ପୂର୍ବତନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଶୋକ ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀ ଶୋକ ବାର୍ତ୍ତାରେ କହିଛନ୍ତି, ମୁଖାର୍ଜୀ ଭାରତର ଜଣେ ଯୋଗ୍ୟ ସନ୍ତାନ ଥିଲେ। ସମସ୍ତ କ୍ଷେତ୍ରରେ ତାଙ୍କର ଗଭୀର ଜ୍ଞାନ ଥିଲା। ତାଙ୍କର ଏକ ପ୍ରତିଷ୍ଠିତ ରାଜନୈତିକ ଜୀବନ ଥିଲା। ବିଚାରବନ୍ତ ନିଷ୍ପତ୍ତି ଏବଂ ଅସୀମ ପ୍ରଶାସନିକ ଦକ୍ଷତା ଯୋଗୁ ତାଙ୍କୁ ସମାଜର ସବୁ ବର୍ଗର ଲୋକମାନେ ତାଙ୍କୁ ଭଲ ପାଉଥିଲେ। ଜାତୀୟ ବିଷୟ ସମାଧାନ ଦିଗରେ ଥିବା ଅନନ୍ୟ ଦକ୍ଷତା ଯୋଗୁ ସେ ସବୁଦିନ ପାଇଁ ମନେ ରହିବେ। ତାଙ୍କ ବିୟୋଗରେ ଏକ ଗୌରବମୟ ଜୀବନର ଅନ୍ତ ଘଟିଲା ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଶୋକସନ୍ତପ୍ତ ପରିବାରକୁ ମୁଖ୍ୟମନ୍ତ୍ରୀ ସମବେଦନା ଜଣାଇଛନ୍ତି।




# ବାଲୁବଜାରକୁ ମୂର୍ତ୍ତିପୂଜା ଅନୁମତି

କଟକ ଅଫିସ,୩୧।୮

**ପୂଜା କୋଭିଡ୍ କଟକଣା ଭିତରେ ହେବ: ହାଇକୋର୍ଟ**

କଟକରେ ଦୁର୍ଗାପୂଜାକୁ ନେଇ ନାନା କଳ୍ପନାଯଳ୍ପନା ଜାରି ରହିଥିବା ବେଳେ ସହରର ସର୍ବପୁରାତନ ବାଲୁ ବଜାର ପୂଜା କମିଟିକୁ ମୂର୍ତ୍ତି ନିର୍ମାଣ ଓ ପୂଜା ପାଇଁ ସୋମବାର ହାଇକୋର୍ଟ ଅନୁମତି ଦେଇଛନ୍ତି। କିନ୍ତୁ ଏହି ପୂଜା ସରକାରୀ କୋଭିଡ୍ ଗାଇଡ୍‌ଲାଇନ ଭିତରେ ହିଁ ସମ୍ପନ୍ନ ହେବ। ମୂର୍ତ୍ତି ନିର୍ମାଣ, ପୂଜା ଓ ଭସାଣ ବେଳେ ଭିଡ଼ କରାଯିବ ନାହିଁ। ହାଇକୋର୍ଟ ମୁଖ୍ୟ ବିଚାରପତି ମହମ୍ମଦ ରଫିକ, ବିଚାରପତି କେ.ଆର୍. ମହାପାତ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରି ଏଭଳି ନିର୍ଦ୍ଦେଶ ଦେଇଛନ୍ତି।

ଉଲ୍ଲେଖଯୋଗ୍ୟ, କଟକ ବାଲୁବଜାରର ଦୁର୍ଗାପୂଜା ୫୦୦ ବର୍ଷ ତଳର। ୧୫୦୯ ମସିହାରୁ ଏଠାରେ ଦେବୀଙ୍କ ମୃଣ୍ମୟୀ ମୂର୍ତ୍ତି କରାଯାଇ ପୂଜା ହୋଇଆସୁଛି। ଏଯାବତ୍ କୌଣସି ବର୍ଷ ପୂଜା ବନ୍ଦ ହୋଇନାହିଁ। କିନ୍ତୁ ଚଳିତ ବର୍ଷ କୋଭିଡ୍ କଟକଣା ଲାଗୁ ହେବା ପରେ କଟକ ସହରର ଦୁର୍ଗାପୂଜାକୁ ନେଇ ଆଶଙ୍କା ପ୍ରକାଶ ପାଇଥିଲା। ପୂଜା ଅନୁମତି ଭିକ୍ଷା କରି ବାଲୁବଜାର ପୂଜା କମିଟି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଶୁଣାଣି ବେଳେ ଯୁକ୍ତି ରଖାଯାଇଥିଲା ଯେ ଗତ ନନ୍ଦୋତ୍ସବରେ ପୂଜା କମିଟି ପକ୍ଷରୁ ନିରାଡ଼ମ୍ବର ଭାବେ ଓ କୋଭିଡ୍ ଗାଇଡ୍‌ଲାଇନ ଭିତରେ ରହି ମୃଣ୍ମୟୀ ମୂର୍ତ୍ତି ନିର୍ମାଣ ପାଇଁ ମାଟି ଅନୁକୂଳ ହୋଇସାରିଛି। ଶତାଧିକ ବର୍ଷର ଏହି ପରମ୍ପରାକୁ ନ ଭାଙ୍ଗିବା ପାଇଁ ପୂଜା ଅନୁମତି ମିଳୁ ବୋଲି ହାଇକୋର୍ଟଙ୍କ ପାଖରେ ନିବେଦନ କରାଯାଇଥିଲା। ହାଇକୋର୍ଟଙ୍କ ଖଣ୍ଡପୀଠ ଏହାର ଶୁଣାଣି କରି ମୂର୍ତ୍ତି ନିର୍ମାଣ ଓ ପୂଜା ପାଇଁ ଅନୁମତି ଦେଇଛନ୍ତି। ମାଟିଉଠା ସରିଥିବାରୁ ଖୁବ୍‌ଶୀଘ୍ର ମୂର୍ତ୍ତି ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ। ପୂଜା ମଣ୍ଡପରେ ଲୋକଙ୍କ ଗହଳି ଉପରେ ସମ୍ପୂର୍ଣ୍ଣ ରୋକ ଲଗାଇଛନ୍ତି ହାଇକୋର୍ଟ। କୌଣସି ନୂତନ ପେଣ୍ଡାଲ ନିର୍ମାଣ କରାଯିବ ନାହିଁ। ପୂଜା କମିଟି ପକ୍ଷରୁ ରହିଥିବା ଦୁର୍ଗାଘରେ ମା’ଙ୍କ ପୂଜା ହେବ। ବିନା ଭକ୍ତରେ ଭସାଣି ହେବ ବୋଲି ହାଇକୋର୍ଟ ନିର୍ଦ୍ଦେଶ ଦେଇଥିବା ବାଲୁ ବଜାର ପୂଜା କମିଟିର ସଭାପତି ସୂର୍ଯ୍ୟକାନ୍ତ ସାଙ୍ଗନାରିଆ ଓ ସମ୍ପାଦକ ଅନିରୁଦ୍ଧ ସାଙ୍ଗନାରିଆ ସୂଚନା ଦେଇଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ୮୦ ଭାଗରୁ ଅଧିକ ଜି-ଟୁ-ସି ସେବା ଅନ୍‌ଲାଇନ ହେଲା

### ବିଭାଗୀୟ ଅନ୍‌ଲାଇନ ବ୍ୟବସ୍ଥାକୁ ଓଡ଼ିଶାୱାନ ପୋର୍ଟାଲ ସହ ସଂଯୁକ୍ତ କର: ମୁଖ୍ୟ ଶାସନ ସଚିବ

**ଭୁବନେଶ୍ୱର,୩୧।୮(ବ୍ୟୁରୋ)**
ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ ଅନୁଯାୟୀ ଅକ୍ଟୋବର ୨ ତାରିଖ ସୁଦ୍ଧା ସରକାରଙ୍କଠାରୁ ନାଗରିକଙ୍କୁ(ଜି-ଟୁ-ସି) ସେବା ପ୍ରଦାନକୁ ଅନଲାଇନ କରିବା କାର୍ଯ୍ୟରେ ଉଲ୍ଲେଖନୀୟ ଅଗ୍ରଗତି ହୋଇଛି। ଇତି ମଧ୍ୟରେ ଶତକଡା ୮୦ ଭାଗରୁ ଅଧିକ ସେବା ପ୍ରଦାନର ଅନ୍‌ଲାଇନ ପ୍ରକ୍ରିୟା ଚୁଡାନ୍ତ ହୋଇଛି। ମୁଖ୍ୟ ଶାସନ ସଚିବ ଅସୀତ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକର ସମୀକ୍ଷାରୁ ଏହା ଜଣାପଡିଛି। ଲୋକସେବା ଭବନରୁ ଡିଜିଟାଲ ମୋଡରେ ବିଭାଗୱାରୀ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରି ସମସ୍ତ ବିଭାଗ ନିଜ ପୋର୍ଟାଲକୁ 'ଓଡିଶାୱାନ' କମନ ପୋର୍ଟାଲ ସହ ସଂଯୁକ୍ତ କରିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ଏହି କମନ୍ ପୋର୍ଟାଲରେ ଇ-ଅପିଲ ଏବଂ ଇ-ରିଭିଜନ୍ ଦରଖାସ୍ତ ବ୍ୟବସ୍ଥା ସନ୍ନିବେଶିତ କରିବାକୁ ବୈଠକରେ ନିଷ୍ପତ୍ତି ହୋଇଛି। ନାଗରିକମାନେ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ପ୍ରାପ୍ୟ ସେବା ନ ପାଇଲେ ଏହି ପୋର୍ଟାଲ ମାଧ୍ୟମରେ ଅପିଲ କରିପାରିବେ। ସମସ୍ତ ବିଭାଗୀୟ ସେବା ପ୍ରଦାନ ବ୍ୟବସ୍ଥାକୁ ରାଜ୍ୟ ଡ୍ୟାସ ବୋର୍ଡ ସହ ସଂଯୁକ୍ତ କରିବାକୁ କୁହାଯାଇଛି। ଏହାଦ୍ୱାରା ମୋ ସରକାର ନିୟମ ଅନୁସାରେ ଅନଲାଇନ ସେବା ପ୍ରଦାନର ସଦ୍ୟତମ ସ୍ଥିତି ଅନୁଧ୍ୟାନ କରାଯାଇପାରିବ।

# ପ୍ରଣବଙ୍କ ବିୟୋଗରେ ସୋନିଆ, ରାହୁଲଙ୍କ ଶୋକ

**ନୂଆଦିଲ୍ଲୀ, ୩୧।୮**
ପ୍ରଣବଙ୍କ ପରଲୋକରେ କଂଗ୍ରେସ ଅଧକ୍ଷା ସୋନିଆ ଗାନ୍ଧୀ ଓ ଯୁବ ନେତା ରାହୁଲ ଗାନ୍ଧୀ ଶୋକବ୍ୟକ୍ତ କରିବା ସହିତ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ସୋନିଆ ପୂର୍ବତନ ରାଷ୍ଟ୍ରପତିଙ୍କ ଶୋକସନ୍ତପ୍ତ ପରିବାର ସଦସ୍ୟଙ୍କୁ ସମବେଦନା ଜଣାଇଛନ୍ତି। ଏକ ଶୋକବାର୍ତ୍ତାରେ ସେ କହିଛନ୍ତି ଯେ, ପ୍ରଣବଙ୍କଠାରୁ ଜୀବନରେ ଅନେକ କିଛି ଶିଖିବାର ସୁଯୋଗ ମିଳିଛି। ଅନ୍ୟମାନଙ୍କ ମଧ୍ୟରେ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା, ନୀତିନ ଗଡକରୀ, ରବିଶଙ୍କର ପ୍ରସାଦ, ପୀୟୂଷ ଗୋୟଲ, ରାମବିଳାସ ପାଶ୍ୱାନ, ଗଜେନ୍ଦ୍ର ସିଂ ଶେଖାୱତ, ମୁଖତାର ଆବାସ ନକ୍‌ଭି ପ୍ରମୁଖ ପୂର୍ବତନ ରାଷ୍ଟ୍ରପତିଙ୍କ ପରଲୋକରେ ଶୋକବ୍ୟକ୍ତ କରିଛନ୍ତି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଦୁଧ ଭାତ ଦେଇ ଶୁଆ**
**ରଖିଥିଲି ତୋତେ**
**କେତେବେଳେ ଉଡ଼ିଗଲୁ**
**ନ କହିଲୁ ମୋତେ।**

କିଛି ବ୍ୟକ୍ତି ଅନ୍ୟକୁ ଆପଣାର କରି ଖୁଆଇପିଆଇ ମଣିଷ କରିଥାନ୍ତି। ପରନ୍ତୁ ସେହି ଉପକୃତ ବ୍ୟକ୍ତି ମୁଣ୍ଡକୁ ହାତ ପାଇଗଲେ ବଣକୁ ଶୁଆ ଉଡିଯିବା ପରି ଛାଡି ଚାଲିଯାଇଥାନ୍ତି। ସ୍ୱାର୍ଥରେ ବନ୍ଧା ଏ ଦୁନିଆ। ଆପଣାର କରି ମାନସ୍ତାପ କରିବସୁଥିବା ବ୍ୟକ୍ତିର ବ୍ୟଥିତ ମନୋଭାବକୁ ଦୃଷ୍ଟିରେ ରଖି ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ**

## ପ୍ରଥମ ପୃଷ୍ଠାରୁ...

### ହଟିଲା ରାତ୍ରି କର୍ଫ୍ୟୁ...

ଉନ୍ନୟନ ନିଗମ କିମ୍ବା ରାଜ୍ୟ ଦକ୍ଷତା ବିକାଶ ମିଶନରେ ଦକ୍ଷତା ଓ ଉଦ୍ୟୋଗ ତାଲିମ ପ୍ରଦାନ କରାଯାଇପାରିବ। ଏଥିପାଇଁ ବୈଷୟିକ ଶିକ୍ଷା ବିଭାଗ ଗାଇଡ୍‌ଲାଇନ ଜାରି କରିବ। ଉଚ୍ଚଶିକ୍ଷା ଅନୁଷ୍ଠାନଗୁଡ଼ିକରେ ପିଏଚ୍‌ଡି କିମ୍ବା ସ୍ନାତକୋତ୍ତର ଛାତ୍ରୀଛାତ୍ରମାନେ ବୈଷୟିକ, ଧନ୍ଦାମୂଳକ ଏବଂ ଲାବରେଟୋରିରେ ଗବେଷଣା କାର୍ଯ୍ୟ କରିପାରିବେ। ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ସମସ୍ତ କାର୍ଯ୍ୟାଳୟ କୋଭିଡ୍-୧୯ ଏସ୍‌ଓପି ଆଧାରରେ କାର୍ଯ୍ୟ କରିବ। କାର୍ଯ୍ୟସ୍ଥଳରେ ମୁହଁରେ ମାସ୍କ ଲଗାଇବା, ୬ ଫୁଟ ଦୂରତା ଅବଲମ୍ବନ କରିବାକୁ କଡାକଡି କରାଯାଇଛି। ଦୋକାନ, ବାଣିଜ୍ୟିକ ପ୍ରତିଷ୍ଠାନ, ସେଲୁନ, ସ୍ପା, ବିୟୁଟି ପାର୍ଲର ଇତ୍ୟାଦି ସମସ୍ତ ପ୍ରକାର ସୁରକ୍ଷାମୂଳକ ବ୍ୟବସ୍ଥା ଗ୍ରହଣ କରିବାକୁ କୁହାଯାଇଛି। ବିବାହ ଉତ୍ସବ ପାଇଁ ୫୦ ଓ ଶୁଦ୍ଧ କାର୍ଯ୍ୟରେ ୨୦ ଜଣରୁ ଅଧିକ ବ୍ୟକ୍ତିଙ୍କୁ ଅନୁମତି ଦିଆଯିବ ନାହିଁ। ସର୍ବସାଧାରଣ ସ୍ଥାନରେ ମଦ, ପାନ, ଗୁଟଖା ଇତ୍ୟାଦି ନିଶାଦ୍ରବ୍ୟ ସେବନ ଉପରେ କଟକଣା ଜାରି କରାଯାଇଛି।

ଆନ୍ତଃରାଜ୍ୟ ଯାତ୍ରୀ ଓ ପରିବହନ ସେବା ଉପରେ କୌଣସି କଟକଣା ରହିବ ନାହିଁ। ସେପ୍ଟେମ୍ବର ପହିଲାରୁ ଆନ୍ତଃରାଜ୍ୟ ବସ୍ ଚଳାଚଳ କରିବାକୁ ଅନୁମତି ଦିଆଯାଇଛି। ଗୋଟିଏ ରାଜ୍ୟରୁ ଅନ୍ୟ ରାଜ୍ୟକୁ ଯିବା ଆସିବା ଲାଗି କୌଣସି ପ୍ରକାର ସ୍ୱତନ୍ତ୍ର ଅନୁମତିର ଆବଶ୍ୟକ ନାହିଁ। ୬୫ ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତି, ଅସୁସ୍ଥ, ଗର୍ଭବତୀ ମହିଳା ଏବଂ ୧୦ ବର୍ଷରୁ କମ୍ ବୟସ ପିଲାଙ୍କୁ ଘରେ ରହିବାକୁ ପରାମର୍ଶ ଦିଆଯାଇଛି। ଆରୋଗ୍ୟ ସେତୁ ଡାଉନ୍‌ଲୋଡ୍ କରିବାକୁ କୁହାଯାଇଛି। ଜିଲାପାଳ, ମହାନଗର ନିଗମ କମିଶନର, କଟକ-ଭୁବନେଶ୍ୱର ପୋଲିସ କମିଶନର ଗାଇଡ୍‌ଲାଇନ କଡ଼ାକଡ଼ି କାର୍ଯ୍ୟକାରୀ କରିବାକୁ କୁହାଯାଇଛି। କୌଣସି ପ୍ରକାର ବିବାହ ଶୋଭାଯାତ୍ରାକୁ ଅନୁମତି ଦିଆଯିବନାହିଁ। ଏହାକୁ ଉଲ୍ଲଂଘନ କଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏଥିପାଇଁ ଆୟୋଜକ ଦାୟୀ ରହିବେ। ଏଥିସହିତ ପୂର୍ବରୁ ଜାରି କରାଯାଇଥିବା ଜରୁରୀ ଗାଇଡ୍‌ଲାଇନଗୁଡିକୁ କଡ଼ାକଡ଼ି କାର୍ଯ୍ୟକାରୀ କରିବାକୁ ପରାମର୍ଶ ଦିଆଯାଇଛି।

### ବନ୍ୟା କ୍ଷତିଗ୍ରସ୍ତଙ୍କୁ...

ଯୋଗାଇ ଦିଆଯିବ। ଘର ଭାଙ୍ଗିଥିବା ପ୍ରତ୍ୟେକ ଯୋଗ୍ୟ ପରିବାରକୁ ଗୋଟିଏ ପଲିଥିନ ସିଟ୍ ମିଳିବ। ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପାଣ୍ଠି(ଏସ୍‌ଡିଆର୍‌ଏଫ୍) ନିୟମ ଅନୁଯାୟୀ ଘରଭଙ୍ଗା ସହାୟତା ଦିଆଯିବ। ୧୫ଦିନ ମଧ୍ୟରେ ଜିଲାପାଳମାନେ ଘରଭଙ୍ଗା କ୍ଷୟକ୍ଷତି ଆକଳନ କରିବେ। ଏହାର ସପ୍ତାହକ ମଧ୍ୟରେ ଲୋକଙ୍କୁ ସହାୟତା ପ୍ରଦାନ କରାଯିବ। ଏସ୍‌ଡିଆରଏଫ୍ ନିୟମାନୁଯାୟୀ କ୍ଷତିଗ୍ରସ୍ତଙ୍କୁ ଲୁଗାପଟା ଓ ବାସନକୁସନ ଦିଆଯିବ। ଦୁଗ୍ଧଚାଷୀଙ୍କୁ ଗୋଖାଦ୍ୟ ମିଳିବ। କ୍ଷତିଗ୍ରସ୍ତ ଅଞ୍ଚଳରେ ପଶୁପକ୍ଷୀଙ୍କୁ ମାଗଣାରେ ଚିକିତ୍ସା ଓ ଟିକାକରଣ ସୁବିଧା ଯୋଗାଇ ଦିଆଯିବାସହ ପ୍ରାଣୀଧନ ଚିକିତ୍ସା ଶିବିର ଖୋଲାଯାଇ ପଶୁପକ୍ଷୀଙ୍କୁ ଚିକିତ୍ସା କରାଯିବ।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ସାମ୍ପ୍ରତିକ ବନ୍ୟାରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, କଟକ, ପୁରୀ ଓ ଖୋର୍ଦ୍ଧା ଜିଲାର ଅନେକ ଅଞ୍ଚଳ କ୍ଷତିଗ୍ରସ୍ତ ହୋଇଛି। ଅନେକ ଗାଁରେ ବନ୍ୟା ଜଳ ପଶିଥିବାବେଳେ ବହୁ ଚାଷ ଜମି ଜଳମଗ୍ନ ଅବସ୍ଥାରେ ଅଛି। ଘରଭାଙ୍ଗିବା ସହିତ ରାସ୍ତା ଭାଙ୍ଗିଛି ଏବଂ ଅନେକ ସ୍ଥାନରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ଅନେକ ଛୋଟ ବନ୍ଧ ଭାଙ୍ଗିଛି। ସରକାରୀ ଭିତ୍ତିଭୂମି ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ଲୋକଙ୍କ ଏହି ବିପତ୍ତିସମୟରେ ଓଡ୍ରାଫ, ଏନଡିଆର୍‌ଏଫ, ଅଗ୍ନିଶମ, ଏସଆର୍‌ସି ଓ ସ୍ଥାନୀୟ ନାଉରିଆମାନେ ସର୍ବୋପରି ସ୍ଥାନୀୟ ଲୋକମାନେ ଯେପରି ସାହସ ଓ ପ୍ରତିବଦ୍ଧତାର ସହ ଲୋକଙ୍କୁ ସେବା ଯୋଗାଉଛନ୍ତି ମୁଖ୍ୟମନ୍ତ୍ରୀ ତାର ଉଚ୍ଚ ପ୍ରଶଂସା କରିଛନ୍ତି। ସେହିପରି ବିଭିନ୍ନ ଜିଲାରେ ଜିଲାପାଳ, ସରକାରୀ କର୍ମଚାରୀ ଓ ପଞ୍ଚାୟତ ପ୍ରତିନିଧିମାନେ ଦିନରାତି ଲୋକଙ୍କୁ ସେବା ଯୋଗାଇ ଚାଲିଛନ୍ତି। ଜଳସମ୍ପଦ ବିଭାଗର ତତ୍ପରତା ଯୋଗୁ ଅନେକ ବନ୍ଧକୁ ରକ୍ଷା କରାଯାଇଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି। ଲୋକଙ୍କ କଷ୍ଟ ଲାଘବସହ କ୍ଷତିହ୍ରାସ କରିବା ଏବଂ ରାସ୍ତା, ଯୋଗାଯୋଗ, ବିଦ୍ୟୁତ୍ ସରବରାହ, ପୁନଃପ୍ରତିଷ୍ଠା ଓ ବନ୍ଧବାଡ଼ର ମରାମତି କ୍ଷେତ୍ରରେ ତ୍ୱରିତ ପଦକ୍ଷେପ ନେବା ଲାଗି ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଆମେ ବର୍ତ୍ତମାନ ଏକ କଠିନ ପରିସ୍ଥିତିରେ ଗତି କରୁଛୁ। ବନ୍ୟା ଓ କରୋନା ଦୁଇଟି ବିପଦକୁ ଏକ ସମୟରେ ମୁକାବିଲା କରାଯାଉଛି। ଏହି ପରିପ୍ରେକ୍ଷୀରେ ସମସ୍ତେ ମାସ୍କ ପିନ୍ଧିବା ଓ ସାମାଜିକ ଦୂରତା ନିୟମ ପାଳନ କରି ସଂକ୍ରମଣରୁ ଦୂରେଇ ରହିବା ପାଇଁ ମୁଖ୍ୟମନ୍ତ୍ରୀ ବନ୍ୟାଦୁର୍ଗତଙ୍କୁ ନିବେଦନ କରିଛନ୍ତି। ସମସ୍ତଙ୍କ ସହଯୋଗରେ ଏହି କଠିନ ପରିସ୍ଥିତିରୁ ଆମେ ଶୀଘ୍ର ମୁକୁଳି ପାରିବା ବୋଲି ସେ ଆଶାବ୍ୟକ୍ତ କରିଛନ୍ତି।

ସମୀକ୍ଷା ବୈଠକରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ସ୍ୱତନ୍ତ୍ର ରିଲିଫ କମିଶନର ଏବଂ ଜଳସମ୍ପଦ ବିଭାଗର ପ୍ରମୁଖ ସଚିବ ବନ୍ୟା ପରିସ୍ଥିତି, ଉଦ୍ଧାର ଓ ସହାୟତା ଏବଂ ବନ୍ଧବାଡ଼ର ସୁରକ୍ଷା ପାଇଁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ଉପସ୍ଥାପନା କରିଛନ୍ତି। ସମୀକ୍ଷାରୁ ଜଣାପଡିଛି ଯେ, ସାମ୍ପ୍ରତିକ ବନ୍ୟାରେ ରାଜ୍ୟର ୨୦ ଜିଲାର ୧୧୦ ବ୍ଲକ, ୩୧୯୦ ଗାଁ, ୨୧ ପୌରାଞ୍ଚଳ କ୍ଷତିଗ୍ରସ୍ତ ହୋଇଛି। ବିଭିନ୍ନ ସ୍ଥାନରେ ୩୬ଟି ଛୋଟ ଓ ଗୋଟିଏ ବଡ଼ ଘାଇ ହୋଇଛି। ହୀରାକୁଦରେ ଜଳପ୍ରବାହ କମିଥିବାରୁ ପରିସ୍ଥିତିରେ ଖୁବଶୀଘ୍ର ଉନ୍ନତି ଆସିବ ବୋଲି ବୈଠକରେ ଆଶାପ୍ରକାଶ କରାଯାଇଛି।

### ପ୍ରଶାନ୍ତଙ୍କୁ ୧ ଟଙ୍କା...

ଖଣ୍ଡପୀଠ କହିଥିଲେ, ବାକ୍ ସ୍ୱାଧୀନତାକୁ ସଙ୍କୁଚିତ କରାଯାଇପାରିବ ନାହିଁ। କିନ୍ତୁ ଅନ୍ୟମାନଙ୍କ ଅଧିକାରକୁ ସମ୍ମାନ ମିଳିବା ଆବଶ୍ୟକ। ଖଣ୍ଡପୀଠରେ ଜଷ୍ଟିସ୍ ବି.ଆର୍. ଗଭାଇ ଏବଂ କ୍ରିଷ୍ଣା ମୁରାରୀ ରହିଥିଲେ। ପୂର୍ବରୁ ଖଣ୍ଡପୀଠ ପ୍ରଶାନ୍ତଙ୍କୁ କ୍ଷମା ମାଗିବା ପାଇଁ କହିଥିବାବେଳେ ଆର୍ଟର୍ନି ଜେନେରାଲ କେ.କେ. ବେଣୁଗୋପାଳ ମଧ୍ୟ ତାଙ୍କୁ ଦୁଃଖ ପ୍ରକାଶ କରିବାକୁ ପରାମର୍ଶ ଦେଇଥିଲେ। ପ୍ରଶାନ୍ତ କୋର୍ଟରେ ବୟାନ ରଖିବା ପୂର୍ବରୁ ତାହା ଗଣମାଧ୍ୟମରେ ପ୍ରକାଶିତ ହୋଇଥିଲା ବୋଲି ଖଣ୍ଡପୀଠ କହିଥିଲେ।

ନ୍ୟାୟପାଳିକା ବିରୋଧରେ ପ୍ରଶାନ୍ତ ଭୂଷଣ କରିଥିବା ଦୁଇଟି ମାନହାନିକାରକ ଟୁଇଟ୍ ପାଇଁ ଅଗଷ୍ଟ ୧୪ରେ ତାଙ୍କୁ ସୁପ୍ରିମକୋର୍ଟ ଦୋଷୀସାବ୍ୟସ୍ତ କରିଥିଲେ। ଜନସ୍ୱାର୍ଥରେ ନ୍ୟାୟପାଳିକାର କାର୍ଯ୍ୟକୁ ସମାଲୋଚନା କରିବା ଠିକ୍ ବୋଲି କୁହାଯାଇପାରିବ ନାହିଁ ବୋଲି ଖଣ୍ଡପୀଠ କହିଥିଲେ। ତେବେ ପ୍ରଶାନ୍ତ ନିଜର ଟୁଇଟ୍ ପାଇଁ କ୍ଷମା ମାଗିବେ ନାହିଁ ବୋଲି ଅଦାଲତଙ୍କୁ ଜଣାଇଥିଲେ। ଟୁଇଟ୍ ପାଇଁ ପ୍ରଶାନ୍ତଙ୍କୁ ଦଣ୍ଡିତ ନ କରିବା ନିମନ୍ତେ ଅଗଷ୍ଟ ୨୫ରେ ବରିଷ୍ଠ ଆଇନଜୀବୀ ରାଜୀବ ଧାୱନ ସର୍ବୋଚ୍ଚ ଅଦାଲତଙ୍କୁ ଅନୁରୋଧ କରିଥିଲେ। ମାମଲାକୁ ବନ୍ଦ କରିବା ସହ ବିବାଦର ଅନ୍ତ ଘଟାଇବାକୁ ସେ ଅଦାଲତଙ୍କୁ କହିଥିଲେ। ପ୍ରଶାନ୍ତ ଭୂଷଣ ଆଗକୁ ଏଭଳି କାର୍ଯ୍ୟ କରିବେ ନାହିଁ ବୋଲି ଏକ ବାର୍ତ୍ତା ଦେବା ସହ ତାଙ୍କୁ କ୍ଷମା କରିଦେବା ପାଇଁ ବେଣୁଗୋପାଳ ମଧ୍ୟ ସୁପ୍ରିମକୋର୍ଟଙ୍କୁ ଅନୁରୋଧ କରିଥିଲେ। ପ୍ରଶାନ୍ତ ଯଦି ନିଃସର୍ତ୍ତ କ୍ଷମା ମାଗିବାକୁ ରାଜି ନୁହନ୍ତି ତେବେ ନିଜ ମନ୍ତବ୍ୟକୁ ଫେରାଇନେଇ ଦୁଃଖ ପ୍ରକାଶ କରିବା ଉଚିତ ବୋଲି ଆର୍ଟର୍ନି ଜେନେରାଲ କହିଥିଲେ। ଏହା ପରେ ନିଜ ମନ୍ତବ୍ୟ ଫେରାଇନେବା ସମ୍ପର୍କରେ ଚିନ୍ତା କରିବା ପାଇଁ ଖଣ୍ଡପୀଠ ପ୍ରଶାନ୍ତଙ୍କୁ ୩୦ ମିନିଟ ସମୟ ଦେଇଥିଲେ। ଏହା ପୂର୍ବରୁ ମଧ୍ୟ ଅଗଷ୍ଟ ୨୦ରେ ଖଣ୍ଡପୀଠ ପ୍ରଶାନ୍ତଙ୍କୁ ନିଃସର୍ତ୍ତ କ୍ଷମା ମାଗିବା ସମ୍ପର୍କରେ ଚିନ୍ତା କରିବାକୁ ୨୪ ତାରିଖ ପର୍ଯ୍ୟନ୍ତ ସମୟ ଦେଇଥିଲେ।

ଦଣ୍ଡ ଶୁଣାଣି ପରେ ଖବରଦାତା ସମ୍ମିଳନୀରେ ପ୍ରଶାନ୍ତ କହିଛନ୍ତି, ସୁପ୍ରିମକୋର୍ଟ ହେଉଛି ସମାଜର ଦୁର୍ବଳ ତଥା ଅବହେଳିତମାନଙ୍କର ଶେଷ ଆଶା, ଏହା ସେ ବିଶ୍ୱାସ କରନ୍ତି। ନ୍ୟାୟପାଳିକାକୁ ଆଘାତ ଦେବା କଦାପି ତାଙ୍କର ଉଦ୍ଦେଶ୍ୟ ନ ଥିଲା। ତେବେ ଅଦାଲତ ଏହାର କାର୍ଯ୍ୟଧାରାରୁ ବିଚ୍ୟୁତ ଘଟଣାରେ ସେ ନିଜର କ୍ଷୋଭ ଜଣାଇବାକୁ ଚାହିଁଥିଲେ ବୋଲି କହିଛନ୍ତି। ଖବରଦାତା ସମ୍ମିଳନୀରେ ରାଜନେତା ତଥା ସାମାଜିକ କର୍ମୀ ଯୋଗେନ୍ଦ୍ର ଯାଦବ ଏବଂ ପ୍ରଶାନ୍ତ ଭୂଷଣଙ୍କ ଝିଅ ଉପସ୍ଥିତ ଥିଲେ।

### ୨୩.୯% ଖସିଲା...

ବ୍ରିଟେନ ଅର୍ଥ ବ୍ୟବସ୍ଥା ୨୧.୭% ଖସିଥିବା ବେଳେ ଜର୍ମାନୀ ୧୦.୧୦% ଏବଂ ଆମେରିକା ଜିଡିପି ୯.୧୦% ହ୍ରାସ ପାଇଥିବା ନଜରକୁ ଆସିଛି। ମହାମାରୀ ଯୋଗୁ ଜିଡିପିକୁ ଶକ୍ତ ଧକ୍କା ଲାଗିବ ବୋଲି ବିଭିନ୍ନ ଅନ୍ତର୍ଜାତୀୟ ଏଜେନ୍ସି ପୂର୍ବରୁ ମତ ରଖିଥିଲେ। ଏହି ହ୍ରାସ ୧୫ରୁ ୩୫% ଖସିବ ବୋଲି ଆଶଙ୍କା ମଧ୍ୟ କରାଯାଇଥିଲା। ଦେଶର ପୂର୍ବତନ ପରିସଂଖ୍ୟାନବିତ ପ୍ରଣବ ସେନ କହିଥିଲେ, ଜିଡିପି ୨୫ରୁ ୩୫% ଖସିପାରେ। ମାତ୍ର ଏନ୍‌ଏସ୍‌ଓ ଏହାକୁ ୧୫ରୁ ୧୬% କମ୍ କରି ଦେଖାଇବ। ଅଣସଙ୍ଗଠିତ କ୍ଷେତ୍ରର ଡାଟା ଉପଲବ୍ଧ ନ ଥିବାରୁ ଜିଡିପି ତଥ୍ୟକୁ କମ୍ କରି ଦେଖାଯିବ ବୋଲି ସେନ୍ ରବିବାର ମତ ରଖିଥିଲେ। ଜିଡିପି ୨୫% ହ୍ରାସ ହେବା ନେଇ ଇକ୍ରାର ପ୍ରମୁଖ ଅର୍ଥନୀତିଜ୍ଞ ଆଦିତି ନାୟର ମଧ୍ୟ ପୂର୍ବାନୁମାନ କରିଥିଲେ। ସଙ୍ଗଠିତ ଏବଂ ଅଣସଙ୍ଗଠିତ କ୍ଷେତ୍ର ଡାଟା ଠିକ୍ ଭାବେ ସ୍ଥାନ ପାଇବ ନାହିଁ ବୋଲି ସେ କହିଥିଲେ। ବ୍ଲୁମବର୍ଗ ପକ୍ଷରୁ ହୋଇଥିବା ଏହାର ଅର୍ଥନୀତିଜ୍ଞଙ୍କ ସର୍ଭେରେ କୁହାଯାଇଥିଲା ଯେ, ଭାରତର ଜିଡିପି ପ୍ରାୟ ୧୯% ଖସିବ। କରୋନା ଯୋଗୁ ଘରୋଇ ବଜାରରେ ଆର୍ଥିକ କାର୍ଯ୍ୟକଳାପ ବିଗିଡି ଯାଇଛି। ବିମାନ ଚଳାଚଳ, ପର୍ଯ୍ୟଟନ, ହୋଟେଲ ଏବଂ ହସ୍ପିଟାଲିଟି ସମେତ ବିଭିନ୍ନ କ୍ଷେତ୍ର ବର୍ତ୍ତମାନ ସୁଦ୍ଧା ମଧ୍ୟ ସ୍ୱାଭାବିକ ହୋଇପାରିନାହିଁ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଏକାଦଶସ୍ଥ ଚନ୍ଦ୍ର ଯୋଗୁ ଯାହା ଚାହୁଁଛନ୍ତି ତାହା ନିଶ୍ଚିତ ପାଇବେ। କର୍ମକ୍ଷେତ୍ରରେ ଅପ୍ରିୟ ସତ୍ୟ କଥା ସହକର୍ମୀ କିମ୍ବା ନିକଟ ସମ୍ପର୍କୀୟମାନଙ୍କ ମନରେ ଦୁଃଖ ଦେଇପାରେ। ପୁରାତନ ରୋଗପୀଡା ଯୋଗୁଁ ମାନସିକ ସୁସ୍ଥତା ହରାଇପାରନ୍ତି। ଫେରନ୍ତା ବାଟରେ ଜଣେ ନିଚ ଜାତିର ଲୋକମାନେ ପ୍ରତିବନ୍ଧକ ସୃଷ୍ଟି କରିପାରନ୍ତି।

**ବୃଷ**
ଉପଚୟ ସ୍ଥାନରେ ଶୁକ୍ରଥିବାରୁ ଆଜକୁ କେତେ ଦିନ ହେଲା ଭଲ ଲାଗୁ ନ ଥିବା ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଅଯାଚିତ ଭାବେ ପାଖ ଲୋକ ମାନଙ୍କ ସହାୟତା ପାଇବେ, ଯାହାକି ବହୁତ କାମକୁ ଆସିବ। ଅନ୍ୟମନସ୍କ ହେତୁ କେତେକ ବ୍ୟତିକ୍ରମ ପରିଲକ୍ଷିତ ହେବ। ସମ୍ପର୍କକୁ କେନ୍ଦ୍ର କରି ତର୍କର ସମ୍ମୁଖୀନ ହୋଇପାରନ୍ତି।

**ମିଥୁନ**
ଦୁଃସ୍ଥାନରେ ବକ୍ରୀ ଶନିଙ୍କ ଯୋଗୁଁ ଯେତେ ଚେଷ୍ଟା କଲେ ମଧ୍ୟ ସମସ୍ୟା ସୁଧୁରିବା କଷ୍ଟକର ହୋଇପଡିବ। ଅଧିକାଂଶ ସମୟରେ ଭାବପ୍ରବଣତା ବୃଦ୍ଧି ପାଇବ, ଯାହା କି ଅଶାନ୍ତିର ହେତୁ ସ୍ୱରୂପ ହେବ। ପାରିବାରିକ କ୍ଷେତ୍ର ବୁଝାମଣା ମାଧ୍ୟମରେ ଶୃଙ୍ଖଳିତ ରହିବ। ବିଚାର ଶୈଳୀକୁ ପଡୋଶୀମାନେ ଭୁରିଭୁରି ପ୍ରଶଂସା କରିପାରନ୍ତି।

**କର୍କଟ**
ଶନି ଓ ଶୁକ୍ରଙ୍କ ପ୍ରତ୍ୟକ୍ଷଦୃଷ୍ଟି ଜନିତ ନିଜର ଅବହେଳା ହେତୁକ କେତେକ କାମ ଅଟକି ରହିଯିବ। ସ୍ୱାର୍ଥସାଧନରେ ନିରାଶ ହୋଇ ନିଜର ଆତ୍ମୀୟମାନେ ହଠାତ୍ ଶତ୍ରୁତା କରିବେ। ଅଫିସରେ ନୂତନ ଦାୟିତ୍ୱ ହାତକୁ ନେବାକୁ ପଡିପାରେ। ଆଲୋଚନା କାଳରେ କୌଣସି ମନ୍ତବ୍ୟକୁ କେନ୍ଦ୍ରକରି ବନ୍ଧୁ ଅଭିମାନ କରିପାରନ୍ତି।

**ସିଂହ**
ସ୍ୱଗୃହକୁ ମଙ୍ଗଳଙ୍କ ଦୃଷ୍ଟି ହେତୁ ପରିବାରରେ ଭୁଲ୍ ବୁଝାମଣା ଦୂର ହୋଇ ଶାନ୍ତି ଫେରି ଆସିବ। କାମଟିକୁ ଶେଷ କରିବା ପାଇଁ ବ୍ୟସ୍ତ ହୋଇପଡିବେ ସିନା କାମଟି ସମ୍ପୂର୍ଣ୍ଣ ହେବା ସହଜସାଧ୍ୟ ନ ହୋଇପାରେ। ଗବେଷଣା, ଅନୁସନ୍ଧାନ, ରାଜନୀତି ଓ ସଭାସମିତିରେ ଚେଷ୍ଟା ସଫଳ ହେବେ।

**କନ୍ୟା**
ଦ୍ୱାଦଶଭାବରେ ରବି ଓ ବୁଧ ଯୋଗୁଁ ଆଜିର ଦିନଟିରେ ପ୍ରତ୍ୟେକ ପରିସ୍ଥିତିରେ ଜଗି ରଖି ଚଳିବା ଭଲ ହେବ। ପୂର୍ବରାଗକୁ ଶୁଝାଇବା ସକାଶେ ନିଜଲୋକ କେହି ହଇରାଣରେ ପକାଇବାକୁ ଚେଷ୍ଟା କରିବେ। ପରିବାରର ବିଭିନ୍ନ ପ୍ରକାରର ସମସ୍ୟା ଯୋଗୁ ମାନସିକ ସୁସ୍ଥତା ବ୍ୟାହତ ହୋଇପାରେ।

**ତୁଳା**
କର୍ମଭାବରେ ଶୁକ୍ରଥିବାରୁ ବହୁତ ଦିନହେଲା ବାରମ୍ବାର ଚେଷ୍ଟା କରୁଥିବା କାମଗୁଡିକ ଆଜି ସୁବିଧାରେ ସମ୍ପନ୍ନ ହୋଇଯିବ। କିନ୍ତୁ ଚତୁର୍ଥସ୍ଥ ଶନିଙ୍କ ପ୍ରଭାବରୁ ସାମାଜିକ କ୍ଷେତ୍ରରେ ଭଲ କହିଲେ ମଧ୍ୟ ସମାଲୋଚନାର ପାତ୍ର ହେବାକୁ ପଡ଼ିପାରେ। ଆଜି ଦିନ ଭିତରେ ବିଶେଷ ଭ୍ରମଣ ଯୋଗୁ କ୍ଳାନ୍ତି ଅନୁଭବ କରିବେ।

**ବିଛା**
ରାଶ୍ୟାଧିପତି ସ୍ୱଗୃହକୁ ଦେଖୁଥିବାରୁ ସ୍ୱାସ୍ଥ୍ୟ ନିୟନ୍ତ୍ରଣ ଭିତରେ ରହିବ। କେତେକ ସମସ୍ୟା ଉପସ୍ଥିତ ହେବା କାରଣରୁ ପାଇବାକୁ ଥିବା ଆଶା ପୁଣି ମଉଳିଯିବାର ଆଶଙ୍କା କରିପାରନ୍ତି। ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ପାଇବେ। କର୍ମକ୍ଷେତ୍ରରେ ବନ୍ଧୁଙ୍କ ଆଚରଣ ମନରେ ସନ୍ଦେହ ସୃଷ୍ଟି କରିବ।

**ଧନୁ**
ପାପଯୁକ୍ତ ବୃହସ୍ପତି କାରଣରୁ ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିପାରେ। କର୍ମକ୍ଷେତ୍ରରେ ମଧ୍ୟ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ଅବଶ୍ୟ ପାରିବାରିକ କ୍ଷେତ୍ର ବିଶେଷ ଖରାପ ରହିବ ନାହିଁ। ତଥାପି ଭ୍ରମଣ ହେତୁକ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ।

**ମକର**
ସପ୍ତମ କେନ୍ଦ୍ରରେ କର୍ମାଧିପ ଥିବାରୁ ବନ୍ଧୁମାନଙ୍କ କଥାରେ ପଡି ହଠାତ୍ କୌଣସି ନୂତନ କାର୍ଯ୍ୟରେ ହାତ ଦେବାକୁ ସ୍ଥିର କରିବେ। ଆପଣ ନିଜଲୋକଙ୍କଠାରୁ ଆସ୍ଥାହରାଇ ବସିବାର ସୂଚନାକୁ ଏଡି ହେବନାହିଁ। ସାହିତ୍ୟ, ସଙ୍ଗୀତାଦି ମନୋରଞ୍ଜନ କାର୍ଯ୍ୟକ୍ରମରେ କିମ୍ବା ଖେଳକୁଦରେ ପ୍ରଶଂସା ପାଇବେ।

**କୁମ୍ଭ**
ମଙ୍ଗଳଙ୍କ ସୁପ୍ରଭାବରୁ ପ୍ରତ୍ୟେକ କ୍ଷେତ୍ରରେ ଅଧୈର୍ଯ୍ୟ ନ ହୋଇ କାମ କରି ଚାଲନ୍ତୁ,ସବୁ ଠିକ୍ ହୋଇଯିବ। କର୍ମକ୍ଷେତ୍ରରେ ସହକର୍ମୀ ଫାଇଦା ଉଠାଇବା ପାଇଁ ଚେଷ୍ଟା କରିପାରନ୍ତି। ପରିବାରରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢିପାରେ,କିନ୍ତୁ ବେଶିକ୍ଷଣ ତିଷ୍ଠି ରହିବ ନାହିଁ। ସାମ୍ବାଦିକତା ଓ ସାହିତ୍ୟ କ୍ଷେତ୍ରରୁ ସୁଫଳ ମିଳିବ।

**ମୀନ**
ଆଜିର ଗ୍ରହସ୍ଥିତିରୁ ପାରିବାରିକ ଅଶାନ୍ତି କାରଣରୁ ମନରେ ଦୁର୍ଭାବନା ବଢ଼ିଚାଲିବ। ଶିଳ୍ପ, ବାଣିଜ୍ୟ ବ୍ୟବସାୟ ଓ ପରିବହନରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। ଅସାବଧାନତା କାରଣରୁ ଦ୍ରବ୍ୟ ନଷ୍ଟ ଯୋଗୁ କ୍ଷୋଭ ପ୍ରକାଶ କରିପାରନ୍ତି। କର୍ମକ୍ଷେତ୍ରରେ ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରିବେ।

ଆଜି ଭାଦ୍ରବ ଶୁକ୍ଳପକ୍ଷର ଅନନ୍ତ ଚତୁର୍ଦ୍ଦଶୀ ଯୁକ୍ତ ପୂର୍ଣ୍ଣିମା ମଙ୍ଗଳବାର, ଶ୍ରୀମନ୍ଦିରରେ ଅନନ୍ତବ୍ରତ, ଶ୍ରୀଦୁର୍ଗା ପାର୍ଶ୍ୱପରିବର୍ତ୍ତନ,ଇନ୍ଦ୍ରୋତ୍ସବ,ପୂର୍ଣ୍ଣିମା ବିହିତ ଚନ୍ଦ୍ରୋପବାସ, ସେପ୍ଟେମ୍ବର ୦୧ ତାରିଖ, ଜାତୀୟ ପରିପୁଷ୍ଟି ସପ୍ତାହ ଆରମ୍ଭ, ରାଶିନକ୍ଷତ୍ର-ଧନିଷ୍ଠା/କୁମ୍ଭ,ପୂର୍ଣ୍ଣିମାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ମକର ରାଶିର ଘାତବାର, ଦିବା ଘ.୦୮.୦୩ମି. ଗତେ ଘ.୧୦.୩୨ମି. ମଧ୍ୟେ, ଘ.୦୧.୦୦ମି. ଗତେ ଘ.୦୨.୪୦ମି. ମଧ୍ୟେ, ଘ.୦୩.୨୯ମି.ଗତେ ଘ.୦୫.୦୯ମି. ମଧ୍ୟେ, ସନ୍ଧ୍ୟା ଘ.୦୫.୫୮ମି. ଗତେ ଘ.୦୬.୪୪ମି. ମଧ୍ୟେ, ରାତ୍ରି ଘ.୦୯.୦୩ମି. ଗତେ ଘ.୧୧.୨୩ମି. ମଧ୍ୟେ, ଘ.୦୧.୪୨ମି.ଗତେ ଘ.୦୩.୧୫ମି.ମଧ୍ୟେ ଅମୃତ ବେଳା ଓ ଅପରାହ୍ନ ଘ.୦୨.୫୨ମି. ଗତେ ଘ.୦୪.୨୫ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302

**automobile**
**SALE**

Bolero passenger, Indica Vista, Tractor Mahindra Sonalica, JCB, (finance available). 9938471696. D-69154

**real estate**
**SALE**

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,20,000/-, ଅରଗୁଳ IIT 1200sqft. 1,32,000/- (Outright). 9348817649, 9348232008. D-69151

Bhubaneswar Engineering College (BEC), Backside Govt. ରାସ୍ତାକୁ ଲାଗି ସ୍ଥିତିବାନ ପ୍ଲଟ୍ ମିଳୁଅଛି। 8338932027. D-69150

ଜଟଣୀ ଅରଗୁଳ ଷ୍ଟେଶନ ପାଖରେ scheduledcaste conversion boundary plot pitchuroad side 5000sqft. 12,50,000/-, 9439006524. D-69149

2500sqft. boundarywall with borewel NH-5 Pahal, 4BHK flat at Vipulgarden, Bhubaneswar. 9437110746. D-69152

Flats sale Jagannathdham Puri, cost 1250. lakhs with fully furnished Bhulaxmi Team. 7978230118, 9668060081. D-69142

ଭୁବନେଶ୍ୱର, ମଞ୍ଚେଶ୍ୱର, ହଂସପାଳ, ପାହାଳ, କେଶୁରାରେ ଘର କଲାଭଳି ଘରବାରି boundary plot ମିଳୁଅଛି। 8249728525, 9090142564. D-69146

ଭୁବନେଶ୍ୱର ପଟିଆ, ରଘୁନାଥପୁର, ଫୁଲନଖରା ପାଖରେ 1,2,3BHK Simplex/ Duplex ଅଛି। 8327785834, 9658122456. D-69153

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

ଭୁବନେଶ୍ୱର ଲିଙ୍ଗିପୁର ପାଖରେ 2200sqft. ଜାଗା ଉପରେ 3ମହଲା ଘର ବିକ୍ରୟହେବ। Bank finance ସୁବିଧା ଅଛି। ଯୋଗାଯୋଗ: 9438109040, 8144658008 (Only genuine buyer). D-18086

**to-let**

Rent for constructed building Plot Area - 35,000, Length - 2050, Breadth - 1850, Facing - North East, Hi-Tech chhak left side 6 K.M. Barimund, Ph.: 9938125254. D-18045

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**healthcare**

Swarna SPA newly open positively health benefits with expert therapist. 7873794731. D-69734

Get refreshment body massage by expert therapist contact for. 9556978408. D-69733

Newly open full body massage SPA in Bhubaneswar. Contact: 7205058838. D-69731

Newly open SPA centre smart therapist body massage, Bamikhal. 7205187702. D-59957

Thailand Unisex Massage Refreshments Rejuvenation. 9853999966, 9123319079, 7750073898, 9853999966, Homeservices 9853999966@gmail.com. D-18047

Herbal full body massage by smart / expert therapist. Contact: 8338067247. D-69729

Newly open SPA centre smart therapist body massage, Rasulgarh. 7846814019. D-59958

**AFFIDAVIT**

ଏତଦ୍ୱାରା ମୁଁ ମାନସ ପାଣି, ପିତା: ବିନୋଦ ପାଣି, ଗ୍ରାମ: ଲୁଣିସରା, ପୋଷ୍ଟ: ସିକ୍ରିଡ଼ା, ଥାନା: ନୂଆଗାଁ, ନୂଆଗାଁ ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟ୍‌ଙ୍କ ମାଧ୍ୟମରେ ଘୋଷଣା କରେ କି ମାନସ ରାଉତ, ପିତା: କବିରାଜ ରାଉତ, ଗ୍ରାମ: ଲୁଣିସରା ଜଣେ ବ୍ୟକ୍ତି ଅଟନ୍ତି। ଭବିଷ୍ୟତରେ ମୁଁ ମାନସ ପାଣି ଭାବେ ସମସ୍ତ ସରକାରୀ ଓ ବେସରକାରୀ କାର୍ଯ୍ୟରେ ପରିଚିତ ହେବି। ୪-୧୮୦୪


**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ହିତାଧିକାରୀଙ୍କୁ ମିଳିବ ଆଗୁଆ ୪ ମାସର ଭତ୍ତା

**ଭୁବନେଶ୍ୱର,୩୧।୮(ବ୍ୟୁରୋ):** ମଧୁବାବୁ ପେନ୍‌ସନ ଯୋଜନା ହିତାଧିକାରୀମାନେ ୪ ମାସର ଆଗୁଆ ଭତ୍ତା ପାଇବେ। ସେପ୍ଟେମ୍ବର, ଅକ୍ଟୋବର, ନଭେମ୍ବର ଓ ଡିସେମ୍ବରର ଆଗୁଆ ଟଙ୍କା ହିତାଧିକାରୀଙ୍କୁ ମିଳିବ। ସେପ୍ଟେମ୍ବରରେ ଏକକାଳୀନ ୪ ମାସର ଟଙ୍କା ଦିଆଯିବାକୁ ନିଷ୍ପତ୍ତି ହୋଇଛି ବୋଲି ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ସୋମବାର ସୂଚନା ଦେଇଛନ୍ତି।

### ଖରିଫ ଧାନ ସଂଗ୍ରହ ପଞ୍ଜୀକରଣ ଅବଧି ସେପ୍ଟେମ୍ବର ୭କୁ ବଢ଼ିଲା

**ଭୁବନେଶ୍ୱର,୩୧।୮(ବ୍ୟୁରୋ):** ଖରିଫ୍ ଧାନ ସଂଗ୍ରହ ନିମନ୍ତେ ଚାଷୀମାନଙ୍କ ନାମ ପଞ୍ଜୀକରଣ ଅବଧି ଅଗଷ୍ଟ ୩୧ରୁ ସେପ୍ଟେମ୍ବର ୭କୁ ବୃଦ୍ଧି କରାଯାଇଛି। ରାଜ୍ୟର ବନ୍ୟା ପରିସ୍ଥିତି ଏବଂ କୋଭିଡ୍-୧୯ ସ୍ଥିତିକୁ ଦୃଷ୍ଟିରେ ରଖି ଚାଷୀମାନଙ୍କ ନାମ ପଞ୍ଜୀକରଣ ସମୟସୀମା ବୃଦ୍ଧି କରାଯାଇଛି ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି। ଯେଉଁ ଚାଷୀମାନେ ବନ୍ୟା ଏବଂ କୋଭିଡ୍-୧୯ ସ୍ଥିତି ଯୋଗୁ ସେମାନଙ୍କ ନାମ ପଞ୍ଜୀକରଣ କରିପାରି ନାହାନ୍ତି, ସେମାନେ ବର୍ଦ୍ଧିତ ସମୟସୀମା ମଧ୍ୟରେ ନାମ ପଞ୍ଜୀକରଣ କରିନେବା ପାଇଁ ମନ୍ତ୍ରୀ ସ୍ୱାଇଁ କହିଛନ୍ତି। ଖରିଫ୍ ଧାନ ସଂଗ୍ରହ ନିମନ୍ତେ ସୋମବାର ସୁଦ୍ଧା ମୋଟ ୧୧ ଲକ୍ଷ ୪୪ ହଜାର ଚାଷୀ ସେମାନଙ୍କ ନାମ ପଞ୍ଜୀକରଣ କରିସାରିଛନ୍ତି। ରାଜ୍ୟର ମୋଟ ୨୮୫୨ ପ୍ରାଥମିକ କୃଷି ସମବାୟ ସମିତିରେ ନାମ ପଞ୍ଜୀକରଣ କାର୍ଯ୍ୟ କରାଯାଉଛି।

### ଭାଜପାର 'ସେବା ହିଁ ସଙ୍ଗଠନ' ଇ-ବୁକ୍ ଉନ୍ମୋଚିତ

**ଭୁବନେଶ୍ୱର,୩୧।୮(ବ୍ୟୁରୋ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି.ନଡ୍ଡାଙ୍କ ଆହ୍ୱାନକ୍ରମେ ଭାଜପା କାର୍ଯ୍ୟକର୍ତ୍ତାମାନେ ଭାରତୀୟ ପରମ୍ପରା 'ନର ସେବା-ନାରାୟଣ ସେବା'କୁ ସମ୍ମାନ ଜଣାନ୍ତୁ। ଏହି ଲକ୍‌ଡାଉନ ସମୟରେ ସ୍ୱେଚ୍ଛାକୃତଭାବେ ସେମାନଙ୍କ ଅଞ୍ଚଳରେ ବାସ କରୁଥିବା ଗରିବ, ଦିନମଜୁରିଆ, ଦୁଃଖୀଜନ ତଥା ଅଭାବୀଙ୍କୁ ଆବଶ୍ୟକ ଖାଦ୍ୟ, ଔଷଧ, ମାସ୍କ ଆଦି ନିତି ଆବଶ୍ୟକ ସାମଗ୍ରୀ ପହଞ୍ଚାଇବାର କାର୍ଯ୍ୟ କରିଛନ୍ତି। ରାଜ୍ୟ ସଭାପତି, ଦୁଇ କେନ୍ଦ୍ରମନ୍ତ୍ରୀ, ରାଜ୍ୟର ବରିଷ୍ଠ ନେତୃତ୍ୱଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟର ସମ୍ପାଦନା କରାଯାଇ ରାଜ୍ୟର ସମସ୍ତ ଜିଲାରେ ଅନୁଷ୍ଠିତ ହୋଇଛି। ଏହି ସମସ୍ତ ସେବା କାର୍ଯ୍ୟକୁ ସମ୍ବଳ କରି ଜିଲା ଅନୁଯାୟୀ ଇ-ବୁକ୍ ଉନ୍ମୋଚିତ ହୋଇଛି। ରବିବାର ଘୁମୁସୁର ଜିଲା କାର୍ଯ୍ୟକ୍ରମରେ ପ୍ରଥମ ଇ-ବୁକ୍‌କୁ ରାଜ୍ୟ ସଭାପତି ସମୀର ମହାନ୍ତି ଉନ୍ମୋଚନ କରିଛନ୍ତି। ଏହି ଇ-ବୁକ୍ ଯୁଗଯୁଗକୁ ଭବିଷ୍ୟତ ପିଢ଼ିଙ୍କୁ ସେବା ପାଇଁ ପ୍ରେରଣା ଯୋଗାଇବ ବୋଲି ସମୀର କହିଛନ୍ତି। ସେହିପରି କେନ୍ଦ୍ରାପଡ଼ା ଜିଲାରେ ରାଷ୍ଟ୍ରୀୟ ଉପସଭାପତି ବୈଜୟନ୍ତ ପଣ୍ଡା, ସୁନ୍ଦରଗଡ଼ ଜିଲା କାର୍ଯ୍ୟକ୍ରମରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ ଉପସ୍ଥିତ ରହି ଇ-ବୁକ୍ ଉନ୍ମୋଚନ କରିଛନ୍ତି।

### ସମ୍‌ରେ କରୋନା ଟିକାର ଦ୍ୱିତୀୟ ପର୍ଯ୍ୟାୟ ପରୀକ୍ଷଣ ଖୁବ୍‌ଶୀଘ୍ର

**ଭୁବନେଶ୍ୱର, ୩୧।୮(ବ୍ୟୁରୋ):** ଭାରତର ନିଜସ୍ୱ କୋଭିଡ୍-୧୯ ଟିକା 'କୋଭାକ୍‌ସିନ'ର ଦ୍ୱିତୀୟ ପର୍ଯ୍ୟାୟ ମାନବ ପରୀକ୍ଷଣ ଖୁବ୍‌ଶୀଘ୍ର ସମ୍ ହସ୍ପିଟାଲରେ ଆରମ୍ଭ ହେବ। ଏ ନେଇ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ପ୍ରଥମ ପର୍ଯ୍ୟାୟ ପରୀକ୍ଷଣ ପ୍ରକ୍ରିୟା ଜାରି ରହିଥିବାବେଳେ ଦ୍ୱିତୀୟ ପର୍ଯ୍ୟାୟ ପରୀକ୍ଷଣ ଆରମ୍ଭ ନିମନ୍ତେ ପ୍ରସ୍ତୁତି ଜାରି ରହିଛି ବୋଲି ଏହି ପରୀକ୍ଷଣର ମୁଖ୍ୟ ପରୀକ୍ଷକ ତଥା ସମ୍ ହସ୍ପିଟାଲର କମ୍ୟୁନିଟି ମେଡିସିନ ବିଭାଗର ପ୍ରଫେସର ଡା. ଇ. ଭେଙ୍କଟ ରାଓ ସୂଚନା ଦେଇଛନ୍ତି। ପ୍ରଥମ ପର୍ଯ୍ୟାୟ ପରୀକ୍ଷଣରେ ସାମାଜିକ କର୍ମୀଙ୍କ ଶରୀରରେ କୌଣସି ପାର୍ଶ୍ୱ ପ୍ରତିକ୍ରିୟା ଦେଖାଦେଇନାହିଁ। ତେବେ ସେମାନଙ୍କ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ସୃଷ୍ଟି ହୋଇଛି କି ନାହିଁ ଓ କେତେ ପରିମାଣରେ ରୋଗ ପ୍ରତିରୋଧକ ଶକ୍ତି ସୃଷ୍ଟି ହୋଇଛି, ଏ ସମ୍ପର୍କରେ ଜାଣିବା ପାଇଁ ରକ୍ତ ନମୁନା ସଂଗ୍ରହ କରାଯାଇଛି ବୋଲି ସେ କହିଛନ୍ତି। ଭାରତ ବାୟୋଟେକ୍ ଓ ଇଣ୍ଡିଆନ କାଉନସିଲ ଫର୍ ମେଡିକାଲ ରିସର୍ଚ୍ଚର ମିଳିତ ସହଯୋଗରେ ଏହି ଟିକାର ପ୍ରସ୍ତୁତି ଚାଲିଥିବାବେଳେ ପରୀକ୍ଷଣ ନିମନ୍ତେ ଦେଶର ୧୨ଟି ଅନୁଷ୍ଠାନକୁ ମନୋନୀତ କରାଯାଇଛି। ରାଜ୍ୟର ଏକମାତ୍ର ଅନୁଷ୍ଠାନ ଭାବେ ସମ୍ ହସ୍ପିଟାଲକୁ ଏହି ଅନୁମତି ମିଳିଛି। ଦ୍ୱିତୀୟ ପର୍ଯ୍ୟାୟ ପରୀକ୍ଷଣ ସଫଳ ହେଲେ କରୋନା ବିରୋଧୀ ଲଢ଼େଇରେ ଏହା ପ୍ରମୁଖ ଅସ୍ତ୍ର ସାଜିବ ବୋଲି ଆଶା କରାଯାଉଛି।

# ସାଧାରଣରେ ନାପସନ୍ଦ

## ପ୍ରଶାନ୍ତ ଭୂଷଣ ରାୟ

**ଭୁବନେଶ୍ୱର,୩୧।୮(ବ୍ୟୁରୋ)**


ଶୀଳଭଦ୍ର ଶାସ୍ତ୍ରୀ।


ଭାରତୀ ଚକ୍ର।


ବୀରେନ୍ଦ୍ର ନାଏକ।


ନାଗାର୍ଜୁନ ସେଠୀ।

ଦୀର୍ଘଦିନ ଧରି ଜାତୀୟସ୍ତରଠାରୁ ଆରମ୍ଭକରି ଆଞ୍ଚଳିକ ଗଣମାଧ୍ୟମ ଏବଂ ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଥିବା ସାମାଜିକ କର୍ମୀ ତଥା ଆଇନଜୀବୀ ପ୍ରଶାନ୍ତ ଭୂଷଣଙ୍କ ଅଦାଲତ ଅବମାନନା ମାମଲାର ରାୟ ସୋମବାର ପ୍ରକାଶ ପାଇଛି। ସୁପ୍ରିମକୋର୍ଟ ଶୁଣାଇଥିବା ରାୟ ବେଶ୍ ଆଶ୍ଚର୍ଯ୍ୟ କରିବା ଭଳି ଆସିଛି। ଦୀର୍ଘଦିନ ପର୍ଯ୍ୟନ୍ତ ଏହି ଘଟଣାର ଆଲୋଚନା ପର୍ଯ୍ୟାଲୋଚନା କୋର୍ଟରେ ଚାଲିଥିବାବେଳେ ସୋମବାର ପ୍ରଶାନ୍ତ ଭୂଷଣଙ୍କୁ ଜରିମାନା ବାବଦରେ ୧ ଟଙ୍କା ଦେବା କୋର୍ଟ ରାୟ ଦେବାକୁ ଶୁଣାଯାଇଛି। ଯଦି ଏହି ଜରିମାନା ରାଶି ଭୂଷଣ ନ ଦିଅନ୍ତି ତାଙ୍କୁ ୩ ମାସ ପର୍ଯ୍ୟନ୍ତ ଜେଲଦଣ୍ଡ ସହିତ ୩ ବର୍ଷ ଯାଏ ଓକିଲାତି କାର୍ଯ୍ୟ କରିପାରିବେ ନାହିଁ ବୋଲି ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏଭଳି ରାୟ ଆସିବାପରେ ସାଧାରଣରେ ଭିନ୍ନ ଧରଣର ପ୍ରତିକ୍ରିୟା ପ୍ରକାଶ ପାଇଛି।

ଏହି ଘଟଣାକୁ ନେଇ ଆଇନଜୀବୀ ଶୀଳଭଦ୍ର ଶାସ୍ତ୍ରୀ କହିଛନ୍ତି, ସୁପ୍ରିମକୋର୍ଟଙ୍କ ରାୟ ଆସିବାପରେ ପ୍ରଶାନ୍ତ ଭୂଷଣ ପୁଣିଥରେ ଏହା ଉପରେ ରିଭ୍ୟୁ ପିଟିଶନ ଦାଖଲ କରିବେ ବୋଲି ଶୁଣାଯାଉଛି। ଏହା ମଧ୍ୟ ବାସ୍ତବରେ କରାଯିବା ଦରକାର। ଟଙ୍କାଏ ଜରିମାନା ଯାହା ଲକ୍ଷେ ମଧ୍ୟ ଜରିମାନା ସମାନ। ଦଣ୍ଡ ସବୁବେଳେ ଦଣ୍ଡ। ସୁପ୍ରିମକୋର୍ଟ କାହାକୁ ଆଧାରକରି ଏଭଳି ଦଣ୍ଡ ଶୁଣାଉଛନ୍ତି ବାସ୍ତବରେ ଜଣାନାହିଁ। କେବଳ ଭୂଷଣଙ୍କ ଟୁଇଟ୍ କଥା କୁହାଯାଉଛି, ହେଲେ ସେଥିରୁ କେଉଁ ଭୁଲ୍ ଧରାଯାଇଛି ଜଣାପଡୁନି। କିନ୍ତୁ ଭବିଷ୍ୟତ ପାଇଁ ଏହା ଶୁଭସୂଚକ ନୁହେଁ। ଏଥିରେ ସଂଶୋଧନ ଆସିବା ନିତାନ୍ତ ଆବଶ୍ୟକ ବୋଲି ସେ କହିଛନ୍ତି। ସାମାଜିକ କର୍ମୀ ଭାରତୀ ଚକ୍ର କହିଛନ୍ତି, ସୁପ୍ରିମକୋର୍ଟଙ୍କ ରାୟ ଉପରେ ପ୍ରଶ୍ନ ଉଠାଇବା ଜଣେ ସାଧାରଣ ଲୋକଙ୍କ ପକ୍ଷେ ଉଚିତ ନୁହେଁ। ହେଲେ ବିଗତ ବର୍ଷଗୁଡ଼ିକରେ ଏଭଳି କିଛି ରାୟ ଆସିଛି ଯାହା ଜନସାଧାରଣଙ୍କ ମନରେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି। ପ୍ରଶାନ୍ତ ଭୂଷଣଙ୍କ ଘଟଣା ଦେଖିଲେ ସେହିଭଳି ଜଣାପଡୁଛି। ତାଙ୍କ ବିରୋଧରେ ସୁପ୍ରିମକୋର୍ଟ ଯେଉଁ ରାୟ ଶୁଣାଇଛନ୍ତି ତାକୁ ଦେଖିଲେ ଲାଗୁଛି କୌଣସି ଲୋକ ପ୍ରଶ୍ନ କରିପାରିବେ ନାହିଁ। ସର୍ବୋଚ୍ଚ ନ୍ୟାୟାଳୟ ଲୋକଙ୍କ ପ୍ରତି ଉତ୍ତରଦାୟୀ ନୁହେଁ କି ବୋଲି ସେ ପ୍ରଶ୍ନ କରିଛନ୍ତି। ଅବସରପ୍ରାପ୍ତ ପ୍ରଫେସର ବୀରେନ୍ଦ୍ର ନାଏକ କହିଛନ୍ତି ଯେ, ପ୍ରଶାନ୍ତ ଭୂଷଣ ସବୁବେଳେ ସାଧାରଣ ଲୋକଙ୍କ ପାଇଁ ମାଗଣାରେ ମାମଲା ଲଢ଼ନ୍ତି। ଯଦି ତାଙ୍କ ବିରୋଧରେ କିଛି ବଡ଼ ସଜା ହୋଇଥିଲେ ତାହାର ପ୍ରଭାବ ସାଧାରଣ ଓ ଗରିବ ଲୋକଙ୍କ ଉପରେ ପଡିଥାଆନ୍ତା। ସେ ଟଙ୍କାଏ ଫାଇନ ଦେଇଦେବେ ହେଲେ ନିଜ ଜିଦ୍‌ରେ ଅଟଳ ରହିଲେ। ସେ କହିଥିଲେ, ଯାହା ସଜା ଦେଲେ ଗ୍ରହଣ କରିବେ ହେଲେ କ୍ଷମା ମାଗିବେ ନାହିଁ। ଶେଷ ପର୍ଯ୍ୟନ୍ତ ମଧ୍ୟ ସେ ସମାନ କଥା କହିଛନ୍ତି, କିଛି ଭୁଲ୍ ସେ କରିନାହାନ୍ତି। ସୁପ୍ରିମକୋର୍ଟ ମଧ୍ୟ ନିଜ ଆଭିମୁଖ୍ୟରେ ପରିବର୍ତ୍ତନ ଆଣିଛନ୍ତି। ପ୍ରଥମରୁ ସୁପ୍ରିମକୋର୍ଟ ଯେଉଁଭଳି ହେଉଥିଲେ ଶେଷ ପର୍ଯ୍ୟନ୍ତ ତାହା ରହିଲା ନାହିଁ। ଆଗକୁ ତାଙ୍କ ପାଇଁ ରିଭ୍ୟୁ ପିଟିଶନ ମଧ୍ୟ ଦାଖଲ କରିବାର ବାଟ ଖୋଲା ରହିଛି। ଅନ୍ୟପଟେ ସୁପ୍ରିମକୋର୍ଟ ଲୋକଙ୍କ ଶେଷ ବିଶ୍ୱାସ। ସର୍ବୋଚ୍ଚ ନ୍ୟାୟାଳୟ ମଧ୍ୟ ଯେତେ ଟାଣ ଆଭିମୁଖ୍ୟ ରଖିବ ସେତେ ଭଲ ବୋଲି ସେ କହିଛନ୍ତି। ଆଇନଜୀବୀ ନାଗାର୍ଜୁନ ସେଠୀ କହିଛନ୍ତି ଯେ, କଣ୍ଟେମ୍ପ୍ଟ ପ୍ରୋସିଡିଂ ଜଣେ ଆଇନଜୀବୀଙ୍କ ଉପରେ କରିବା ଉଚିତ ନୁହେଁ। ଆଜି ଯେଉଁଭଳି ରାୟ ଆସିଲା ସାଧାରଣତଃ ବହୁ ବଡ଼ ଲୋକଙ୍କ ମାମଲାରେ ଏପରି ରାୟ ଆସିଥାଏ। ଏହା ଉପରେ ରିଭ୍ୟୁ ପିଟିଶନ ଦାଖଲ କରିବା ଉଚିତ। ଅନ୍ୟପଟେ ଭୂଷଣଙ୍କ ଟୁଇଟ୍‌ର କେଉଁ ଭୁଲ୍ ଧରାଯାଇଛି ତାହା ଜଣାପଡୁନାହିଁ ବୋଲି ସେ କହିଛନ୍ତି।


କଟକ ଖାନ୍‌ନଗର କାଳିବିହାରରେ ବନ୍ୟାଜଳ ପଶିବା ପରେ ବସ୍ତିର ଘର ସବୁ ଜଳମଗ୍ନ ହୋଇଛି।

# ଆଜିଠୁ ଜେଇଇ ମେନ୍

**ଭୁବନେଶ୍ୱର, ୩୧।୮(ବ୍ୟୁରୋ)**

### ଓଡ଼ିଶାରେ ୩୭ ହଜାର ଛାତ୍ରୀଛାତ୍ର ପରୀକ୍ଷା ଦେବେ

ଓଡ଼ିଶା ସମେତ ସାରା ଦେଶରେ ମଙ୍ଗଳବାରଠାରୁ ଯୁଗ୍ମ ପ୍ରବେଶିକା ପରୀକ୍ଷା (ଜେଇଇ ମେନ୍) ଆରମ୍ଭ ହେଉଛି। ଏହା ଆସନ୍ତା ୬ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିପାଇଁ ଚଳିତବର୍ଷ ରାଜ୍ୟର ମୋଟ ୭ ସହରରେ ୨୬ଟି କେନ୍ଦ୍ର କରାଯାଇଥିବାବେଳେ ପ୍ରାୟ ୩୭ହଜାର ଛାତ୍ରୀଛାତ୍ର ପରୀକ୍ଷା ଦେବେ। ଏହି କେନ୍ଦ୍ରଗୁଡ଼ିକ ମଧ୍ୟରୁ ଭୁବନେଶ୍ୱରରେ ୬ଟି ରହିଥିବାବେଳେ କଟକରେ ୪, ବାଲେଶ୍ୱର ୫, ବ୍ରହ୍ମପୁର ୪, ସମ୍ବଲପୁର ୪, ଢେଙ୍କାନାଳ ୨, ରାଉରକେଲାରେ ଗୋଟିଏ ପରୀକ୍ଷା କେନ୍ଦ୍ର ରହିଛି। ତେବେ ପରୀକ୍ଷା ସୁପରିଚାଳନା ପାଇଁ ରାଜ୍ୟ ସରକାର ଆବଶ୍ୟକ ପଦକ୍ଷେପ ଗ୍ରହଣ କରିଛନ୍ତି। କୋଭିଡ୍ ମହାମାରୀ ଯୋଗୁ ଛାତ୍ରୀଛାତ୍ରଙ୍କ ପରୀକ୍ଷା କେନ୍ଦ୍ରକୁ ଯିବା ଆସିବାରେ ଅସୁବିଧା ଯେପରି ନ ହେବ ସେଥିପାଇଁ ଗୁରୁତ୍ୱ ଦିଆଯାଇଛି। ଅଗଷ୍ଟ ୩୦ରୁ ସେପ୍ଟେମ୍ବର ୭ ପର୍ଯ୍ୟନ୍ତ ପରୀକ୍ଷାର୍ଥୀଙ୍କ ଯାତାୟାତ ଉପରେ କଟକଣା ହଟାଯାଇଛି। ସ୍ୱତନ୍ତ୍ର ବସ୍ ଜରିଆରେ ନୋଡାଲ ଅଫିସରଙ୍କ ତଦାରଖରେ ଛାତ୍ରୀଛାତ୍ରଙ୍କୁ ପରୀକ୍ଷା କେନ୍ଦ୍ରକୁ ପଠାଇବାର ବ୍ୟବସ୍ଥା କରାଯାଇଛି। ସମସ୍ତ ପରୀକ୍ଷା କେନ୍ଦ୍ରରେ ମୋବାଇଲ ଟିମ୍, ପୋଲିସ ଟିମ୍, ସାନିଟାଇଜିଂ ବ୍ୟବସ୍ଥା କରାଯିବ। ଛାତ୍ରୀଛାତ୍ର ଓ ସେମାନଙ୍କ ଅଭିଭାବକଙ୍କ ରହିବା ଓ ଖାଇବା ପାଇଁ ହୋଟେଲ ବ୍ୟବସ୍ଥା ନିମନ୍ତେ ଓଡ଼ିଶା ହୋଟେଲ ଓ ରେସ୍ତୋରାଁ ସଂଘ ଅଧ୍ୟକ୍ଷଙ୍କ ସହ ପୁରୀ, ସମ୍ବଲପୁର ଓ ରାଉରକେଲା ହୋଟେଲ ସଂଘକୁ ପର୍ଯ୍ୟଟନ ବିଭାଗ ଚିଠି ଲେଖିଛି। ସେହିଭଳି ପିଲାଙ୍କ ସ୍ୱାସ୍ଥ୍ୟ ଓ ପରୀକ୍ଷା ସମ୍ପର୍କିତ ସମସ୍ୟାର ସମାଧାନ କରାଯିବ। ପରୀକ୍ଷା କେନ୍ଦ୍ର ବାହାରେ ଭିଡ଼କୁ ଏଡ଼ାଇବା ପାଇଁ ମାଇକ୍ ଯୋଗେ ଲୋକଙ୍କୁ ସଚେତନ କରାଯିବ।

# ୨୫ ଓଏଏସ୍ ଅଫିସରଙ୍କ ବଦଳି

**ଭୁବନେଶ୍ୱର,୩୧।୮ (ବ୍ୟୁରୋ)**

ରାଜ୍ୟ ସରକାର ସୋମବାର ଓଏଏସ୍ ଅଫିସର ସ୍ତରରେ ଅଦଳବଦଳ କରିଛନ୍ତି। ୨୫ ଜଣ ଓଏଏସ୍ ଅଧିକାରୀଙ୍କୁ ବିଭିନ୍ନ ସ୍ଥାନକୁ ବଦଳି କରାଯାଇଛି। ସେମାନଙ୍କ ମଧ୍ୟରେ ଶୈଳେନ୍ଦ୍ର କୁମାର ଦ୍ୱିବେଦୀଙ୍କୁ ପର୍ଯ୍ୟଟନ ବିଭାଗ ଅତିରିକ୍ତ ସଚିବ, କୃଷ୍ଣପ୍ରସାଦ ପତିଙ୍କୁ ଇଆଣ୍ଡ୍‌ଆଇଟି ବିଭାଗ ଅତିରିକ୍ତ ସଚିବ, ଦୟାନିଧି ନାୟକଙ୍କୁ କୃଷି ବିଭାଗ ଅତିରିକ୍ତ ସଚିବ ଭାବେ ନିଯୁକ୍ତି ମିଳିଥିବାବେଳେ ମେରି ଲାକ୍ରାଙ୍କୁ ଅବକାରୀ ବିଭାଗ ଅତିରିକ୍ତ ସଚିବ ଭାବେ ବଦଳି କରାଯାଇଛି। ସେହିପରି ମୋହନ ଚରଣ ଦାସଙ୍କୁ ମହିଳା, ଶିଶୁ କଲ୍ୟାଣ ଓ ମିଶନ୍ ଶକ୍ତିର ଅତିରିକ୍ତ ସଚିବ, ପ୍ରଭାତ କୁମାର ଭୋଇଙ୍କୁ ଜଳ ସମ୍ପଦ ବିଭାଗ ଅତିରିକ୍ତ ସଚିବ ଭାବେ ନିଯୁକ୍ତି ଦିଆଯାଇଛି। ବିଶ୍ୱନାଥ ବାରିକଙ୍କୁ ଲୋକାୟୁକ୍ତଙ୍କ ଅତିରିକ୍ତ ସଚିବ, ଦୁର୍ବାଦଳ ମେହେରଙ୍କୁ ଶିଳ୍ପ ବିଭାଗ ଅତିରିକ୍ତ ସଚିବ, ମନୋଜା ଦେବୀଙ୍କୁ ସାଧାରଣ ପ୍ରଶାସନ ବିଭାଗ ଅତିରିକ୍ତ ସଚିବ, ତ୍ରିଲୋଚନ ମାଝିଙ୍କୁ ଆୟୁଷ ନିର୍ଦ୍ଦେଶକ ଓ ନୃସିଂହ ଚରଣ ସ୍ୱାଇଁଙ୍କୁ ଅର୍ଥ ବିଭାଗ ଅତିରିକ୍ତ ସଚିବ ଭାବେ ନିଯୁକ୍ତି ମିଳିଥିବା ଜଣାପଡ଼ିଛି। ସେହିପରି ବିଜୟ କୁମାର ପୃଷ୍ଟିଙ୍କୁ ଅର୍ଥ ବିଭାଗ ଅତିରିକ୍ତ ସଚିବ, ପୁରନ୍ଦର ଧାରୁଆଙ୍କୁ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ଯୁଗ୍ମ ସଚିବ ଭାବେ ନିଯୁକ୍ତି ଦିଆଯାଇଛି।

**PARADIP PORT TRUST**

**CORRIGENDUM TO TENDER CALL NOTICE NO. EM/MM/P/HW/16/2020/163, DT. 07/08/2020 FOR SUPPLY OF FENCING OIL BOOM**

The due date of submission of Tender & Opening of Technical Bid is hereby further extended as below:
(1) In the technical specification of Fencing Oil Boom, the fabric Tensile strength may be read as minimum **200N/MM instead of 200N/SQ.MM.** (2) Last date of submission of Tender up to 17.00 Hours of **Dt. 10/09/2020**. (3) Opening of Technical Bid at 15.30 Hours of **Dt. 14/09/2020.** All other terms and condition in the original tender remained unaltered. For details of the tender interested bidders may log on to our website : **www.paradipport.gov.in** or contact the office of the undersigned.

**Sr. Dy. Materials Manager**
**PPT/PR/186/20-21 Date : 31.08.2020**

**PARADIP PORT TRUST**

**No. EM/MM/P/IOHP/20/2020/177**
**Dt. 28.08.2020**
**e-Tendering Notice**

Online tenders in three bid system i.e. (1) EMD Bid (2) Technical Bid (3) Price Bid are invited from manufacturers/ authorized dealers for supply of **Air, Compressor make-Doosan/JK/Indo-Air/Elgi/Kirloskar.** The last date and time of submission of the tender is 17.15 Hours on Dt. 22/09/2020. For details, log on to website **https://eprocure.gov.in/eprocure/app.**

**PPT/PR/187/20-21** **Date 31.08.2020**
**Sr. Dy. Materials Manager**


OLA
ପ୍ରିୟ **OLA** ପାର୍ଟନର !
ଆପଣ ନିଜ ଅଟୋକୁ **OLA** ସହିତ ଜଡିତ କରିବା ପାଇଁ ଚାହୁଁଛନ୍ତି ? ଏବେ ଆଉ ଚିନ୍ତା ନାହିଁ, ଏବେ ହିଁ କଲ୍ କରନ୍ତୁ **033-40836591** । ମାତ୍ର ଗୋଟେ ହିଁ କଲ୍‌ରେ ଆପଣ **Online** ହୋଇ ରୋଜଗାର ଆରମ୍ଭ କରି ପାରିବେ ।
ଶୀଘ୍ର କରନ୍ତୁ ଏହା କେବଳ ସୀମିତ ସମୟ ପାଇଁ ଉପଲବ୍ଧ ।
ଧନ୍ୟବାଦ
**OLA** ଭୁବନେଶ୍ୱର

# ୩ ଦୋଷୀଙ୍କୁ ଆଜୀବନ କାରାଦଣ୍ଡ

**କେନ୍ଦୁଝର, ୩୧।୮(ସ୍ୱ.ପ୍ର./ଡି.ଏନ.ଏ.)**

### ଗୁଣିଗାରେଡି ସନ୍ଦେହରେ ଦମ୍ପତିଙ୍କୁ ହତ୍ୟା ମାମଲା

ଗୁଣିଗାରେଡି ସନ୍ଦେହରେ ଏକ ଦମ୍ପତିଙ୍କୁ ହତ୍ୟା ମାମଲାର ବିଚାର କରି ସୋମବାର କେନ୍ଦୁଝର ଅତିରିକ୍ତ ଜିଲା ଜଜ୍ ଲୋକନାଥ ସାହୁ ୩ଜଣଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ୯ଜଣଙ୍କୁ ନିର୍ଦ୍ଦୋଷରେ ଖଲାସ କରାଯାଇଛି। ଏହାସହ ଦୋଷୀଙ୍କଠାରୁ ୪୫ହଜାର ଟଙ୍କା ଜରିମାନା ଆଦାୟ କରି ମୃତକଙ୍କ ଝିଅଙ୍କୁ କ୍ଷତିପୂରଣ ଦେବା ଲାଗି ରାୟରେ କୁହାଯାଇଛି। ଦୋଷୀମାନେ ହେଲେ ବସନ୍ତ ଦେହୁରୀ, ଗୌତମ ପେଣ୍ଡଇ ଓ ମିଟୁ ମଲ୍ଲିକ। ୨୦୧୪ ଅକ୍ଟୋବର ୯ ରାତିରେ ନୟାକୋଟ ଥାନା ଅଧୀନ ବାଂଶପାଳ ବ୍ଲକ ସାହାରପୁର ଗ୍ରାମର ରାଜେନ୍ଦ୍ର ଦେହୁରୀ ଓ ତାଙ୍କ ପତ୍ନୀ ଜେମାମଣି ଗୁଣିଗାରେଡି କରୁଥିବା ସନ୍ଦେହରେ ସଂଘବଦ୍ଧ ଭାବରେ ଆକ୍ରମଣ କରାଯାଇଥିଲା। ସେମାନଙ୍କୁ ଘରୁ ବାହାରକୁ ଘୋଷାରି ଆଣି ମୁଣ୍ଡ ଗଣ୍ଡି ଅଲଗା କରି ନୃଶଂସ ଭାବରେ ହତ୍ୟା କରାଯାଇଥିଲା। ଏହି ଘଟଣାରେ ସେମାନଙ୍କ ଝିଅ ପୂଜା ଦେହୁରୀ ଗୁରୁତର ଆହତ ହୋଇଥିଲେ। ନୟାକୋଟ ଥାନା ପୋଲିସ ପହଞ୍ଚି ମୃତଦେହ ଉଦ୍ଧାର କରିବା ସହ ଆହତ ଝିଅଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଏନେଇ ମାମଲା(ନଂ.୪୪/୨୦୧୪) ରୁଜୁ କରାଯାଇ ମୋଟ ୧୨ଜଣଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଥିଲା। ୧୮ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି କୋର୍ଟ ଏହି ଦଣ୍ଡାଦେଶ ଦେଇଛନ୍ତି ବୋଲି ବରିଷ୍ଠ ସରକାରୀ ଓକିଲ ପ୍ରଫୁଲ୍ଲ ପାତ୍ର କହିଛନ୍ତି। ସରକାରଙ୍କ ଭିକ୍ଟିମ କମ୍ପେନସେସନ ଆକ୍ଟ ଅନୁସାରେ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦେବାକୁ କୋର୍ଟ ଆଦେଶ ଦେଇଛନ୍ତି ବୋଲି ଆଇନଜୀବୀ ସୁରଜ ମହାପାତ୍ର କହିଛନ୍ତି।

# ୩୨ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ

**ସମ୍ବଲପୁର, ୩୧।୮ (ବ୍ୟୁରୋ)**

ହୀରାକୁଦ ଡ୍ୟାମର ଜଳସ୍ତର ସୋମବାର ସନ୍ଧ୍ୟା ସୁଦ୍ଧା ୬୨୬.୭୧ ଫୁଟ ରହିଛି। ପ୍ରତି ସେକେଣ୍ଡରେ ଜଳଭଣ୍ଡାର ଭିତରକୁ ୪,୪୯,୬୦୦ କ୍ୟୁସେକ ଜଳ ପ୍ରବେଶ କରୁଛି। ମୋଟ୍ ୩୨ଟି ସ୍ଲୁଇସ୍ ଗେଟ, ବିଭିନ୍ନ କେନାଲ ଓ ପାୱାର ଚାନେଲ ଦେଇ ପ୍ରତି ସେକେଣ୍ଡରେ ଜଳଭଣ୍ଡାରୁ ୫,୬୩,୯୫୭ କ୍ୟୁସେକ ଜଳ ନିଷ୍କାସନ ହେଉଛି। ବେଲଗାଁରେ ୨୦ ହଜାର, ପଥର୍ଲାରେ ୭୨,୪୬୦, ଖଇରମାଳରେ ୮,୧୪,୦୦୦, ବରମୁଳାରେ ୮,୮୮,୦୦୦, ମୁଣ୍ଡଳିରେ ୧୦,୨୬,୨୧୮ କ୍ୟୁସେକ ଜଳ ପ୍ରବାହିତ ହେଉଛି।

# ୩୦ ମଧ୍ୟରେ ୟୁଜି, ପିଜି ଶେଷବର୍ଷ ସେମିଷ୍ଟର ପରୀକ୍ଷା

**ଭୁବନେଶ୍ୱର,୩୧।୮(ବ୍ୟୁରୋ)**

- ଅକ୍ଟୋବର ୩୧ ସୁଦ୍ଧା ସମସ୍ତ ପରୀକ୍ଷାଫଳ
- ପରୀକ୍ଷା ପଦ୍ଧତି ନେଇ ବିଶ୍ୱବିଦ୍ୟାଳୟ, ସ୍ୱୟଂଶାସିତ ମହାବିଦ୍ୟାଳୟ ନିଷ୍ପତ୍ତି ନେବେ

ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ମାର୍ଗଦର୍ଶିକା ଅନୁସାରେ ରାଜ୍ୟର ସମସ୍ତ ବିଶ୍ୱବିଦ୍ୟାଳୟ ଓ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଣ୍ଡର ଗ୍ରାଜୁଏଟ୍(ୟୁଜି) ଏବଂ ପୋଷ୍ଟ ଗ୍ରାଜୁଏଟ୍(ପିଜି) ଶେଷବର୍ଷ ସେମିଷ୍ଟର ପରୀକ୍ଷା ସେପ୍ଟେମ୍ବର ୩୦ ତାରିଖ ମଧ୍ୟରେ ଅନୁଷ୍ଠିତ ହେବ। ଅକ୍ଟୋବର ୩୧ ସୁଦ୍ଧା ସମସ୍ତ ପରୀକ୍ଷା ଫଳ ପ୍ରକାଶ କରାଯିବ। ଅଫ୍‌ଲାଇନ୍, ଅନ୍‌ଲାଇନ୍, ବ୍ଲେଣ୍ଡେଡ୍ (ଅନ୍‌ଲାଇନ୍ + ଅଫଲାଇନ୍) ମଲ୍ଟିପୁଲ୍ ଚଏସ୍, ଓପନ୍ ବୁକ୍ ଏବଂ ଓଏମ୍‌ଆର୍ ଆଦି ଯେକୌଣସି ଅନୁମୋଦିତ ପଦ୍ଧତିରେ ପରୀକ୍ଷା କରାଯାଇପାରିବ। ସମ୍ପୃକ୍ତ ବିଶ୍ୱବିଦ୍ୟାଳୟ ଓ ସ୍ୱୟଂଶାସିତ ମହାବିଦ୍ୟାଳୟ କର୍ତ୍ତୃପକ୍ଷ ଉପଯୁକ୍ତ ପରୀକ୍ଷା ପଦ୍ଧତି ବିଷୟରେ ନିଷ୍ପତ୍ତି ନେବେ। ସୋମବାର ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ବିଶ୍ୱବିଦ୍ୟାଳୟ କୁଳପତି ଏବଂ ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କୁ ନେଇ ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି। ତେବେ ୟୁଜିସି ମାର୍ଗଦର୍ଶିକା ଅନୁସାରେ ଯେଉଁ ଛାତ୍ରୀଛାତ୍ରମାନେ ଫାଇନାଲ ପରୀକ୍ଷା ଦେବାକୁ ଚାହିଁବେ ନାହିଁ କିମ୍ବା ଦେଇପାରିବେ ନାହିଁ, ସେମାନଙ୍କ ନିମନ୍ତେ କୋଭିଡ୍-୧୯ ପରିସ୍ଥିତି ସୁଧୁରିଲେ ବିଶ୍ୱବିଦ୍ୟାଳୟ/ ସ୍ୱୟଂଶାସିତ ମହାବିଦ୍ୟାଳୟ ପକ୍ଷରୁ ସ୍ୱତନ୍ତ୍ର ପରୀକ୍ଷା ପେନ୍ ଓ ପେପର ମୋଡ୍‌ରେ ଡିସେମ୍ବରରେ କରିବା ପାଇଁ ବ୍ୟବସ୍ଥା କରାଯିବ। ଏଥିସହିତ ଫାଇନାଲ୍ ସେମିଷ୍ଟର ବା ଶେଷ ବର୍ଷର ଛାତ୍ରୀଛାତ୍ରଙ୍କ ବ୍ୟାକ୍ ପେପର ପରୀକ୍ଷା କରାଯାଇ ଅକ୍ଟୋବର ୩୧ ସୁଦ୍ଧା ଫଳ ପ୍ରକାଶ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଉଚ୍ଚଶିକ୍ଷା ବିଭାଗ ଶାସନ ସଚିବ ଶାଶ୍ୱତ ମିଶ୍ର, ଉଚ୍ଚଶିକ୍ଷା ପରିଷଦ ଉପାଧ୍ୟକ୍ଷ ଅଶୋକ ଦାସ ପ୍ରମୁଖ ଯୋଗ ଦେଇଥିଲେ।

# ଗ୍ରାମାଞ୍ଚଳ, ଜନଜାତି ଅଞ୍ଚଳରେ ଶିକ୍ଷାର ପାର୍ଥକ୍ୟକୁ ଦୂର କରିବ ନୂଆ ଶିକ୍ଷାନୀତି: ଧର୍ମେନ୍ଦ୍ର

**ଭୁବନେଶ୍ୱର,୩୧।୮(ବ୍ୟୁରୋ)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନୂଆ ଶିକ୍ଷା ନୀତି ୨୦୨୦ ତଥା ଏହାର ଅଧୀନରେ ଗଠିତ ସ୍ୱତନ୍ତ୍ର ଶିକ୍ଷା ଜୋନ ଗ୍ରାମାଞ୍ଚଳ ତଥା ଜନଜାତି ଅଞ୍ଚଳରେ ଥିବା ଶିକ୍ଷାର ପାର୍ଥକ୍ୟକୁ ଦୂର କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିବ। ଓଡ଼ିଶା ସମେତ ଦେଶର ଭିନ୍ନକ୍ଷମ ଶ୍ରେଣୀଙ୍କ ପାଇଁ ଶିକ୍ଷା କ୍ଷେତ୍ରରେ ସମାନ ସୁଯୋଗ ପ୍ରଦାନ କରିବ ବୋଲି ଟୁଇଟ କରି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ସମସ୍ତଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବା ଦିଗରେ ମୋଦି ସରକାରଙ୍କ ଥିବା ଅଦମ୍ୟ ପ୍ରତିବଦ୍ଧତାକୁ ନୂଆ ଶିକ୍ଷାନୀତି ସହାୟକ ହେବ। ଆବଶ୍ୟକ ଏବଂ ବିଶ୍ଳେଷଣ ଆଧାରିତ ଶିକ୍ଷା ଏବଂ ଛାତ୍ରୀଛାତ୍ରଙ୍କ ନୂଆ ଚିନ୍ତାଧାରାକୁ ବିକଶିତ କରିବା ପାଇଁ ପ୍ରସ୍ତୁତ ହୋଇଥବା ନୂଆ ନୀତି ଭାରତୀୟ ଶିକ୍ଷା ବ୍ୟବସ୍ଥାକୁ ଅଧିକ ସଶକ୍ତ କରିବ। ୧୦+୨ ଢ଼ାଞ୍ଚାରେ ପରିବର୍ତ୍ତନ କରି ଏହା ସ୍ଥାନରେ ୫+୩+୩+୪ ବ୍ୟବସ୍ଥାର ସଂଶୋଧନ କରାଯାଇଛି। ବୈପ୍ଳବିକ ସଂସ୍କାରଭାବେ ପରିଗଣିତ ନୂଆ ଶିକ୍ଷା ନୀତି ଛାତ୍ରୀଛାତ୍ରଙ୍କ ସାମୂହିକ ବିକାଶକୁ ଗୁରୁତ୍ୱ ଦେବ ଓ ପିଲାଙ୍କର ବୌଦ୍ଧିକ କ୍ଷମତାକୁ ବିକଶିତ କରିବ। ନୂଆ ଜାତୀୟ ଶିକ୍ଷା ନୀତି-୨୦୨୦ ଦେଶର ଶିକ୍ଷା ବ୍ୟବସ୍ଥାରେ ରହିଥିବା ଦୂରତାକୁ ଦୂର କରିବ ଏବଂ ଆମ ଦେଶର ଶିକ୍ଷାଗତ ଦୃଶ୍ୟପଟ୍ଟକୁ ପରିବର୍ତ୍ତନ କରିବ। ସମାବେଶୀ କାର୍ଯ୍ୟକ୍ରମ ମୋଦି ସରକାରଙ୍କ ମନ୍ତ୍ର ହୋଇଛି ଏବଂ ଭାରତ ସରକାରଙ୍କ ସମସ୍ତ ନୀତି ଢ଼ାଞ୍ଚା ଏହାର ଉଦାହରଣ ବୋଲି ଧର୍ମେନ୍ଦ୍ର କହିଛନ୍ତି।

**ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.**
**ODISHA POWER TRANSMISSION CORPORATION LIMITED**
(A Government of Odisha Undertaking)
OPTCL Lifeline of Odisha
OFFICE OF THE SENIOR GENERAL MANAGER (CONSTRUCTION), ZONAL-I, TECHNICAL BUILDING, 1ST FLOOR, BHOINAGAR, BHUBANESWAR – 751 022, TEL. 0674 –2546353, Email:-sgm.con1.bbs@optcl.co.in
Website: www.optcl.co.in, CIN:U4102OR2004SGC007553

**NOTIFICATION**

**No:Sr.GM(TP&C)\Publication\Gaz\08\(Vol.IV) 1652** **Date: 31.08.2020**

In accordance with Section-164 of Indian Electricity Act, 2003 and in exercise of the power conferred upon OPTCL vide Department of Energy, Government of Odisha **Order No: R&R-II-10\2006\2353 dated 09.03.2006**, the following transmission scheme, which are intended to be undertaken by the Odisha Power Transmission Corporation Limited for execution, are published for general information. It is also notified in the interest of general public that any person interested in making representation regarding the execution of the above scheme, may submit such representation in writing so as to reach the **Senior General Manager, (Construction), Zone-I, Odisha Power Transmission Corporation Limited, Technical Building, 1st Floor, Bhoinagar, Bhubaneswar-751022** within two months from the date of publication of this notification. Full details of the scheme and plan may be seen in the office of the concerned Deputy General Manager (Elect.), as mentioned against the work, on any working day during office hours.

| Sl. No. | Name of the Work & Scope | Name of the Village in which the line will pass | Tentative Estimated Amount in (₹. Crs.) | Name of the Officer to be contacted | Perceived benefit, that may accrue |
|---|---|---|---|---|---|
| 1. | Construction of proposed 132KV DC line from M/S. Mangillal Rungta to proposed MRSS of M/S. Rungta Mines, Jharbandh, Dhenkanal | **Tahasil : ODAPADA** **R.I. Circle: Motanga** **Revenue Village:** Tulasidhia, Kangalpal **Tahasil: HINDOL** **R.I. Circle: Paikapurunakote** **Revenue Village:** Bhanupada, Galapada, Kothalu, Jharbandh | ₹ 5.15 Cr. | D.G.M (Elec.), EHT (C) Division, Angul. | This will facilitate the un-interrupted power supply to M/S. Rungta Mines, Jharband, Dhenkanal & overall development of Odisha State in general. |

(Sakti Prasad Das)
**Sr. General Manager (C), Zone-I**
Please connect us: optcl.odisha optcl_odisha energyodisha

ଯେଉଁମାନେ ଗରିବ, ଅଜ୍ଞାନ, ନୀଚକୁଳରେ ଜାତ ଓ କଦର୍ଯ୍ୟ ପରିବେଶରେ ପ୍ରତିପାଳିତ ସେମାନଙ୍କୁ ଆମେ ଇତର ସାଧାରଣ ମଣିଷ ବୋଲି କହିବା ନାହିଁ ବରଂ ଅନ୍ୟପକ୍ଷରେ, ଆମେ ସେଇମାନଙ୍କୁ ହିଁ ଇତର ସାଧାରଣ ମଣିଷ କହିବା- ଯେଉଁମାନେ ଛୋଟ ଛୋଟ କଥାଗୁଡ଼ିକୁ ନେଇ ବଞ୍ଚିଥାନ୍ତି ଓ ଏକ ସାଧାରଣ ଜୀବନକୁ ନେଇ ସନ୍ତୁଷ୍ଟ ଥାନ୍ତି । -ଶ୍ରୀଅରବିନ୍ଦ



# ଅର୍ଥ ଚିନ୍ତା

ବିଶ୍ୱବ୍ୟାଙ୍କ ଜୁନ୍ ୨୦୨୦ରେ ଏକ ରିପୋର୍ଟ ପ୍ରକାଶ କରିଥିଲା ଯେ କୋଭିଡ୍-୧୯ ଯୋଗୁ ବିଶ୍ୱ ଭୟଙ୍କର ମାନ୍ଦାବସ୍ଥା ଦେଇ ଗତି କରିବ, ଯେଉଁଥିରେ ଲୋକଙ୍କ ମୁଣ୍ଡପିଛା ଆୟ କମିଯିବ ଏବଂ ଲକ୍ଷ ଲକ୍ଷ ଲୋକ ଦାରିଦ୍ର୍ୟ ଭିତରକୁ ଠେଲି ହୋଇଯିବେ। ଫଳରେ ୨୦୨୦ରେ ବିଶ୍ୱ ଅର୍ଥନୀତି ୫.୨ ପ୍ରତିଶତ ସଙ୍କୁଚିତ ହୋଇଯିବ। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଏହା ସବୁଠାରୁ ବିଶ୍ୱବ୍ୟାପୀ ଆର୍ଥିକ ମାନ୍ଦାବସ୍ଥା ଆଣିଦେବ ବୋଲି ଏହି ବ୍ୟାଙ୍କ ସତର୍କବାଣୀ ଶୁଣାଇଥିଲା। ଭାରତୀୟ ଅର୍ଥନୀତିକୁ ଲକ୍ଷ୍ୟ କରି ଏହି ଅନ୍ତର୍ଜାତୀୟ ବ୍ୟାଙ୍କ ଆକଳନ କରିଥିଲା ଯେ, ଦେଶର ମୋଟ ଘରୋଇ ଉତ୍ପାଦ (ଜିଡିପି) ୨୦୨୦-୨୧ ଆର୍ଥିକ ବର୍ଷରେ ୩.୨ ପ୍ରତିଶତ କମିଯିବ। ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍ଏଫ୍) ଜାନୁୟାରୀ ୨୦୨୦ରେ ଭାରତର ଅଭିବୃଦ୍ଧି ହାର ୫.୮ ପ୍ରଦର୍ଶନ କରିଥିବା ବେଳେ ଜୁନ୍‌ରେ ଏହାକୁ ୧.୯ ପ୍ରତିଶତକୁ କମାଇ ଦେଇଥିଲା। ଏବେ ଅନ୍ତର୍ଜାତୀୟ ବିତ୍ତୀୟ ସଙ୍ଗଠନଗୁଡ଼ିକର ଆକଳନ ଅନେକାଂଶରେ ସତ୍ୟ ପାଲଟିବାକୁ ଲାଗିଲାଣି। ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ (ଏନ୍ଏସ୍ଓ) ୩୧ ଅଗଷ୍ଟ ୨୦୨୦ ସନ୍ଧ୍ୟାରେ ପ୍ରକାଶ କରିଥିବା ତଥ୍ୟ ଅନୁଯାୟୀ ଏପ୍ରିଲ-ଜୁନ୍ (ପ୍ରଥମ) ତ୍ରୈମାସରେ ଜିଡିପି ୨୩.୯ ପ୍ରତିଶତ ହ୍ରାସ ପାଇଛି। ୧୯୯୬ରେ ତ୍ରୈମାସିକ ତଥ୍ୟ ପ୍ରଦାନ ଲାଗି ବ୍ୟବସ୍ଥା କରାଯିବା ପରଠାରୁ ଏହା ସବୁଠାରୁ ଖରାପ ବୋଲି କୁହାଯାଉଛି।

ଉପରବର୍ଣ୍ଣିତ ପରିସଂଖ୍ୟାନକୁ ଦେଖି ସାଧାରଣ ନାଗରିକ ସମ୍ଭବତଃ ଅନେକ ବିଷୟରେ କିଛି ବୁଝି ନ ପାରେ। କିନ୍ତୁ ସେ ନିଜ ଜୀବନରେ ଭୋଗୁଥିବା ଦୁର୍ଦ୍ଦଶାରୁ ଅର୍ଥନୀତି ଖରାପ ସ୍ଥିତିରେ ଥିବା ବାସ୍ତବ ଅନୁଭବଟିଏ ପାଇପାରୁଥିବ। ଯେଉଁଭଳି ଭାବରେ ନିତିଦିନ ତୈଳଦର ବୃଦ୍ଧି ପାଉଛି, ସେଥିରୁ ସ୍ପଷ୍ଟ ଜଣାପଡୁଛି ଯେ ଆଜିର ସରକାର ତା'ର ଆର୍ଥିକ ସ୍ଥିତିରେ ସମ୍ପୂର୍ଣ୍ଣ ବାଟବଣା ହୋଇଯାଇଛି। ଗତ କିଛିଦିନ ହେବ ଲାଗିରହିଥିବା ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ସମ୍ପର୍କରେ ଗଣମାଧ୍ୟମରେ ଆଲୋଚନା ଦର୍ଶାଯାଉଛି ଯେ, ରାଜସ୍ୱ ସଂଗ୍ରହ ମାଡ଼ ଖାଇଯାଇଥିବାରୁ ସାଧାରଣ ନାଗରିକଙ୍କଠାରୁ ଅସାଧାରଣ ଓ ଅବିଚାରିତ ପନ୍ଥାରେ ଟିକସ ଆଦାୟ କରାଯାଉଛି। ଓଡ଼ିଆରେ ଢଗ 'ବୋଝ ଉପରେ ନଳିତା ବିଡ଼ା' ଭଳି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କ 'ମନ୍ କୀ ବାତ୍' ଭାଷଣରେ ଏବେ ଭାରତକୁ କଣ୍ଢେଇ କାରଖାନା କରିବେ ବୋଲି କହିଲେଣି। ଏହି ଚିନ୍ତାକୁ ବିରୋଧ କରିବା ଉଚିତ୍ ନୁହେଁ। କିନ୍ତୁ ସବୁଦିନ ସକାଳୁ ଭିନ୍ନ ଚିନ୍ତାଧାରା ପୋଷଣ କରାଯିବା ଫଳରେ କୌଣସି ଗୋଟିଏ କାର୍ଯ୍ୟକ୍ରମ ସଫଳତାର ସହ ରୂପାୟନ ହୋଇପାରୁ ନାହିଁ। ସେଥିପାଇଁ ମନେହେଉଛି ଯେପରି ଲୋକଙ୍କୁ ବିଭିନ୍ନ ଚିନ୍ତା ଫୋପାଡ଼ି ବାଉଳା କରିବାର କାର୍ଯ୍ୟକ୍ରମ ଆରମ୍ଭ ହୋଇଗଲାଣି। କୌତୂହଳର ବିଷୟ ହେଉଛି ଯେ ୩ ଅକ୍ଟୋବର ୨୦୧୪ ବିଜୟା ଦଶମୀ ଦିନ ଆରମ୍ଭ ହୋଇଥିବା ପ୍ରଧାନମନ୍ତ୍ରୀ ମୋଦିଙ୍କ ମନ୍ କୀ ବାତ୍ କାର୍ଯ୍ୟକ୍ରମର ୬୮ତମ ଅଧ୍ୟାୟ ରବିବାର, ୩୦ ଅଗଷ୍ଟରେ ପ୍ରସାରିତ ହୋଇଥିଲା। ୩୧ ଅଗଷ୍ଟ ସନ୍ଧ୍ୟା ସୁଦ୍ଧା ପୂର୍ବାପେକ୍ଷା ଏହା ସର୍ବାଧିକ ୫ ଲକ୍ଷ ଡିସ୍‌ଲାଇକ୍ (ନାପସନ୍ଦ) ପାଇଛି। ଏହା ମଧ୍ୟ ସମାଲୋଚନାଯୋଗ୍ୟ ନୁହେଁ। କିନ୍ତୁ ବମ୍ବେର ସିନେମା ଜଗତରେ ଜବରଦସ୍ତ ପ୍ରବେଶ କରି ନିଜର କାୟା ବିସ୍ତାର କରିବାକୁ ଚେଷ୍ଟିତ ଏକ ରାଜନୈତିକ ଚିନ୍ତାଧାରା ଭାରତୀୟ ଦର୍ଶକଙ୍କୁ ଏହିଭଳି ଡିସ୍‌ଲାଇକ୍ କରିବାକୁ ନିକଟରେ ଶିଖାଇଲା। ଯେଉଁଥିପାଇଁ ଆଲିଆ ଭଟ୍ଟଙ୍କ 'ସଡକ୍-୨' ସିନେମାର ଟ୍ରେଲର ଚଳଚ୍ଚିତ୍ର ଜଗତ ଇତିହାସରେ ସର୍ବାଧିକ ଡିସ୍‌ଲାଇକ୍ ପାଇଛି। ଏହାର କାରଣ ବିହାର ନିର୍ବାଚନ, ସୁଶାନ୍ତ ସିଂ ରାଜପୁତଙ୍କ ଆତ୍ମହତ୍ୟା ଏବଂ ଭାଜପା ବିରୋଧୀ ମହାରାଷ୍ଟ୍ର ସରକାରଙ୍କୁ ଅପଦସ୍ଥ କରାଇବା ସହ ଜଡ଼ିତ।

୮ ନଭେମ୍ବର ୨୦୧୬ରେ ବିମୁଦ୍ରୀକରଣ କରାଯିବା ପରେ ସାଧାରଣ ଲୋକଙ୍କୁ କୁହାଯାଇଥିଲା ଯେ, ଧନୀମାନଙ୍କ କଳାଧନକୁ ଧରିବାରେ ଏହି ଅର୍ଥନୈତିକ ଅସ୍ତ୍ର ମୁଖ୍ୟ ଭୂମିକା ନିର୍ବାହ କରିବ। ହେଲେ ସେବେଠାରୁ ସାଧାରଣ ଲୋକଙ୍କଠାରୁ ମଧ୍ୟମବର୍ଗଙ୍କ ଆର୍ଥିକ ସ୍ଥିତି କିଭଳି ଦୁର୍ବଳ ହୋଇଗଲା ସମସ୍ତେ ଅନୁଭବ କରିଥିବେ। ସେହିପରି ଜୁଲାଇ ୨୦୧୭ରେ ଜିଏସ୍‌ଟି ପ୍ରଚଳନ ହୋଇଥିଲେ ମଧ୍ୟ ଏହା ତା'ର ମୂଳଲକ୍ଷ୍ୟ ପୂରଣ କରିବାରେ ସମର୍ଥ ହୋଇପାରିନାହିଁ। ସଦ୍ୟ ଆକଳନ କରାଗଲାଣି ଯେ, ଜିଏସ୍‌ଟି ସଂଗ୍ରହ ଅଢ଼େଇ ଲକ୍ଷ କୋଟି ଟଙ୍କା କମିବ ଏବଂ ରାଜ୍ୟଗୁଡ଼ିକୁ କ୍ଷତିପୂରଣ ଦେବା ଲାଗି ୩ ଲକ୍ଷ କୋଟି ଟଙ୍କା ନଅଣ୍ଟ ପଡ଼ିବ। ଅବଶ୍ୟ ଅର୍ଥନୀତିର ଏହି ବିଷମ ସ୍ଥିତି ପାଇଁ କୋଭିଡ୍-୧୯ ଅନ୍ୟତମ ପ୍ରମୁଖ ଭୂମିକା ନିଭେଇଛି।

ଆଜିର ସ୍ଥିତି ଦେଖିଲେ କ୍ଷୁଦ୍ର ଶିଳ୍ପ ଓ ଅସଙ୍ଗଠିତ କ୍ଷେତ୍ର ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଛନ୍ତି। ଖାଉଟି ଚାହିଦା କମିଯିବା ଯୋଗୁ ଉତ୍ପାଦନ ହ୍ରାସ ପାଇବା, ବିଭିନ୍ନ କ୍ଷେତ୍ରରେ ପୁଞ୍ଜି ବିନିଯୋଗ ଦୁର୍ବଳ ହେବା, ନିର୍ମାଣ, ପର୍ଯ୍ୟଟନ ଓ ପରିବହନ କ୍ଷେତ୍ର ସମ୍ପୂର୍ଣ୍ଣ ଧୂଳିସାତ୍ ହେବା ଏବଂ ସର୍ବଉପରେ କୃଷି କ୍ଷେତ୍ର ମଧ୍ୟ ଘୋର ପ୍ରଭାବିତ ହୋଇଛି। ପୁଣି କେତେକ ରାଜ୍ୟ ଲକ୍‌ଡାଉନ୍ ସମୟସୀମା ଅଗଷ୍ଟ ଯାଏ ବଢ଼ାଇ ଦେବାରୁ ସ୍ଥିତି ବିଗିଡ଼ିଯାଇଛି। ବ୍ୟାଙ୍କଗୁଡ଼ିକ ୬ ମାସ ମୋରାଟୋରିୟମ୍ ଲାଗୁ କରିଦେବା ଫଳରେ ଖିଲାପକାରୀଙ୍କ ସଂଖ୍ୟା ବଢ଼ିଯାଇଛି। ଏହା ଦ୍ୱାରା ଦୁଇ ପ୍ରକାର କ୍ଷତି ଘଟିଛି। ଗୋଟିଏପଟେ ବ୍ୟାଙ୍କ ଅର୍ଥ ପାଇପାରୁନାହିଁ ଏବଂ ଅନ୍ୟପଟେ ନୂଆ ଋଣ ଦେବାକୁ ସକ୍ଷମ ହେଉ ନାହିଁ। ବ୍ୟାଙ୍କର ଏହି ସ୍ଥିତି ଆଜି ନୂଆ ନୁହେଁ, ମୋଦିଙ୍କ ନେତୃତ୍ୱାଧୀନ ଭାଜପା ସରକାରର ପ୍ରଥମ ୫ ବର୍ଷରେ ବ୍ୟାଙ୍କ୍ ସଂସ୍କାର ଥିଲା ମୂଳ ଲକ୍ଷ୍ୟ। କିନ୍ତୁ ଏହି ସରକାରର ଚରିତ୍ର ଦେଖିଲେ କୌଣସି ଗୋଟିଏ କାର୍ଯ୍ୟକ୍ରମକୁ ସିଦ୍ଧାନ୍ତରେ ପହଞ୍ଚାଇବା ପାଇଁ ଚେଷ୍ଟା କରାଯାଉ ନାହିଁ। ସେଥିପାଇଁ ଦୀର୍ଘ ୬ ବର୍ଷରୁ ଊର୍ଦ୍ଧ୍ୱ ସମୟ ମଧ୍ୟରେ ଭାରତର ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥା ସହ ଅର୍ଥନୀତି ସୁଦୃଢ଼ ହେବା ପରିବର୍ତ୍ତେ ଦୁର୍ବଳ ହୋଇଯାଇଛି।

# ଅନ୍‌ଲାଇନ ପାଠପଢ଼ା ଓ ଅପହୃତ ଶୈଶବ

ଡ. ମନୋରଞ୍ଜନ ପ୍ରଧାନ

ମନେପଡ଼େ କବିଗୁରୁ ରବୀନ୍ଦ୍ରନାଥ ଠାକୁରଙ୍କ କଥା- ତୋମରା କେଉ ଫୁଲ ଫୋଟାତେ ପାରବେନ୍ ନା,କେନୋନା ଯେ ଫୋଟେ ସେ ଆପନି ଫୋଟେ। ଅର୍ଥାତ୍ ଫୁଲ ତା'ର ସ୍ୱଭାବ ଅନୁସାରେ ଫୁଟିବ, ମାଳୀର ଇଚ୍ଛା ବା ବରାଦ ଅନୁସାରେ ନାହିଁ। ମାଳୀର କାମ ମାଟି ପ୍ରସ୍ତୁତ କରିବା। ଆଲୋକ ଓ ଖୋଲା ପବନ ଲାଗି ବ୍ୟବସ୍ଥା କରିବା। ଆବଶ୍ୟକତା ଅନୁସାରେ ପାଣି, ଖତ, ସାର ଯୋଗାଇବା। ଓଲେଇ ଗାଈ, ଛେଳି, ମେଣ୍ଢା ଅଥବା ବିବିଧ ଅନିଷ୍ଟକାରୀ କୀଟ ପତଙ୍ଗ ଦାଉରୁ ରକ୍ଷା କରିବା ଲାଗି ପ୍ରଯତ୍ନ କରିବା। ଫଳତଃ ଗଛ ଅନୁକୂଳ ପରିବେଶ ପାଇ ସୁନ୍ଦର ସୁନ୍ଦର ଫୁଲ ଫୁଟାଇପାରେ। କିନ୍ତୁ ଏ ପ୍ରକ୍ରିୟାଟି ଆପଣା ଛାଏଁ ହୁଏ। ମାଳୀର ଇଚ୍ଛା ବା ଆବଶ୍ୟକ ଅନୁସାରେ ନୁହେଁ। ହେଲେ ଆଜିକାଲି ପିତାମାତା ବା ଶିକ୍ଷକ ଶିକ୍ଷୟିତ୍ରୀ ରୂପକ ମାଳୀମାନେ ପିଲାର ଆଗ୍ରହ, ବୟସ, ସାମର୍ଥ୍ୟ ବା ଜିଜ୍ଞାସା ଅନୁସାରେ ନୁହେଁ ବରଂ ନିଜ ଇପ୍ସିତ ଅସଫଳ ଲକ୍ଷ୍ୟ ପୂରଣ କିମ୍ବା ଶିଖି ଥିବା ଶିକ୍ଷାଦାନ ପଦ୍ଧତି ବା ଅନ୍ୟ ପିଲା ସହ ପ୍ରତିଯୋଗିତା କରି ପିଲାଙ୍କୁ ପାଠୁଆ କରିବାରେ ବ୍ୟସ୍ତ । ପ୍ରତ୍ୟେକ ଶିଶୁ ପରମେଶ୍ୱରଙ୍କ ଅନନ୍ୟ ସୃଷ୍ଟି। ଫୁଲଭଳି ପିଲାମାନେ ଖୁସିର ବାତାବରଣରେ ନିଜ ସ୍ୱଭାବ ଅନୁସାରେ ବିକଶିତ ହୋଇଥାନ୍ତି। ସେଥିପାଇଁ ଶ୍ରୀମା କହନ୍ତି- ବାଧ୍ୟକରି କାମ କରେଇବାର ରୀତିକୁ କଦାପି ଶିକ୍ଷାର ସର୍ବୋତ୍ତମ ଅଥବା ସବୁଠାରୁ ଅଧିକ ଫଳଦାୟୀ ନୀତି ବୋଲି କୁହାଯାଇପାରିବ ନାହିଁ। ବିଶିଷ୍ଟ ଶିକ୍ଷାବିତ୍ ରୁଷୋଙ୍କ ମତରେ ଶିକ୍ଷା ହେଉଛି ଶିଶୁର ଅନ୍ତର୍ନିହିତ ଗୁଣାବଳୀର ସ୍ୱାଭାବିକ, ସର୍ବାଙ୍ଗୀନ ଓ ପ୍ରଗତିଶୀଳ ବିକାଶ। ହେଲେ ଆଜିକାଲିର ପିତାମାତାମାନେ ଜୋରଜବରଦସ୍ତ ଠେଲିପେଲି ନିଜ ଇଚ୍ଛା ଅନୁସାରେ ପିଲାଙ୍କୁ ଶିକ୍ଷା ଦେବାକୁ ଚାହୁଁଛନ୍ତି। ଆମ ପାଠ ବ୍ୟବସାୟୀ ବିଦ୍ୟାଳୟମାନେ ମଧ୍ୟ ମୌକା ଛାଡିବାକୁ ହେଲା କରୁନାହାନ୍ତି। ସେମାନେ କଅଣ ବା କରିବେ। ଅଭିଭାବକମାନେ ତ ପିଲାଙ୍କୁ ରାତାରାତି ତଥ୍ୟରଟା ପାଠୁଆ କରିବା ପାଇଁ ଅତ୍ୟନ୍ତ ବ୍ୟସ୍ତ ଓ ବିଚଳିତ।

ଏବେ କରୋନା ମହାମାରୀ କାଳ। ବିଦ୍ୟାଳୟରେ ତାଲା। ଗୁରୁମାନଙ୍କ ଏକ ମାତ୍ର ସାହାରା ଗୁଗଲ। ଅନ୍‌ଲାଇନ ହିଁ ଏକମାତ୍ର ବିକଳ୍ପ ଶିକ୍ଷାଦାନ। ହେଲେ ଏଇ ଅନ୍‌ଲାଇନ ପାଠ ନାଆଁରେ ଶୈଶବର ଚପଳତା କିପରି ହଜିଯାଉଛି ଆସନ୍ତୁ ଆଲୋଚନା କରିବା ଏକ ଉଦାହରଣ ମାଧ୍ୟମରେ।

ସମୟ ସକାଳ ସାଢ଼େ ସାତଟା। ପାଞ୍ଚଦିନ ହେଲା ପ୍ରବଳ ବର୍ଷା। ବନାଞ୍ଚଳ ହୋଇଥିବାରୁ ଥଣ୍ଡା ବି ପ୍ରବଳ ହେଉଛି। ବାରମ୍ବାର ଟିକି ଝିଅ ମାନୀକୁ ଉଠେଇବାକୁ ଚେଷ୍ଟା କରି ବିଫଳ ହେଉଥାନ୍ତି ଆଶାଦେବୀ। ଜୋର ଜବରଦସ୍ତ ଉଠେଇ ବସେଇଲେ ବି ଶୋଇପଡୁଛି ବାରମ୍ବାର। ଗୋଟିଏ ପରେ ଗୋଟିଏ କୌଶଳ ପ୍ରୟୋଗ କରୁଥାନ୍ତି ମାଆ ଆଶାଦେବୀ। ମାନୀ ଶୁଣ, ବାବା ତୋ ପାଇଁ ବଡ ଖେଳଣା ଆଣିଛନ୍ତି। ହଁ ଶୁଣ, ବାବା ପୁଣି ମାର୍କେଟ ଯାଉଛନ୍ତି ଆହୁରି ଅନେକ ଖେଳଣା ଆଣିଦେବେ। ତୁ ଯିବୁ କି ବାବାଙ୍କ ସାଥିରେ। ଏଭଳି ନାନା ପ୍ରଲୋଭନ ପରେ ଅନିଚ୍ଛା ସତ୍ତ୍ୱେ ଉଠିଲା ସାଢେ ତିନି ବର୍ଷର ଝିଅ ମାନୀ। ଆଖି ମଳି ମଳି ଚାରିଆଡେ ଦେଖିଲା। ଖୁସି ହୋଇଗଲେ ମାଆ। ସ୍ୱାମୀଙ୍କ ବାରଣ ସତ୍ତ୍ୱେ ଆଶାଦେବୀ ନେଇ ବସେଇ ଦେଲେ ସୁକୋମଳ ଉଚ୍ଚା ଗଦିବାଲା ଚୌକି ଉପରେ। ଲାପଟପ୍ ଅପେକ୍ଷା କରିଥିଲା ମାନୀର ଅନ୍‌ଲାଇନ କ୍ଲାସକୁ। ବୁଝିଲୁ ମାନୀ ଆଜି ତୋର ଅନ୍‌ଲାଇନ କ୍ଲାସ ହେବ-ଅତି ସରାଗରେ କହିଲେ ଆଶାଦେବୀ। ଦେଖୁଛୁ ତୋ ମିସ୍ ପଢାଉଛନ୍ତି ଲାପ୍‌ଟପରେ। ଅପ୍ରସ୍ତୁତ କିନ୍ତୁ ଆଗ୍ରହର ସହ ଲାପ୍‌ଟପକୁ ଚାହିଁଲା ମାନୀ। ଭାରି ଖୁସି ହୋଇଗଲା। କେଡେ ସୌଭାଗ୍ୟ ତା'ର। ଲ୍ୟାପଟପ୍ ପାଖକୁ ଗଲେ ବାପାଙ୍କ ତାଗିଦ୍ ଶୁଣିବାକୁ ପଡୁଥିଲା। ସବୁବେଳେ ନାଲିଆଖି। ଲାପ୍‌ଟପକୁ ଛୁଅଁନା, ଗୋଟେ ତ ନଷ୍ଟ କରିଛୁ ପାଣି ଢାଳି। ଆଜି ସିଧା ଲାପ୍‌ଟପ ସାମ୍ନାରେ। ଅତ୍ୟନ୍ତ ବ୍ୟଗ୍ରତାର ସହ ଚାହିଁ ବସିଥାଏ ମାନୀ। ତା'ର ଆଶା କିଛି କାର୍ଟୁନ କିମ୍ବା ମଜା ଦୃଶ୍ୟ ଦେଖିବ। ହେଲେ ଛବିର ନାଁ ଗନ୍ଧ ନାହିଁ। କେବଳ ଜଣେ ନାରୀଙ୍କ କଣ୍ଠସ୍ୱର। ସମାନେ ସ୍କୁଲ ମିସ୍‌ଙ୍କ ପାଠପଢ଼ା।

ନାମ ଲେଖେଇବାଠାରୁ ମାନୀ ସ୍କୁଲ ଯାଇନି। କୋଭିଡ୍-୧୯ ତା'ପାଇଁ କାଳ ସାଜିଛି। ଅନେକ ଥର ନୂଆ ସ୍କୁଲ ଡ୍ରେସ, ବେଲ୍ଟ, ଟାଇ, ବୁଟ୍ ପିନ୍ଧି ବ୍ୟାଗ ଓ ଖାଲି ଟିଫିନ ବକ୍ସ ଧରି ସ୍କୁଲ ଯିବାକୁ ବାହାରିଛି। ହେଲେ ଲକ୍‌ଡାଉନ୍ ଓ ଶଟ୍‌ଡାଉନ୍ ଯୋଗୁ ସବୁ ଆଶା ଧୂଳିସାତ୍। ହଠାତ୍ ଲାପଟପରୁ ଶୁଣାଗଲା ପ୍ରେରଣାଦାୟୀ ସମ୍ବୋଧନ। ମାନୀ ଆପ୍ ସବ୍ କୁଛ ଲିଖ୍ ଦିୟାନା। ଆପ୍ ଗୁଡ ଗର୍ଲ। ଆପ୍ ବଢ଼ିଆ ଲିଖେ ରହେହୋ। ସବ୍‌ସେ ଆଗେ ଆପ୍ ସବ୍ ଲିଖ ଦେତେ ହୋ, ଇତ୍ୟାଦି ଇତ୍ୟାଦି। ଚାହିଁ ରହିଥାଏ ମାନୀ। ପରସ୍ପରକୁ ଚାହୁଁଥାନ୍ତି ବାପାମାଆ। ଦେଢ଼ମାସ ହେଲା କ୍ଲାସ ହେଲାଣି, ସ୍କୁଲ ତାଙ୍କୁ ସୂଚନା ବି ଦେଇ ନ ଥିଲା। ଅନ୍ୟଠାରୁ ଶୁଣି ପ୍ରଥମଥର ପାଇଁ ମାନୀ ଅନ୍‌ଲାଇନ କ୍ଲାସ ଏଟେଣ୍ଡ କରିଛି। ମିସ୍ ସହ ଆଗରୁ କେବେ ଦେଖାସାକ୍ଷାତ ବି ହୋଇନି। ହେଲେ ସେ କେମିତି ଜାଣିଲେ ମାନୀ ଭଲ ପିଲା ଆଉ ଭଲ ପଢୁଛି ଲେଖୁଛି ବୋଲି। ବୋଧହୁଏ ମାନିର ଆଗ୍ରହ ସୃଷ୍ଟି କରେଇବାକୁ ଏମିତି କହିଥାଇ ପାରନ୍ତି। ଶିକ୍ଷାବିତ ସ୍ୱାମୀଙ୍କ କଡା ନିର୍ଦ୍ଦେଶ ଯେ ଝିଅକୁ ଏତେ କମ୍ ବୟସରୁ ଲେଖାଲେଖି ପଢାପଢି ଉପରେ ଜୋର ଦିଅନାହିଁ। ସେ ଆମମାନଙ୍କ ଗହଣରେ ରହି ଯାହା ଶିଖିବ ଶିଖୁ। ଆଶାଦେବୀ ମଧ୍ୟ ପ୍ରତି କଥାରେ ଝିଅକୁ ଔପଚାରିକ ଶିକ୍ଷାରୁ ଦୂରେଇ ରଖିଛନ୍ତି। କିନ୍ତୁ ସାହି ପଡୋଶୀ ବା ସାଙ୍ଗସାଥୀଙ୍କ ପିଲାଙ୍କ ଲେଖାପଢା ଦେଖି ସେ ବିଚଳିତ ହୋଇ ପଡନ୍ତି। ଆତ୍ମସନ୍ତୋଷ ପାଇଁ ମଝିରେ ମଝିରେ କିଛି ପଢେଇବାର ପ୍ରୟାସ କରିଛନ୍ତି ଆଶାଦେବୀ। ତେଣୁ ଏ ଫର ଆପେଲ୍, ବି ଫର ବଲ୍ ଭଳି କେତେକ ଶବ୍ଦ ଶୁଆ ଭଳି ରଟିଛି ମାନୀ। ୟୁ ଟ୍ୟୁବ ଦେଖି ଅବୋଧଭାବେ କହିଚାଲୁଛି କେତେଟା ରାଇମ୍। କ୍ଲାସ ସାରିବା ବେଳକୁ ମିସ୍ ଗୃହକାମର ଏକ ଲମ୍ବା ତାଲିକା ମୁହେଁ ମୁହେଁ ଗାଇଗଲେ। ହଁ ଇଂଲିଶରେ ଏ ଠୁ ଜେଡ୍ ଲେଖିବ। ପୂର୍ବରୁ ପଢେଇଥିବା ଆଠଟି ରାଇମ୍ ବାଇହାର୍ଟ କରିଆସିବ। ହିନ୍ଦୀରେ ଅ ସେ ଝ ତକ ଅଭ୍ୟାସ କରିବ। ହଁ ଆଉ ୱାନ୍ ଟୁ ଥର୍ଟି ଯାଏଁ ବଢିଆ ହ୍ୟାଣ୍ଡ ରାଇଟିଙ୍ଗରେ ଲେଖିଥିବ। ହିନ୍ଦୀ ଆଉ ଇଂଲିଶମିଶା ଭାଷାରେ ହୋମ୍ ଆସାଇନ୍‌ମେଣ୍ଟ ଅଜାଡି ଦେଇ ଗୁଡ୍ ବାଏ କହି ଚାଲିଗଲେ ମିସ୍। ଅତି ହାଲକା ଭାବେ ବସିଥିବା ମାନୀ କେବଳ ମଝିରେ ମଝିରେ ପଚାରୁଥାଏ -ମାଆ କିଏ କହୁଛନ୍ତି? କ'ଣ କହୁଛନ୍ତି? ଇତ୍ୟାଦି।

ଚିନ୍ତିତ ମୁଦ୍ରାରେ ମାଆ ଆଶାଦେବୀ। ଏତେ ପାଠପଢା ସରିଛି। ଝିଅର ସାଙ୍ଗମାନେ ଭଲ ଉତ୍ତର ବି ଦେଉଛନ୍ତି। ହେଲେ ମାନୀ ଲେଖାଲେଖି ଆଦୌ ଆରମ୍ଭ କରିନାହିଁ। କେମିତି ହେବ। କ୍ଲାସରେ ପଛୁଆ ହୋଇଯିବ। ଟ୍ୟୁଶନ ଶିକ୍ଷକ ଡାକିବାକୁ ହେବ। ମୋର ଦିନସାରା ଘରକାମ। ତୁମେ ତ ସବୁବେଳେ ପଢାଲେଖାରେ ବ୍ୟସ୍ତ। ପରପିଲାଙ୍କୁ ଏତେ ଉପଦେଶ ଓ ପରାମର୍ଶ ଦେଉଛ। ନିଜ ପିଲାଙ୍କ କଥା ଚିନ୍ତା ନାହିଁ। ଭାରି ବ୍ୟସ୍ତ ବିବ୍ରତ ହୋଇ କହିଚାଲିଥାନ୍ତି ଆଶାଦେବୀ। ସବୁ ଶୁଣି କିଛି କହୁ ନ ଥାନ୍ତି ମନମୋହନ ବାବୁ। ବେଳେବେଳେ ମୁରୁକି ହସି ଦେଉଛନ୍ତି, ଯାହା କି ଅସହ୍ୟ ହେଉଛି ପତ୍ନୀ ଆଶାଦେବୀଙ୍କୁ। ଦେଖ ପିଲାଟିକୁ ଚାରି ବର୍ଷ ବି ପୂରିନି। ଏବେ ତା'ର ଖେଳାବୁଲାର ସମୟ। ଶୈଶବର ଚପଳତାକୁ ସେ ଉପଭୋଗ କରୁ। ଆନନ୍ଦରେ ତୁମ ସହ ସମୟ ବିତାଉ। ଧୀରେ ଧୀରେ ଘରର ବିଭିନ୍ନ ଜିନିଷ ସହ ପରିଚିତ ହେଉ। ଛୋଟ ଛୋଟ ଗପ ଗୀତ ଶିଖୁ। ତା' ଭିତରେ ଆଗ୍ରହ ସୃଷ୍ଟି କର। ସେ ବିଭିନ୍ନ ପ୍ରଶ୍ନ କରିବା ଶିଖୁ। ତା' ଭିତରେ ଶ୍ରଦ୍ଧାଶୀଳ ମନଟିଏ ତିଆରି ହେଉ। ଏ ସମୟରେ ତାକୁ ସ୍ନେହ ମମତାର ପ୍ରାପ୍ୟ ଦେବା ଆମର କାମ। ଆମ ଶାସ୍ତ୍ର କହିଛି -ଶ୍ରଦ୍ଧାବାନ ଲଭତେ ଜ୍ଞାନମ। ବିଦ୍ୱାନ ଚାଣକ୍ୟଙ୍କ ଭାଷାରେ -ଲାଳୟତେ ପଞ୍ଚ ବର୍ଷାଣି । ମୁଁ ବାରମ୍ବାର ମନା କରୁଥିଲି ପ୍ରାକ୍-ବିଦ୍ୟାଳୟ ଶିକ୍ଷା ପାଇଁ ନାମ ନ ଲେଖେଇବାକୁ। ହେଲେ ତୁମ ଜିଦ୍‌ରେ ନାଁ ଲେଖେଇଲି। ଏବେ ତ କୋଭିଡ୍-୧୯ ସମୟ। ପିଲାଟା ଅନ୍‌ଲାଇନରେ କ'ଣ ପଢିଦେବ। ହଁ ପଢନ୍ତା ଯଦି କିଛି ଭିଡିଓ କରି ଦେଖେଇ ଥିଲେ। ତାହା ତ ହେଉନି। ଚିନ୍ତା କରନି ଏଇ ପ୍ରି-ସ୍କୁଲ ପାଠ ସେମିତି କିଛି ଜରୁରୀ ନାହିଁ। ଆମେ ତ ପ୍ରଥମ ଶ୍ରେଣୀରୁ ପଢା ଆରମ୍ଭ କରିଥିଲେ। ଚିଙ୍କି ଉଠିଲେ ଆଶାଦେବୀ। ସେକାଳ କଥା କ'ଣ ଏବେ ଆଉ ଅଛି। ଯୁଗ ବଦଳି ଗଲାଣି। ସବୁଆଡେ କମ୍ପିଟିଶନ। ଏଡିକି ଏଡିକି ବକଟେ ପିଲା ଅନର୍ଗଳ ଇଂଲିଶ କହୁଛନ୍ତି। ତୁମର ଟିକେ ଚିନ୍ତା ନାହିଁ। ମୋ ପିଲାଙ୍କ ପାଇଁ ତୁମର ବେଳ କାହିଁ। ତୁମେ କହୁଛ ପ୍ରି-ସ୍କୁଲ ପାଠ ଦରକାର ନାହିଁ। ହେଲେ ନୂତନ ଜାତୀୟ ଶିକ୍ଷାନୀତିରେ ପ୍ରି-ସ୍କୁଲକୁ ବିଦ୍ୟାଳୟ ଶିକ୍ଷାରେ ସଂଲଗ୍ନ କରାଗଲା କାହିଁକି? କୁହ କିଏ ଠିକ୍? ତୁମେ ନା ଶିକ୍ଷାନୀତି? ତୁମେ ପଢିଥିବା ମନୋବିଜ୍ଞାନ ନା ଆଜିକାଲିର ଏଡଭାନ୍ସ ପାଠପଢା। ପରିବେଶ ଶୂନଶାନ୍। ମୌନମୁଦ୍ରାରେ ସମସ୍ତେ ଚିନ୍ତା କରିବାରେ ବ୍ୟସ୍ତ କିଏ ଠିକ୍? ମନେମନେ ମନମୋହନ ବାବୁଙ୍କ ମାନସପଟରେ ଝଲସି ଉଠୁଛି ବିଚରା ପିଲାମାନଙ୍କ ଅପହୃତ ଶୈଶବର ବେଦନା। ଓଟ ଭଳି ପିଠିରେ ବୋଝେଇ ହୋଇଥିବା ବହିବସ୍ତାନି। ଆଉ କମ୍ପ୍ୟୁଟର ଆଗରେ ମୁଣ୍ଡ ପିଟିହୋଇ ଯାଉଥିବାର ପିଲାଙ୍କ ଅର୍ଦ୍ଧନିଦ୍ରିତ କରୁଣ ଦୃଶ୍ୟ। ଉତ୍ତର ଖୋଜୁଥାନ୍ତି ପଢିଥିବା ମନୋବିଜ୍ଞାନୀମାନଙ୍କ ବିଶ୍ୱପ୍ରସିଦ୍ଧ ତତ୍ତ୍ୱ ଓ ତଥ୍ୟରୁ।

ଅଧ୍ୟାପକ, ସରକାରୀ ମହିଳା ମହାବିଦ୍ୟାଳୟ
ଜୟପୁର, କୋରାପୁଟ,
ମୋ-୯୪୩୭୯୧୪୮୧୮

# ଦାଦନ ଦୁର୍ଦ୍ଦଶାର ଅନ୍ତ କେବେ

ଘାସିରାମ ପଣ୍ଡା

ଦେଶବ୍ୟାପୀ ତାଲାବନ୍ଦ ଫଳରେ ରୋଜଗାରର ଅନ୍ୱେଷଣରେ ଦେଶାନ୍ତର ହୋଇଥିବା ଶ୍ରମିକମାନେ ଭିଟାମାଟିକୁ ଫେରିଲେ। ଫେରୁଥିବାର କରୁଣ କାହାଣୀ ସେତେବେଳେ ସମସ୍ତଙ୍କୁ ବ୍ୟଥିତ କରିଥିଲା। ସରକାର ତତ୍ପର ହୋଇଥିଲେ। ପଞ୍ଚାୟତ ସ୍ତରରେ ତଥ୍ୟ ସଂଗ୍ରହ କରାଯାଇ ସେମାନଙ୍କର ଆସିବା ଓ ଏଠାରେ ରହଣିର ବ୍ୟବସ୍ଥା କରିଥିଲେ। ସାଧାରଣ ବଣ୍ଟନ ବ୍ୟବସ୍ଥାରେ ଚାଉଳ ଓ ନଗଦ ଏକ ହଜାର ଟଙ୍କା, ନିର୍ମାଣ ଶ୍ରମିକଙ୍କୁ ଆର୍ଥିକ ସହାୟତା, ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ କାମ ଯୋଗେଇବା ଭଳି ଅନେକ ପଦକ୍ଷେପ ନେଇଥିଲେ। ଫେରିଥିବା ଲୋକଙ୍କ କୌଶଳକୁ ଚିହ୍ନଟ କରାଯାଇ ସେହି ଅନୁସାରେ କର୍ମସଂସ୍ଥାନ, ଆତ୍ମନିଯୁକ୍ତି ପାଇଁ ଋଣର ଘୋଷଣା ଅର୍ଦ୍ଧ କୁଶଳୀ ଓ କୁଶଳୀ କାରିଗରଙ୍କ ମଧ୍ୟରେ ବି ଆଶା ସଞ୍ଚାର କରିଥିଲା। ଅସହାୟ ହୋଇ ଫେରିଥିବା ଲୋକେ ଭାବୁଥିଲେ ଏଥର ବୋଧେ ସରକାର ସେମାନଙ୍କର ଦୁଃଖକୁ ବୁଝିଛନ୍ତି। ନିଜ ଗାଁ ମାଟିରେ ରୋଜଗାରର ଅବକାଶ ହେଲେ ସେମାନଙ୍କୁ ଆଉ ଦୂର ବାଟକୁ ଯାଇ ହୀନସ୍ତା ହେବାକୁ ପଡିବ ନାହିଁ।

ହେଲେ ଆସିବାର ଚାରିମାସ ଭିତରେ ସେମିତି କିଛି ହେଲା ନାହିଁ। କଳକାରଖାନାରେ କାମ କରୁଥିବା ଯୁବକଙ୍କ ମାଟିକାମରେ ଆଗ୍ରହ ରହିଲା ନାହିଁ। ବସି ଖାଇଲେ ନଈ ବାଲି ସରେ ଭଳି ଧୀରେ ଧୀରେ ଜମା ପାଣ୍ଠି ସରିବାକୁ ବସିଲା। ଅନେକେ ଦୈନନ୍ଦିନ ଗୁଜୁରାଣ ମେଣ୍ଟାଇବାକୁ ମହାଜନଠୁ କରଜ ମଧ୍ୟ ଆଣିଲେ। ଏବେ ଏ କରଜ ଶୁଝିବେ କେମିତି, ନିତ୍ୟ ନୈମିତ୍ୟ ସର୍ବନିମ୍ନ ଖର୍ଚ୍ଚର ଭରଣା ହେବ କେଉଁଠୁ? ଗାଁମାଟିର ମୋହ ପାଇଁ ଆଉ ଭୋକ ଉପାସରେ କେତେଦିନ ରହି ହେବ? ଅଭାବୀ ମଣିଷର ଅସହାୟତାକୁ ଚାଲାଖ ବେପାରି ସବୁଦିନେ ସୁଯୋଗ ଭାବେ ନେଇ ଆସିଛି। ସମ୍ବଳ ଓ ଶ୍ରମର ଶୋଷଣରେ ତ ଧନିକଙ୍କ ଅମାର ଭରିଛି। ତାଲାବନ୍ଦର ଦୁଃସ୍ଥିତିରେ ଆହା ପଦଟେ କହି ନ ଥିବା ସାହୁକାର ଏବେ ଦଲାଲ ମାଧ୍ୟମରେ ପୁଣିଥରେ ଶ୍ରମିକ ଯୋଗାଡ ଆରମ୍ଭ କରିଛି। ଆଉ ଅସହାୟ ମଣିଷ ପେଟ ବିକଳରେ ସ୍ୱାଭିମାନକୁ ପଛରେ ପକେଇ ସାହୁକାର ପଠେଇଥିବା ବସରେ କର୍ମକୁ ଆଦରି ଦୀର୍ଘ ନିଃଶ୍ୱାସ ଛାଡି ସିଟ୍ ଆବୋରୁଛି।

ଜୀବନଜୀବିକାର ଅନ୍ୱେଷଣରେ ସ୍ଥାନାନ୍ତର ହେବା ନୂଆ କଥା ନୁହେଁ। ବରଂ ଏହା ପ୍ରତ୍ୟେକ ମଣିଷର ସାମ୍ବିଧାନିକ ଅଧିକାର। ହେଲେ ଏହାକୁ ସୁଗମ କରାଯାଇ ପାରିଲେ ବିପଦସଙ୍କୁଳତାକୁ ଦୂରେଇ ହେବ। କୁହାଯାଏ ବିପର୍ଯ୍ୟୟରୁ ମଣିଷ ଶିଖେ। କରୋନା ମହାମାରୀ ଶ୍ରମ ବଜାରର ଅନେକ ଅକୁହା କଥାକୁ ପଦାରେ ପକେଇଛି। ଦେଶ ଗଠନରେ ଲୁହ ଲହୁ ଢାଳୁଥିବା ଶ୍ରମିକଙ୍କ ପ୍ରତି ସମ୍ବେଦନଶୀଳତା ଓ ସହାୟତା ପାଇଁ ପ୍ରସ୍ତୁତି କେତେ ଥିଲା ତାହା ସମସ୍ତେ ଦେଖିଲେ! ଆନ୍ତଃ ରାଜ୍ୟ ଦେଶାନ୍ତରୀ ଶ୍ରମିକଙ୍କ ପାଇଁ ଆଇନରେ ଚିହ୍ନଟ ଓ ପଞ୍ଜୀକରଣର ବ୍ୟବସ୍ଥା ରହିଛି। ଏହା କେବେ ବି ସୁଚାରୁରୂପେ ହୋଇ ପାରୁ ନ ଥିବାରୁ ସେ ସମୟରେ କେତେ ଲୋକ ଫେରିବେ, କାହା ପାଖରେ ତା'ର ହିସାବ ନ ଥିଲା। ଅନେକ ସମାଲୋଚନାର ସରବ୍ୟ ହୋଇଥିବା ପ୍ରଶାସନ ଏହି ଅବହେଳାରୁ କିଛି ଶିଖିବେ ବୋଲି ଆଶା କରାଯାଉଥିଲା। ହେଲେ ଏବେ ତ ପୁଣି ବାହାର ରାଜ୍ୟର ବସ୍ ଆସି ଦିନ ଦୁଇପହରେ ଗାଁ ଗାଁରୁ ଶ୍ରମିକ ଉଠେଇ ନଉଛି ଓ ପ୍ରଶାସନ ହାତବାନ୍ଧି ବସୁଛି।

୨୦୧୪ ମସିହାରେ ଓଡିଶା ସରକାରଙ୍କ ପଞ୍ଚାୟତିରାଜ ବିଭାଗ ୧୧ଟି ଜିଲାର ଜିଲାପାଳଙ୍କୁ ଦେଶାନ୍ତର ହେଉଥିବା ଶ୍ରମିକଙ୍କ ଚିହ୍ନଟ ଓ ପଞ୍ଜୀକରଣ ପାଇଁ ପତ୍ର ଲେଖିଛନ୍ତି। ବଲାଙ୍ଗୀର, ବରଗଡ, ସୁବର୍ଣ୍ଣପୁର, କଳାହାଣ୍ଡି, ନୂଆପଡା, ଗଜପତି, ଗଞ୍ଜାମ, କୋରାପୁଟ, ନବରଙ୍ଗପୁର, ରାୟଗଡା ଓ ଖୋର୍ଦ୍ଧା ଭଳି ଦାଦନ ପ୍ରବଣ ଜିଲାରୁ ଆନ୍ତଃରାଜ୍ୟ ଦେଶାନ୍ତର ହେଉଥିବା ଶ୍ରମିକଙ୍କ ସୁରକ୍ଷା ଓ ମଙ୍ଗଳ ପାଇଁ ରାଜ୍ୟ ସରକାର ଏକ କାର୍ଯ୍ୟ ଖସଡା ପ୍ରସ୍ତୁତ କରିଛନ୍ତି। ଏହି ଖସଡା ଅନୁଯାୟୀ ପଞ୍ଚାୟତ ସ୍ତରରେ ବାହାରକୁ ଯାଉଥିବା ପ୍ରତ୍ୟେକ ଲୋକଙ୍କ ଚିହ୍ନଟ ଓ ପଞ୍ଜୀକରଣ କରିବାର ଦାୟିତ୍ୱ ପଞ୍ଚାୟତ ସ୍ତରୀୟ କର୍ମଚାରୀଙ୍କ ଉପରେ ନ୍ୟସ୍ତ କରାଯାଇଛି। ଏଥିପାଇଁ ମାସିକ ୨୫୦୦ ଟଙ୍କାର ଅତିରିକ୍ତ ପାଉଣା ବ୍ୟବସ୍ଥା ମଧ୍ୟ ରହିଛି। ପଞ୍ଜୀକୃତ ଲୋକଙ୍କୁ ପରିଚୟ ପତ୍ର ପ୍ରଦାନ କରାଯିବାର ବ୍ୟବସ୍ଥା ମଧ୍ୟ ଏଥିରେ କରାଯାଇଛି। କେବଳ ସେତିକି ନୁହେଁ ପ୍ରତ୍ୟେକ ତିନି ବର୍ଷରେ ଥରେ ଶ୍ରମ ବିଭାଗ ତରଫରୁ ଦେଶାନ୍ତରୀ ଶ୍ରମିକଙ୍କ ସଂଖ୍ୟାକୁ ଠଉରେଇବା ପାଇଁ ଏହି ସବୁ ଜିଲାରେ ସର୍ଭେ କରାଯିବା କଥା କୁହାଯାଇଛି। ପଞ୍ଜୀକୃତ କରୁଥିବା ଅଧିକାରୀ ଲୋକଙ୍କୁ ବିଭିନ୍ନ ଜନ ହିତକାରୀ ଯୋଜନା ସମ୍ପର୍କରେ ମଧ୍ୟ ସୂଚନା ଦେବେ ଓ ସଂଯୋଗ କରିବେ। ନିଜ ଅଞ୍ଚଳରେ ଅଣସ୍ୱୀକୃତି ପ୍ରାପ୍ତ ଦଲାଲ୍‌ଙ୍କ ଦ୍ୱାରା ଶ୍ରମିକ ଚାଲାଣ ହେଉଥିଲେ ବା ଶ୍ରମିକଙ୍କ କିଛି ଅସୁବିଧା ଥିଲେ ସିଧାସଳଖ ଜିଲାପାଳଙ୍କୁ ଅବଗତ କରେଇବେ। ପ୍ରତି ପଞ୍ଚାୟତରେ ସଂଗୃହୀତ ପଞ୍ଜୀକୃତ ଶ୍ରମିକଙ୍କ ତଥ୍ୟ ବ୍ଲକ ସ୍ତରରେ କମ୍ପ୍ୟୁଟରୀକୃତ ହେବ। ଏଥିପାଇଁ ମଧ୍ୟ ପ୍ରତି ମାସରେ ପ୍ରତ୍ୟେକ ବ୍ଲକ ତିନି ହଜାର ପର୍ଯ୍ୟନ୍ତ ଅତିରିକ୍ତ ବ୍ୟୟ କରିପାରିବେ। ଏହି ତଥ୍ୟକୁ ଜିଲାସ୍ତରରେ ଗଠିତ ଶ୍ରମିକ ତଦାରଖ ସେଲ, ଶ୍ରମ ଓ ଅନ୍ୟାନ୍ୟ ବିଭାଗକୁ ପଠାଯାଇ ଯୋଗ୍ୟତା ଭିତ୍ତିରେ ଶ୍ରମିକଙ୍କୁ ସାମାଜିକ ଓ ଅର୍ଥନୈତିକ ସହଯୋଗ ପ୍ରଦାନ କରାଯିବ। ଅଗ୍ରୀମର ପ୍ରଲୋଭନ ଦେଖାଇ ଶ୍ରମିକ ଚାଲାଣ କରୁଥିବା ଅଣସ୍ୱୀକୃତ ଦଲାଲଙ୍କୁ ଧରିବା ପାଇଁ ଭ୍ରାମ୍ୟମାଣ ସ୍କ୍ୱାଡ ଗଠନ କରାଯିବ। ସେପ୍ଟେମ୍ବରରୁ ମାର୍ଚ୍ଚରେ ଅଧିକ ମାତ୍ରାରେ ଦାଦନ ଯାଆନ୍ତି। ଏହି ସମୟରେ ବିଶେଷ ସତର୍କ ରହିବାକୁ ସମସ୍ତ ବ୍ୟବସ୍ଥା କରିବା ପାଇଁ ଏହି ୧୧ଟି ଜିଲାକୁ ଶ୍ରମ ବିଭାଗ ତରଫରୁ ଅତିରିକ୍ତ ଆର୍ଥିକ ସହାୟତା ଦିଆଯିବାର ପ୍ରାବଧାନ ରହିଛି। ଏହା ବ୍ୟତୀତ ମାସକୁ ତିନିହଜାର ଟଙ୍କାରେ ପ୍ରତ୍ୟେକ ପଞ୍ଚାୟତରେ ଜଣେ ବା ଦୁଇ ଜଣ ସ୍ୱତନ୍ତ୍ର ପୋଲିସ ଅଧିକାରୀ ନିଯୁକ୍ତ ହେବେ। ସେମାନେ ପଞ୍ଚାୟତ ସ୍ତରରେ ଶ୍ରମିକ ଚାଲାଣର ଗତିବିଧି ଉପରେ ନଜର ରଖିବେ ଓ ସୂଚନା ପ୍ରଦାନ କରିବେ।

ଆଇନ, କାର୍ଯ୍ୟ ଖସଡା, ବିଭାଗୀୟ ନିର୍ଦ୍ଦେଶନାମା ଓ ବ୍ୟୟ ବରାଦ ଥାଇ ମଧ୍ୟ ଜିଲାମାନଙ୍କରେ ଏହା କାର୍ଯ୍ୟକାରୀ ହୋଇପାରି ନାହିଁ। ଆଶ୍ଚର୍ଯ୍ୟର କଥା ସୁବର୍ଣ୍ଣପୁର ଜିଲାରେ ୨୦୧୭ ଓ ୨୦୧୯ରେ ଦୁଇଥର ଜିଲାପାଳମାନେ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଏହାର କାର୍ଯ୍ୟାନ୍ୱୟନ ପାଇଁ ନିର୍ଦ୍ଦେଶ ଦେଇଥିଲେ ବି ଜଣେ କେହି ଖାତିରି କରି ନାହାନ୍ତି! ବୋଧହୁଏ ମଳିମୁଣ୍ଡିଆ ଶ୍ରମିକଙ୍କ ସମସ୍ୟା ଏମାନଙ୍କ ପାଇଁ କୌଣସି ଗୁରୁତ୍ୱ ବହନ କରେ ନାହିଁ। ପ୍ରଶାସନିକ ଅବହେଳା ପାଇଁ ଶ୍ରମିକମାନେ ଅଧିକାରରୁ ବଞ୍ଚିତ ହେଲେ ଏହା ସେମାନଙ୍କ ପ୍ରତି ବିଶ୍ୱାସଘାତକତା ହେବ।

ସୁବର୍ଣ୍ଣପୁର, ମୋ-୯୪୩୮୩୪୧୭୯୪
ghasirampanda@gmail.com

## ଏଇ ଭାରତରେ

ଉତ୍ତରାଖଣ୍ଡର ଗ୍ରାଫିକ ଏରା ଡିମ୍‌ଡ ୟୁନିଭର୍ସିଟି ଛାତ୍ରମାନଙ୍କ ଏକ ଟିମ୍ ବର୍ଜ୍ୟ କାଗଜରୁ ପ୍ରସ୍ତୁତ ବଡିରେ ଏକ ପ୍ରୋଟୋଟାଇପ୍ କାର ନିର୍ମାଣ କରି ଖ୍ୟାତି ହାସଲ କରିଛନ୍ତି। ଏହି ଟିମ୍‌ରେ ସମୁଦାୟ ୧୦ ଜଣ ଛାତ୍ର ରହିଛନ୍ତି ଓ ଏହାର ନେତୃତ୍ୱ ନେଇଛନ୍ତି ମଧୁର ସାକ୍‌ସେନା। ସେମାନେ କଲେଜ ହତା ଓ କଲେଜ ପାଖରେ ରହୁଥିବା ଲୋକମାନଙ୍କ ଘରୁ ବର୍ଜ୍ୟ କାଗଜ ସଂଗ୍ରହ କରି ତାହାକୁ ପ୍ଲାଷ୍ଟର ପାରିସ୍ ସହ ମିଶାଇ ଏକ କଠିନ ପଦାର୍ଥ ନିର୍ମାଣ କରିଛନ୍ତି। ଏହାକୁ ସେମାନେ କାର ନିର୍ମାଣରେ ଉପଯୋଗ କରି ସଫଳ ହୋଇଛନ୍ତି। ବେଙ୍ଗାଲୁରୁରେ ଅନୁଷ୍ଠିତ ଶେଲ୍ ଇକୋ- ମାରାଥନ ଇଣ୍ଡିଆ, ୨୦୧୯ର କିଛି ମାସ ପୂର୍ବରୁ ଏହି କାର୍‌କୁ ନିର୍ମାଣ କରାଯାଇଥିଲା। ଏହାର ନାମ ରଖାଯାଇଛି ସି-ଜିରୋ। ମାରାଥନ୍‌ରେ ଏହା ଘଣ୍ଟାକୁ ୧୮୦ କି.ମି. ବେଗରେ ବି ଚାଲିପାରିଥିଲା, ଯେଉଁଥିପାଇଁ ସେମାନେ ଅଫ୍‌ଟ୍ରାକ୍ କ୍ୟାଟେଗୋରିରେ ସର୍କୁଲାର ଇକୋନୋମୀ ଆୱାର୍ଡ ହାସଲ କରିଥିଲେ। ଏହା ସମ୍ପୂର୍ଣ୍ଣ ଜଳ ଓ ଅଗ୍ନି ପ୍ରତିରୋଧୀ। ବିଦ୍ୟୁତ ପରିଚାଳିତ ସିଙ୍ଗଲ ସିଟର ରେସିଂ କାର୍‌ର ବଡି କାର୍ବନ ଫାଇବର୍‌ରେ ତିଆରି କରାଯାଉଥିବାବେଳେ ସି-ଜିରୋ ଶସ୍ତା ଓ ହାଲ୍‌କା ହୋଇପାରିଛି। କାର୍ବନ ଫାଇବର ବଡି ଥିବା କାର୍‌ର ଦାମ ୩ ଲକ୍ଷ ରହୁଥିବାବେଳେ ପେପର ବଡି କାର୍‌ର ଓଜନ ୪୦ କେ.ଜି. ହେବା ସହ ମୂଲ୍ୟ ୧.୭୮ ଲକ୍ଷ ରହିବ ବୋଲି ଛାତ୍ରମାନେ ପ୍ରକାଶ କରିଛନ୍ତି। ଏହାକୁ ତିଆରି କରିବା ପୂର୍ବରୁ ପୂରା ଟିମ ବହୁବାର ଅସଫଳ ହୋଇଥିଲେ, ତେବେ ଶେଷରେ ସେମାନଙ୍କୁ ସଫଳତା ମିଳିଥିଲା।

## ୨୫ ବର୍ଷ ତଳର ଧରିତ୍ରୀ

୧ ସେପ୍ଟେମ୍ବର ୧୯୯୫

- ଅଜ୍ଞାତ ଆତତାୟୀଙ୍କ ଗୁଳିରେ ସିରିୟା ସମର୍ଥିତ ସୁନ୍ନି ଇସଲାମୀୟ ଗୋଷ୍ଠୀର ମୁଖ୍ୟ ଶେଖ୍-ନିଜାର-ଆଇ ଲାଲବୀ ନିହତ।
- ଏକ ବୋମା ବିସ୍ଫୋରଣରେ ପଞ୍ଜାବ ମୁଖ୍ୟମନ୍ତ୍ରୀ ବିୟନ୍ତ ସିଂ ପ୍ରାଣ ହରାଇଛନ୍ତି।
- କୋରାପୁଟ ଜିଲାରେ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ୧୭ ଜଣଙ୍କର ମୃତ୍ୟୁ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | A | 8 | D | | 4 | | | | | | C | |
| | B | | 2 | 7 | | | 3 | | | 0 | | | | |
| 9 | C | | | | B | 1 | | | | | | 0 | 3 | 5 |
| | | D | | | 3 | 0 | | B | 8 | | | | 9 | 6 |
| 7 | | | | | | C | | | | | 6 | B | 2 | 1 |
| | | | | | A | | | 8 | | | | | | |
| 8 | 1 | | | 6 | | 9 | 7 | 5 | | | | | | |
| | | | 5 | | | | 2 | 1 | | | 3 | | A | C |
| | 9 | | | 0 | | | | | | | | E | | 2 |
| 5 | | 4 | | | | | C | 3 | | 7 | 9 | | 1 | |
| | 5 | | | 4 | | | | | D | | 8 | | | 3 |
| | 6 | 0 | | 3 | 9 | | | | | A | | D | E | |
| E | | | | | | | | | | C | 0 | 1 | B | A |
| 4 | | | E | | 1 | | | | | 6 | | | 0 | 7 |
| B | 7 | | | C | | A | | E | 3 | 9 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 7 | A | 9 | 1 | 5 | 2 | 0 | 8 | 4 | D | C | 3 | B | 6 | E |
| 6 | 8 | 0 | 3 | B | E | 5 | 9 | C | A | 4 | 7 | 2 | D | 1 |
| 3 | 2 | B | D | C | 9 | 7 | 6 | E | 5 | 1 | 8 | A | 4 | 0 |
| 4 | E | C | 6 | 8 | A | 3 | D | 1 | 0 | B | 2 | 9 | 7 | 5 |
| D | 1 | 5 | 0 | 7 | 4 | A | 2 | B | E | 6 | 9 | 8 | C | 3 |
| 2 | 6 | A | 9 | 1 | 3 | E | 0 | D | C | 7 | B | 5 | 8 | 4 |
| 0 | 3 | 1 | C | 6 | 7 | B | A | 2 | 8 | 5 | 4 | D | E | 9 |
| E | B | D | A | 2 | 5 | 4 | C | 8 | 9 | 3 | 0 | 6 | 1 | 7 |
| 8 | 9 | 7 | B | 4 | 0 | 1 | 5 | 3 | 6 | D | E | C | 2 | A |
| C | 5 | 4 | 8 | E | D | 9 | 7 | 6 | 2 | A | 1 | 3 | 0 | B |
| 9 | C | E | 2 | 0 | 1 | D | 3 | 5 | 7 | 8 | A | 4 | B | 6 |
| 1 | D | 2 | 5 | 9 | B | 6 | 4 | 7 | 3 | E | C | 0 | A | 8 |
| B | 0 | 6 | E | A | 8 | C | 1 | 9 | 4 | 2 | 5 | 7 | 3 | D |
| A | 7 | 3 | 4 | D | C | 8 | E | 0 | B | 9 | 6 | 1 | 5 | 2 |
| 5 | 4 | 8 | 7 | 3 | 6 | 2 | B | A | 1 | 0 | D | E | 9 | C |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ରାଜନେତ୍ରୀଙ୍କୁ ଭୁଲିଗଲେ

ମହାଶୟ,

ମହିଳାମାନଙ୍କୁ ସମାଜର ଆଗଧାଡ଼ିକୁ ଆଣିବା ପାଇଁ ସରକାର ମହିଳା ସଶକ୍ତୀକରଣର ନୂଆ ଅଭିଯାନ ଆରମ୍ଭ କରିଛନ୍ତି। ଉଭୟ ପଞ୍ଚାୟତ ଏବଂ ପୌର ନିର୍ବାଚନରେ ୫୦ ଭାଗ ମହିଳା ସଂରକ୍ଷଣ ବ୍ୟବସ୍ଥା ଲାଗୁ କରାଯାଇଛି। ତଥାପି ବହୁ କ୍ଷେତ୍ରରେ ମହିଳାଙ୍କୁ ସମାନ ମାନ୍ୟତା ଦେବାରେ ଅବହେଳା ଦେଖାଦେଉଛି। ରାଜଧାନୀ ଭୁବନେଶ୍ୱରରେ ଓଡ଼ିଶାର ବରପୁତ୍ର ତଥା ବିଶିଷ୍ଟ ରାଜନେତାମାନଙ୍କର ପ୍ରତିମୂର୍ତ୍ତି ସଂସ୍କୃତି ବିଭାଗ ପକ୍ଷରୁ ପ୍ରତିଷ୍ଠା କରାଯାଉଛି । ବିଧାନସଭା ପରିସରରେ ବରପୁତ୍ରଙ୍କ ସହିତ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କର ପ୍ରତିମୂର୍ତ୍ତି ରଖାଯାଉଥିବା ବେଳେ ରାଜଧାନୀର ବିଭିନ୍ନ ଛକରେ ମଧ୍ୟ ପ୍ରତିମୂର୍ତ୍ତି ବସାଯାଇଛି। ହେଲେ ନେତ୍ରୀମାନଙ୍କର ପ୍ରତିମୂର୍ତ୍ତି ଖୁବ୍ କମ୍ ଦେଖିବାକୁ ମିଳିଛି। ସେହିପରି ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ରମା ଦେବୀ, ମାଳତୀ ଚୌଧୁରୀ, ପାର୍ବତୀ ଗିରିଙ୍କ ଭଳି ଯଶସ୍ୱୀ ନେତ୍ରୀଙ୍କର ପ୍ରତିମୂର୍ତ୍ତି ବସାଇବାର ପ୍ରସ୍ତାବ ସରକାରଙ୍କର ନାହିଁ। ଓଡିଶା ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇଥିବା ବହୁ ବୀରାଙ୍ଗନାଙ୍କ ପ୍ରତିମୂର୍ତ୍ତି ରାଜଧାନୀରେ ପ୍ରତିଷ୍ଠା କରାଯାଉ।

ଡାକ୍ତର ଦିଲ୍ଲୀପ କୁମାର ମହାରଣା, ଶିଖରପୁର ଉପରସାହି, କଟକ

## ଚିରନ୍ତନୀ

ନବ ନବ ବଇଭବ
ଚଉଦିଗେ ଭରେ,
ଅନ୍ତର ଦିନତାରେ
ନିଶିଦିନ ମରେଁ। (ଚିରନ୍ତନ କୁହୁ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ତାହିର୍ ହୁସେନ୍ ଗିରଫ**

ଉତ୍ତରପୂର୍ବ ଦିଲ୍ଲୀ ଦଙ୍ଗା ମାମଲାରେ ଆମ୍ ଆଦ୍‌ମୀ ପାର୍ଟିର ନିଲମ୍ବିତ ନେତା ତାହିର୍ ହୁସେନ୍‌ଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ସୋମବାର ଗିରଫ କରିଛି। ମନିଲଣ୍ଡରିଂ ନିରାକରଣ ଆଇନ (ପିଏମ୍‌ଏଲ୍‌ଏ)ର ବ୍ୟବସ୍ଥା ଅନୁଯାୟୀ ନିଲମ୍ବିତ କାଉନ୍‌ସିଲରଙ୍କୁ ଗିରଫ କରିବା ପରେ ଦିଲ୍ଲୀର କର୍କରଡୁମା କୋର୍ଟରେ ହାଜର କରାଯାଇଥିଲା। ଜେରା ପାଇଁ ଇଡି ତାଙ୍କୁ ୬ ଦିନିଆ ରିମାଣ୍ଡରେ ନେଇଛି।

# ନିର୍ବାଚନ ପରିଚାଳକରୁ ରାଷ୍ଟ୍ରପତି

ନୂଆଦିଲ୍ଲୀ, ୩୧।୮

ପାଞ୍ଚ ଦଶନ୍ଧି ଧରି ପ୍ରଣବ ମୁଖାର୍ଜୀ ରାଜନୀତିରେ ସକ୍ରିୟ ରହିବା ସହ ଜଣେ ନିର୍ବାଚନ ପରିଚାଳକଠାରୁ ଆରମ୍ଭ କରି ଦେଶର ୧୩ତମ ରାଷ୍ଟ୍ରପତି ହେବାରେ ସଫଳ ହୋଇଥିଲେ। ପଶ୍ଚିମବଙ୍ଗର ମିରାଟିରେ ୧୯୩୫ରେ ଜନ୍ମଗ୍ରହଣ କରିଥିବା ମୁଖାର୍ଜୀ କାଲ୍‌କାଟା ବିଶ୍ୱବିଦ୍ୟାଳୟରେ ଆଇନ ଡିଗ୍ରୀ ହାସଲ କରି କ୍ଲର୍କ ଭାବେ ଚାକିରି କରିଥିଲେ। ପରେ ରାଜନୀତି ବିଜ୍ଞାନ ପ୍ରଫେସର ଓ ସାମ୍ବାଦିକ ଭାବେ ସେ କାର୍ଯ୍ୟ କରିଥିଲେ। ୧୯୬୯ରେ ରାଜନୀତିରେ ସେ ପ୍ରବେଶ କରି ସାଂସଦ, ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ରମନ୍ତ୍ରୀ, ଏପରି ଦେଶର ସର୍ବୋଚ୍ଚ ଶାସନକର୍ତ୍ତା ହେବାର ସୌଭାଗ୍ୟ ଅର୍ଜନ କରିଥିଲେ।

ପ୍ରଣବ ମୁଖାର୍ଜୀଙ୍କ ୫ ଦଶନ୍ଧିର ରାଜନୈତିକ ଜୀବନ ବହୁ ଉତ୍‌ଥାନ ପତନ ଦେଇ ଗତି କରିଛି। ୧୯୬୯ରେ ପ୍ରଣବ ଭି.କେ. କ୍ରିଷ୍ଣ ମେନନଙ୍କ ପାଇଁ ଉପନିର୍ବାଚନ ପ୍ରଚାର କରୁଥିବାବେଳେ ଇନ୍ଦିରା ଗାନ୍ଧୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ତାଙ୍କ ରାଜନୈତିକ ବିଚକ୍ଷଣତାରେ ପ୍ରଭାବିତ ହୋଇ ଇନ୍ଦିରା ତାଙ୍କୁ କଂଗ୍ରେସକୁ ଆଣିଥିଲେ। ସେ ୪୭ ବର୍ଷ ବୟସରେ ୧୯୮୨ରେ ଭାରତର ସର୍ବକନିଷ୍ଠ ଅର୍ଥମନ୍ତ୍ରୀ ହୋଇଥିଲେ।

୧୯୬୯ରେ ପ୍ରଣବ ପ୍ରଥମେ ରାଜ୍ୟ ସଭାକୁ ନିର୍ବାଚିତ ହୋଇଥିଲେ। ୧୯୯୧ରେ ସେ ଯୋଜନା କମିଶନ ଉପାଧ୍ୟକ୍ଷ ନିଯୁକ୍ତ ହୋଇଥିଲେ। ୨୦୦୪ରେ ପଶ୍ଚିମବଙ୍ଗର ଜାଙ୍ଗିପୁର ଆସନରୁ ସେ ପ୍ରଥମ ଥର ପାଇଁ ଲୋକ ସଭାକୁ ନିର୍ବାଚିତ ହୋଇଥିଲେ। ସେ ଅର୍ଥ, ପ୍ରତିରକ୍ଷା, ବହିର୍ବ୍ୟାପାର ଭଳି ତିନୋଟି ଗୁରୁତ୍ୱପୂର୍ଣ୍ଣ ବିଭାଗର ମନ୍ତ୍ରୀ ରହିଥିଲେ। ୧୯୮୪ରେ ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ନିଧନ ପରେ ପ୍ରଣବ ହିଁ କଂଗ୍ରେସ ଅଧ୍ୟକ୍ଷ ହେବା ପାଇଁ ଉପଯୁକ୍ତ ଉତ୍ତରାଧିକାରୀ ଥିଲେ। କିନ୍ତୁ ରାଜୀବ ଗାନ୍ଧୀଙ୍କୁ ଦଳର ନେତୃତ୍ୱ ଦିଆଯିବାରୁ ପ୍ରଣବ ଦଳ ଛାଡ଼ିଥିଲେ। ସେ ନିଜର ରାଜନୈତିକ ଦଳ 'ରାଷ୍ଟ୍ରୀୟ ସମାଜବାଦୀ କଂଗ୍ରେସ' ଗଠନ କରିଥିଲେ। ୧୯୮୯ରେ ଉକ୍ତ ଦଳ କଂଗ୍ରେସରେ ମିଶିଯାଇଥିଲା।

ଭାରତର ତ୍ରୟୋଦଶ ରାଷ୍ଟ୍ରପତି ଭାବେ ପ୍ରଣବ ୨୦୧୨ ଜୁଲାଇ ୨୫ରୁ ୨୦୧୭ ଜୁଲାଇ ୨୫ ପର୍ଯ୍ୟନ୍ତ ରହିବା ପରେ ସ୍ୱାସ୍ଥ୍ୟଗତ କାରଣରୁ ରାଜନୀତିରୁ ସନ୍ୟାସ ନେଇଥିଲେ। ରାଷ୍ଟ୍ରପତି ଥିବାବେଳେ ସେ ୟାକୁବ୍ ମେନନ, ଅଜମଲ କସବ ଏବଂ ଅଫଜଲ ଗୁରୁଙ୍କ ରାଜକ୍ଷମା ଆବେଦନକୁ ଖାରଜ କରିଦେବାରୁ ସେମାନଙ୍କୁ ଫାଶୀ ଦିଆଯାଇଥିଲା। ବିଭିନ୍ନ ସମୟରେ କଂଗ୍ରେସକୁ ସେ ପଥ ପ୍ରଦର୍ଶନ ଦେଇଆସିଥିଲେ। ବିଶେଷକରି ନିର୍ବାଚନ ବେଳେ ଦଳ ପାଇଁ ସେ ଏକ ମାଇଲଖୁଣ୍ଟ ହୋଇ ଛିଡ଼ାହୋଇଥିଲେ। ଜଣେ ଅଭିଜ୍ଞ ରାଜନେତା, ନମ୍ର ସ୍ୱାଭାବର ଲୋକ ହୋଇଥିବାରୁ ବିଭିନ୍ନ ବର୍ଗରେ ସେ ଆଦୃତ ହୋଇପାରିଥିଲେ।



ପ୍ରଣବ ମୁଖାର୍ଜୀ (୧୯୩୫ ଡିସେମ୍ବର ୧୧–୨୦୨୦ ଅଗଷ୍ଟ ୩୧)



"ପୂର୍ବତନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀଙ୍କ ସ୍ୱର୍ଗବାସ ସମ୍ପର୍କରେ ଶୁଣି ହୃଦୟକୁ ଆଘାତ ଲାଗିଛି। ତାଙ୍କ ଦେହାବସାନ ଏକ ଯୁଗର ପରିସମାପ୍ତି ଅଟେ। ତାଙ୍କ ପରିବାର ପ୍ରତି ମୁଁ ଗଭୀର ଶୋକ ବ୍ୟକ୍ତ କରୁଛି।

– ରାମନାଥ କୋବିନ୍ଦ, ରାଷ୍ଟ୍ରପତି



"ପ୍ରଣବ ଜଣେ ବିଚକ୍ଷଣ ବିଦ୍ୱାନ ତଥା ଉତ୍ତୁଙ୍ଗ ରାଷ୍ଟ୍ରନେତା ଥିଲେ। ଦଳମତ ନିର୍ବିଶେଷରେ ତାଙ୍କ ପ୍ରତି ସମ୍ମାନ ରହିଥିଲା। ତାଙ୍କ ପରଲୋକରେ ଦେଶର ରାଜନୀତିରେ ବଡ଼ ଶୂନ୍ୟସ୍ଥାନ ସୃଷ୍ଟି ହେଲା।

– ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ



"ପୂର୍ବତନ ରାଷ୍ଟ୍ରପତି ତଥା ଭାରତରତ୍ନ ପ୍ରଣବ ମୁଖାର୍ଜୀଙ୍କ ମୃତ୍ୟୁ ଖବର ଶୁଣି ମୁଁ ଦୁଃଖିତ। ଜଣେ ଅଭିଜ୍ଞ ରାଜନେତା ଭାବେ ସେ ଦେଶର ସେବା କରିଆସିଥିଲେ। ପ୍ରଣବଦାଙ୍କ କ୍ୟାରିୟର ସମଗ୍ର ଦେଶ ଲାଗି ଗର୍ବ ଆଣିଦେଇଛି।

– ଅମିତ୍ ଶାହା, ସ୍ୱରାଷ୍ଟ୍ରମନ୍ତ୍ରୀ



"ଭାରତରତ୍ନ ପ୍ରଣବ ମୁଖାର୍ଜୀଙ୍କ ପରଲୋକ ସହ ଏକ ଯୁଗର ଅନ୍ତ ଘଟିଛି। ସେ ରାଜନୀତିରେ ପିତାମହ ଭାବେ ରହିଆସିଥିଲେ। ରାଜନୀତି, ଅର୍ଥନୀତି ସବୁଥିରେ ସେ ପାରଙ୍ଗମ ଥିଲେ। ତାଙ୍କ ପ୍ରତି ମୁଁ ସବୁବେଳେ କୃତଜ୍ଞ।

– ମମତା ବାନାର୍ଜୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ

## ପ୍ରଧାନମନ୍ତ୍ରୀ ହେବାର ସୁଯୋଗ ହରାଇଥିଲେ

ନୂଆଦିଲ୍ଲୀ, ୩୧।୮: ପ୍ରଣବ ମୁଖାର୍ଜୀ ଦେଶର ପ୍ରଧାନମନ୍ତ୍ରୀ ହେବାର ସୁଯୋଗ ହରାଇଥିଲେ। ଭାଗ୍ୟ ତାଙ୍କର ସାଥ୍ ଦେଇ ନ ଥିଲା। ୨୦୦୯ରେ ସେ ଅଳ୍ପକେ ପ୍ରଧାନମନ୍ତ୍ରୀ ହେବାରୁ ବଞ୍ଚିତ ହୋଇଥିଲେ। ନିଜର ଲମ୍ବା ରାଜନୈତିକ କ୍ୟାରିୟର ମଧ୍ୟରେ ସେ ବିଭିନ୍ନ ପଦ ପଦବୀରେ ରହିଆସିଥିଲେ ହେଁ ଦେଶର ପ୍ରଧାନମନ୍ତ୍ରୀ ହେବାର ସୁଯୋଗ ପାଇ ନ ଥିଲେ। ନେହେରୁ–ଗାନ୍ଧୀ ପରିବାର ପ୍ରତି ଯେହେତୁ ତାଙ୍କର ଆନୁଗତ୍ୟ ରହିଥିଲା, ସେଥିଲାଗି ସେ ହିଁ ପ୍ରଧାନମନ୍ତ୍ରୀ ହେବେ ବୋଲି ଆକଳନ କରାଯାଇଥିଲା। ହେଲେ ଶେଷରେ ସୋନିଆ ଗାନ୍ଧୀ ମନମୋହନ ସିଂଙ୍କୁ ଏଥିଲାଗି ମନୋନୀତ କରିଥିଲେ। ୧୦ ବର୍ଷ ଧରି ମନମୋହନ ସିଂ ଭାରତର ପ୍ରଧାନମନ୍ତ୍ରୀ ହୋଇଥିଲେ। ହେଲେ ଦ୍ୱିତୀୟ ବରିଷ୍ଠ ମନ୍ତ୍ରୀ ଭାବେ ପ୍ରଣବଙ୍କୁ ସମ୍ମାନ ମିଳିଆସିଥିଲା। ଜଣେ ସଙ୍କଟମୋଚନ ଭାବେ ସେ ଦଳରେ ଉଭା ହୋଇଥିଲେ। ନିର୍ବାଚନ ପ୍ରଚାର ହେଉ କି ଦଳୀୟ ସଙ୍ଗଠନ ସବୁଠାରେ ପ୍ରଣବଙ୍କ ଦବ୍‌ଦବା ରହିଆସିଥିଲା। ଇନ୍ଦିରା ଗାନ୍ଧୀଙ୍କ ଦ୍ୱିତୀୟ ପ୍ରଧାନମନ୍ତ୍ରିତ୍ୱ କାଳରେ ପ୍ରଣବ କ୍ୟାବିନେଟ ମନ୍ତ୍ରୀ ଥିଲେ। ଇନ୍ଦିରାଙ୍କ ଦେହାନ୍ତ ପରେ ମଧ ଦେଶର ପ୍ରଧାନମନ୍ତ୍ରୀ ହେବା ଲାଗି ପ୍ରଣବଙ୍କ ପାଖରେ ସୁଯୋଗ ସୃଷ୍ଟି ହୋଇଥିଲା। ସେ ଅଳ୍ପକେ ଏହାକୁ ହାତଛଡ଼ା କରିଥିଲେ।

# ସୀମାରେ ପୁଣି ମୁହାଁମୁହିଁ

**ଚାଇନା ସେନାର ଅନୁପ୍ରବେଶ ଉଦ୍ୟମ ପଣ୍ଡ**

ନୂଆଦିଲ୍ଲୀ, ୩୧।୮

ଚାଇନା ସେନା ପକ୍ଷରୁ ଭାରତୀୟ ସୀମାରେ ପୁଣି ଅନୁପ୍ରବେଶ ଉଦ୍ୟମ କରାଯାଇଛି। ଏଭଳି ହିନ ଉଦ୍ୟମ କରାଯିବା ଫଳରେ ଭାରତୀୟ ସେନା ପକ୍ଷରୁ ଏହାର ଦୃଢ଼ ଜବାବ ଦିଆଯାଇଛି। ପିପୁଲ୍ସ ଲିବରେଶନ ଆର୍ମି ପକ୍ଷରୁ ଶନିବାର ରାତିରେ ଲଦାଖର ପାଙ୍ଗୋଙ୍ଗ ହ୍ରଦ ଦକ୍ଷିଣ ତଟ ନିକଟରେ ଏଲ୍‌ଏସିକୁ ଅତିକ୍ରମ କରିବା ଲାଗି ପ୍ରୟାସ କରାଯାଇଥିଲା। ପ୍ରବଳ ମାତ୍ରାରେ ଚାଇନା ସୈନ୍ୟ ସେଠାରେ ଠୁଳ ହୋଇଥିଲେ। ସୀମା ସ୍ଥିତିରେ ପରିବର୍ତ୍ତନ ଆଣିବା ଲାଗି ଏକପାଖିଆ ପଦକ୍ଷେପ ଗ୍ରହଣ କରାଯାଇଥିଲା। ହେଲେ ସେଠାରେ ଉପସ୍ଥିତ ଥିବା ଭାରତୀୟ ଯବାନ ସୀମାରେ ମୁହାଁମୁହିଁ ହୋଇ ସେମାନଙ୍କ ଉଦ୍ୟମକୁ ପଣ୍ଡ କରିଦେଇଛନ୍ତି। ସୀମାରେ ସେଭଳି କୌଣସି ସଂଘର୍ଷ ହୋଇ ନ ଥିଲା କି କେହି ମୃତାହତ ହୋଇ ନ ଥିଲେ। ସୀମା ସମସ୍ୟାର ସମାଧାନ ଓ ଉତ୍ତେଜନା ହ୍ରାସ ଲାଗି ସେନା ଅଧିକାରୀ ସ୍ତରୀୟ ଆଲୋଚନା ଚାଲିଥିବାବେଳେ ସୀମାରେ ପୁଣି ଉତ୍ତେଜନା ଦେଖାଦେବା ପରିସ୍ଥିତିକୁ ବିଗାଡ଼ିଦେଇଛି।

ଗତ ମେ' ମାସରେ ପୂର୍ବ ଲଦାଖରେ ଭାରତ ଓ ଚାଇନା ସେନା ମଧ୍ୟରେ ରକ୍ତାକ୍ତ ସଂଘର୍ଷ ହୋଇଥିଲା। ପିଏଲ୍‌ଏର ସାମ୍ରାଜ୍ୟବାଦୀ ଆଭିମୁଖ୍ୟ ଓ ଅନୁପ୍ରବେଶ ଉଦ୍ୟମ ଏହାର ମୁଖ୍ୟ କାରଣ ଥିଲା। ସମସ୍ୟାର ସମାଧାନ ଓ ସୀମାରେ ଉତ୍ତେଜନା ହ୍ରାସ ଲାଗି କୂଟନୈତିକ ଓ କମାଣ୍ଡରସ୍ତରୀୟ ଆଲୋଚନା କରାଯାଇଆସୁଛି, ହେଲେ କିଛି ସୁଫଳ ମିଳିନି। ଶନିବାର ରାତିରେ ଚାଇନା ସେନାର ଅନୁପ୍ରବେଶ ଉଦ୍ୟମ ଓ ସୀମାରେ ଅଶାନ୍ତ ପରିବେଶ ସୃଷ୍ଟି ଏହାର ଜ୍ୱଳନ୍ତ ଉଦାହରଣ। ଏଥିସହ ସୀମା ନିକଟରେ ଚାଇନା ରାସ୍ତା, ବ୍ରିଜ୍, ହେଲିପ୍ୟାଡ୍, ସାମରିକ ଭିତ୍ତିଭୂମି ନିର୍ମାଣ କରିଚାଲିଛି। ଏଭଳି ସ୍ଥିତିରେ ଭାରତ ପକ୍ଷରୁ ଅଧିକ ସତର୍କତା ଅବଲମ୍ବନ କରାଯାଉଛି। ଏଥିଲାଗି ଲଦାଖରୁ ଅରୁଣାଞ୍ଚଳ ପ୍ରଦେଶ ପର୍ଯ୍ୟନ୍ତ ମୋଟ ୩,୪୮୮ କି.ମି. ସେନାକୁ ସତର୍କ ରଖିବା ସହ ଟ୍ୟାଙ୍କ, କ୍ଷେପଣାସ୍ତ୍ର, ବ୍ୟାପକ ପରିମାଣର ଯୁଦ୍ଧାସ୍ତ୍ର ପ୍ରସ୍ତୁତ କରି ରଖିଛି।

# ସୁପ୍ରିମକୋର୍ଟରେ ପ୍ରତ୍ୟକ୍ଷ ଶୁଣାଣି ପାଇଁ ଏସ୍‌ଓପି ଜାରି

ନୂଆଦିଲ୍ଲୀ, ୩୧।୮(ପି.ଟି.)

କରୋନା ମହାମାରୀ ଯୋଗୁ ମାର୍ଚ୍ଚ ୨୫ରୁ ସୁପ୍ରିମକୋର୍ଟରେ ପ୍ରତ୍ୟକ୍ଷ ଶୁଣାଣି ବନ୍ଦ ରହିଥିବାବେଳେ ଭିଡିଓ କନ୍‌ଫରେନ୍ସ ଜରିଆରେ କେବଳ ଗୁରୁତ୍ୱପୂର୍ଣ୍ଣ ମାମଲାଗୁଡ଼ିକର ଶୁଣାଣି ହେଉଛି। ବିଭିନ୍ନ ଆଇନଜୀବୀ ସଂଗଠନର ଅନୁରୋଧ କ୍ରମେ ପରୀକ୍ଷାମୂଳକ ଭାବେ ପ୍ରତ୍ୟକ୍ଷ ଶୁଣାଣି ଆରମ୍ଭ କରିବା ପାଇଁ ଅଦାଲତ ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ ସର୍ବୋଚ୍ଚ ଅଦାଲତ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଡ୍ୟୁଓର (ଏସ୍‌ଓପି) ଜାରି କରିଛନ୍ତି। ବିଭିନ୍ନ ବାର୍ ଆସୋସିଏଶନର ଅନୁରୋଧ କ୍ରମେ ଅଗଷ୍ଟ ପ୍ରଥମ ଭାଗରେ ଜଷ୍ଟିସ୍ ଏନ୍.ଭି. ରମାନାଙ୍କ ନେତୃତ୍ୱରେ ୭ ଜଣିଆ ବିଚାରପତି କମିଟି ବୈଠକ ବସି ପରୀକ୍ଷାମୂଳକ ଭାବେ ପ୍ରତ୍ୟକ୍ଷ ଶୁଣାଣି ଆରମ୍ଭ କରିବା ଲାଗି ଭାରତର ପ୍ରଧାନ ବିଚାରପତି ଏସ୍.ଏ. ବୋବ୍‌ଡେଙ୍କୁ ସୁପାରିସ କରିଥିଲେ। ଅତିରିକ୍ତ ନିରାପତ୍ତା ନିୟମ ପାଳନ ସହ ପ୍ରତ୍ୟକ୍ଷ ଶୁଣାଣି କରିବା ପାଇଁ କୁହାଯାଇଥିଲା। ତେବେ କେବେଠାରୁ ସୁପ୍ରିମକୋର୍ଟରେ ପ୍ରତ୍ୟକ୍ଷ ଶୁଣାଣି ହେବ ତାହା ଏସ୍‌ଓପିରେ ଉଲ୍ଲେଖ ନାହିଁ। ପ୍ରଥମେ ୩ଟି କୋର୍ଟ ରୁମ୍‌ରେ ଶୁଣାଣି ଆରମ୍ଭ ହେବ ଓ ପରେ ସ୍ଥିତିକୁ ଦେଖି ଏହାକୁ ବଢ଼ାଇବା କିମ୍ବା କମାଇବା ପାଇଁ ନିଷ୍ପତ୍ତି ନିଆଯିବ ବୋଲି ସୁପ୍ରିମକୋର୍ଟ ମହାସଚିବ ସଞ୍ଜୀବ ଏସ୍. କାଲଗାଓଁକର କହିଛନ୍ତି।

## ସିଙ୍ଗାପୁରରେ ପ୍ରଥମ ବିରୋଧୀ ଦଳ ନେତା ହେଲେ ଭାରତୀୟ ବଂଶୋଦ୍ଭବ

ସିଙ୍ଗାପୁର, ୩୧।୮(ପି.ଟି.): ସିଙ୍ଗାପୁରରେ ଭାରତୀୟ ବଂଶୋଦ୍ଭବ ରାଜନେତା ପ୍ରୀତମ ସିଂ ଇତିହାସ ରଚିଛନ୍ତି। ସେ ଦେଶର ପ୍ରଥମ ବିରୋଧୀ ଦଳ ନେତା ହୋଇଛନ୍ତି। ସୋମବାର ପାର୍ଲାମେଣ୍ଟ ତାଙ୍କୁ ଦାୟିତ୍ୱ ପ୍ରଦାନ କରିଛି। ଜୁଲାଇ ୧୦ରେ ହୋଇଥିବା ସାଧାରଣ ନିର୍ବାଚନରେ ପ୍ରୀତମ୍‌ଙ୍କ ୱର୍କର୍ସ ପାର୍ଟି ୯୩ଟି ଆସନରେ ଲଢ଼ି ୧୦ଟିରେ ବିଜୟୀ ହୋଇଥିଲା। ଫଳରେ ଏହି ଦଳ ସିଙ୍ଗାପୁର ସଂସଦୀୟ ଇତିହାସରେ ବୃହତ୍ ବିରୋଧୀ ଦଳର ମାନ୍ୟତା ହାସଲ କରିଥିଲା। ସୋମବାର ପାର୍ଲାମେଣ୍ଟ ଅଧିବେଶନ ଆରମ୍ଭ ହେବା ସହିତ ପ୍ରୀତମ୍‌ଙ୍କୁ ଦେଶର ପ୍ରଥମ ବିରୋଧୀ ଦଳ ନେତା ଭାବେ ଗୃହର ନେତା ଇନ୍ଦ୍ରାଣୀ ରାଜା ଆନୁଷ୍ଠାନିକ ସ୍ୱୀକୃତି ଦେଇଛନ୍ତି।



ପ୍ରୀତମ ସିଂ

# ପଶ୍ଚିମବଙ୍ଗରେ ୩୦ ଯାଏ ଲକ୍‌ଡାଉନ

କୋଲକାତା, ୩୧।୮(ପି.ଟି.)

ପଶ୍ଚିମବଙ୍ଗ ସରକାର କରୋନାଜନିତ ଲକ୍‌ଡାଉନ୍‌କୁ ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ ବଢ଼ାଇଛନ୍ତି। ସେପ୍ଟେମ୍ବର ୭, ୧୧ ଏବଂ ୧୨ରେ ପଶ୍ଚିମବଙ୍ଗ ସମ୍ପୂର୍ଣ୍ଣ ଲକ୍‌ଡାଉନ ରହିବ ବୋଲି ମୁଖ୍ୟ ଶାସନ ସଚିବ ରାଜୀବ ସିହ୍ନା କହିଛନ୍ତି। ତେବେ କେନ୍ଦ୍ର ସରକାରଙ୍କ ଅନ୍‌ଲକ୍ ୪ ଗାଇଡ୍‌ଲାଇନ ଅନୁଯାୟୀ ସେପ୍ଟେମ୍ବର ୮ରୁ ମେଟ୍ରୋ ରେଳ ସେବା ପର୍ଯ୍ୟାୟକ୍ରମେ ଆରମ୍ଭ ହେବ। ସୋମବାର ସୁଦ୍ଧା ପଶ୍ଚିମବଙ୍ଗରେ କରୋନା ସଂକ୍ରମିତଙ୍କ ସଂଖ୍ୟା ୧,୫୯,୭୮୫ରେ ପହଞ୍ଚିଥିବାବେଳେ ୩,୧୭୬ ଜଣଙ୍କ ଜୀବନ ଗଲାଣି। ୧,୩୦,୯୫୨ ଜଣ ସୁସ୍ଥ ହୋଇଥିବାବେଳେ ୨୫,୬୫୭ ଆକ୍ଟିଭ୍ କେସ୍ ରହିଛି।

## ଆଇଏସ୍‌ଆଇ ଏଜେଣ୍ଟ ଗିରଫ

ନୂଆଦିଲ୍ଲୀ, ୩୧।୮(ପି.ଟି.): ପାକିସ୍ତାନୀ ଗୋଇନ୍ଦା ସଂସ୍ଥା (ଆଇଏସ୍‌ଆଇ) ପାଇଁ କାର୍ଯ୍ୟ କରୁଥବା ଗୁଜରାଟ ମୁନ୍ଦ୍ରା ଡକ୍‌ୟାର୍ଡର ସୁପରଭାଇଜର ରଜକଭାଇ କୁମ୍ଭାରଙ୍କୁ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ରବିବାର ଗିରଫ କରିଛି। ଗୁଜରାଟ ପଶ୍ଚିମ କଚ୍ଛ ବାସିନ୍ଦା ରଜକଭାଇ ଉତ୍ତରପ୍ରଦେଶ ପ୍ରତିରକ୍ଷା/ଆଇଏସ୍‌ଆଇ ମାମଲା ସହ ସମ୍ପୃକ୍ତ ବୋଲି ଏନ୍‌ଆଇଏର ଜଣେ ଅଧିକାରୀ କହିଛନ୍ତି। ଚାଣ୍ଡୋଲି ଜିଲା ମୋଗଲସରାଇରୁ ମହମ୍ମଦ ରଶିଦ୍ ଗିରଫ ହେବା ପରେ ଜାନୁୟାରୀ ୧୯ରେ ଲକ୍ଷ୍ନୌର ଗୋମତିନଗର ଥାନାରେ ଏତଲା ଦାଏର ହୋଇଥିଲା।

# ରିଆଙ୍କୁ ଚତୁର୍ଥ ଦିନ ଲାଗି ଜେରା

ମୁମ୍ବାଇ, ୩୧।୮ : ସୁଶାନ୍ତ ସିଂ ରାଜପୁତ ମୃତ୍ୟୁ ମାମଲାରେ ଅଭିନେତ୍ରୀ ରିଆ ଚକ୍ରବର୍ତ୍ତୀଙ୍କୁ ସୋମବାର ଡିଆର୍‌ଡିଓ ଗେଷ୍ଟହାଉସ୍‌ରେ ଲଗାତର ଚତୁର୍ଥ ଦିନ ଲାଗି ସିବିଆଇ ପକ୍ଷରୁ ଜେରା କରାଯାଇଛି। ପ୍ରତିଦିନ ୮ରୁ ୧୦ ଘଣ୍ଟା ସେ ଜେରାର ସମ୍ମୁଖୀନ ହେଉଛନ୍ତି। ଡ୍ରଗ୍ସ ମାମଲା, ମନିଲଣ୍ଡରିଂ ମାମଲା, ସୁଶାନ୍ତ ଡିପ୍ରେସନରେ ରହିବା ଓ ତାଙ୍କ ମୃତ୍ୟୁ ସମ୍ପର୍କିତ ବିଭିନ୍ନ ପ୍ରଶ୍ନ ପଚରାଯାଉଛି। ରିଆଙ୍କ ଭାଇ ସୌଭିକ୍, ସୁଶାନ୍ତଙ୍କ ପୂର୍ବତନ ମ୍ୟାନେଜର ଶ୍ରୁତି ମୋଦି, ସହାୟକ ନୀରଜ ସିଂ, ଫ୍ଲାଟ୍‌ମେଟ୍ ସିଦ୍ଧାର୍ଥ ପିଠାନି, ରୋଷେୟା କେଶବ, ଦୀପେଶ୍ ସାୱନ୍ତ, ସାମୁଏଲ ମିରାଣ୍ଡାଙ୍କୁ ତଦନ୍ତ ପରିସରକୁ ନିଆଯାଇ ଜେରା କରାଯାଉଛି।

ଅନ୍ୟପକ୍ଷରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ ମନିଲଣ୍ଡରିଂ ମାମଲାରେ ଗୋଆର ହୋଟେଲ ବ୍ୟବସାୟୀ ଗୌରବ ଆର୍ଯ୍ୟ ଓ ବ୍ୟବସାୟୀ କୁନାଲ ଜାନିଙ୍କୁ ଜେରା କରାଯାଇଛି। ରିଆଙ୍କ ଫୋନ୍ ଚାର୍ଟରେ ଏମାନେ ସାମିଲ ଥିବାରୁ ସମନ୍ କରାଯାଇଥିଲା। ସୁଶାନ୍ତ ଗଞ୍ଜେଇ ଖାଉଥିବା ଅଭିଯୋଗ ହେବା ଓ ଫୋନ୍ ଚାର୍ଟରେ ଡ୍ରଗ୍ସ ସମ୍ପର୍କରେ ଉଲ୍ଲେଖ ଥିବାରୁ ଏନେଇ ଖୋଳତାଡ଼ ଜାରି ରହିଛି।



ରିଆ ଚକ୍ରବର୍ତ୍ତୀ


**ପୌର ପରିଷଦ କାର୍ଯ୍ୟାଳୟ, ଉମରକୋଟ**

ପୌର ପରିଷଦ, ଉମରକୋଟ ଚଳିତ ବର୍ଷର ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ–୨୦୨୦ ପାଳନ ଉପଲକ୍ଷେ ଉମରକୋଟ ସହରର ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇବା ସହ ସହରର ସର୍ବାଙ୍ଗୀନ ଉନ୍ନତି ପାଇଁ ସମସ୍ତଙ୍କ ସହଯୋଗ କାମନା କରୁଅଛୁ। ୧. ପୌରପାଳିକାର ଦେୟ ଠିକ୍ ସମୟରେ ପୈଠକରି ପରିଷଦକୁ ନିଜର କର୍ତ୍ତବ୍ୟ ପାଳନରେ ସାହାଯ୍ୟ କରନ୍ତୁ। ୨. ପରିମଳ ବ୍ୟବସ୍ଥାର ସୁରକ୍ଷା ଓ ଉନ୍ନତି ଘଟାଇ ସୁସ୍ଥ ପରିବେଶ ଗଠନ କରନ୍ତୁ। ୩. ଜନ୍ମ, ମୃତ୍ୟୁ ଓ ବିବାହ ପଞ୍ଜୀକରଣ ଠିକ୍ ସମୟରେ କରାଇ ନିଅନ୍ତୁ। ୪. ନୂତନ ଘର ନିର୍ମାଣ ପୂର୍ବରୁ ଗୃହର ନକ୍ସା ପରିଷଦରୁ ମଞ୍ଜୁର କରାଇ ନିଅନ୍ତୁ। ୫. ରାସ୍ତା ଉପରେ ଗୃହପାଳିତ ପଶୁଗୁଡ଼ିକୁ ଅନଧିକାର ଭାବେ ଛାଡ଼ନ୍ତୁ ନାହିଁ। ୬. ପ୍ଲାଷ୍ଟିକ୍ ଗ୍ଲାସ୍ ଏବଂ ପଲିଥିନ୍ ବ୍ୟାଗ୍‌ର ବ୍ୟବହାର ବନ୍ଦ କରନ୍ତୁ। ୭. ଉମରକୋଟ ସହରକୁ ଖୋଲା ଶୌଚମୁକ୍ତ କରି ସ୍ୱଚ୍ଛ ଉମରକୋଟ ଗଠନ କରିବାରେ ସହଯୋଗ କରନ୍ତୁ। ୮. କରୋନା ମୁକାବିଲାରେ ସରକାରଙ୍କୁ ସାହାଯ୍ୟ କରନ୍ତୁ, ଘରୁ ବାହାରିବା ସମୟରେ ମାସ୍କ, ସାନିଟାଇଜର ଏବଂ ସାମାଜିକ ଦୂରତ୍ୱ ଅବଲମ୍ବନ କରନ୍ତୁ ଏବଂ ସରକାରଙ୍କ ନିର୍ଦ୍ଧାରିତ ନିୟମ ପାଳନ କରନ୍ତୁ। ସତର୍କ ରୁହନ୍ତୁ, ସୁରକ୍ଷିତ ରୁହନ୍ତୁ।
ଏ ସହର ଆପଣଙ୍କର। ଏ ସହରକୁ ପରିଷ୍କାର ପରିଚ୍ଛନ୍ନ ରଖନ୍ତୁ ଏବଂ ଏକ ସୁସ୍ଥ ପରିବେଶ ଗଠନ କରନ୍ତୁ।

ପ୍ରଶାସକ, ପୌର ପରିଷଦ, ଉମରକୋଟ — ସ୍ୱା./– କାର୍ଯ୍ୟ ନିର୍ବାହୀ ଅଧିକାରୀ, ପୌର ପରିଷଦ, ଉମରକୋଟ

**SOUTH CO UTILITY**
**OFFICE OF THE EXECUTIVE ENGINEER, BNED, BHANJANAGAR**

TEL - (06821) 241054 (O) FAX, E-Mail ID: ee.bned@southcoodisha.com

Letter No: 01/2020-21 Date: 31.08.2020

**TENDER NOTICE**

**TENDER NOTICE NO. SOUTHCO UTILITY / BNED / SCHOOL & ANGANWADI CENTERS**

For and on behalf of Southco Utility, sealed tenders in duplicate on two part bidding systems are invited from bidders having **valid HT Electrical License** complying with the terms and conditions laid in the tender documents of the works : **Shifting of HT & LT overhead lines & Sub-Stations from Schools and Anganwadi Centers at different locations under Bhanjanagar Electrical Division on Turnkey Basis**. The Interested bidders may visit Southco's official website **www.southcoodisha.com** for detail specification and location wise/Package wise with scope of work. Any addendum/corrigendum to this tender notice shall be uploaded in the website only. **Issue of tender document (bid sheet):** from 01.09.2020 (11.00 AM) up to 15.09.2020 (05.00 PM), **Submission of Tender (Hard copy) :** Up to dt. 16.09.2020 (01.00 PM.) **Opening of Techno-commercial Bid (Part-I & II):** On dt. 16.09.2020 on or after 3.30 PM. Southco Utility reserves the right to alter the tendered quantity and reject/accept any or all tenders or split the tender among tenders without assigning any reason thereof.

Executive Engineer (Elect)
BNED, Bhanjanagar

**ତହସିଲ କାର୍ଯ୍ୟାଳୟ, ଚିତ୍ରକୋଣ୍ଡା, ଜିଲ୍ଲା: ମାଲକାନଗିରି**

ବିଜ୍ଞପ୍ତି ସଂଖ୍ୟା: ୧୨୬୯/୨୦୨୦ (ସୈରାତ) ତାରିଖ: ୩୧।୦୮।୨୦୨୦

**ଲଘୁ ଖଣିଜ ଉତ୍ସର ଦୀର୍ଘ ମିଆଦୀ ଲିଜ୍ ନିମନ୍ତେ ବିଜ୍ଞାପନ**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଚିତ୍ରକୋଣ୍ଡା ତହସିଲ ଅନ୍ତର୍ଗତ ନିମ୍ନପ୍ରଦତ୍ତ ଲଘୁଖଣିଜ ସୈରାତ ଉତ୍ସଗୁଡ଼ିକର ଓଡ଼ିଶା ଲଘୁ ଖଣିଜଦ୍ରବ୍ୟ ରିହାତି ଆଇନ – ୨୦୧୬ ଓ ଏହାର ସଂଶୋଧନ ଆଇନ–୨୦୧୮ ମୁତାବକ ଆସନ୍ତା ୫ (ପାଞ୍ଚ) ବର୍ଷ ନିମନ୍ତେ ଦୀର୍ଘ ମିଆଦୀ ଲିଜ୍ ସୂତ୍ରେ ନେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି। ଇଚ୍ଛୁକ ବ୍ୟକ୍ତିବିଶେଷ OMMC Rules - 2016ରେ ଫର୍ମ–M ପୂରଣ କରି ଏହାର ତିନିକପି ସହ ଆବଶ୍ୟକୀୟ କାଗଜାତର ନକଲ ସଂଲଗ୍ନ ପୂର୍ବକ ଠିକ୍ ଭାବରେ ବନ୍ଦଥିବା ଲଫାପା ଉପରେ ସୈରାତ ଉତ୍ସର ନାମ ଉଲ୍ଲେଖକରି ଶେଷ ତାରିଖ ୨୩।୦୯।୨୦୨୦ ପୂର୍ବାହ୍ନ ୧୧.୩୦ ସୁଦ୍ଧା ତହସିଲ କାର୍ଯ୍ୟାଳୟରେ ଥିବା ଠିକା ପେଟିକା (Tender Box)ରେ ପକାଇପାରିବେ କିମ୍ବା ରେଜିଷ୍ଟ୍ରି ବା କ୍ଷିପ୍ର ଡାକ ମାଧ୍ୟମରେ ପଠାଇପାରିବେ। ଏହି ବିଜ୍ଞାପନର ସମସ୍ତ ବିସ୍ତୃତ ବିବରଣୀ ମାଲକାନଗିରି ଜିଲ୍ଲା ୱେବ୍‌ସାଇଟ୍ **www.malkangiri.nic.in**ରେ ଦେଖିପାରିବେ। ଯଦି ଇସ୍ତାହାରରେ କୌଣସି ତ୍ରୁଟି ପରିଲକ୍ଷିତ ହୁଏ ତେବେ ତାହା ସଂଶୋଧନ କରିବାର କ୍ଷମତା, କ୍ଷମତାପ୍ରାପ୍ତ ଅଧିକାରୀଙ୍କର ରହିଛି।

| | | | |
|---|---|---|---|
| ଅର୍ଣ୍ଣାଭଟ୍ଟା ପଥର ଖାଦାନ | ଦୁଦୁପାଲ୍ଲି ପଥର ଖାଦାନ | ଅନ୍ତାଳଗୁଡ଼ା ପଥର ଖାଦାନ | କପାତୁଟି ମୋରମ ଖାଦାନ |

ସ୍ୱା./– ତହସିଲଦାର, ଚିତ୍ରକୋଣ୍ଡା

**OFFICE OF THE SR. GENERAL MANAGER (ELECTRICAL)**
**UPPER INDRAVATI HYDRO ELECTRIC PROJECT, MUKHIGUDA**
DIST.: KALAHANDI - 766026, E-mail: sgmel_uihep@ohpcltd.com

**ODISHA HYDRO POWER CORPORATION LTD.**
(A GOVERNMENT OF ODISHA UNDERTAKING)
Regd. Office: OSPH & W.C. Building, Vanivihar Chhak, Janpath, Bhoinagar, Bhubaneswar - 751022, Tel.: 91-0674-2542983, 2542802, 2545526, 2542826, Fax: 2542102, E-mail: ohpc.co@gmail.com / md@ohpcltd.com
WEB: www.ohpcltd.com, CIN: U40101OR1995SGC003963

**NOTICE INVITING TENDER No. 24/2020-21 Date: 27.08.2020**

No. CAD-3425: Sealed tenders are invited in two parts i.e. (i) Techno Commercial Bids & (ii) Price bid in separate sealed envelopes from eligible bidders meeting eligibility criteria only for execution of the following work.

| Description of Work | Cost of Tender Paper (Non-refundable) in Rs. | EMD in shape of DD/Banker's Cheque (Refundable) in Rs. | Period of sale/ download of tender document | Last date & time of receipt of tender | Date & time of opening of Techno Commercial Bid |
|---|---|---|---|---|---|
| Job contract for annual up-keeping and maintenance (Including cooking) of Erectors Hostel of UIHEP, Mukhiguda | 4,720/- (Inclusive of GST) | 8,200/- | From 03.09.2020 to 14.09.2020 upto 11.00 Hrs. | 14.09.2020 (Upto 12.30 Hrs.) | 14.09.2020 at 16.00 Hrs. |

For details of the tender documents, terms and conditions please visit our website www.ohpcltd.com.

Sd./- Unit Head, UIHEP, Mukhiguda
OIPR-32136/11/0022/2021

**OFFICE OF THE SUPERINTENDING ENGINEER**
**RURAL WORKS CIRCLE, BALASORE**
No. O-294:- E-mail ID: serw_balasore@yahoo.in; Ph. N.: 06782/260318, Balia Balasore

**"e"-Procurement Notice for Road Work | Identification No. Online Tender-Road N.C.B. No. 268 for 2020-21.**

Letter No. 1805 Date: 28.08.2020

1. Name of the work :- **RIDF Road works for the year 2020-21**
2. Total Number of works :- **06** Nos (Six)
3. Estimated Cost :- **Rs.289.12 lakhs** to **Rs.578.09 lakhs** (Approximately)
4. Eligible Class of Contractor :- 'B' Class, 'A' Class & Special Class (of Odisha P.W.D.) or relevant Class of other licensing authorities (As per annexure).
5. Period of Completion :- **11** (Eleven) Calendar months for the work.
6. Other Details :-

| Procurement Officer | Bid Identification No. | Availability of Tender online for bidding | | Last Date & Time of seeking tender clarification | Date & Time of Opening of Tender in O/o S.E.R.W. Circle, Baripada | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Superintending Engineer, Rural Works Circle, Balasore | N.C.B. No. 268 | 04.09.2020 at 11.00 AM | 21.09.2020 Up to 05.00 PM | 18.09.2020 Up to 5.00 P.M. | 22.09.2020 at 11.00 A.M. | 28.09.2020 at 11.00 A.M. |

• Further details can be seen from the website www.tendersorissa.gov.in

Sd./- Superintending Engineer, R.W. Circle, Balasore
OIPR-25105/11/0003/2021

**OFFICE OF THE DISTRICT PROJECT CO-ORDINATOR**
**SAMAGRA SHIKSHA, KALAHANDI**

No. 1499/MIS/20 Date: 31.08.20

**OPEN TENDER CALL NOTICE**

Sealed tenders are invited from the intending authorized dealers/firms for supply of Split Air Conditioner, Stabilizer for Split Air Conditioner, Lead Acid battery (Buy Back) & R.O. System to be used in the District Project Office, Samagra Shiksha, Kalahandi, Bhawanipatna. For details please visit distirct website **www.kalahandi.nic.in** & OSEPA website: **www.osepa.gov.in**. The authority reserves the right to cancel the tender without assigning any reason thereof.

Sd./- By Order of Collector-cum-Chairman

**ODISHA HYDRO POWER CORPORATION LTD.**
**O/o. SR. GENERAL MANAGER, HIRAKUD HYDRO ELECTRIC PROJECT**
POST BOX NO.-5, BURLA-768017, DISTRICT: SAMBALPUR (ODISHA),
PHONE: 0663-2430197 (O), 2430741 (R), FAX: 0663-2430712
E-mail: srgmhps_burla@yahoo.co.in

No.: HHEP/Tech-Pur-54, Vol-IV/4034 Date: 31.08.2020

**NOTICE INVITING TENDER NO. HHEP-45/2020**

No.: CAD-428: Sealed tenders are invited in two parts i.e. (i) Techno Commercial Bid & (ii) Price Bid in separate sealed envelopes from the reputed **Manufactuerers** only having valid Firm Registration Certificate issued by Govt. authority, IT PAN & GST Registration Certificate for **Supply of EHV grade Transformer Oil to HHEP, Burla as per detail given below**.

| Sl. No. | Description of Materials | Qty. in Ltrs. | Cost of Tender Paper (Non-refundale) in Rs. | EMD in shape of DD/BC only (Refundable) in Rs. |
|---|---|---|---|---|
| 1 | EHV Grade Transformer Oil confirming to IS:335:1993 and its latest amendments/revisions | 37800/- | Rs.7080/-/- (Rs.6000/- + GST @ 18%) | 27,000/- |

- Period of Sale/download of tender document : 04.09.2020 to Dtd. 19.09.2020
- Last date & time of receipt of tender document : 21.09.2020 upto 03.30 P.M.
- Date & Time of Opening of Techno Commercial Bid : 21.09.2020 upto 04.00 P.M.

Further details of tender documents/terms and conditions/corrigendum/errata/addendum if any please visit our website **www.ohpcltd.com**.

OIPR-04007/11/0012/2021 Sd./- Unit Head, HHEP, Burla

**The Odisha Small Industries Corporation Ltd.**
( A Government of Odisha Undertaking) )
(*An ISO:9001:2008 certified Govt. Company*)
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
OSIC GST No. 21AAACO2101M1Z1

**TENDER CALL NOTICE**

Ref No. 3502 Dt. 28.08.2020

**Tender Notice No. 3502 dt.28.08.2020 for award of contract for road transportation of Industrial Raw Materials**

Tender Call Notice is invited under two bid system from the eligible, reputed and established transporters having network in Odisha for transportation of Industrial Raw Materials. The approximate transportation quantity of materials will be 1,00,000 MTS per year. The detail information and tender document shall be uploaded in the website **www.osicltd.in** which can be downloaded and submitted along with tender paper cost of Rs 10,000/- (non–refundable). Any revisions, corrigendum, time extension etc. to the tender will be hoisted on OSIC website only. The last date and time for submission of Tender in the Tender Box of M.D., OSIC Ltd., Cuttack is dt. 15.09.2020 by 4.00 PM. The Technical Bid will be opened on dt. 16.09.2020 at 11.00 AM. OSIC reserves the right to accept or reject any or all the tender or cancel the entire tender without assigning any reason thereof.

E.M.D. as described in the DTCN should be submitted along with the tender paper.

MANAGING DIRECTOR

**ODISHA STATE CIVIL SUPPLIES CORPORATION LIMITED, SUBARNAPUR**
**OFFICE OF THE DISTRICT MANAGER, SUBARNAPUR**
**QUOTATION / TENDER CALL NOTICE**

No. 1613 Dt.28.08.20

**TENDER CALL FOR HIRING VEHICLE**

No. CAD-430: The Collector, Subarnapur has been pleased to pass order for engagement of 1 (One) hired vehicle (Bolero)/Scorpio/Tuv300/Sumo Gold for official use in KMS 2019-20 & 1020-21. Fresh sealed quotation/tenders are invited from interested reputed Travel Agencies/Tour Operators or Private Individuals for providing 1 (One) No. of NON-AC/AC Diesel driven vehicles which shall confirm to the terms and condition for Paddy Procurement use in the Office of the Chief CSO-cum-District Manager, OSCSC Ltd., Subarnapur on monthly rent basis for aforesaid purpose. Tender paper shall be reached to the Office of the undersigned by Speed Post/Registered Post/Courier on or before Dt.10.09.20 at 1.30 P.M.

The non refundable cost of tender application is Rs.100/- (Rupees one hundred) only to be deposited with the undersigned in shape of Cash/DD/Pay Order drawn in favour of "District Manager, OSCSC Ltd., Subarnapur" payable on Sonepur.

**The detail tender guideline is available in this Office/District website**

| PROGRAMME OF TENDER SELECTION | DATE & TIME |
|---|---|
| Date of Advertisement | 31.08.2020 |
| Sale of Tender Paper (All Working days). | 31.08.2020 to 06.09.2020 by 4.00 P.M. |
| Receipt of Tender Application | By 10.09.2020 (1.30 P.M.) |
| Finalization of Tenders/Bids | Same day 10.09.2020 at 4.00 P.M. |

By Order of Collector
Sd./- Chief CSO-cum-District Manager
OSCSC Ltd., Subarnapur
OIPR-07030/11/0002/2021

**ନନ୍ଦନକାନନ ଉପନିର୍ଦ୍ଦେଶକଙ୍କୁ କରୋନା**

ବାରଙ୍ଗ(ଡି.ଏନ୍.ଏ.): ପ୍ରାଣୀ ଉଦ୍ୟାନ ନନ୍ଦନକାନନରେ ପଶିଲା କରୋନା। ନନ୍ଦନକାନନର କୋଭିଡ ଦାୟିତ୍ୱରେ ଥିବା ଶିକ୍ଷା ବିଭାଗର ଅଧିକାରୀ ମିଳନ କୁମାର ପଣ୍ଡାଙ୍କ ସୂଚନା ଅନୁଯାୟୀ, ନନ୍ଦନକାନନ ଉପ-ନିର୍ଦ୍ଦେଶକ ବିମଳ ପ୍ରଶନ୍ନ ଆଚାର୍ଯ୍ୟ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏହା ଜଣାପଡ଼ିବା ପରେ ତାଙ୍କ କାର୍ଯ୍ୟାଳୟକୁ ୫ଦିନ ପାଇଁ ବନ୍ଦ ରଖାଯାଇଛି। ଉପନିର୍ଦ୍ଦେଶକଙ୍କ ସହ ମିଶିଥିବା ଅଧିକାରୀ ଓ କର୍ମଚାରୀମାନଙ୍କୁ ହୋମ କ୍ୱାରାଣ୍ଟାଇନରେ ରହିବାକୁ କୁହାଯାଇଛି। ଶନିବାରଠାରୁ ୫ଦିନ ପାଇଁ ଉପ-ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ବନ୍ଦ ରଖାଯାଇଥିବା ନନ୍ଦନକାନନ କୋଭିଡ୍ ଅଧିକାରୀ ପଣ୍ଡା କହିଛନ୍ତି।

**ସଂକ୍ଷେପରେ**

## ପ୍ରଣବଙ୍କ ବିୟୋଗରେ ୭ ଦିନିଆ ରାଷ୍ଟ୍ରୀୟ ଶୋକ

**ଭୁବନେଶ୍ୱର, ୩୧।୮ (ବ୍ୟୁରୋ):** ପୂର୍ବତନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀଙ୍କ ବିୟୋଗରେ ରାଜ୍ୟ ସରକାର ୭ଦିନିଆ ରାଷ୍ଟ୍ରୀୟ ଶୋକ ପାଳନ କରିବାକୁ ଘୋଷଣା କରିଛନ୍ତି। ଅଗଷ୍ଟ ୩୧ ତାରିଖରୁ ସେପ୍ଟେମ୍ବର ୬ ତାରିଖ ପର୍ଯ୍ୟନ୍ତ ଏହି ଶୋକ ପାଳନ କରାଯିବ। ଏହି ସମୟରେ ସମସ୍ତ ସରକାରୀ କାର୍ଯ୍ୟାଳୟରେ ଉଡୁଥିବା ଜାତୀୟ ପତାକାକୁ ଅର୍ଦ୍ଧନମିତ କରାଯାଇଛି। ଏନେଇ ଗୃହ ବିଭାଗ ପକ୍ଷରୁ ସୋମବାର ଏକ ବିଜ୍ଞପ୍ତି ଜାରି କରାଯାଇଛି। ଶୋକ ପାଳନ କରିବା ପାଇଁ ଗୃହ ବିଭାଗର ଅତିରିକ୍ତ ସଚିବ ଏସ୍.କେ. ମିଶ୍ର ରାଜସ୍ୱ ପର୍ଷଦ ସଭ୍ୟ, ସମସ୍ତ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ପୋଲିସ ଡିଜି, ଆଇଜି, ସମସ୍ତ ବିଭାଗର ସଚିବ, ଗୋଇନ୍ଦା ବିଭାଗର ନିର୍ଦ୍ଦେଶକ, ରାଜ୍ୟପାଳଙ୍କ ସଚିବ, କଟକ-ଭୁବନେଶ୍ୱର ପୋଲିସ କମିଶନର, ସମସ୍ତ ରାଜସ୍ୱ କମିଶନର, ଜିଲାପାଳ, ଏସ୍‌ପିଙ୍କୁ ଏ ନେଇ ଜଣାଇଛନ୍ତି।

## ଅକ୍ଟୋବରରେ ଖୋଲିପାରେ ନନ୍ଦନକାନନ

**ବାରଙ୍ଗ,୩୧।୮(ଡି.ଏନ୍.ଏ.):** କରୋନା ପାଇଁ ପ୍ରାଣୀ ଉଦ୍ୟାନ ନନ୍ଦନକାନନ ୫ମାସରୁ ଊର୍ଦ୍ଧ୍ୱ ହେବ ବନ୍ଦ ରହିଛି। ତେବେ ଅକ୍ଟୋବର ପ୍ରଥମ ସପ୍ତାହରେ ନନ୍ଦନକାନନ ଖୋଲିବା ପାଇଁ ଆଲୋଚନା ଆରମ୍ଭ ହୋଇଛି। ନନ୍ଦନକାନନ ପକ୍ଷରୁ ଏଥିପାଇଁ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଥିବା ଜଣାପଡ଼ିଛି। ନନ୍ଦନକାନନ ଖୋଲିଲେ ଆସିବାକୁ ଥିବା ପର୍ଯ୍ୟଟକଙ୍କ ପାଇଁ ପୂରା ଶରୀର ସାନିଟାଇଜ୍ ବ୍ୟବସ୍ଥା ହେବ ବୋଲି ନିଷ୍ପତ୍ତି ନିଆଯାଇଛି। ଏ ବିଷୟରେ ନନ୍ଦନକାନନ ସହକାରୀ ନିର୍ଦ୍ଦେଶକ ଅମୂଲ୍ୟ କୁମାର ପରିଡ଼ା କହିଛନ୍ତି, ଏକ ବିଶେଷ ଆଲୋଚନା ପରେ ଅକ୍ଟୋବର ପହିଲାରୁ ନନ୍ଦନକାନନ ଖୋଲିବା ନେଇ ଏକ ପ୍ରକାର ନିଷ୍ପତ୍ତି ହୋଇଥିଲା। ସେ ସମୟରେ କରୋନାର ପ୍ରକୋପ ଓ କୋଭିଡ୍ ଗାଇଡଲାଇନ ସହ ସରକାର କ'ଣ ନିଷ୍ପତ୍ତି ନେଉଛନ୍ତି ସମୟ ହିଁ କହିବ ବୋଲି ସେ କହିଛନ୍ତି।

## ଏସ୍‌ସିବିରେ ହେବ ନୂଆ ଆଇସୋଲେଶନ ୱାର୍ଡ

**କଟକ ଅଫିସ,୩୧।୮:** ଏସ୍‌ସିବିର ନିଉ ମେଡିସିନ ୱାର୍ଡକୁ ଅତିରିକ୍ତ ଆଇସୋଲେଶନ ୱାର୍ଡ ଭାବେ ବ୍ୟବହାର କରାଯିବ। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ସିଏମ୍‌ସି କମିଶନର ଓ ଅନ୍ୟାନ୍ୟ ଉଚ୍ଚପଦସ୍ଥ ଅଧିକାରୀ କ୍ଷେତ୍ର ପରିଦର୍ଶନ ଓ ଭିତ୍ତିଭୂମି ଅନୁଧାନ କରିବା କାର୍ଯ୍ୟକ୍ରମ ରହିଛି ବୋଲି ଏସ୍‌ସିବି ଭାରପ୍ରାପ୍ତ ଅଧୀକ୍ଷକ ଡାକ୍ତର ପ୍ରଶାନ୍ତ କୁମାର ନନ୍ଦ କହିଛନ୍ତି। ସେ କହିଛନ୍ତି ଯେ ବର୍ତ୍ତମାନର ଆଇସୋଲେଶନ ୱାର୍ଡରେ ୨୮୧ଟି ଶଯ୍ୟାର ବ୍ୟବସ୍ଥା ରହିଛି। କିନ୍ତୁ ଢେର ଅଧିକ ସଂଖ୍ୟାରେ ରୋଗୀ ଆଡମିଶନ ହେଉଥିବାରୁ ସଂପ୍ରସାରଣ ଆବଶ୍ୟକ ହୋଇପଡ଼ିଛି। ସିଏମ୍‌ସି କର୍ତ୍ତୃପକ୍ଷଙ୍କ ଅନୁମୋଦନ ପରେ ଖୁବ୍ ଶୀଘ୍ର ଏହି ୱାର୍ଡକୁ ଆଇସୋଲେଶନରେ କାର୍ଯ୍ୟକାରୀ କରାଯିବ।

## ସରକାରୀ କାର୍ଯ୍ୟାଳୟ ନିମନ୍ତେ ସେପ୍ଟେମ୍ବର ପାଇଁ ନିର୍ଦ୍ଦେଶନାମା ଜାରି

**ଭୁବନେଶ୍ୱର, ୩୧।୮(ବ୍ୟୁରୋ):** ସେପ୍ଟେମ୍ବର ମାସ ପାଇଁ ସରକାରୀ କାର୍ଯ୍ୟାଳୟ ନିମନ୍ତେ ରାଜ୍ୟ ସରକାର ନୂଆ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଏ ନେଇ ସୋମବାର ସାଧାରଣ ପ୍ରଶାସନ ବିଭଗ ପକ୍ଷରୁ ସୂଚନା ଦିଆଯାଇଛି। ଭୁବନେଶ୍ୱର ଓ କଟକରେ ଥିବା ରାଜ୍ୟ ସରକାରଙ୍କ ସମସ୍ତ ବିଭାଗ ଓ ସଂଯୁକ୍ତ କାର୍ଯ୍ୟାଳୟ ୫୦% କର୍ମଚାରୀଙ୍କୁ ନେଇ ଚାଲିବ। ତେବେ ସମସ୍ତ ସରକାରୀ କାର୍ଯ୍ୟାଳୟଗୁଡ଼ିକ ଶନିବାର ବନ୍ଦ ରହିବ। କେଉଁ କର୍ମଚାରୀ ଅଫିସରେ ଯୋଗଦେବେ, ସେ ନେଇ ବିଭାଗ ବା ଭୁବନେଶ୍ୱର ଓ କଟକରେ ଥିବା ମୁଖ୍ୟ କାର୍ଯ୍ୟାଳୟଗୁଡ଼ିକ ଚୟନ କରିବେ। କିନ୍ତୁ ଜରୁରୀ ସେବା ଯୋଗାଉଥିବା କାର୍ଯ୍ୟାଳୟ ଯଥା ଏସ୍ଆର୍‌ସି ଓ ଓସ୍‌ଡମା କାର୍ଯ୍ୟାଳୟ, ପୋଲିସ, ଅଗ୍ନିଶମ, ସ୍ୱାସ୍ଥ୍ୟ, ମହାନଗର ନିଗମ ଆଦି ପୂର୍ଣ୍ଣ କର୍ମଚାରୀରେ ଚାଲିବ। ତେବେ ସମସ୍ତ କାର୍ଯ୍ୟାଳୟ କୋଭିଡ୍-୧୯ର ନିୟମାବଳୀକୁ କଡ଼ାକଡ଼ି ପାଳନ କରିବେ। ଯଦି କୌଣସି କର୍ମଚାରୀ କରୋନା ପଜିଟିଭ୍ ଚିହ୍ନଟ ହୁଅନ୍ତି, ତେବେ ସମ୍ପୃକ୍ତ କାର୍ଯ୍ୟାଳୟ ବିଭାଗ ପକ୍ଷରୁ ଜାରି ହୋଇଥିବା ପ୍ରୋଟୋକଲକୁ ମାନିବେ।

# ରାଜଧାନୀରେ ନିରାଡ଼ମ୍ବର ହେବ ଦୁର୍ଗାପୂଜା

**ଭୁବନେଶ୍ୱର,୩୧।୮(ବ୍ୟୁରୋ)**



- ବିନା ତୋରଣରେ ମଣ୍ଡପରେ ହେବ କେବଳ ପୂଜାର୍ଚ୍ଚନା
- ମୂର୍ତ୍ତିର ଉଚ୍ଚତା ୪ରୁ ୫ ଫୁଟ ରହିବ, ହେବନି ରାବଣ ପୋଡ଼ି
- ପୂଜା କମିଟି ମାଗି ପାରିବେନି ଚାନ୍ଦା

କରୋନା ମହାମାରୀ ପ୍ରଭାବରେ ସବୁ ପରମ୍ପରା ଓ ପୂଜାପର୍ବ ଫିକା ପଡ଼ିଛି। ଗଣେଶ ପୂଜା ପରେ ଏବେ ଦୁର୍ଗା ପୂଜା ଉପରେ କଟକଣା ଲଗାଇଛି କମିଶନରେଟ ପୋଲିସ। ଏଥର ରାଜଧାନୀରେ କେବଳ ନିରାଡ଼ମ୍ବରରେ ଦୁର୍ଗାପୂଜା ହେବ ବୋଲି ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ ସୂଚନା ଦେଇଛନ୍ତି।

ସୋମବାର ରାଜଧାନୀର ବିଭିନ୍ନ ଦୁର୍ଗାପୂଜା କମିଟି ସହ କମିଶନରେଟ ପୋଲିସର ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିଲା। ପରେ ହୋଇଥିବା ନିଷ୍ପତ୍ତି ସଂକ୍ରାନ୍ତରେ କମିଶନର ଷଡ଼ଙ୍ଗୀ ସୂଚନା ଦେଇ କହିଛନ୍ତି ଯେ, ବିନା ତୋରଣ ଓ ବିନା ସାଜସଜ୍ଜାରେ ମଣ୍ଡପରେ ମା'ଦୁର୍ଗାଙ୍କ ପୂଜା କରାଯିବ। ମଣ୍ଡପ ବାହାରେ ମା'ଙ୍କର କୌଣସି ପୂଜା କରାଯିବ ନାହିଁ। କେବଳ ମା' ପୂଜା ପାଉଥିବା ମଣ୍ଡପ ଭିତରେ ହିଁ କରାଯିବ। ତେବେ ମଣ୍ଡପରେ ରଙ୍ଗିନ ଲାଇଟ୍ ଜଳିବନି କି ମାଇକ୍ ବାଜିବ ନାହିଁ। ୧୦ଜଣରୁ ଅଧିକ ପୂଜା କମିଟି ସଦସ୍ୟ ସାମିଲ ହୋଇପାରିବେ ନାହିଁ, କି ଶ୍ରଦ୍ଧାଳୁମାନେ ମା'ଙ୍କୁ ପୂଜା କରିବା ପାଇଁ ମଣ୍ଡପକୁ ଆସି ପାରିବେ ନାହିଁ। ପୁଣି ମଣ୍ଡପରେ ମା'ଙ୍କ ମୂର୍ତ୍ତି ମଧ୍ୟ ବଡ଼ ଆକାରର କରାଯିବ ନାହିଁ। କେବଳ ୪ରୁ ୫ଫୁଟ ଉଚ୍ଚର ମୂର୍ତ୍ତି ତିଆରି କରାଯାଇ ପୂଜା କରାଯିବ। ସବୁଠୁ ବଡ଼ କଥା ହେଲା, ରାବଣ ପୋଡି ଉତ୍ସବ ମଧ୍ୟ ହେବ ନାହିଁ। ଏହାସହ ଆଡମ୍ବରପୂର୍ଣ୍ଣ ଭସାଣି ଉତ୍ସବ ବି ହେବ ନାହିଁ। କେବଳ ଟ୍ରଲି କିମ୍ବା ଡାଲା ଅଟୋରେ ମା'ଙ୍କ ମୂର୍ତ୍ତି ବିସର୍ଜନ ପାଇଁ ନିଆଯିବ। କୌଣସି ନୃତ୍ୟ, ଗୀତ କିମ୍ବା ସାଜସଜା ହେବ ନାହିଁ। ପୂଜା କମିଟି ସଦସ୍ୟମାନେ ଚାନ୍ଦା ଆଦାୟ କରିପାରିବେ ନାହିଁ। ସ୍ୱେଚ୍ଛାକୃତ ଭାବେ ଯିଏ ଯାହା ଦେବେ ତାହାକୁ ଗ୍ରହଣ କରିବେ।

କମିଶନରେଟ ପୋଲିସ ମୁଖ୍ୟାଳୟରେ ଅନୁଷ୍ଠିତ ଉକ୍ତ ବୈଠକରେ ବିଜ୍ଞାନ ଓ କାରିଗରି ମନ୍ତ୍ରୀ ଅଶୋକ ପଣ୍ଡା, ବିଭିନ୍ନ ପୂଜା କମିଟିର କର୍ମକର୍ତ୍ତା, ଡିସିପି ଡା.ଉମାଶଙ୍କର ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ କମିଶନର ଷଡ଼ଙ୍ଗୀ କହିଛନ୍ତି, ସମ୍ପୂର୍ଣ୍ଣ ଭାବେ ପୂଜା ବନ୍ଦ କରିବା ଠିକ୍ ହେବ ନାହିଁ। କେବଳ ପରମ୍ପରାକୁ ବଞ୍ଚାଇ ରଖିବା ପାଇଁ ଏଭଳି କଟକଣାଯୁକ୍ତ ପୂଜା କରିବାକୁ ପଡିବ। କରୋନା ଭଳି ମହାମାରୀ ସମୟରେ ସମସ୍ତେ ଏକଜୁଟ ହୋଇ ନିୟମକୁ ପାଳନ କରି ପୂଜା କରିବାକୁ ପଡିବ। ନ ହେଲେ ଏହା ସମସ୍ତଙ୍କ ପାଇଁ ବିପଦ ଆଣିପାରେ। କଟକଣା ବିଷୟରେ ସମସ୍ତ ପୂଜା ମଣ୍ଡପକୁ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ଯଦି କୌଣସି ମଣ୍ଡପ ନିୟମ ଊର୍ଦ୍ଧ୍ୱକୁ ଯାଇ ପୂଜା କରନ୍ତି ତେବେ ତାଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ହେବ ବୋଲି କମିଶନର ଷଡ଼ଙ୍ଗୀ ଚେତାଇ ଦେଇଛନ୍ତି।

ଭୁବନେଶ୍ୱର ଭସାଣି କମିଟି ସମ୍ପାଦକ ଦିଲ୍ଲୀପ ମହାନ୍ତି କହିଛନ୍ତି, କରୋନା ମହାମାରୀକୁ ଦୃଷ୍ଟିରେ ରଖି ନିରାଡ଼ମ୍ବରପୂର୍ଣ୍ଣ ପୂଜା କରିବାକୁ ନିଷ୍ପତ୍ତି ନିଆଯାଇଛି। ତେଣୁ ଏଥର ବଜେଟ ୯୦ ପ୍ରତିଶତ କମିଯିବ। ୧୮୪ ପୂଜା କମିଟି ସମସ୍ତ ନିୟମକୁ ମାନିବେ ବୋଲି ସେ କହିଛନ୍ତି। ମନ୍ତ୍ରୀ ଅଶୋକ ପଣ୍ଡା କହିଛନ୍ତି, ଭସାଣି ପରିବର୍ତ୍ତେ ବିସର୍ଜନ କରିବାକୁ ପୂଜା ମଣ୍ଡପମାନେ କହିଥିଲେ। ଯେହେତୁ ଲାଇଟ, ମାଇକ୍ ଲୋକଙ୍କୁ ଆକୃଷ୍ଟ କରିବ ସେଥିପାଇଁ ଏହା ଉପରେ ରୋକ୍ ଲଗାଗଲା। କେବଳ ପାରମ୍ପରିକ ଭାବେ ପୂଜା ସମ୍ପନ୍ନ ହେବ।

## ଖୋର୍ଦ୍ଧାରେ ୨ ପ୍ରକଳ୍ପ ଉଦ୍‌ଘାଟିତ



ଅନ୍‌ଲାଇନ୍ ମାଧ୍ୟମରେ ଇ-ଟିକସ ପୈଠ କରାଯାଉଛି।

**ଖୋର୍ଦ୍ଧା ଅଫିସ,୩୧।୮**

**ସ୍ୱାୟତ୍ତ ଶାସନ ଦିବସ**
- ଅନ୍‌ଲାଇନ ଇ-ଟିକସ ପଇଠ ଶୁଭାରମ୍ଭ
- ସ୍ୱଚ୍ଛତାରେ ୬୪ତମ ସ୍ଥାନରେ ଖୋର୍ଦ୍ଧା ପୌର ପରିଷଦ

ଖୋର୍ଦ୍ଧା ପୌର ପରିଷଦ ପକ୍ଷରୁ ସୋମବାର ନିରାଡମ୍ବରଭାବେ ସ୍ୱାୟତ୍ତଶାସନ ଦିବସ ପୌର କାର୍ଯ୍ୟାଳୟରେ ପାଳିତ ହୋଇଯାଇଛି। ଜିଲାପାଳ ସନତ୍ କୁମାର ମହାନ୍ତି ପତାକା ଉତ୍ତୋଳନ କରି ସହରବାସୀଙ୍କ ସହଯୋଗ ଓ ସହଭାଗିତା ଉପରେ ଗୁରୁତ୍ୱାରୋପ କରିଥିଲେ। ବିଧାୟକ ଜ୍ୟୋତିରିନ୍ଦ୍ରନାଥ ମିତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ସ୍ୱଚ୍ଛତା ଉପରେ ଗୁରୁତ୍ୱାରୋପ କରିବା ସହ କେହି ରାସ୍ତାରେ ଅଳିଆ ନ ପକାଇବା ଲାଗି ଅନୁରୋଧ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଭିଡିଓ କନଫେନ୍ସରେ ଖୋର୍ଦ୍ଧା ମୁକୁନ୍ଦପ୍ରସାଦଠାରେ ୫୦ଲକ୍ଷ ବ୍ୟୟ ଅଟକଳରେ ନିର୍ମିତ ମାଇକ୍ରୋ କମ୍ପୋଷ୍ଟିଙ୍ଗ ସେଣ୍ଟର(ଏମସିସି) ଏବଂ ମାଟେରିଆଲ ରିଫାଇନରି ଫାସିଲିଟି ସେଣ୍ଟର(ଏମଆରଏଫ)ଉଦ୍‌ଘାଟିତ ହୋଇଥିଲା। ପୂର୍ବାଞ୍ଚଳରେ ସ୍ୱଚ୍ଛ ସର୍ବେକ୍ଷଣରେ ଖୋର୍ଦ୍ଧା ପୌର ପରିଷଦ ୬୪ତମ ସ୍ଥାନରେ ରହିଛି। ପୌର ପରିଷଦ ପକ୍ଷରୁ ଶ୍ମଶାନ ନବୀକରଣ, ବରୁଣେଇ ପୀଠରେ ସ୍ମାର୍ଟ ପାର୍କ, ଖୋର୍ଦ୍ଧା ଟାଉନହଲ ନବୀକରଣ, ଜରି ପୋଖରୀର ଉନ୍ନତୀକରଣ, ମୁକୁନ୍ଦପ୍ରସାଦସ୍ଥିତ ବଡପୋଖରୀର ପୁନରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣଲାଗି ସରକାରୀ ଅନୁମୋଦନ ମିଳିଥିବା ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ୱେତପଦ୍ମା ଶତପଥୀ କହିଛନ୍ତି। ଏହି ଅବସରରେ କୋଭିଡ ଯୋଦ୍ଧାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଖୋର୍ଦ୍ଧା ସହରରେ ଇ-ମ୍ୟୁନିସିପାଲିଟି ଦ୍ୱାରା ଏମ-ପିଓଏସ ମେଶିନ ମାଧ୍ୟମରେ ଗୃହ ତଥା ଲାଇସେନ୍ସ ଟିକସ ଆଦାୟର ଶୁଭାରମ୍ଭ ହୋଇଛି। ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲାପାଳ ମହାନ୍ତି ଏହାକୁ ଉଦ୍‌ଘାଟନ କରିଥିଲେ। ଘରେ ରହି ଅନ୍‌ଲାଇନ ମାଧ୍ୟମରେ ଟିକସ ପଇଠ କରିପାରିବେ। ଆଉ କାର୍ଯ୍ୟାଳୟକୁ ଯିବାକୁ ପଡିବ ନାହିଁ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ମନୋଜ ପାତ୍ରୀ, ବ୍ୟାଙ୍କ ପରିଚାଳକ କେଶବ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମ ପର୍ଯ୍ୟାୟରେ ୫ଜଣ ଅନ୍‌ଲାଇନରେ ଟିକ୍ସ ପୈଠ କରିଛନ୍ତି।





ରାଜ୍ୟ ଯୋଜନାବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ ଦାସବର୍ମା ଓ ଅନ୍ୟମାନେ ବୋଟ୍‌ରେ କଣାସ ବନ୍ୟା ସ୍ଥିତି ଅନୁଧାନ କରୁଛନ୍ତି। କଣାସ ଅଞ୍ଚଳରେ ବନ୍ୟା ପୀଡ଼ିତ ଜଣେ ଯୁବକଙ୍କୁ ଉଦ୍ଧାର କରାଯାଉଛି।

# ପୁରୀ ଜିଲାରେ ୨୬ ପଞ୍ଚାୟତ ପ୍ରଭାବିତ

**ପୁରୀ ଅଫିସ,୩୧।୮**

**୮୭୩ ଲୋକ ସ୍ଥାନାନ୍ତର**

ପୁରୀ ଜିଲା ଦେଇ ପ୍ରବାହିତ କୁଶଭଦ୍ରା, ଦୟା, ଭାର୍ଗବୀ, ରତ୍ନଚିରା, ଲୁଣା, ମକରା, ଧନୁଆ, ରାଜୁଆ ପ୍ରଭୃତି ନଦୀର ବନ୍ୟା ଯୋଗୁ ବହୁ ବନ୍ଧବାଡ଼ ଭାଙ୍ଗିଛି। ବିଭିନ୍ନ ସ୍ଥାନରେ ଘାଇ ଓ ଘଳିଆ ଯୋଗୁ ଅନେକ ଗାଁ ସମ୍ପୂର୍ଣ୍ଣ ଜଳମଗ୍ନ ହୋଇଯାଇଛି। ହଜାର ହଜାର ହେକ୍ଟର ଚାଷଜମିରେ ବନ୍ୟା ପାଣି ମାଡ଼ିଛି। ଜିଲାର ୫ଟି ବ୍ଲକ କଣାସ, ଡେଲାଙ୍ଗ, ପିପିଲି, ପୁରୀ ସଦର ଓ ନିମାପଡ଼ା ବନ୍ୟା ଦ୍ୱାରା ପ୍ରଭାବିତ ହୋଇଛି। ୨୬ଟି ପଞ୍ଚାୟତ ଓ ୫୯ଟି ଗାଁର ପ୍ରାୟ ୩୧,୮୨୫ ଲୋକ ପ୍ରଭାବିତ ହୋଇଛନ୍ତି। ୮୭୩ ଲୋକଙ୍କୁ ସୁରକ୍ଷିତ ଭାବେ ସ୍ଥାନାନ୍ତର କରାଯାଇଛି। ସୋମବାର ୧୧ଟି ସ୍ଥାନରେ (ପିପିଲିରେ ୩ଟି, କଣାସରେ ୬ଟି ଏବଂ ନିମାପଡ଼ା ବ୍ଲକରେ ୨ଟି) ପ୍ରଭାବିତଙ୍କୁ ରନ୍ଧାଖାଦ୍ୟ ଦିଆଯାଇଛି। ଜିଲାରେ ୩ ୟୁନିଟ୍ ଏନ୍‌ଡିଆର୍‌ଏଫ୍, ଗୋଟିଏ ୟୁନିଟ୍ ଓଡ୍ରାଫ ଓ ଅଗ୍ନିଶମ ବାହିନୀର ୫ଟି ଟିମ୍ ବନ୍ୟା ବିପନ୍ନଙ୍କୁ ସହାୟତା କରିବା ପାଇଁ ନିୟୋଜିତ ହୋଇଛନ୍ତି। ସେହିପରି ଉଦ୍ଧାର କାର୍ଯ୍ୟରେ ୧୫ଟି ବୋଟ ନିୟୋଜିତ ହୋଇଛି। କଣାସରେ ୭, ପୁରୀ ସଦରରେ ଗୋଟିଏ, ଡେଲାଙ୍ଗରେ ଗୋଟିଏ ଓ ନିମାପଡ଼ାରେ ୬ଟି ବୋଟ ଲାଗିଛି। ସୋମବାର ସୁଦ୍ଧା ବନ୍ୟାରେ କାହାର ଜୀବନ ହାନୀ ହୋଇ ନ ଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି। ୭ବ୍ଲକରେ ପ୍ରାୟ ୧୨,୯୪୮ ହେକ୍ଟର ଚାଷଜମି କ୍ଷତିଗ୍ରସ୍ତ ହୋଇଛି। ପିପିଲି ବ୍ଲକରେ ଗୋଟିଏ ଘର ଭାଙ୍ଗିଛି। ସୋମବାର ସୁଦ୍ଧା ୮୦.୨୫ କୁଇଣ୍ଟାଲ ଚୁଡ଼ା, ୭ କୁଇଣ୍ଟାଲ ଗୁଡ଼, ୧୫ ହଜାର ପ୍ୟାକେଟ ବିସ୍କୁଟ, ୮୦୦୦ ପାଣି ବୋତଲ ବଣ୍ଟାଯାଇଛି। ୧୮ଟି ମେଡିକାଲ ଟିମ୍ ଏବଂ ୬ଟି ପ୍ରାଣୀ ଚିକିତ୍ସକ ଦଳ ନିୟୋଜିତ ଅଛନ୍ତି। ଜିଲାର ୧୫ଟି ରାସ୍ତାରେ ଯୋଗାଯୋଗ ବିଛିନ୍ନ ହୋଇଛି। କଣାସ ବ୍ଲକରେ ସ୍ଥିତି ସବୁଠୁ ଅଧିକ ସଙ୍ଗିନ ହୋଇପଡ଼ିଛି।

## ବନ୍ୟାଞ୍ଚଳ ବୁଲିଲେ ଯୋଜନା ବୋର୍ଡ ଉପାଧ୍ୟକ୍ଷ

**ପୁରୀ ଅଫିସ/କଣାସ (ସ୍ୱ.ପ୍ର.), ୩୧।୮:** ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ ଦାସବର୍ମା ସୋମବାର କଣାସ ବ୍ଲକର ବନ୍ୟାଞ୍ଚଳ ପରିଦର୍ଶନ କରିଛନ୍ତି। ସେ ପାଣ୍ଡିଆକେରା ପଞ୍ଚାୟତ ଅନ୍ତର୍ଗତ ମାଟିଆପଡ଼ା ଗାଁ ବୁଲିଛନ୍ତି। ପ୍ରଭାବିତ ଲୋକଙ୍କୁ ସ୍ୱାସ୍ଥ୍ୟସେବା, ରିଲିଫ ଓ ସ୍ୱଚ୍ଛ ପାନୀୟଜଳ ଯୋଗାଣ ନିମନ୍ତେ ଅଧିକାରୀମାନଙ୍କୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଦାସବର୍ମା ବୋଟ୍ ଯୋଗେ ଗଡ଼ମାଟିଆପଡ଼ା ନିକଟରେ ହୋଇଥିବା ଘାଇ ସ୍ଥାନ ପରିଦର୍ଶନ କରିଥିଲେ। ଦୋକନ୍ଦା, ବଡ଼ାସ, ଗଡବଳଭଦ୍ରପୁର ପଞ୍ଚାୟତର ବିଭିନ୍ନ ଗ୍ରାମ ବୁଲିବା ସହ ବିପନ୍ନଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଗସ୍ତ ସମୟରେ ବିଡିଓ ଲୋଚନ ଦାସ, ପୂର୍ବତନ ବ୍ଲକ ଚେୟାରମ୍ୟାନ ସୁଶିଲ ରାଉତ ଉପସ୍ଥିତ ଥିଲେ। ସେହିପରି ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଉକ୍ତ ଗ୍ରାମଗୁଡ଼ିକରେ ଚୁଡ଼ା, ଗୁଡ଼, ପାଣିବୋତଲ ଏବଂ ଗୋରୁଙ୍କ ପାଇଁ ଘାସ ଓ ଗୋଖାଦ୍ୟ ବଣ୍ଟନ କରାଯାଇଛି। ନୂଆସାହି ଗ୍ରାମବାସୀଙ୍କୁ ତ୍ରିଲୋଚନପୁର ପଞ୍ଚାୟତର ସାଫା ଅନୁଷ୍ଠାନ ପକ୍ଷରୁ ଶୁଖିଲା ଖାଦ୍ୟ ଓ ଗୋଖାଦ୍ୟ ବଣ୍ଟାଯାଇଥିବା ଅନୁଷ୍ଠାନର ସଭାପତି ଭବାନୀ ଶଙ୍କର ମହାପାତ୍ର ଓ ସମ୍ପାଦକ ଜଗବନ୍ଧୁ ମହାପାତ୍ର କହିଛନ୍ତି।

# ରୋଗୀ ମୃତ୍ୟୁକୁ ନେଇ ଉତ୍ତେଜନା

**କଟକ ଅଫିସ,୩୧।୮**

- ଏସ୍‌ସିବି ଆଇସୋଲେଶନ ୱାର୍ଡ
- ଡାକ୍ତର, ନର୍ସଙ୍କୁ ଆକ୍ରମଣ କଲେ ସମ୍ପର୍କୀୟ

ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲର ଆଇସୋଲେଶନ ୱାର୍ଡରେ ଜଣେ ରୋଗୀଙ୍କ ମୃତ୍ୟୁକୁ ନେଇ ସୋମବାର ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଛି। ତ୍ରୁଟିପୂର୍ଣ୍ଣ ଚିକିତ୍ସା ଲାଗି ମୃତ୍ୟୁ ହୋଇଥିବା ଅଭିଯୋଗ କରି ମୃତକଙ୍କ ସମ୍ପର୍କୀୟ ଡାକ୍ତର ଓ ନର୍ସଙ୍କୁ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, କଟକ ମଙ୍ଗଳାବାଗ ଥାନା ଅଞ୍ଚଳର ଜଣେ ବ୍ୟକ୍ତି ଗତ ୨୯ ତାରିଖରେ ଏସ୍‌ସିବି ଆଇସୋଲେଶନ ୱାର୍ଡରେ ଭର୍ତ୍ତି ହୋଇଥିଲେ। ପରେ ତାଙ୍କର କୋଭିଡ୍ ରିପୋର୍ଟ ପଜିଟିଭ ଆସିଥିଲା। ଗତ ୩୦ ତାରିଖରେ ତାଙ୍କୁ ଆଣ୍ଟିଭାଇରାଲ ଇଞ୍ଜେକସନ ଦିଆଯାଇଥିଲା। କିନ୍ତୁ ତାଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ହୋଇ ନ ଥିଲା। ଶେଷରେ ସୋମବାର ସକାଳେ ତାଙ୍କର ମୃତ୍ୟୁ ହୋଇଥିଲା। ଏହାପରେ ପରିବାର ଓ ସମ୍ପର୍କୀୟ ଉତ୍ତ୍ୟକ୍ତ ହୋଇ ଡାକ୍ତର ଓ ନର୍ସଙ୍କ ସହ ଯୁକ୍ତିତର୍କ କରିବା ସହ ପରିସ୍ଥିତି ହାତାହାତି ପର୍ଯ୍ୟନ୍ତ ଯାଇଥିଲା। ଡାକ୍ତର ଓ ନର୍ସମାନେ ଏହାର ପ୍ରତିବାଦ ଜଣାଇଥିଲେ। ବିଭାଗୀୟ ମୁଖ୍ୟ ଡାକ୍ତର. ଏମ୍.ଆର୍. ପଟ୍ଟନାୟକ ବୁଝାଶୁଝା କରିବାରୁ ସେମାନେ କାମରେ ଯୋଗ ଦେଇଥିଲେ। ମାମଲା ମଙ୍ଗଳାବାଗ ଥାନାକୁ ଆସିବା ପରେ ଉଭୟ ପକ୍ଷ ବୁଝାମଣା କରିଛନ୍ତି ବୋଲି ଆଇଆଇସି ଅମିତାଭ ମହାପାତ୍ର କହିଛନ୍ତି।

## ପ୍ରକାଶ ପାଇଲା ଏସ୍‌ସିବି ଏମ୍‌ବିବିଏସ୍ ପରୀକ୍ଷାଫଳ

**କଟକ ଅଫିସ,୩୧।୮**

**ଅନୀଲ ମିଶ୍ର ଟପ୍ପର**

ଏସ୍‌ସିବି ମେଡିକାଲ କଲେଜର ଏମ୍‌ବିବିଏସ୍ ପରୀକ୍ଷା ଫଳ ସୋମବାର ପ୍ରକାଶ ପାଇଛି। ଚଳିତ ବର୍ଷ ୨୫୨ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ସମସ୍ତେ ଉତ୍ତୀର୍ଣ୍ଣ ହୋଇଥିବା ଜଣାପଡ଼ିଛି। ଛାତ୍ର ଅନୀଲ ମିଶ୍ର ୬୫୧ ମାର୍କ ରଖି ଟପ୍ପର ହୋଇଛନ୍ତି। ମହାମାରୀ ସମୟରେ ପରୀକ୍ଷା କରାଇବା ପାଇଁ ସବୁ କଲେଜ ଆଶଙ୍କା ଓ ଦ୍ୱନ୍ଦ୍ୱରେ ଥିବାବେଳେ ଏସ୍‌ସିବିର ଛାତ୍ରୀଛାତ୍ରମାନେ ଏହାକୁ ସାଦରେ ସମ୍ମତି ଦେଇଥିଲେ। ସଠିକ୍ ପଦକ୍ଷେପ ନିଆଯାଇ ଥିବାରୁ ଠିକ୍ ସମୟରେ ପରୀକ୍ଷା ସହ ଫଳ ପ୍ରକାଶ ପାଇପାରିଲା ବୋଲି ଛାତ୍ର ସଂସଦର ପୂର୍ବତନ ସଭାପତି ଦୀପକ୍ କୁମାର ସାମଲ କହିଛନ୍ତି। ପରୀକ୍ଷାର ସମ୍ପୂର୍ଣ୍ଣ ପ୍ରକ୍ରିୟାକୁ ତ୍ୱରାନ୍ୱିନ କରିବାରେ କଲେଜ ଅଧକ୍ଷ ଡା. ଦଣ୍ଡେଶ୍ୱର ହୋତା, ଡିଏମ୍‌ଇଟି ଡା. ସି.ବି.କେ. ମହାନ୍ତି ଓ ଅତିରିକ୍ତ ଡିଏମ୍‌ଇଟି ଡା. ବ୍ରଜ କିଶୋର ଦାସ ସହଯୋଗ କରିଥିବାରୁ ଛାତ୍ର ସଂଘ ସେମାନଙ୍କୁ ଧନ୍ୟବାଦ ଜଣାଇଛି।

## ବିଏମ୍‌ସି କର୍ମଚାରୀଙ୍କ କରୋନାରେ ମୃତ୍ୟୁ

**ଭୁବନେଶ୍ୱର, ୩୧।୮(ବ୍ୟୁରୋ)**

**ଦିଆଗଲା ଗାର୍ଡ ଅଫ୍ ଅନର**

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଦକ୍ଷିଣ-ପୂର୍ବ ଜୋନ୍‌ରେ କାର୍ଯ୍ୟରତ ଏନ୍‌ଫୋର୍ସମେଣ୍ଟ ଇନ୍ସପେକ୍ଟର ପ୍ରଫୁଲ୍ଲ କୁମାର ବେହେରାଙ୍କର ସୋମବାର ପୂର୍ବାହ୍ନରେ କରୋନାରେ ମୃତ୍ୟୁ ଘଟିଛି। କରୋନା ମୁକାବିଲାରେ ସେ ଆଗଧାଡ଼ିର ଯୋଦ୍ଧା ଥିଲେ। ତାଙ୍କ ନମୁନା ପଜିଟିଭ୍ ଆସିବା ପରେ ଗତ ୨୨ ତାରିଖରୁ ସେ ଆଦିତ୍ୟ ଅଶ୍ୱିନୀ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ତେବେ କାର୍ଯ୍ୟରତ ସମୟରେ କରୋନାରେ ଆକ୍ରାନ୍ତ ହୋଇଥିବାରୁ ପ୍ରଶାସନ ତରଫରୁ ତାଙ୍କୁ କୋଭିଡ୍ ଯୋଦ୍ଧାର ସମ୍ମାନ ଦିଆଯାଇଛି। ସତ୍ୟନଗର ଶ୍ମଶାନରେ ତାଙ୍କ ମରଶରୀରକୁ ଗାର୍ଡ ଅଫର ଅନର ଦିଆଯାଇଥିଲା। ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀଙ୍କ ସମେତ ବିଏମ୍‌ସି, ବିଡିଏ, ସ୍ମାର୍ଟସିଟିର ବହୁ ଅଧିକାରୀ ଓ କର୍ମଚାରୀ ଶେଷ ଦର୍ଶନ କରିବା ସହ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ।

## ବେଆଇନ ଚାଉଳ ଷ୍ଟକ୍ କେନ୍ଦ୍ରରେ ଚଢ଼ାଉ

**ଗୋପ,୩୧।୮(ଡି.ଏନ୍.ଏ.):**

**୧୩୩ କୁଇଣ୍ଟାଲ ଚାଉଳ ଜବତ**

ବେଆଇନ ଚାଉଳ ଷ୍ଟକ ରଖାଯାଇଥିବା ଅଭିଯୋଗରେ ସୋମବାର ପୁରୀ ଭିଜିଲାନ୍ସ ବିଭାଗ ଗୋପ ବ୍ଲକ ଅଧୀନ ଓଲଣ୍ଡିରେ ଥିବା ଏକ ଚାଉଳ ଷ୍ଟକ କେନ୍ଦ୍ର ଉପରେ ଚଢ଼ାଉ କରିଥିଲା। ଏଠାରୁ ୧୩୩ କୁଇଣ୍ଟାଲ ଚାଉଳ ଜବତ ହୋଇଛି। ସୂଚନାଥାଉ କି, କିଛି ଦିନ ହେବ ଓଲଣ୍ଡି ଦଣ୍ଡା ନିକଟରେ ବେଆଇନ ଭାବେ ଡିଲର କେନ୍ଦ୍ର ଚାଲୁଥିବା ବେଳେ ଓଲଣ୍ଡି ଗାଁର ବେଆଇନ ଭାବେ ଏକ ଘରେ ସରକାରୀ ଚାଉଳ, ଗହମ ରଖାଯାଉଥିଲା। ଏହି ଅଞ୍ଚଳର କେତେଜଣ ଡିଲର ଏକାଠି ହୋଇ ଚାଉଳ, ଗହମ ହିତାଧିକାରୀଙ୍କ ନାମରେ ଲୁଟ୍ କରୁଥିବା ଅଭିଯୋଗ ହେଉଥିଲା। ବ୍ଲକ ପ୍ରଶାସନ ଅଭିଯୋଗକୁ ଗୁରୁତ୍ୱ ନ ଦେବାରୁ ଅଭିଯୋଗକାରୀ ଭିଜିଲାନ୍ସ ବିଭାଗରେ ଅଭିଯୋଗ କରିଥିଲେ। ସୋମବାର ଡିଏସପି ହର ନାରାୟଣ ପତିଙ୍କ ନେତୃତ୍ୱରେ ଏକ ୫ ଜଣିଆ ଟିମ୍ ଅଚାନକ ବ୍ଲକରେ ପହଞ୍ଚି ଯୋଗାଣ ନିରୀକ୍ଷକ ସସ୍ମିତା ସାହୁଙ୍କୁ ନେଇ ଓଲଣ୍ଡି ଗାଁରେ ଥିବା ଏହି ବେଆଇନ ଡିଲର କେନ୍ଦ୍ରରେ ଚଢ଼ାଉ କରିଥିଲେ। ସମ୍ପୃକ୍ତ ଡିଲର ଅନୁପସ୍ଥିତ ଥିବାରୁ ଅଧିକାରୀମାନେ ତାଙ୍କୁ ଫୋନ କରିଥିଲେ ମଧ୍ୟ ଆସି ନ ଥିଲେ। ପରେ ଭିଜିଲାନ୍ସ ବିଭାଗ ପକ୍ଷରୁ କେନ୍ଦ୍ରର ତାଲା ଭଙ୍ଗାଯାଇ ବେଆଇନ ଚାଉଳ ଜବତ କରିଥିଲେ। ବ୍ଲକ ଯୋଗାଣ ନିରୀକ୍ଷକ ସାହୁଙ୍କ ମୋବାଇଲ ନମ୍ବରକୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ରିସିଭ୍ କରି ନ ଥିଲେ। ଏ ନେଇ ବିଡିଓ ଦୀପ୍ତିରାଣୀ ଦାସ କୁହନ୍ତି, ପୁରୀ ଭିଜିଲାନ୍ସ ଅଧିକାରୀମାନେ ସୋମବାର ହଠାତ୍ ବ୍ଲକକୁ ଆସିଥିଲେ। ପରେ ଯୋଗାଣ ନିରୀକ୍ଷକ ସାହୁଙ୍କୁ ଚଢ଼ାଉ କରାଯିବା ସମ୍ପର୍କରେ ସୂଚନା ଦେବା ସହ ତାଙ୍କୁ ସାଥୀରେ ନେଇ ଚଢ଼ାଉ ସ୍ଥାନକୁ ଯାଇଥିବା ସେ କହିଛନ୍ତି।

# ଖୋର୍ଦ୍ଧା-ନୟାଗଡ଼ ରାସ୍ତା ବିଚ୍ଛିନ୍ନ

**ଖୋର୍ଦ୍ଧା ଅଫିସ,୩୧।୮**

- ଏନଏଚ-୫୭ରେ ୪ ଫୁଟ ପାଣି
- ଶତାଧିକ ହେକ୍ଟର ଚାଷ ଜମି ଜଳାର୍ଣ୍ଣବ

ହୀରାକୁଦ ଜଳଭଣ୍ଡାର ଗେଟ ଖୋଲାଯିବା ପରେ ମହାନଦୀ ଓ ଶାଖା ନଦୀରେ ବନ୍ୟାଜଳ ପ୍ରବାହିତ ହେବା ଫଳରେ ଖୋର୍ଦ୍ଧା ଜିଲାରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଏଥିରେ ଜଟଣୀ, ବାଲିଅନ୍ତା, ବାଲିପାଟଣା, ଖୋର୍ଦ୍ଧା ଏବଂ ବେଗୁନିଆ ବ୍ଲକ ପ୍ରଭାବିତ ହୋଇଛି। ଖୋର୍ଦ୍ଧା-ବଲାଙ୍ଗୀର ୫୭ନଂ. ଜାତୀୟ ରାଜପଥ ସାରୁଅ ଓ ବାଘମାରୀ ରାସ୍ତାରେ ସୋମବାର ରାତିରେ ଖବର ଲେଖାହେବା ପର୍ଯ୍ୟନ୍ତ ୪ଫୁଟ ଉଚ୍ଚରେ ପାଣି ପ୍ରବାହିତ ହେଉଥିବା ଜଣାପଡ଼ିଛି। ଫଳରେ ଖୋର୍ଦ୍ଧା ଓ ନୟାଗଡ ରାସ୍ତା ବିଚ୍ଛିନ୍ନ ହୋଇଛି। ଖୋର୍ଦ୍ଧା ଓ ବାଘମାରୀ ପୋଲିସ ପକ୍ଷରୁ ବ୍ଲକିଂ କରାଯାଇ ଯାତାୟାତ ବନ୍ଦ କରାଯାଇଛି। ଖୋର୍ଦ୍ଧା ପଟୁ ନୟାଗଡ଼ ଯିବାକୁ ଯାନବାହନ କଣ୍ଟା ଛକରୁ ଡାଳତୋଲା ଭାୟା ପରିଛଳ ଦେଇ ବେଗୁନିଆ ବାହାରି ନୟାଗଡ଼ ଯାଉଛନ୍ତି। ନୟାଗଡ଼ ପଟୁ ଆସୁଥିବା ଯାନବାହନ ଉକ୍ତ ରୁଟରେ ଖୋର୍ଦ୍ଧା ଯାତାୟାତ କରୁଛନ୍ତି। ପର୍ଯ୍ୟଟନ ସ୍ଥଳ ଉଷ୍ମ ପ୍ରସ୍ରବଣ(ଅତ୍ରି) ଭିତରେ ୭ଫୁଟ ଉଚ୍ଚରେ ପାଣି ରହିଥିବା ବେଳେ ଅତ୍ରି ସମ୍ମୁଖ ରାସ୍ତାରେ ୫ଫୁଟରେ ପାଣି ଜମି ରହିଛି ବୋଲି ଅତ୍ରି ଇନଚାର୍ଜ ପୂର୍ଣ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି। ଅତ୍ରି ନିକଟସ୍ଥ ୨୫ରୁ ଊର୍ଦ୍ଧ୍ୱ ଗ୍ରାମକୁ ଯୋଗଯୋଗ ବିଚ୍ଛିନ୍ନ ହୋଇଛି। ଅତ୍ରି ନିକଟରେ ସ୍ଥାନୀୟ ଯୁବକମାନେ ସେଲ୍ଫି ଏବଂ ବନ୍ୟାଜଳ ଗାଧେଇବାର ମଜା ନେଉଥିବା ଦେଖିବାକୁ ମିଳିଛି। ଅନ୍ୟପଟେ ସାରୁଅ, ବାଘମାରି, ଦୁର୍ଗପୁର, ସୀମର, ପୋଡାଡିଅ ପଞ୍ଚାୟତର ପଙ୍ଗାରିସିଂ, ଭୋଗଡା, ପାଇକସାହି ମୌଜାର ପ୍ରାୟ ଦୁଇ ହଜାରରୁ ଊର୍ଦ୍ଧ୍ୱ ହେକ୍ଟର ଚାଷ ଜମିରେ ପାଣି ଜମି ଫସଲ ନଷ୍ଟ ହୋଇଛି। ଜଟଣୀ ବ୍ଲକ ତିରିମଲ ଗ୍ରାମରେ ଥିବା ମାଟିବନ୍ଧ ଭାଙ୍ଗି ଶହେ ଫୁଟର ଘାଇ ସୃଷ୍ଟି ହେବା ଫଳରେ ଖୋର୍ଦ୍ଧା-ପୁରୀ ରାସ୍ତା ବିଚ୍ଛିନ୍ନ ହୋଇଥିବା ବେଳେ ୫୦ରୁ ଊର୍ଦ୍ଧ୍ୱ ଗ୍ରାମ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇଛି। ସେହିପରି ଖୋର୍ଦ୍ଧା ବ୍ଲକର ହିରିମୂଳ, ଓରବରସିଂ, ଓରମି, ବଳପୁର, ଧବଳପୁର, ମାନପୁର, ରାୟପୁର, ନରଣଗଡ ଗ୍ରାମ ବନ୍ୟାଜଳ ଘେରରେ ରହିଛି। ହେକ୍ଟର ହେକ୍ଟର ଚାଷ ଜମି ପାଣିରେ ବୁଡ଼ି ରହିଛି।



ପାଣି ଘେରରେ ଅତ୍ରି ଉଷ୍ମ ପ୍ରସ୍ରବଣ।

## ବିକ୍ରି ହେବ କିଶୋର ବିୟାନୀଙ୍କ ବୀମା କମ୍ପାନୀ

ଫ୍ଲିପ୍‌କାର୍ଟର ସହ ପ୍ରତିଷ୍ଠାତା ସଚିନ ବଂଶଲ ଫ୍ୟୁଚର ଗ୍ରୁପ୍‌ର ବୀମା କମ୍ପାନୀ ଫ୍ୟୁଚର ଜେନେରାଲି ଇଣ୍ଡିଆ ଲାଇଫ ଇନ୍‌ସ୍ୟୁରାନ୍ସ ଲିମିଟେଡ୍‌କୁ କିଣିବାକୁ ଯାଉଛନ୍ତି। ଏହି ଡିଲ୍‌କୁ ନେଇ ଫ୍ୟୁଚର ଗ୍ରୁପ୍ ଏବଂ ସଚିନ ବଂଶଲଙ୍କ ନେତୃତ୍ୱାଧୀନ କମ୍ପାନୀ ନାବୀ ଟେକ୍ନୋଲୋଜି ପ୍ରାଇଭେଟ ଲିମିଟେଡ୍ ମଧ୍ୟରେ ଆଲୋଚନା ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଥିବା ଏକ ଗଣମାଧ୍ୟମ ରିପୋର୍ଟରେ ପ୍ରକାଶ ପାଇଛି। ଡିଲ୍ ୧୪୦୦ରୁ ୧୫୦୦ କୋଟି ଟଙ୍କାରେ ହୋଇପାରେ ବୋଲି ପ୍ରକ୍ରିୟା ସହ ଜଡ଼ିତ ଜଣେ ବରିଷ୍ଠ ଅଧିକାରୀ ଏକ ଇଂରାଜୀ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

### ସଂକ୍ଷେପରେ

## ବଜେଟ ଧାର୍ଯ୍ୟ ଲକ୍ଷ୍ୟ ଟପିଲା ବିତ୍ତୀୟ ନିଅଣ୍ଟ

**ନୂଆଦିଲ୍ଲୀ,୩୧।୮:** ସରକାର ସାରା ବର୍ଷ ଲାଗି ବଜେଟରେ ଧାର୍ଯ୍ୟ କରିଥିବା ବିତ୍ତୀୟ ନିଅଣ୍ଟ ଲକ୍ଷ୍ୟ ମାତ୍ର ୪ ମାସରେ ଟପିଯାଇଛି। ଜୁଲାଇ ଶେଷ ସୁଦ୍ଧା ବିତ୍ତୀୟ ନିଅଣ୍ଟ ୮.୨୧ ଲକ୍ଷ କୋଟି ଟଙ୍କା ରହିଛି। ଏହା ବଜେଟ ଲକ୍ଷ୍ୟର ୧୦୩.୧% ବୋଲି ସରକାରଙ୍କ ଡାଟାରୁ ଜଣାପଡିଛି। ଏହି ସମୟ ମଧ୍ୟରେ ସରକାର ୨.୦୩ ଲକ୍ଷ କୋଟି ଟଙ୍କାର ନେଟ୍ ଟିକସ ସଂଗ୍ରହ କରିବାକୁ ସକ୍ଷମ ହୋଇଛନ୍ତି। ଅପରପକ୍ଷରେ ସରକାରଙ୍କ ମୋଟ ଖର୍ଚ୍ଚ ୧୦.୨ ଲକ୍ଷ କୋଟି ଟଙ୍କା ରହିଛି। କରୋନା ଭାଇରସ୍ ଯୋଗୁ ବଜାରରେ ଉପୁଜିଥିବା ସ୍ଥିତିକୁ ସମ୍ଭାଳିବା ଲାଗି ସରକାର ଅଧିକ ଖର୍ଚ୍ଚ କରୁଥିବା ରିପୋର୍ଟରେ ପ୍ରକାଶ ପାଇଛି। ଫଳରେ ଏଭଳି ସ୍ଥିତି ଉପୁଜିଥିବା ଜଣାପଡିଛି। ଏପ୍ରିଲ ଆରମ୍ଭ ହୋଇଥିବା ଚଳିତ ଆର୍ଥିକ ବର୍ଷରେ ବିତ୍ତୀୟ ନିଅଣ୍ଟ ୭.୫% ଛୁଇଁପାରେ ବୋଲି ବଜାର ବିଶେଷଜ୍ଞ କହିଛନ୍ତି। ଏହା ୩.୫% ସ୍ତରରେ ରହିବ ବୋଲି ସରକାର ପୂର୍ବରୁ ଆକଳନ କରିଥିଲେ।

## ଜିଓ ଫାଇବରର ନୂଆ ଟାରିଫ୍ ପ୍ଲାନ୍

**ମୁମ୍ବାଇ,୩୧।୮:** ରିଲାଏନ୍ସ ଜିଓର ସଫଳତା ପରେ କମ୍ପାନୀ ତା'ର ନୂଆ ବ୍ରଡ୍‌ବ୍ୟାଣ୍ଡ ସେବା 'ଜିଓ ଫାଇବର' ଜରିଆରେ ଗ୍ରାହକଙ୍କୁ ଆକର୍ଷଣୀୟ ଅଫର ପ୍ରଦାନ କରୁଛି। 'ନୂଆ ଭାରତର ନୂଆ ଜୋଶ'(ନିୟୁ ଇଣ୍ଡିଆ କା ନୟା ଜୋଶ୍)କୁ ପାଳନ କରି ପ୍ରତିଟି ଭାରତୀୟଙ୍କ ଘରକୁ ସଶକ୍ତ କରିବା ନିମନ୍ତେ ଜିଓ ଫାଇବାର ପକ୍ଷରୁ ଏହି ନୂଆ ଟାରିଫ ପ୍ଲାନ୍‌ର ପୁନର୍ବିନ୍ୟାସ କରାଯାଇଛି। ଗ୍ରାହକଙ୍କ ଆବଶ୍ୟକତା ପୂରଣ ସହ ସର୍ବାଧିକ ସୁଲଭତା ପ୍ରଦାନ କରାଯାଉଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି। ନୂଆ ଟାରିଫ୍ ପ୍ଲାନ ୩୯୯ଟଙ୍କାରୁ ଆରମ୍ଭ ହେଉଛି। ଏହା ସହ ଅନ୍ୟ ପ୍ଲାନ୍ ସମୂହ ମଧ୍ୟ ଗ୍ରାହକଙ୍କ ଲାଗି ରହିଛି। ବିନା କୌଣସି ଅତିରିକ୍ତ ଖର୍ଚ୍ଚରେ ପ୍ରାୟ ୧୨ଟି ଶ୍ରେଷ୍ଠ ପେଡ୍ ଓଟିଟି ଆପ୍‌ର ସବ୍‌ସ୍କ୍ରିପସନର ସୁବିଧା ଏଥିରେ ମିଳିବ।

# କୋର୍ ସେକ୍ଟର ୯.୬% ହ୍ରାସ

ନୂଆଦିଲ୍ଲୀ,୩୧।୮

ଦେଶର ପ୍ରମୁଖ ଶିଳ୍ପକ୍ଷେତ୍ର ବା କୋର୍ ସେକ୍ଟର ଅଭିବୃଦ୍ଧି ଗତ କିଛି ମାସ ହେବ ପ୍ରଭାବିତ ସ୍ଥିତିରେ ରହିଛି। କରୋନା ଯୋଗୁ ବଜାର କ୍ଷତିଗ୍ରସ୍ତ ହୋଇ ରହିବା କାରଣରୁ କୋର୍ ସେକ୍ଟରର ପରଫରମାନ୍ସ ନିମ୍ନରେ ରହିଛି। ଗତ ୫

- ଲଗାତର ୫ ମାସ ହେବ ଅଭିବୃଦ୍ଧି କମୁଛି
- କେବଳ ସାର ଉତ୍ପାଦନ ବଢ଼ିଛି



ମାସ ହେବ ଲଗାତର ଏହି କ୍ଷେତ୍ରରେ ହ୍ରାସ ଧାରା ଜାରି ରହିଛି। ଜୁଲାଇ ମାସରେ କୋର୍ ସେକ୍ଟର ଅଭିବୃଦ୍ଧି ୯.୬% କମିଥିବା ଜଣାପଡିଛି। ଇସ୍ପାତ, ରିଫାଇନେରି ପ୍ରଡକ୍ଟ ଏବଂ ସିମେଣ୍ଟ ଉତ୍ପାଦନ ହ୍ରାସ ହେବା ଯୋଗୁ ଏଭଳି ସ୍ଥିତି ଉପୁଜିଛି। ୨୦୧୯ ଜୁଲାଇରେ ଦେଶର ୮ କୋର୍ ସେକ୍ଟରର ଉତ୍ପାଦନ ୨.୬% ବଢିଥିଲା ବୋଲି ବାଣିଜ୍ୟ ଏବଂ ଉଦ୍ୟୋଗ ମନ୍ତ୍ରଣାଳୟ ପକ୍ଷରୁ ସୋମବାର ପ୍ରକାଶ ପାଇଥିବା ଡାଟାରୁ ଏହା ସାମ୍ନାକୁ ଆସିଛି।

କେବଳ ସାରକୁ ବାଦ୍ ଦେଲେ ଅନ୍ୟ ୭ କ୍ଷେତ୍ର ଯଥା–କୋଇଲା, ଅଶୋଧିତ ତୈଳ, ପ୍ରାକୃତିକ ବାଷ୍ପ, ରିଫାଇନେରି ପ୍ରଡକ୍ଟ, ଇସ୍ପାତ, ସିମେଣ୍ଟ ଏବଂ ଇଲେକ୍ଟ୍ରିସିଟି ଭଳି କ୍ଷେତ୍ରଗୁଡିକର ଜୁଲାଇରେ କାର୍ଯ୍ୟକଳାପ ହ୍ରାସ ଘଟିଛି। ଷ୍ଟିଲ ଉତ୍ପାଦନ ୧୬.୫% କମିଥିବା ବେଳେ ରିଫାଇନେରି ପ୍ରଡକ୍ଟ ୧୩.୯%, ସିମେଣ୍ଟ ୧୩.୫%, ପ୍ରାକୃତିକ ବାଷ୍ପ ୧୦.୨%, କୋଇଲା ୫.୭%, ଅଶୋଧିତ ତୈଳ ୪.୯% ଏବଂ ବିଦ୍ୟୁତ୍ ଉତ୍ପାଦନ ୨.୩% ହ୍ରାସ ହୋଇଥିବା ରିପୋର୍ଟରେ ପ୍ରକାଶ ପାଇଛି। ଜୁଲାଇରେ ସାର ଉତ୍ପାଦନ ୬.୯% ବଢ଼ିଛି। ଏହା ୨୦୧୯ ଜୁଲାଇରେ ୧.୫% ବଢ଼ିଥିଲା। ୨୦୨୦–୨୧ର ଏପ୍ରିଲ ଜୁଲାଇ ସମୟରେ କୋର୍ ସେକ୍ଟର ଅଭିବୃଦ୍ଧି ୨୦.୫% କମିଛି। ଏହାର ପୂର୍ବ ମାସରେ ଏହା ୩.୨% ରହିଥିଲା।

## ସେପ୍ଟେମ୍ବର ୩୦ ଯାଏ ବିଦେଶ ବିମାନ ସେବା ବାତିଲ

ନୂଆଦିଲ୍ଲୀ,୩୧।୮



ସରକାର ସେପ୍ଟେମ୍ବର ୩୦ ଯାଏ ଅନ୍ତର୍ଜାତୀୟ ବିମାନ ସେବା ଉପରେ କଟକଣା ଲଗାଇଛନ୍ତି। ଏହି ସମୟ ମଧ୍ୟରେ ବିଦେଶକୁ ବିମାନ ସେବା ଉପଲବ୍ଧ ହେବ ନାହିଁ ବୋଲି ଜଣାପଡିଛି। ଅପରପକ୍ଷରେ ଆମେରିକା, ଜର୍ମାନୀ, ଫ୍ରାନ୍ସ ଏବଂ ବ୍ରିଟେନ ଲାଗି ଅନ୍ତର୍ଜାତୀୟ ବିମାନ ସେବାକୁ କିଛି ପରିମାଣରେ କୋହଳ କରିଛନ୍ତି। ବିମାନଯାତ୍ରୀଙ୍କୁ ପୂର୍ବରୁ ପ୍ୟାକ୍ ହୋଇଥିବା ସ୍ନାକ୍ସ, ଖାଦ୍ୟ ଏବଂ ବେଭରେଜ ପ୍ରଦାନ କ୍ଷେତ୍ରରେ ଅନୁମତି ମିଳିଛି। ଅନ୍‌ଲକ୍ ୪ ଅନ୍ତର୍ଗତ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଏଭଳି ନୂଆ ନିୟମ ସମ୍ପର୍କରେ ଘୋଷଣା କରାଯାଇଛି। ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ ପକ୍ଷରୁ କୁହାଯାଇଛି ଯେ, ଭାରତକୁ ଯିବା ଆସିବା କରୁଥିବା କମର୍ସିଆଲ ଫ୍ଲାଇଟ୍‌ଗୁଡିକ ଉପରେ କଟକଣା ଲାଗୁ କରିବା ଲାଗି ବିଚାର କରାଯାଇଛି। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଏ ନେଇ ନିର୍ଦ୍ଦେଶାବଳୀ ଜାରି କରିଛି। ନୂଆ ନିୟମ ୧ ସେପ୍ଟେମ୍ବରରୁ ଲାଗୁ କରାଯିବ ବୋଲି ଜଣାପଡିଛି। ଅନ୍ୟ ଦେଶରୁ ଆସୁଥିବା ଯାତ୍ରୀଙ୍କୁ ବିମାନ ସେବା କ୍ଷେତ୍ରରେ କିଛିଟା କୋହଳ ବ୍ୟବସ୍ଥା କରାଯାଇଛି। ଏହି ଯାତ୍ରୀଙ୍କ ଲାଗି ବବଲ୍ ଟ୍ରାନ୍ସପୋର୍ଟ ବ୍ୟବସ୍ଥା ହୋଇଛି। ସେହିଭଳି ବିଦେଶରେ ଫସି ରହିଥିବା ଯାତ୍ରୀଙ୍କୁ ଦେଶକୁ ଫେରାଇ ଆଣିବା ଲାଗି ବନ୍ଦେ ଭାରତ ମିଶନ କାର୍ଯ୍ୟକାରୀ ହେଉଛି। ବର୍ତ୍ତମାନ ସୁଦ୍ଧା ସାର୍ବଜନୀନ ଭାବେ ବିଦେଶକୁ ବିମାନ ସେବା ଅନୁମତି ମିଳିନାହିଁ।

## ରାଷ୍ଟ୍ରାୟତ୍ତ ଉଦ୍ୟୋଗ ମହଙ୍ଗା ଭତ୍ତା ୧୬୪.୯%

ଭୁବନେଶ୍ୱର,୩୧।୮

ଦେଶର ଶିଳ୍ପ ଶ୍ରମିକଙ୍କ ଲାଗି ଉଦ୍ଦିଷ୍ଟ ହାରାହାରି ଖାଉଟି ମୂଲ୍ୟସୂଚୀ ଜୁନ୍ ମାସରେ ୩୩୨ ପଏଣ୍ଟ ଥିଲା। ଜୁଲାଇରେ ଏହା ୪ ପଏଣ୍ଟ ବଢ଼ି ୩୩୬ ପଏଣ୍ଟ ଛୁଇଁଛି। ତାଳଚେର ଏବଂ ଅନୁଗୋଳରେ ଏହା ୩୫୫ ପଏଣ୍ଟ ଥିଲା। ଏଥିରେ ୭ ପଏଣ୍ଟ ବୃଦ୍ଧି ପାଇ ୩୬୨ ପଏଣ୍ଟ ହୋଇଛି। ରାଉରକେଲାରେ ଏହା ୩୨୯ ପଏଣ୍ଟ ଥିବା ବେଳେ ଏଥିରେ ୨ ପଏଣ୍ଟ ବୃଦ୍ଧି ପାଇ ୩୩୧ ପଏଣ୍ଟ ରହିଛି। ରାଷ୍ଟ୍ରାୟତ୍ତ ଉଦ୍ୟୋଗ କର୍ମଚାରୀମାନେ ୧୫୯.୯% ମହଙ୍ଗା ଭତ୍ତା ପାଉଛନ୍ତି। ଏଥିରେ ୫% ବୃଦ୍ଧି ପାଇ ୧୬୪.୯% ହୋଇଛି। ଏହି ଡିଏ ସେମାନେ ଚଳିତ ବର୍ଷ ଅକ୍ଟୋବର ପହିଲାରୁ ପାଇବେ। ବର୍ତ୍ତମାନ ବ୍ୟାଙ୍କ କର୍ମଚାରୀମାନେ ୭୭.୫% ମହଙ୍ଗା ଭତ୍ତା ପାଉଛନ୍ତି। ସଂଶୋଧିତ ହାରରେ ସେମାନେ ନଭେମ୍ବର ପହିଲାରୁ ୨୩.୦୩% ଭତ୍ତା ପାଇବେ। ସେହିଭଳି ବୀମା କର୍ମଚାରୀମାନେ ବର୍ତ୍ତମାନ ୭୦.୮% ମହଙ୍ଗା ଭତ୍ତା ଲାଭ କରୁଛନ୍ତି। ସେମାନଙ୍କର ମଧ୍ୟ ଡିଏରେ ୩.୨ ବୃଦ୍ଧି ଘଟି ୭୪% ହୋଇଛି। ଏହି ବର୍ଦ୍ଧିତ ଡିଏ ସେମାନେ ନଭେମ୍ବର ପହିଲାରୁ ପାଇବେ। ଅଧିକାଂଶ ସରକାରୀ କର୍ମଚାରୀମାନେ ବର୍ତ୍ତମାନ ୧୭% ମହଙ୍ଗା ଭତ୍ତା ପାଉଛନ୍ତି। ସେମାନଙ୍କର ୧୦% ଭତ୍ତା ବୃଦ୍ଧି ହୋଇ ୨୭% ହୋଇଛି। ବର୍ଦ୍ଧିତ ଡିଏ ମଧ୍ୟରୁ ୪% ପିଛିଲା ଭାବେ ଚଳିତ ବର୍ଷ ଜାନୁୟାରୀ ଏବଂ ଅବଶିଷ୍ଟ ୩% ଜୁଲାଇ ପହିଲାରୁ ଏବଂ ଆଉ ଅବଶିଷ୍ଟ ୩%, ୨୦୨୧ ଜାନୁୟାରୀ ପହିଲାରୁ କର୍ମଚାରୀମାନେ ପାଇବେ। ରିଜର୍ଭ ବ୍ୟାଙ୍କର ପ୍ରାୟ ୩ ହଜାର ଅବସରପ୍ରାପ୍ତ ଅଧିକାରୀ ଏବଂ କର୍ମଚାରୀ ବର୍ତ୍ତମାନ ପେନ୍‌ସନ ପାଉନାହାନ୍ତି। ନିକଟରେ କେନ୍ଦ୍ର ସରକାର ଏମାନଙ୍କ ପେନ୍‌ସନ ମଞ୍ଜୁର କରି ଆର୍‌ବିଆଇ ଗଭର୍ଣ୍ଣରଙ୍କ ନିକଟକୁ ପଠାଇଛନ୍ତି।

## ରିଲାଏନ୍ସ ରିଟେଲ ଅଂଶଧନ ବିକ୍ରି ପାରନ୍ତି ମୁକେଶ

ନୂଆଦିଲ୍ଲୀ,୩୧।୮

ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ଅଂଶ ବିଶେଷ ରିଲାଏନ୍ସ ରିଟେଲରୁ ଅଂଶଧନ ବିକ୍ରି ହୋଇପାରେ। କମ୍ପାନୀ ଅଧ୍ୟକ୍ଷ ମୁକେଶ ଅମ୍ବାନୀ ଏ ନେଇ ବିଚାର କରୁଥିବା ଏକ ରିପୋର୍ଟ ପ୍ରକାଶ ପାଇଛି। ଫ୍ଲିପ୍‌କାର୍ଟକୁ କିଣି ଥିବା ଆମେରିକା ଭିତ୍ତିକ କମ୍ପାନୀ ୱାଲ୍‌ମାର୍ଟ ସହ ଏହି ଡିଲ୍ ସମ୍ପର୍କରେ ଆଲୋଚନା ହେଉଥିବା ଶୁଣାଯାଉଛି। ୱାଲ୍‌ମାର୍ଟ ସହ ଚୁକ୍ତି ହେଲେ ଜିଓମାର୍ଟ ପ୍ଲାଟ୍‌ଫର୍ମରେ ଗ୍ରାହକଙ୍କୁ ରିହାତି ଦରରେ ସାମଗ୍ରୀ ପହଞ୍ଚାଇବା ଦିଗରେ ସହାୟକ ହେବ ବୋଲି ରିପୋର୍ଟରେ ପ୍ରକାଶ ପାଇଛି। ମୁକେଶ ଜିଓ ପ୍ଲାଟ୍‌ଫର୍ମର ଅଂଶଧନ ବିକ୍ରିକରି ୧.୫୨ ଲକ୍ଷ କୋଟି ଟଙ୍କାର ପୁଞ୍ଜି ଯୋଗାଡ କରିବାକୁ ସକ୍ଷମ ହୋଇଛନ୍ତି। ପ୍ରସ୍ତାବିତ ଡିଲ୍ ସଫଳ ହେଲେ ଅନ୍‌ଲାଇନରେ ରିଟେଲ ସାମଗ୍ରୀ ଘରେ ଘରେ ପହଞ୍ଚାଇବା ଦିଗରେ ଜିଓ ମାର୍ଟ ଯୋଜନାକୁ ମୁକେଶ ଆହୁରି ଦୃଢ କରିବାକୁ ସକ୍ଷମ ହେବେ।

## ୬୫ ବର୍ଷରେ ପଦାର୍ପଣ କଲା ଏଲ୍ଆଇସି

ନୂଆଦିଲ୍ଲୀ,୩୧।୮

ଭାରତୀୟ ଜୀବନ ବୀମା ନିଗମ (ଏଲ୍ଆଇସି) ୬୫ ବର୍ଷରେ ପଦାର୍ପଣ କରିଛି। ଦେଶ ମଧ୍ୟରେ ଜୀବନ ବୀମା ସେବା ଯୋଗାଣ କ୍ଷେତ୍ରରେ ଏହା ଏକ ପ୍ରମୁଖ ସ୍ଥାନ ହାସଲ କରିଛି। ଏଲ୍ଆଇସି ବର୍ତ୍ତମାନ ୧୪ଟି ଦେଶର ନିଜର ଉପସ୍ଥିତି ଜାହିର କରିଛି। ଏଲ୍ଆଇସି ଏହାର ସହାୟକ ଏବଂ ସହଯୋଗୀ କମ୍ପାନୀଙ୍କ ନେଇ ସେବା ଯୋଗାଣ ଧାରା ଜାରି ରଖିଛି। ଏହା ମଧ୍ୟରେ ଏଲ୍ଆଇସି ଏଚ୍ଏଫ୍ଏଲ୍ ଲିମିଟେଡ୍, ଏଲ୍ଆଇସି ପେନ୍‌ସନ ଫଣ୍ଡ ଲିମିଟେଡ୍, ଏଲ୍ଆଇସି ମ୍ୟୁଚୁଆଲ ଫଣ୍ଡ, ଏଲ୍ଆଇସି କାର୍ଡସ ଏବଂ ଏଲ୍ଆଇସିଏଚ୍ଏଫ୍ଏଲ୍ ଆସେଟ ମ୍ୟାନେଜମେଣ୍ଟ କମ୍ପାନୀ ଲିମିଟେଡ୍ ରହିଛି। ୧୯୫୬ରେ ୫ କୋଟି ଟଙ୍କାର ମୂଳ ପୁଞ୍ଜି ସହ ଆରମ୍ଭ ହୋଇଥିବା ଏଲ୍ଆଇସିର ସମ୍ପତ୍ତି ବର୍ତ୍ତମାନ ୩୧.୯୬ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ଏହା ମଧ୍ୟରେ ଲାଇଫ ଫଣ୍ଡ ପରିମାଣ ୩୧.୧୪ ଲକ୍ଷ କୋଟି। ପଲିସିଧାରୀଙ୍କ ସ୍ୱାର୍ଥ ରକ୍ଷା ସହ ଦେଶ ଗଠନରେ କମ୍ପାନୀ ସର୍ବଦା ଯୋଗଦାନ ଦେଇ ଆସିଛି। କମ୍ପାନୀ ୮ ଜୋନାଲ କାର୍ଯ୍ୟାଳୟ, ୧୧୩ ଡିଭିଜନ କାର୍ଯ୍ୟାଳୟ, ୭୪ କଷ୍ଟମର ଜୋନ, ୨୦୪୮ ଶାଖା କାର୍ଯ୍ୟାଳୟ, ୧୫୨୬ ସାଟେଲାଇଟ ଅଫିସ, ୩୩୫୪ ଲାଇଫ ପ୍ଲସ୍ ଅଫିସ, ୩୧୫୫୬ ପ୍ରିମିୟମ ପଏଣ୍ଟ ସହ ସେବା ଯୋଗାଉଛି। ସେହିଭଳି ୧ ଲକ୍ଷ କର୍ମଚାରୀ, ୧୨.୦୮ ଲକ୍ଷ ଏଜେଣ୍ଟ, ୨୮.୯୨ କୋଟିରୁ ଊର୍ଦ୍ଧ୍ୱ ପଲିସି ଏହା ନିକଟରେ ରହିଛି। ବିଭିନ୍ନ ବର୍ଗରେ ପ୍ରାୟ ୨୮ ପ୍ଲାନ୍ ଗ୍ରାହକଙ୍କ ଲାଗି ରହିଛି। ୨୦୧୯–୨୦ରେ କମ୍ପାନୀର ଅଭିବୃଦ୍ଧି ନୂଆ ବିଜ୍‌ନେସରେ ୨୫.୧୭% ରହିଛି। ୧.୭୮ ଲକ୍ଷ କୋଟି ଟଙ୍କାର ପ୍ରଥମ ବର୍ଷ ପ୍ରିମିୟମ ସଂଗ୍ରହ ସହ ୬୮.୭୪% ବଜାର ଅଂଶ କମ୍ପାନୀ ନିକଟରେ ରହିଥିବା ସୂଚନା ମିଳିଛି।

**୧୯୫୬ରେ ୫ କୋଟି ପୁଞ୍ଜିରେ ଆରମ୍ଭ ହୋଇଥିଲା**

### ରାଜ୍ୟ ଖବର

# ସଡ଼କ ଦୁର୍ଘଟଣାରେ ୩ ଜୀବନ ଗଲା

ଆସିକା/ପାତ୍ରପୁର,୩୧।୮(ଡି.ଏନ୍.ଏ.)

ଗଞ୍ଜାମ ଜିଲାରେ ସୋମବାର ସଡ଼କ ଦୁର୍ଘଟଣାରେ ୩ ଜୀବନ ଯାଇଛି। ଆସିକା ଥାନା କୋଟିନଡା ଫାଣ୍ଡି ଅନ୍ତର୍ଗତ କେ.ଲଛମନପଲ୍ଲୀ ଗ୍ରାମ ନିକଟରେ ସକାଳ ପ୍ରାୟ ସାଢେ ୫ଟାରେ ଗାଡ଼ି ଧକ୍କାରେ ମାଉସୀ ଓ ଝିଆରୀଙ୍କ ମୃତ୍ୟୁ ଘଟିଛି । ସେମାନେ ହେଲେ ରଶ୍ମିତା ପରିଡା (୩୨) ଓ ତାଙ୍କ ଝିଆରୀ ଆଶାରାଣୀ ଖଣ୍ଡୁଆଳ(୧୮)।

**ପ୍ରାତଃଭ୍ରମଣରେ ଯାଉଥିବା ମାଉସୀ ଝିଆରୀଙ୍କ ଉପରେ ମାଡ଼ିଗଲା ଗାଡ଼ି**

ରଶ୍ମିତାଙ୍କ ୧୦ ବର୍ଷୀୟ ପୁଅ ରାଜା ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ରଶ୍ମିତା କିଛିଦିନ ହେଲା କ୍ଷତ୍ରିୟବରପୁରସ୍ଥିତ ଶାଶୁଘରୁ ବାପଘର କେ.ଲଛମନପଲ୍ଲୀ ଗ୍ରାମକୁ ଆସିଥିଲେ। ତାଙ୍କ ଭଉଣୀର ଝିଅ ଆଶାରାଣୀ ମଧ୍ୟ ସିନ୍ଧୁରିଆପଡ଼ା ଗ୍ରାମରୁ ସେଠାକୁ ଆସିଥିଲେ। ସୋମବାର ଭୋର୍‌ରେ ରଶ୍ମିତା ତାଙ୍କ ପୁଅ ଓ ଝିଆରୀଙ୍କୁ ନେଇ ପ୍ରାତଃ ଭ୍ରମଣରେ ଯାଉଥିଲେ। ଗ୍ରାମଠାରୁ ଅଳ୍ପ ଦୂରରେ ଏକ ଗାଡ଼ି ମାଉସୀ, ଝିଆରୀଙ୍କୁ ଧକ୍କା ଦେଇ ଚାଲିଯାଇଥିଲା। ସ୍ଥାନୀୟ ଲୋକେ ଉଭୟଙ୍କୁ ଗୁରୁତର ଅବସ୍ଥାରେ ଆସିକା ଡାକ୍ତରଖାନାକୁ ଆଣିଥିଲେ । ସେଠାରେ ରଶ୍ମିତା ଓ ଆଶାରାଣୀଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ । ଏ ନେଇ ରଶ୍ମିତାଙ୍କ ଭାଇ ବାସୁଦେବ ନାୟକ ଆସିକା ଥାନାରେ ଅଭିଯୋଗ କରିଛନ୍ତି । ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାରକୁ ହସ୍ତାନ୍ତର କରିଛି । ନଂ.୪୩୦/୨୦ରେ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ ଚାଲିଥିବା ଥାନାଧିକାରୀ ପ୍ରଶାନ୍ତ କୁମାର ସାହୁ କହିଛନ୍ତି । ସେହିପରି ଜରଡ଼ା ଥାନା ଖାରିଆଗୁଡ଼ା ଫାଣ୍ଡି ଅନ୍ତର୍ଗତ ବିଜୁପୁର ନିକଟରେ ଟ୍ରକ ଧକ୍କାରେ ତାଳପଡ଼ା ଗ୍ରାମର ଭାଗବତ ଚଣ୍ଡ(୫୦)ଙ୍କ ମୃତ୍ୟୁ ଘଟିଛି ।। ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ସ୍ଥାନୀୟ ଲୋକେ ଟାୟାର ଜାଳି ତାଳପଡ଼ା–ଖାରିଆଗୁଡ଼ା ରାସ୍ତା ଅବରୋଧ କରିଥିଲେ। ଖବରପାଇ ଜରଡ଼ା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ଭାଗବତ କୌଣସି କାମରେ ସାଇକେଲ୍ ଯୋଗେ ଖାରିଆଗୁଡ଼ା ଯାଉଥିଲେ। ବିଜୁପୁର ନିକଟରେ ବାଲି ବୋଝେଇ କରି ଆନ୍ଧ୍ର ଯାଉଥିବା (ନଂ.ଓଆର୧୪ଟି୮୪୨୨) ଟ୍ରକ ତାଙ୍କୁ ପଛପଟୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ଭାଗବତଙ୍କ ମୃତ୍ୟୁ ଘଟିଥିଲା ।



ଖାରିଆଗୁଡ଼ା ଫାଣ୍ଡି ବିଜୁପୁର ନିକଟରେ ଟ୍ରକ୍ ଧକ୍କାରେ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ରାସ୍ତାରୋକୋ କରାଯାଇଛି।

## ରେଲୱେ ସାଇଟକୁ ହ୍ୟାକ୍ କରି ଟିକେଟ ବୁକିଂ:ଯୁବକ ଗିରଫ

ପାରାଦୀପ ୩୧।୮(ସ୍ୱ.ପ୍ର.)

ଭାରତୀୟ ରେଲୱେ ସାଇଟକୁ ହ୍ୟାକ୍ କରି ଅନ୍‌ଲାଇନ୍ ଯୋଗେ ଠକେଇ କରୁଥିବା ଜଣେ ଯୁବକଙ୍କୁ ପାରାଦୀପ ଆରପିଏଫ୍(ରେଲୱେ ପ୍ରୋଟେକସନ୍ ଫୋର୍ସ) ସୋମବାର ଗିରଫ କରିଛି। ସେ ହେଲେ କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବ୍ଲକ ଔପଦା ପଞ୍ଚାୟତ ଅନ୍ତର୍ଗତ ବିଶୁନପୁର ଗ୍ରାମର ବିକ୍ରମ କୁମାର ମଲ୍ଲିକ(୩୫)। ତାଙ୍କଠାରୁ ଗୋଟିଏ କମ୍ପ୍ୟୁଟର ଓ ହ୍ୟାକିଂ ପାଇଁ ବ୍ୟବହୃତ ହେଉଥିବା ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଛି। ଏନେଇ ରେଲୱେ ଆକ୍ଟ ଅନୁଯାୟୀ, ମାମଲା ନଂ–୩୩୩/୨୮/୨୦୨୦ ରୁଜୁ କରାଯିବା ପରେ ତାଙ୍କୁ ପଟ୍ଟାମୁଣ୍ଡାଇ କୋର୍ଟରେ ହାଜିର କରାଯାଇଛି। ଏହାପରେ ବିକ୍ରମଙ୍କୁ ପଟ୍ଟାମୁଣ୍ଡାଇ ସବ୍‌ଜେଲକୁ ପଠାଯାଇଛି। ସେ ୨୦୧୬ରୁ ରେଲୱେ ସାଇଟକୁ ହ୍ୟାକ୍ କରି ଯାତ୍ରୀଙ୍କୁ ଟିକେଟ ବିକ୍ରି କରୁଥିଲେ। ଏକ ସାମାଜିକ ଗଣମାଧ୍ୟମରୁ ଏସମ୍ପର୍କରେ ସବିଶେଷ ଜାଣିବା ପରେ ବିକ୍ରମ ଅନଲାଇନ ଯୋଗେ ସଫ୍ଟୱେର କିଣି କାମରେ ଲଗାଉଥିଲେ। ସେ ୧୨ଟି ଇ–ମେଲ ଆକାଉଣ୍ଟ ଖୋଲି ସଫ୍ଟୱେର ଯୋଗେ ରେଲୱେ ଟିକେଟ ସାଇଟକୁ ହ୍ୟାକ୍ କରୁଥିଲେ। ଇ–ମେଲ ଏକାଉଣ୍ଟ ଜରିଆରେ ଟିକେଟ ବୁକିଂ କରି ବିକ୍ରମ ଚଢ଼ା ଦରରେ ବିକ୍ରି କରୁଥିଲେ। ଏନେଇ ବାରମ୍ବାର ଅଭିଯୋଗ ହେବା ପରେ ଆରପିଏଫ୍ ଆଇଜି ପି.ରାଜାରାମଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ଏହାର ତଦନ୍ତ କରୁଥିଲା। ଗୋଟିଏ ମୋବାଇଲ ନମ୍ବର ଅଧିକ ସକ୍ରିୟ ଥିବା ଜଣାପଡିବା ପରେ ଏହାକୁ ଟ୍ରେସ କରି ବିକ୍ରମଙ୍କୁ ଗିରଫ କରାଯାଇଥିଲା।

## ଗୃହବନ୍ଦୀ ପରିବାର ତହସିଲ୍ ଅଫିସ ଆଗରେ ବିଷ ପିଇଲେ

ତିହିଡ଼ି,୩୧।୮(ସ୍ୱ.ପ୍ର.)

ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅନ୍ତର୍ଗତ ନନ୍ଦପୁର ଗ୍ରାମର ତିନୋଟି ପରିବାର ଗତ ୩ମାସ ହେବ ଗୃହବନ୍ଦୀ ଭାବେ ଜୀବନ ଅତିବାହିତ କରୁଛନ୍ତି। ଏହି ଘଟଣାକୁ କେନ୍ଦ୍ର କରି ଜବରଦଖଲକାରୀଙ୍କୁ ହଟାଇବା ପାଇଁ ତହସିଲ୍ ଅଫିସ ସମ୍ମୁଖରେ ଅନଶନ କରିଥିଲେ। ତହସିଲଦାର କୋର୍ଟର ଆଦେଶ ଆଳ ଦେଖାଇ ଘଟଣା ପ୍ରତି ଗୁରୁତ୍ୱ ନ ଦେବା କାରଣରୁ ଅନଶନସ୍ଥଳରେ ଦୁଇଜଣ ବିଷ ପିଇ ଆତ୍ମହତ୍ୟା ଉଦ୍ୟମ କରିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ଅବସ୍ଥା ଗୁରୁତର ହେବାରୁ ଉଭୟଙ୍କୁ ପ୍ରଥମେ ତିହିଡ଼ି ଏବଂ ପରେ ଭଦ୍ରକ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି।

ସୂଚନା ଅନୁଯାୟୀ, ନନ୍ଦପୁର ଗ୍ରାମର ଗୋଟିଏ ସରକାରୀ ରାସ୍ତାକୁ ସେହି ଗ୍ରାମର ଏକ ପରିବାର ଲୋକେ ଗତ ୩ମାସ ହେବ ଜବରଦଖଲ କରିବା ସହିତ ଏହା ଉପରେ ଏକ ମାଟିଘର ନିର୍ମାଣ କରିଛନ୍ତି। ବହୁ ଦିନରୁ ଗ୍ରାମ୍ୟ ରାସ୍ତା ଭାବେ ବ୍ୟବହାର ହୋଇ ଆସୁଥିବା ଏହି ରାସ୍ତାରେ ସ୍ଥାନୀୟ ଅଞ୍ଚଳର ରବୀନ୍ଦ୍ର ଭଞ୍ଜ, ଗୋପବନ୍ଧୁ ଭଞ୍ଜ ଓ ବିରେନ୍ଦ୍ର ଭଞ୍ଜ ପ୍ରମୁଖଙ୍କ ଘରକୁ ଯାତାୟାତ ପାଇଁ ଏହା ଏକମାତ୍ର ରାସ୍ତା ଥିଲା। ଏହି ରାସ୍ତା ଅବରୋଧ ହେବାପରେ ସେମାନେ ଘରୁ ବାହାରକୁ ବାହାରିବା ସମ୍ଭବ ହେଲାନାହିଁ। ଏହି ଜବରଦଖଲକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଏହାର ସମାଧାନ ପାଇଁ ଗତ ୨୪ ତାରିଖରେ ସ୍ଥାନୀୟ ତହସିଲଦାର ରମେଶ ପଣ୍ଡା, ଥାନା ଅଧିକାରୀ ରମେଶ ସିଂଙ୍କ ସମେତ ତହସିଲ କାର୍ଯ୍ୟାଳୟର କର୍ମଚାରୀ, ରାଜସ୍ୱ ନିରୀକ୍ଷକ ଘଟଣା ସ୍ଥଳରେ ପହଞ୍ଚି ଉକ୍ତ ରାସ୍ତାକୁ ମାପଚୁପ କରିଥିଲେ। ମାପଚୁପରୁ ସରକାରୀ ରାସ୍ତା ବାହାରିବା ପରେ ଏହା ଉପରେ ବେଆଇନ ଭାବେ ନିର୍ମାଣ କରାଯାଇଥିବା ଘରକୁ ଭାଙ୍ଗିବା ପାଇଁ ତହସିଲଦାର ତୁରନ୍ତ ଉପଜିଲାପାଳଙ୍କୁ ଚିଠି କରିଥିଲେ। କିନ୍ତୁ ସେହି ଘରର ମାଲିକ ଗତ ୨୮ତାରିଖରେ କୋର୍ଟରୁ ଘର ନ ଭାଙ୍ଗିବାପାଇଁ ରହିତାଦେଶ ଆଣିବା ପରେ କ୍ଷତିଗ୍ରସ୍ତ ପରିବାରର ଲୋକେ ସୋମବାର ତହସିଲଦାରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନଶନରେ ବସିଥିଲେ। ତହସିଲଦାର ସେମାନଙ୍କୁ କୋର୍ଟର ରହିତାଦେଶ ସମ୍ପର୍କରେ ଜଣାଇବା ସହିତ ଏହି ଘର କୋର୍ଟ ଆଦେଶ ବିନା ଭଙ୍ଗା ହୋଇପାରିବ ନାହିଁ ବୋଲି କହିଥିଲେ। ଏଥିରେ ବ୍ରତିବ୍ୟସ୍ତ ହୋଇ ଅନଶନରେ ବସିଥିବା ଜଗବନ୍ଧୁ ଭଞ୍ଜ ଓ ପ୍ରଭାକର ଭଞ୍ଜ ବିଷ ପିଇ ଦେଇଥିଲେ। ଏହି ଘଟଣାକୁ ନେଇ ନନ୍ଦପୁର ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଛି। ରିପୋର୍ଟ ଲେଖା ସୁଦ୍ଧା ପରିବାରର ଅନ୍ୟ ସଦସ୍ୟମାନେ ତହସିଲ ଅଫିସ ସମ୍ମୁଖରେ ଧାରଣାରେ ବସିଥିବା ସୂଚନା ମିଳିଛି।

## ଜଳଭଣ୍ଡାରକୁ ଭାସି ଆସିଥିବା ୫୦ ଗୋରୁ ମୃତ

**ସମ୍ବଲପୁର, ୩୧।୮ (ବ୍ୟୁରୋ):** ହୀରାକୁଦ ଜଳ ଭଣ୍ଡାରକୁ ଭାସି ଆସିଥିବା ପ୍ରାୟ ୫୦ ଗୋରୁଙ୍କ ମୃତ୍ୟୁ ଘଟିଛି। ସୋମବାର ସ୍ଲୁଇସ୍ ଗେଟ ନିକଟରୁ ସେମାନଙ୍କ ମୃତଦେହ ଉଦ୍ଧାର କରାଯାଇଛି। ୨ ଗୋରୁଙ୍କୁ ଜୀବତ ଅବସ୍ଥାରେ ଉଦ୍ଧାର କରାଯାଇ ବାହାରକୁ ଅଣାଯାଇଛି।

ସୋମବାର ବୁର୍ଲା ଅଗ୍ନିଶମ ବିଭାଗ କର୍ମଚାରୀଙ୍କ ନେତୃତ୍ୱରେ ଏକ ଟିମ୍ ଜଳଭଣ୍ଡାର ନିକଟରେ ପହଞ୍ଚିଥିଲେ। ସେଠାରୁ କ୍ରେନ ସାହାଯ୍ୟରେ ଗୋରୁଙ୍କ ମୃତଦେହ ଉଦ୍ଧାର କରିଥିଲେ। ଜୀବିତ ଥିବା ୨ ଗୋରୁଙ୍କୁ ତୁରନ୍ତ ବୁର୍ଲା ପ୍ରାଣୀଧନ ବିଭାଗର ଏକ ଟିମ୍ ଚିକିତ୍ସା କରିଛି। ୨ ଗୋରୁ ମଧ୍ୟରୁ ଗୋଟିଏ ସମ୍ପୂର୍ଣ୍ଣ ସୁସ୍ଥ ଥିବା ବେଳେ ଅନ୍ୟଟି ଗୁରୁତର ରହିଛି। ମୃତ ଗୋରୁଙ୍କୁ ନିକଟସ୍ଥ ଜଙ୍ଗଲରେ ପୋତି ଦିଆଯାଇଛି। ଅଗ୍ନିଶମ ବିଭାଗ ପକ୍ଷରୁ ମିଳିଥିବା ସୂଚନା ମୁତାବକ, ଡ୍ୟାମର ସ୍ଲୁଇସ୍ ଗେଟ ନିକଟରେ ଗୋରୁମାନେ ଭାସୁଥିବା ଖବର ମିଳିଥିଲା। ବନ୍ୟା ଜଳରେ କୌଣସି ସ୍ଥାନରୁ ସେମାନେ ଭାସି ଆସିଥିବା ସନ୍ଦେହ କରାଯାଉଛି।


## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ଖର୍ଚ୍ଚ ଲୋନ ପାସ୍ ହେଲା ପରେ
GLOBAL FINANCE
(Reg. No. KA08FGD557S113)
(ବିନା କୌଣସୀ ସୀକ୍ୟୁରିଟି ରେ)
୧୯୮୧ ରୁ ଆପଙ୍କର ସେବାରେ ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
7653848464

BDFC Finance
(ରେଜିଷ୍ଟ୍ରେଡ କମ୍ପାନୀ)
ସମସ୍ତ ପ୍ରକାର ଲୋନ ନିଅନ୍ତୁ ମାତ୍ର ୧୦ ଦିନ ମଧ୍ୟରେ
ପ୍ରପୋର୍ଟି, ପର୍ସନାଲ୍, ମାର୍କସିଟ୍, ପଶୁପାଳନ, ବ୍ୟବସାୟ, ଗୃହ, ଶିକ୍ଷା, କୃଷି ଓ ଲଘୁଉଦ୍ୟୋଗ ପାଇଁ ଋଣ ନେବାକୁ ଯୋଗାଯୋଗ କରନ୍ତୁ
ସୁଧ ୧% ଘରେ ବସି ପାଆନ୍ତୁ
Ratanpur, Balbaspur, Sundergarh
8895873257
7656825247

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିୟା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
7503449786
8800979262
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

HINDUSTAN FINANCE LIMITED
(Reg. No. Reg.No.3367)
(ଖର୍ଚ୍ଚ ଲୋନ ପାସ୍ ହେଲା ପରେ)
ଭାରତର ଗୋଲ୍ଡ ମେଡାଲିଷ୍ଟ କମ୍ପାନୀ
୧୯୪୧ ରୁ ଆପଙ୍କର ସେବାରେ ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
8480089848

Indus Infra Network Company
ଦ୍ୱାରା ଓଡିଶାରେ ନିଜ ଛାତ,ଜମି,କ୍ଷେତ ଏବଂ ଖାଲି ସ୍ଥାନ ମାନଙ୍କରେ 4G/5G ର Digital Mobile Network ଲଗାନ୍ତୁ (ପ୍ରଥମ ଆସନ୍ତୁ ପ୍ରଥମ ଲଗାନ୍ତୁ)
ADVANCE-60LAKH
ଭଡା–୪୫୦୦୦/–ମାସିକ
ଚାକିରି–୨୦୦୦୦/–(ବେତନ)
ଏକ ବୋଲର ଗାଡି।
ତିନି ଦିନରେ ଫଳାଫଳ ପାଆନ୍ତୁ।
ଧୋକାବାଜ କମ୍ପାନୀ ରୁ ସାବଧାନ ରୁହନ୍ତୁ।
8765265284
9473603205


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ମାୟାନଗରୀର ଧକ୍‌ଧକ୍ ଗର୍ଲ ମାଧୁରୀ ଦୀକ୍ଷିତ ଡ୍ୟାନ୍ସ ଓ ଏକ୍ସପ୍ରେଶନକୁ ନେଇ ନିଜ ପାଇଁ ବଲିଉଡ୍‌ରେ ତିଆରି କରିଛନ୍ତି ଏକ ସ୍ୱତନ୍ତ୍ର ପରିଚୟ। ଏବେ ତାଙ୍କର ଏକ ପୁରୁଣା ଡ୍ୟାନ୍ସ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ନିଜର ପୁରୁଣା ଗୀତରେ ହିଁ ସେ ଡ୍ୟାନ୍ସ କରୁଥିବା ଦେଖାଯାଉଛି। ତାଙ୍କ ଅଭିନୀତ ଫିଲ୍ମ 'ଲଜ୍ଜା'ର ଗୀତ 'ବଡି ମୁସ୍କିଲ'ରେ ସେ ଏମିତି ଷ୍ଟେପ୍ସ ଦେଇଛନ୍ତି ଯାହା ଦର୍ଶକଙ୍କୁ ଦିୱାନା କରିଛି। ଏହାକୁ ପ୍ରାୟ ୮୦ ଲକ୍ଷ ଥର ଦେଖାଯାଇ ସାରିଲାଣି। ମାଧୁରୀ ଅନ୍ ଲାଇନ୍ କ୍ଲାସରେ ଏବେ ଡ୍ୟାନ୍ସ ଶିଖାଉଛନ୍ତି। ସେ ଖୁବ୍‌ଶୀଘ୍ର ଏକ ରିୟଲିଟି ଶୋ'ରେ ନଜର ଆସିବେ।

# ପୃଥିବୀ ମୁହାଁ ଜଳନ୍ତା ଗ୍ରହ

## ଘଣ୍ଟା ପ୍ରତି ୨୯ ହଜାର କି.ମି. ବେଗରେ ଆସୁଛି



**ୱାଶିଂଟନ:** କ୍ଷୁଦ୍ରଗ୍ରହ ୨୦୧୧ ଇଏସ୍-୪ ପୃଥିବୀ ମୁହାଁ ହୋଇଛି। ଏହା ସେପ୍ଟେମ୍ବର ୧ରେ ପୃଥିବୀ ଏବଂ ଚନ୍ଦ୍ର ମଧ ଦେଇ ନିଜ କକ୍ଷ ପକ୍ଷରେ ଗତି କରିବ। ଏହାର ଲମ୍ବ ୪୦ ମିଟର ଥିବାବେଳେ ପ୍ରସ୍ଥ ୨୦ ମିଟର ରହିଛି। ଏହି ଜଳନ୍ତା ଗ୍ରହ ପୃଥିବୀଠାରୁ ଲକ୍ଷେ ୨୦ ହଜାର କିମି ଦୂରରେ ଏହା ଗତି କରିବ ବୋଲି ନାସା ପକ୍ଷରୁ କୁହାଯାଇଛି। ତେବେ ଏହା ପୃଥିବୀ ସହିତ ଧକ୍କା ହେବାର ଆଶଙ୍କା ନାହିଁ। ଏହା ଘଣ୍ଟା ପ୍ରତି ୨୯ ହଜାର ୩୭୬ କିମି ବେଗରେ ପୃଥିବୀ ମୁହାଁ ହେବାରେ ଲାଗିଛି। ଆସନ୍ତା ୧୦ ବର୍ଷ ପର୍ଯ୍ୟନ୍ତ ଏଭଳି ମହାଜାଗତିକ ଦୃଶ୍ୟ ଆଉ ଘଟିବ ନାହିଁ ବୋଲି ନାସା କହିଛି। ୨୦୧୧ରେ ଏହି କ୍ଷୁଦ୍ରଗ୍ରହକୁ ଚିହ୍ନଟ କରାଯାଇଥିଲା। ନିଜ କକ୍ଷ ପଥରେ ଘୁରିବା ପାଇଁ ଏହା ୧.୧୪ ବର୍ଷ ସମୟ ନେଇଥାଏ। ନାସାର ଜେଟ୍ ଲାବୋରେଟୋରୀ ଅନୁସାରେ ଏହି କ୍ଷୁଦ୍ରଗ୍ରହ ୧୯୮୭ଠାରୁ ୮ ଥର ପୃଥିବୀର ନିକଟବର୍ତ୍ତୀ ହୋଇଛି। ଏହା ପୂର୍ବରୁ ୨୦୧୧ ମାର୍ଚ୍ଚ ୧୩ରେ ଏହା ପୃଥିବୀଠାରୁ ୪୨ ଲକ୍ଷ ୬୮ ହଜାର ୬୪୩ କିମି ଦୂରରେ ଅତିକ୍ରମ କରିଥିଲା। ୨୦୩୨ଡିବି କ୍ଷୁଦ୍ରଗ୍ରହ ୨୦୩୨ରେ ପୃଥିବୀ ନିକଟ ଦେଇ ଅତିକ୍ରମ କରିବ।

# ଜେଲରୁ ଅର୍ଜିତ ଟଙ୍କାରେ ଝିଅକୁ ଦେଲେ ସ୍ମାର୍ଟଫୋନ୍



ଡାକ୍ତର ହେବାକୁ ଲକ୍ଷ୍ୟ ରଖିଛନ୍ତି ଝିଅ

**ରାୟପୁର(ଛତିଶଗଡ଼):** ଉତ୍ତମ ବ୍ୟବହାର ପାଇଁ ସମୟସୀମା ପୂର୍ବରୁ ଜେଲଦଣ୍ଡରୁ ମିଳିଲା ମୁକ୍ତି। ୧୫ ବର୍ଷ ପରେ ପରିବାର ସହ ଦେଖାକରିବା ପାଇଁ ବେଶ୍ ଖୁସି ଥିଲେ ଛତିଶଗଡ଼ର ଅମ୍ବିକାପୁର ନିକଟ ଆମ୍‌ଡରହା ଗ୍ରାମର ଆନନ୍ଦ ନାଗେଶିୟା। ଅଧିକ ଆନନ୍ଦିତ ଥିଲେ ଝିଅ ଯାମିନୀ ସହ ମିଶିବା ପାଇଁ। ପାରିବାରିକ ବିବାଦକୁ ନେଇ ସମ୍ପର୍କୀୟଙ୍କୁ ହତ୍ୟା ଅଭିଯୋଗରେ ୨୦୦୫ରେ ନାଗେଶିୟା ଜେଲ ଯାଇଥିଲେ। ସେ ସମୟରେ ଯାମିନୀଙ୍କୁ ମାତ୍ର ୧ବର୍ଷ ହୋଇଥିଲା। ଦୀର୍ଘବର୍ଷ ପରେ ଗାଁକୁ ଫେରିବା ପରେ ପରିବାରକୁ ଦେଖି ନାଗେଶିୟା ଭାବବିହ୍ୱଳ ହୋଇପଡ଼ିଥିଲେ। ଏବେ ଝିଅ ଯୁକ୍ତ୨ ପଢ଼ିଲାଣି। ହେଲେ ଅନ୍‌ଲାଇନ ପାଠପଢ଼ା ପାଇଁ ମୋବାଇଲ ନ ଥିବାରୁ ଝିଅର ପାଠପଢ଼ାରେ ଅସୁବିଧା ହେଉଥିବା ବାପା ଜାଣିବାକୁ ପାଇଥିଲେ। ଯାମିନୀ ଡାକ୍ତର ହେବାକୁ ଲକ୍ଷ୍ୟ ରଖିଥିବା ଜାଣି ନାଗେଶିୟା କାରାଗାରରେ ରହିବା ସମୟରେ କାଠ ଏବଂ ବଗିଚା କାମକରି ରୋଜଗାର କରିଥିବା ଟଙ୍କାରେ ତୁରନ୍ତ ଝିଅ ପାଇଁ ଏକ ସ୍ମାର୍ଟଫୋନ୍ ଆଣିଥିଲେ।

ଏ ନେଇ ନାଗେଶିୟା କୁହନ୍ତି, ''ଶିକ୍ଷାର ମୂଲ୍ୟ କ'ଣ ମୁଁ ଜେଲରେ ରହିବା ସମୟରେ ଅନୁଭବ କରିଛି। ତେଣୁ ଝିଅର ଲକ୍ଷ୍ୟ ପୂରଣ ପାଇଁ ସମସ୍ତ ଚେଷ୍ଟା କରିବି ''। ନାଗେଶିୟାଙ୍କୁ ଆଜୀବନ କାରାଦଣ୍ଡ ହୋଇଥିବାବେଳେ ତାଙ୍କର ଉତ୍ତମ ବ୍ୟବହାର ପାଇଁ ତାଙ୍କୁ ମୁକ୍ତ କରିବାକୁ ଅନୁମତି ନିମନ୍ତେ ଅମ୍ବିକାପୁର ଜେଲ ପକ୍ଷରୁ ସରକାରଙ୍କୁ ସୁପାରିସ କରାଯାଇଥିଲା। ତାଙ୍କ ମଧ୍ୟରେ ଅନେକ ସକାରାତ୍ମକ ପରିବର୍ତ୍ତନ ଏବଂ ଶୃଙ୍ଖଳା ଦେଖିବାକୁ ମିଳିଥିଲା ବୋଲି ଜେଲ ଅଧୀକ୍ଷକ ରାଜେନ୍ଦ୍ର ଗାଏକଓ୍ୱାର୍ଡ କହିଛନ୍ତି। ଅନ୍ୟପକ୍ଷରେ କାରାଗାରରୁ ରୋଜଗାର ଟଙ୍କାରେ ମୋବାଇଲ କିଣିବାକୁ ମଧ୍ୟ ସେ ପ୍ରଶଂସା କରିଛନ୍ତି। ଝିଅମାନଙ୍କ ଶିକ୍ଷାକୁ ଗୁରୁତ୍ୱ ଦେବାରେ ସେ ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି ବୋଲି ଗାଏକଓ୍ୱାର୍ଡ କହିଛନ୍ତି।

# କମୁଛି କଙ୍ଗନାଙ୍କ ଫଲୋଅ୍ୟର୍ସଙ୍କ ସଂଖ୍ୟା



କଙ୍ଗନା ରାନାଓ୍ୱତ

**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ କଙ୍ଗନା ରାନାଓ୍ୱତ ଏବେ ଖୁବ୍ ଚର୍ଚ୍ଚାରେ। ବଲିଉଡ୍‌ରେ ବଂଶବାଦ ଓ ପକ୍ଷପାତିତାକୁ ନେଇ ସବୁବେଳେ ପ୍ରଶ୍ନ ଉଠାଉଥିବା କଙ୍ଗନାଙ୍କର ଏବେ ସୋସିଆଲ ମିଡିଆ ଆକାଉଣ୍ଟ ଟୁଇଟରରେ ଫଲୋଅର୍ସଙ୍କ ସଂଖ୍ୟା ଦିନକୁ ଦିନ କମ୍ ହେବାରେ ଲାଗିଛି। ସୂଚନା ଅନୁଯାୟୀ, ପ୍ରତିଦିନ କଙ୍ଗନାଙ୍କର ୪୦-୫୦ ହଜାର ଫଲୋଅର୍ସ କମି କମି ଯାଉଛନ୍ତି। ଜଣେ ୟୁଜର୍ସ ଏ ସମ୍ପର୍କରେ ଟୁଇଟ୍ କରି କଙ୍ଗନାଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ଏହା ଜଣାପଡିଛି। ତେବେ ଚୌକିଦାର ଫିରସେ ନାମକ ଏକ ଟୁଇଟର ଆକାଉଣ୍ଟ ଲେଖିଛି କଙ୍ଗନା ଜିଆପଣଙ୍କ ଫଲୋଅର୍ସଙ୍କ ସଂଖ୍ୟା କମିବାରେ ଲାଗିଛି। ଏହା ଟୁଇଟର ଦ୍ୱାରା ହେଉଛି ବୋଲି ସନ୍ଦେହ କରାଯାଉଥିବା ବେଳେ ଘଣ୍ଟାଏ ପୂର୍ବରୁ ୯୯୨୦୦୦ ସଂଖ୍ୟାଟି ଘଣ୍ଟାଏ ପରେ ୯୮୮୦୦୦ ହୋଇଯାଇଛି। କଙ୍ଗନା ଏହାର ଉତ୍ତରରେ କହିଛନ୍ତି, ମୁଁ ଆପଣଙ୍କ ସହ ସହମତ। ମୁଁ ବି ଦେଖୁଛି ପ୍ରତିଦିନ ୪୦-୫୦ ହଜାର ଫଲୋଅର୍ସ କମି ଯାଉଛନ୍ତି। ହେଲେ ଏହା କେମିତି ହେଉଛି ଓ କାହିଁକି ହେଉଛି ବୋଲି ସେ ପ୍ରଶ୍ନ କରିଛନ୍ତି। ଏହି ଟୁଇଟକୁ ସେ ଟୁଇଟର ଇଣ୍ଡିଆ ଓ ଟୁଇଟର ସପୋର୍ଟକୁ ଟ୍ୟାଗ କରିଛନ୍ତି।

# ପ୍ରାକୃତିକ ବିପର୍ଯ୍ୟୟକୁ ଶୀଘ୍ର ଭୁଲିଯାଆନ୍ତି ଭାରତୀୟ

**ନୂଆଦିଲ୍ଲୀ:** ପୃଥିବୀରେ ଦକ୍ଷିଣ ଏସିଆ ବାସିନ୍ଦାଙ୍କର ଏକ ସ୍ୱତନ୍ତ୍ର ସ୍ଥିତି ରହିଛି। ଏଠାରେ ବହୁ ସମୟରେ ପ୍ରାକୃତିକ ବିପର୍ଯ୍ୟୟ ଅନୁଭୁତ ହୋଇଥାଏ। କେବେ ଭୂମିକମ୍ପ ତ କେବେ ବାତ୍ୟା। ପୁଣି କେବେ ମହାମାରୀ ଅବା ସୁନାମୀ। ଏସବୁ ପ୍ରାକୃତିକ ବିପର୍ଯ୍ୟୟକୁ ସହିବା ଦକ୍ଷିଣ ଏସିଆ ବାସିନ୍ଦାଙ୍କ ସହଜାତ ପ୍ରବୃତ୍ତି ଭଳି ମନେ ହୋଇଥାଏ ବୋଲି ଏକ ରିପୋର୍ଟରେ ପ୍ରକାଶ ପାଇଛି। ତେବେ ସେମାନଙ୍କ ମଧ୍ୟରେ ଭାରତୀୟଙ୍କ ମଧ୍ୟରେ ଏଭଳି ପ୍ରବୃତ୍ତି ଅଧିକ ଦେଖିବାକୁ ମିଳିଥାଏ। ଚିକିତ୍ସା ବିଜ୍ଞାନ ଅନୁସାରେ ଯେଉଁମାନଙ୍କ ଶରୀରରେ ସେରାଟୋନିନ୍ ନାମକ ହରମୋନ୍ କ୍ଷରଣ ଅଧିକ ହୋଇଥାଏ। ସେମାନେ ଶୀଘ୍ର ଅବସାଦଗ୍ରସ୍ତ ହୋଇଥାନ୍ତି। ଅପର ପକ୍ଷରେ ଯେଉଁମାନଙ୍କ ଶରୀରରେ ଡୋପାମାଇନ୍ ହରମୋନ୍ ଅଧିକ କ୍ଷରଣ ହୁଏ ସେମାନେ ଦୁଃଖରେ ମଧ୍ୟ ଖୁସି ରହିବାର କ୍ଷମତା ରଖିଥାନ୍ତି। ଜଳବାୟୁର ପ୍ରଭାବ ମଧ୍ୟ ଏସବୁ ହରମୋନ୍ କ୍ଷରଣକୁ ପ୍ରଭାବିତ କରୁଥିବା କୁହାଯାଇଥାଏ। ଦକ୍ଷିଣ ଏସିଆର ଜଳବାୟୁ ଡୋପାମାଇନ୍ ହରମୋନ କ୍ଷରଣକୁ ପ୍ରଭାବିତ କରିଥାଏ ବୋଲି କେତେକ ମତ ଦେଇଥାନ୍ତି। ଭାରତରେ ଦେଖାଦେଉଥିବା ପ୍ରାକୃତିକ ବିପର୍ଯ୍ୟୟ ପରେ ସମାଜର ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଥାଏ। ଦୁଃଖୀଙ୍କୁ ସହାୟତା କରିବା ଲାଗି ବହୁ ସହଯୋଗର ହାତ ବଢ଼ିଆସିଥାଏ। ଏହା ଶୀଘ୍ର କ୍ଷତ ଭରିଦେଇଥାଏ ବୋଲି ବିଶେଷଜ୍ଞ ମତପୋଷଣ କରିଥାନ୍ତି।



# 'ପିୟା ତୁ ଅବ୍ ତୋ ଆଜା'ରେ ମତୁଆଲା



ଦୁଇଜଣ ବୟସ୍କ ମହିଳା ରାସ୍ତାକଡ଼ରେ ନାଚୁଛନ୍ତି।

**ନୂଆଦିଲ୍ଲୀ:** ସୋସିଆଲ ମିଡିଆରେ କିଛି ଭିଡିଓ ରାତାରାତି ଭାଇରାଲ୍ ହୋଇଥାଏ ଆଉ ଏହି ମାଧ୍ୟମରେ କିଛି ସାଧାରଣ ବ୍ୟକ୍ତିତ୍ୱ ବି ରାତାରାତି ଷ୍ଟାର ପାଲଟି ଯାଇଥାନ୍ତି। ଏହାର ଅନେକ ଉଦାହରଣ ରହିଛି। ଏବେ ପୁଣି ଥରେ ଏମିତି ଏକ ଭିଜୁଆଲ୍ ଭାଇରାଲ୍ ହେବାରେ ଲାଗିଛି, ଯେଉଁଥିରେ ୨ଜଣ ବୟସ୍କ ମହିଳା ଢେର୍ ଉତ୍ସାହର ସହ ସୁନ୍ଦରଭାବେ ନାଚ କରୁଛନ୍ତି।

ଏହି ଭାଇରାଲ ଭିଡିଓଟିକୁ 'ପିଚ୍ ତୋ ଦେଖୋ' ନାମକ ଏକ ସୋସିଆଲ ଆକାଉଣ୍ଟରେ ପୋଷ୍ଟ କରାଯାଇଛି। ୧୫ ସେକେଣ୍ଡର ଏହି ଭିଜୁଆଲଟିକୁ କେହି ସ୍ୱତନ୍ତ୍ରଭାବେ ପୋଷ୍ଟ କରି ନ ଥିଲେ ବି ଏହା ଏବେ ଭାଇରାଲ ହେବାରେ ଲାଗିଛି। ଭିଜୁଆଲରେ ଆଶା ଭୋସଁଲେଙ୍କର ୧୯୭୧ ମସିହାର ଏକ ହିନ୍ଦୀ ସିନେମା ଗୀତ ' ପିୟା ତୁ ଅବ୍ ତୋ ଆଜା' ରେ ଦୁଇଜଣ ବୟସ୍କ ମହିଳା ରାସ୍ତା କଡ଼ରେ ନାଚ କରୁଛନ୍ତି। ତେବେ ନାଚ କରିବା ସମୟରେ ଦୁଇ ମହିଳାଙ୍କର ଉତ୍ସାହ ଓ ଅଭିଜ୍ଞତାସମ୍ପନ୍ନ ନୃତ୍ୟ ଯେକୌଣସି ଲୋକଙ୍କୁ ବି ଆକୃଷ୍ଟ କରିପାରିବ। ଏମିତି କି ଜଣେ ମହିଳାଙ୍କର ସମସ୍ତ କେଶ ଧଳା ହୋଇ ଯାଇଥିଲେ ବି ସେ ଜଣେ କମ୍ ବୟସ୍କା ତରୁଣୀଙ୍କ ଭଳି ବେଶ୍ ସୁନ୍ଦର ଆଉ ଆଗ୍ରେସିଭ୍ ହୋଇ ନାଚ କରି ପାରୁଛନ୍ତି। ସେଥିପାଇଁ ଏହି ଭିଜୁଆଲଟି ସମସ୍ତଙ୍କୁ ଆକୃଷ୍ଟ କରିପାରୁଛି। ଅବଶ୍ୟ ଏପର୍ଯ୍ୟନ୍ତ ସୋସିଆଲ ମିଡିଆରେ ମହିଳାଙ୍କର ସମ୍ପୂର୍ଣ୍ଣ ପରିଚୟ ଓ ଠିକଣା ସମ୍ପର୍କରେ ସୂଚନା ଦିଆଯାଇନାହିଁ। କିନ୍ତୁ ବୟସ୍କ ମହିଳା ଯିଏ ବି ହୋଇଥାନ୍ତୁ, ତାଙ୍କର ଯେ ସ୍ୱତନ୍ତ୍ର ପ୍ରତିଭା ରହିଛି ଏକଥାକୁ ଲୋକେ ସ୍ୱୀକାର କରିଛନ୍ତି। ଭିଜୁଆଲଟିକୁ ଏବେ ସୁଦ୍ଧା ୩ ହଜାରରୁ ଅଧିକ ଲୋକ ଦେଖି ସାରିଲେଣି। ଏହା ସହିତ ହଜାର ହଜାର ସଂଖ୍ୟାରେ ଲୋକେ ଏହି ଭିଜୁଆଲ ପାଇଁ କମେଣ୍ଟ ବି ଦେଇଛନ୍ତି। ମହିଳାଙ୍କର ଖୁସିକୁ କିଛି ଲୋକ ପ୍ରଶଂସା କରିଥିବାବେଳେ କେତେଜଣ ସେମାନଙ୍କର ଉତ୍ସାହଭରା ନୃତ୍ୟ ପ୍ରଦର୍ଶନ ପାଇଁ ଖୁସି ହୋଇଛନ୍ତି।

# ବନ୍ୟା ପୀଡ଼ିତଙ୍କୁ ସଲ୍‌ମାନଙ୍କ ସହଯୋଗ



**ମୁମ୍ବାଇ:** ବଲିଉଡ୍ ଭାଇଜାନ ସଲ୍‌ମାନ ଖାଁ ଅନେକ ସମୟରେ ସହଯୋଗର ହାତ ବଢାଇଥିବା ଦେଖାଯାଇଛି। ଏଥର କିନ୍ତୁ ତାଙ୍କ ସହଯୋଗକୁ ଦେଖିଲେ ଗର୍ବ କରନ୍ତି ତାଙ୍କ ପ୍ରଶଂସକ। କରୋନା ମହାମାରୀ ପାଇଁ ଏବେ ଶୁଟିଂ ବନ୍ଦ ଥିବାରୁ ସେ ତାଙ୍କ ପନଓ୍ୱେଲ ଫାର୍ମ ହାଉସରେ ସମୟ କାଟୁଛନ୍ତି। ଏହି ସମୟରେ ସେ କିଛି ମ୍ୟୁଜିକ ଭିଡିଓର ଶୁଟିଂ ମଧ୍ୟ କରିଥିବା କୁହାଯାଏ। ତେବେ କରୋନା ଭାଇରସ ସଂକ୍ରମଣରେ ଅସ୍ତବ୍ୟସ୍ତ ହୋଇପଡିଥିବା ମହାରାଷ୍ଟ୍ରବାସୀଙ୍କ ପାଇଁ ଏବେ ପୁଣି ଦାଉ ସାଧିଛି ବର୍ଷା ଆଉ ବନ୍ୟା। ଏଭଳି ସ୍ଥିତିରେ ସଲ୍‌ମାନ ମହାରାଷ୍ଟ୍ରବାସୀଙ୍କୁ ସାହାଯ୍ୟ କରିବାକୁ କଥା ଦେଇଥିଲେ। ଏବେ ସେ ମହାରାଷ୍ଟ୍ରର ବନ୍ୟା ପ୍ରଭାବିତ ଖିଦ୍ରାପୁର ଗାଁରେ ବାସଶୂନ୍ୟ ହୋଇପଡିଥିବା ଲୋକଙ୍କ ପାଇଁ ପାଖାପାଖି ୭୦ଟି ଘର ନିର୍ମାଣ କରିଦେଇଥିବା ଜଣାପଡିଛି। ଏ ସମ୍ପର୍କରେ ମହାରାଷ୍ଟ୍ର କ୍ୟାବିନେଟ ମନ୍ତ୍ରୀ ରାଜେନ୍ଦ୍ର ପାଟିଲ ୟାଦରାଓ୍ୱକର ଟୁଇଟ୍ କରି ସୂଚନା ଦେଇଛନ୍ତି। ଏଥିପାଇଁ ସେ ସଲମାନଙ୍କୁ ଧନ୍ୟବାଦ ଦେଇଛନ୍ତି। ଏମିତିକି କୋହ୍ଲାପୁର ଜିଲା ଖିଦ୍ରାପୁର ଗାଁରେ ଭୂମି ପୂଜନର କିଛି ଫଟୋ ମଧ୍ୟ ସାସିଆଲ ମିଡିଆରେ ଶେୟାର କରି ଛନ୍ତି।

# ହଳଦିଆ ବିଲେଇ



**ନୂଆଦିଲ୍ଲୀ:** ଆଜିକାଲି ପ୍ରାୟ ସମସ୍ତଙ୍କର ସୋସିଆଲ ମିଡିଆରେ ଆକାଉଣ୍ଟ ରହିଛି। ହେଲେ ଏବେ ଆଧୁନିକ ଯୁଗରେ ପଶୁପକ୍ଷୀମାନେ ବି ସୋସିଆଲ ମିଡିଆରେ ଆକାଉଣ୍ଟ ଖୋଲିବାକୁ ଲାଗିଲେଣି। କଥାଟା ଶୁଣିଲେ ହୁଏତ ବିଶ୍ୱାସ ଲାଗି ନ ପାରେ। କିନ୍ତୁ ସୋସିଆଲ ମିଡିଆରେ ଏବେ ଏକ ହଳଦିଆ ରଙ୍ଗର ବିଲେଇ ଆକାଉଣ୍ଟକୁ ନେଇ ଜୋରଦାର ଚର୍ଚ୍ଚା ହେଉଛି।

ସୋସିଆଲ ମିଡିଆରେ ଆକାଉଣ୍ଟ ଥିବା ଏହି ହଳଦିଆ ବିଲେଇଟି ହେଉଛି ଥାଇଲାଣ୍ଡର ଜଣେ ମହିଳାଙ୍କର। ମହିଳାଜଣକ ତାଙ୍କ ପୋଷା ବିଲେଇର ଆକାଉଣ୍ଟ ଖୋଲି ବିଲେଇ ବିଶେଷତ୍ୱ ସମ୍ପର୍କରେ ଜଣାଇଛନ୍ତି। ବିଲେଇଟି ବିଶେଷଭାବରେ ହଳଦିଆ ରଙ୍ଗର ହୋଇଥିବାରୁ ଏହା ଖୁବ୍‌ଶୀଘ୍ର ଭାଇରାଲ୍ ହୋଇଛି। ସାଧାରଣତଃ ବିଲେଇଙ୍କର ରଙ୍ଗ କଳା, ଧଳା, ଧୂସର କିମ୍ବା ମିଶ୍ରିତ ରଙ୍ଗର ହୋଇଥାଏ। କିନ୍ତୁ ଏହି ବିଲେଇଟି ସମ୍ପୂର୍ଣ୍ଣ ରୂପେ ହଳଦିଆ ରଙ୍ଗର। ବିଲେଇର ରଙ୍ଗ ଆରମ୍ଭରୁ ଏପରି ନ ଥିଲା। ବିଲେଇ ମାଲିକଙ୍କ କହିବା ଅନୁସାରେ ଛୋଟବେଳେ ତା' ଗୋଡ଼ରେ ଏକ ଖଣ୍ଡିଆ ହୋଇ ସଂକ୍ରମଣ ହୋଇ ଯାଇଥିଲା। ଧୀରେ ଧୀରେ ସଂକ୍ରମଣ ବଢୁଥିବା ଦେଖି ସେ ଘରେ ଥିବା ହଳଦୀର ଏକ ପେଷ୍ଟ ତିଆରି କରି ବିଲେଇ ଗୋଡ଼ରେ ସବୁଦିନ ଲଗାଉଥିଲେ। ଘରୋଇ ଉପାୟରେ ହଳଦୀ ସଂକ୍ରମଣ ଠିକ୍ କରିଦେବ ବୋଲି ଭାବି ସେ ଏପରି କରିଥିଲେ। ତେବେ ଆଶ୍ଚର୍ଯ୍ୟଜନକଭାବେ ଲଗାତର ଏପରି କରିବା ଫଳରେ ଧୀରେ ଧୀରେ ବିଲେଇର ରଙ୍ଗ ବଦଳିଯାଇ ପୂରା ହଳଦିଆ ହୋଇଯାଇଥିଲା। ଅବଶ୍ୟ ସଂକ୍ରମଣ ବି ଭଲ ହୋଇ ଯାଇଥିଲା। କିନ୍ତୁ ବିଲେଇର ରଙ୍ଗ ହଳଦିଆ ହେବା ପରେ ଆଉ ବଦଳି ନ ଥିଲା। ବିଲେଇର ଏପରି ପରିବର୍ତ୍ତନ ଦେଖି ସମସ୍ତେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ତେଣୁ ବିଲେଇ ସମ୍ପର୍କରେ ସୋସିଆଲ୍ ମିଡିଆରେ ଜଣାଇ ତା' ପାଇଁ ସ୍ୱତନ୍ତ୍ରଭାବେ ଆକାଉଣ୍ଟ ଖୋଲିଥିଲେ। ଏବେ ସୋସିଆଲ ମିଡିଆରେ ବିଲେଇର ରଙ୍ଗ ଦେଖିବା ସହିତ ତା' ସମ୍ପର୍କରେ ଜାଣି ଲୋକେ ବେଶ୍ ଉତ୍ସାହିତ ହୋଇଛନ୍ତି। କାର୍ଟୁନ ପୋକେମନ୍‌ର ଚରିତ୍ର ପିକାଚୁ ସହିତ ଏହି ବିଲେଇକୁ ତୁଳନା କରାଯାଉଛି।

ମନେ ପଡ଼ନ୍ତି

୧୯ତମ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତା ପ୍ରଶ୍ନମାଳା ରାଉତରାୟ
ରାଇସିମୁଳି, ବ୍ରହ୍ମଗିରି, ପୁରୀ
ତିରୋଧାନ: ୨୦।୦୯।୨୦୦୨
ତୁମର ସ୍ମୃତି ଆମ ପ୍ରାଣରେ ସବୁବେଳେ ସତେଜ ଓ ସଂଜୀବିତ ରହିଛି। ଦିବ୍ୟଧାମରୁ ଆମମାନଙ୍କୁ ଆଶୀର୍ବାଦ କରୁଥାନ୍ତୁ।
:ଶ୍ରଦ୍ଧାଞ୍ଜଳି ସହ:
ପୁଅ, ବୋହୂ, ନାତି, ନାତୁଣୀ, ନାତୁଣୀ ବୋହୂ, ଝିଅ, ଜ୍ୱାଇଁ, ଭାଇ, ଭାଉଜ, ଭଉଣୀ, ପୁତୁରା, ପୁତୁରା ବୋହୂ ଓ ଆତ୍ମୀୟସ୍ୱଜନ।
ଧ-୬୯୬୧୫



# ତ୍ୱଚା ଅନୁସାରେ ସାବୁନ

ସୌନ୍ଦର୍ଯ୍ୟ

**ବର୍ତ୍ତମାନ ବିଭିନ୍ନ ବ୍ରାଣ୍ଡର ଭଳିକି ଭଳି ସୁଗନ୍ଧଯୁକ୍ତ ସାବୁନ ମାର୍କେଟରେ ଉପଲବ୍ଧ। ହେଲେ ପ୍ରତ୍ୟେକ ସାବୁନ ଯେ ସମସ୍ତଙ୍କୁ ସୁଟ କରିବ ତାହା କହିବା କଷ୍ଟକର। ତେଣୁ କେଉଁ ସାବୁନ କେଉଁଭଳି ସ୍କିନ୍ ପାଇଁ ବ୍ୟବହାର କରିବା ଭଲ ଜାଣି ରଖନ୍ତୁ ସେ ସମ୍ପର୍କରେ...**

**ଡ୍ରାଏ ସ୍କିନ୍:** ତ୍ୱଚାରୁ ବାହାରୁଥିବା ପ୍ରାକୃତିକ ତେଲ ବା ସେବମ୍ ମାତ୍ରା କମ୍ ଥିଲେ ତ୍ୱଚା ଡ୍ରାଏ ବା ରୁକ୍ଷ ହୋଇଥାଏ। ତେଣୁ ଯଦି ଆପଣଙ୍କ ସ୍କିନ୍ ଡ୍ରାଏ ତେବେ ମଶ୍ଚରାଇଜରଯୁକ୍ତ ସାବୁନ ବ୍ୟବହାର କରନ୍ତୁ। ଏଥିପାଇଁ ଗ୍ଲିସେରିନ୍‌ଯୁକ୍ତ ସାବୁନ ସବୁଠୁ ଭଲ। ଏହା ବ୍ୟତୀତ ତ୍ୱଚାକୁ ଅଧିକ ସମୟ ମଶ୍ଚରାଇଜ୍ ରଖିବା ଲାଗି ଭେଜିଟେବଲ୍ ଅଏଲ, କୋକା ବଟର, ଆଲୋଭେରା, ନଡ଼ିଆ ତେଲ, ଜୋଜୋବା ତେଲ ଏବଂ ଆଭୋକାଡୋ ଯୁକ୍ତ ସାବୁନ୍ ବ୍ୟବହାର କରିବା ସବୁଠୁ ଭଲ।

**ଅଏଲି ସ୍କିନ୍:** ଏଭଳି ତ୍ୱଚାରେ ଅଧିକ ତେଲ ଜମା ହେବା ଯୋଗୁ ବ୍ରଣ ସମସ୍ୟା ଦେଖାଦେବାର ଆଶଙ୍କା ବେଶି। ଯାହାକୁ ଅଏଲ୍ ଫ୍ରି ରଖିବା ଲାଗି ବାରମ୍ବାର ସାବୁନ୍‌ରେ ଧୋଇବାକୁ ପଡ଼ିଥାଏ। ତେବେ ଏଭଳି ତ୍ୱଚା ପାଇଁ ମଶ୍ଚରାଇଜର ଯୁକ୍ତ ସାବୁନ ବଦଳରେ ସି ସଲ୍ଟ, ଓଟ୍‌ମିଲ୍, ବ୍ରାଉନ୍ ସୁଗାର, ପିଚ୍ ପିଟ୍ସଯୁକ୍ତ ସାବୁନ୍ ବ୍ୟବହାର କଲେ ଅନାବଶ୍ୟକ ତେଲ ଧୋଇଯିବା ସହ ତ୍ୱଚା ଭଲ ରହିଥାଏ।

**ନର୍ମାଲ ସ୍କିନ:** ଯେଉଁମାନଙ୍କ ସ୍କିନ୍ ନର୍ମାଲ୍ ସେମାନେ ସବୁପ୍ରକାର ସାବୁନ ବ୍ୟବହାର କରିପାରିବେ। ହେଲେ ଆବଶ୍ୟକରୁ ଅଧିକ ସାବୁନ୍ ବ୍ୟବହାର କରିବା ଏଭଳି ତ୍ୱଚା ପାଇଁ ବି ହାନିକାରକ ହୋଇପାରେ। ତେବେ ଏଭଳି ତ୍ୱଚା ପାଇଁ ହର୍ବାଲ୍ ସାବୁନ ସବୁଠୁ ଭଲ ଚଏସ୍।

**ସେନ୍ସିଟିଭ୍ ସ୍କିନ୍:** ଅନେକଙ୍କ ତ୍ୱଚା ଖୁବ୍ ସମ୍ବେଦନଶୀଳ ହୋଇଥାଏ। ସେମାନଙ୍କ ଠାରେ ବିଭିନ୍ନ ସାମଗ୍ରୀ ବ୍ୟବହାରରେ ସଙ୍ଗେ ସଙ୍ଗେ ପାର୍ଶ୍ୱପ୍ରତିକ୍ରିୟା ଦେଖା ଦେଇଥାଏ। ଯେଉଁମାନଙ୍କ ତ୍ୱଚା ଏଭଳି ସେମାନେ ସାବୁନ ବାଛିବା ବେଳେ ବିଶେଷ ସତର୍କ ରହିବା ଆବଶ୍ୟକ। ବର୍ତ୍ତମାନ ସେନ୍ସିଟିଭ୍ ସ୍କିନ୍ ପାଇଁ ମାର୍କେଟରେ ବିଭିନ୍ନ ପ୍ରକାର ସାବୁନ୍ ଉପଲବ୍ଧ। ସେଥିରେ ଯେପରି ପିଏଚ୍ ସ୍ତର ସାମାନ୍ୟ ଥିବ ଏବଂ କୌଣସି କଲର କିମ୍ବା ପରଫ୍ୟୁମ୍ ମିଶାଯାଇ ନ ଥିବା ପଢ଼ିବା ପରେ କିଣନ୍ତୁ।



# ରୁହନ୍ତୁ ସତର୍କ, ରହିବନି ଡର

ବର୍ତ୍ତମାନ ଚାରିଆଡ଼େ ବଢ଼ିଚାଲିଥିବା ଅପରାଧକୁ ଆଖିଆଗରେ ରଖି ସାମାଜିକ ନିରାପତ୍ତା ନିମନ୍ତେ ସୁରକ୍ଷା ବ୍ୟବସ୍ଥା ଯେତେ ଯେତେ ସୁଦୃଢ଼ କରାଯାଉଛି, ଅପରାଧୀ ସେମାନଙ୍କ ଅପରାଧ ଦୁନିଆ ସେତେ ସେତେ ବିସ୍ତାର କରିବାର ବିକଳ୍ପ ଖୋଜି ବୁଲୁଛନ୍ତି। ଏମିତି ପରିସ୍ଥିତିରେ ବାହାରକୁ ଜବ୍ କିମ୍ବା ଅନ୍ୟାନ୍ୟ କାର୍ଯ୍ୟ ଲାଗି ଯାଉଥିବା ମହିଳାମାନେ ନିଜ ସୁରକ୍ଷା ଲାଗି ବିଭିନ୍ନ ଦିଗ ପ୍ରତି ସତର୍କ ରହିବା ଆବଶ୍ୟକ....



**ଆତ୍ମସୁରକ୍ଷା କୌଶଳ ଶିଖନ୍ତୁ**– ବର୍ତ୍ତମାନ ସମୟରେ ଆତ୍ମସୁରକ୍ଷା କୌଶଳ ଶିଖିବା ସମସ୍ତଙ୍କ ଲାଗି ନିହାତି ଆବଶ୍ୟକ। ତେଣୁ ଜୁଡୋ, କରାଟେ, ଟାଏକୋଣ୍ଡୋ, କୁମ୍ଫୁ ଆଦି ବିଭିନ୍ନ ଆତ୍ମରକ୍ଷା କଳା ଶିଖିବାକୁ ଚେଷ୍ଟା କରନ୍ତୁ। ଯଦି ଏସବୁ ଶିଖିବାର ସୁବିଧା ନ ହୁଏ ତେବେ ଏକାକୀ ବାହାରକୁ ଯିବା ସମୟରେ ନିଜ ବ୍ୟାଗ୍‌ରେ କୌଣସି ଅଘଟଣ ସମୟରେ ହଠାତ୍ କାମରେ ଆସିବା ଲାଗି ଲଙ୍କା ଗୁଣ୍ଡ, ପେପର ସ୍ପ୍ରେ, ଡିୟୋଡ୍ରେଣ୍ଟ, ନେଲ୍‌କଟର, ଛୁରି, ସେଫ୍ଟି ପିନ୍ ପରି ଛୋଟ ଛୋଟ ଜିନିଷ ରଖନ୍ତୁ।

**ସତର୍କତା ଜରୁରୀ:** ମହିଳାମାନେ କେତେ ଗହଣାପ୍ରେମୀ ତା' ସମସ୍ତଙ୍କୁ ଜଣା। ଆଉ ଏଥିପାଇଁ ଚୋରଙ୍କୁ ମହିଳାଙ୍କଠାରୁ ଗହଣା ଚୋରି କରିବା ସବୁଠୁ ସହଜ ଉପାୟ। ତେଣୁ ବାହାରକୁ ଯିବାବେଳେ ଗହଣା କିମ୍ବା କୌଣସି ଦାମୀ ଅଳଙ୍କାର ନ ପିନ୍ଧିବା ଭଲ। ସେହିପରି ସାଙ୍ଗରେ ଅଧିକ କ୍ୟାଶ୍ ମଧ ରଖନ୍ତୁ ନାହିଁ। ଅତ୍ୟାବଶ୍ୟକ ନ ଥିଲେ ବାରମ୍ବାର ମୋବାଇଲ୍ ବ୍ୟାଗ୍‌ରୁ କାଢ଼ନ୍ତୁ ନାହିଁ। ସେହିପରି ବାହାରକୁ ଯିବା ସମୟରେ ଲିଫ୍ଟ ନେବା କିମ୍ବା କାହାକୁ ଲିଫ୍ଟ ଦେବା ପୂର୍ବରୁ ଭଲ ଭାବେ ଚିନ୍ତା କରନ୍ତୁ। ଯଦି ସେମିତି ଅତି ଜରୁରୀ ନ ଥାଏ ତେବେ ଲିଫ୍ଟ ବିଶେଷକରି ଚାରିଚକିଆ ଯାନରେ ଲିଫ୍ଟ ନେବା ସୁରକ୍ଷିତ ନୁହେଁ। କୌଣସି ଅଜଣା ବ୍ୟକ୍ତିଙ୍କୁ ଲିଫ୍ଟ ଦେବା ବି ବର୍ତ୍ତମାନ ସମୟରେ ଅନେକ ଅପରାଧର ମୂଳ କାରଣ। ତେଣୁ ସୁରକ୍ଷା ଦୃଷ୍ଟିରୁ ଏ ସମସ୍ତ ଦିଗ ପ୍ରତି ସତର୍କ ରୁହନ୍ତୁ।

**ବିପଦ ସବୁବେଳେ ହଠାତ୍ ଆସେ। ତେଣୁ ଆତ୍ମସୁରକ୍ଷାକୁ ନେଇ ସମସ୍ତେ ସର୍ବଦା ସତର୍କ ରହିବା ଆବଶ୍ୟକ। ବିଶେଷକରି ବାହାରକୁ ଯାଉଥିବା ମହିଳାମାନେ ନିଜର ସୁରକ୍ଷା ଲାଗି କେତେକ ଦିଗ ପ୍ରତି ଯତ୍ନଶୀଳ ହେବା ସବୁଠୁ ଗୁରୁତ୍ୱପୂର୍ଣ୍ଣ...**

**କ୍ୟାଶ୍‌ଲେସ୍ ସୁବିଧା ଆପଣାନ୍ତୁ**– ଚୋରି ଆଶଙ୍କାକୁ ଦୃଷ୍ଟିରେ ରଖି କ୍ୟାଶ୍ ବଦଳରେ କାର୍ଡ ବ୍ୟବହାର କରିବା ଭଲ। ସେହିପରି ମୋବାଇଲ୍‌ରେ ପେଟିଏମ୍, ଗୁଗୁଲ୍ ପେ ଭଳି ବିଭିନ୍ନ କ୍ୟାଶଲେସ୍ ସୁବିଧା ଆପଣାନ୍ତୁ। ଏହା ବ୍ୟତୀତ ଯଦି କେବେ କ୍ୟାଶ୍ ଆବଶ୍ୟକ ହେଲେ ଏଟିଏମ୍ ଯିବାକୁ ପଡ଼େ ତେବେ ସବୁବେଳେ ରାତି ବଦଳରେ ଦିନ ସମୟରେ କିମ୍ବା ସନ୍ଧ୍ୟାରେ ଜନଗହଳିପୂର୍ଣ୍ଣ ସ୍ଥାନରେ ଥିବା ଏଟିଏମ୍‌ରୁ ଟଙ୍କା ବାହାର କରିବା ପାଇଁ ଚେଷ୍ଟା କରନ୍ତୁ। ଏଟିଏମ୍‌ରେ ପାସ୍‌ୱାର୍ଡ ଏଣ୍ଟର୍ କରିବା ସମୟରେ ଯେପରି ଆଉ କେହି ନ ଦେଖନ୍ତି ସେଥିଲାଗି ସଜାଗ ରୁହନ୍ତୁ ଏବଂ କ୍ୟାଶ୍ ମିଳିବା ପରେ କ୍ୟାନ୍ସଲ୍ ବଟନ୍ ପ୍ରେସ୍ କରିବାକୁ ଭୁଲନ୍ତୁ ନାହିଁ। ଏଟିଏମ୍ ବାହାରକୁ ଆସି କେବେବି ଟଙ୍କା ଗଣିବାର ଭୁଲ ଆଦୌ କରନ୍ତୁ ନାହିଁ। ସେହିପରି ଏଟିଏମ୍ କାର୍ଡ କାମ ନ କରୁଥିଲେ କୌଣସି ଅଜଣା ବ୍ୟକ୍ତିଙ୍କଠାରୁ ସାହାଯ୍ୟ ନେବା ପରିବର୍ତ୍ତେ ଏଟିଏମ୍ ଗାର୍ଡଙ୍କ ସହାୟତା ନିଅନ୍ତୁ।



**ମାନସିକ ସ୍ତରରେ ପ୍ରସ୍ତୁତ ରୁହନ୍ତୁ:** ଏକାକୀ ବାହାରକୁ ଯାଉଥିଲେ ସାହସର ସହିତ ଯେକୌଣସି ପରିସ୍ଥିତିର ମୁକାବିଲା କରିବା ଲାଗି ନିଜକୁ ସବୁବେଳେ ମାନସିକ ସ୍ତରରେ ପ୍ରସ୍ତୁତ ରଖନ୍ତୁ। ବାହାରକୁ ଯିବା ପୂର୍ବରୁ ମୋବାଇଲରେ ସବୁବେଳେ ଚାର୍ଜ ରଖନ୍ତୁ। ଗୁରୁତ୍ୱପୂର୍ଣ୍ଣ ନମ୍ବର ଯେପରି କି ସମ୍ପର୍କୀୟଙ୍କ ନମ୍ବର, ପୋଲିସ୍ ନମ୍ବର ସ୍ପିଡ୍ ଡାଏଲରେ ରଖନ୍ତୁ। ଫଳରେ ହଠାତ୍ କୌଣସି ଅସୁବିଧାରେ ପଡ଼ିଲେ ସଙ୍ଗେସଙ୍ଗେ ନମ୍ବର ଡାଏଲ କରିପାରିବେ। ଏହାବ୍ୟତୀତ ବିଭିନ୍ନ ମହିଳାଙ୍କ ସୁରକ୍ଷା ଲାଗି ପ୍ରସ୍ତୁତ ହୋଇଥିବା ମାଇଁ ସେଫ୍ଟିପିନ୍, ସେକ୍ ଟୁ ସେଫ୍ଟି, ହିମତ୍, ବି ସେଫ୍, ୱିଥ୍ ୟୁ ଭଳି ସ୍ୱତନ୍ତ୍ର ସେଫ୍ଟିଆପ୍‌କୁ ମୋବାଇଲ୍‌ରେ ଇନ୍‌ଷ୍ଟଲ୍ କରି ରଖନ୍ତୁ ଏବଂ ଆବଶ୍ୟକ ସ୍ଥଳେ ତୁରନ୍ତ ଏହାର ସହାୟତା ନେବାକୁ ଭୁଲନ୍ତୁ ନାହିଁ। ଯଦି କୌଣସି ନୂଆ ସ୍ଥାନକୁ ଏକୁଟିଆ ଯାଉଛନ୍ତି, ସେଥିନେଇ ଘରେ ପୂର୍ବରୁ ଜଣାନ୍ତୁ। ଏହା ବ୍ୟତୀତ ଉକ୍ତ ସ୍ଥାନରେ ପହଞ୍ଚିବା ପରେ ସମ୍ପର୍କୀୟଙ୍କ ସହିତ ଯୋଗାଯୋଗରେ ଥାଆନ୍ତୁ। ଯଦି ଆପଣଙ୍କ ମନରେ କେବେ ବି କୌଣସି ବ୍ୟକ୍ତି କିମ୍ବା ପରିସ୍ଥିତିକୁ ନେଇ ସନ୍ଦେହ ଉପୁଜେ, ତେବେ ତାହାକୁ ଅଣଦେଖା କରନ୍ତୁ ନାହିଁ। ଯଦି ଆପଣଙ୍କୁ କିଏ ଫଲୋ କରୁଛି କିମ୍ବା ଆଖପାଖରେ ଥିବା କୌଣସି ବ୍ୟକ୍ତିଙ୍କ କାର୍ଯ୍ୟକଳାପ ଆପଣଙ୍କୁ ଅଜବ ଲାଗୁଛି ତେବେ ହଠାତ୍ ଡରିଯାଆନ୍ତୁ ନାହିଁ। ଅସୁବିଧାରେ ପଡ଼ିବାର ଟିକେ ବି ସୂଚନା ପାଇବା ମାତ୍ରେ ସଙ୍ଗେସଙ୍ଗେ ଯେପରି ପ୍ରତିବାଦ କରିପାରିବେ ସେଥିଲାଗି ମାନସିକ ସ୍ତରରେ ପ୍ରସ୍ତୁତ ରୁହନ୍ତୁ। ରାସ୍ତା ନିରୋଳା ହୋଇଥିଲେ ଏଭଳି ପରିସ୍ଥିତିରେ ସର୍ବପ୍ରଥମେ ତତ୍କ୍ଷଣାତ୍ ରାସ୍ତା ବଦଳାଇ ଜନଗହଳି ସ୍ଥାନକୁ ଯାଆନ୍ତୁ। ପରିବାରର ସଦସ୍ୟଙ୍କୁ ଫୋନ୍‌ରେ ଏନେଇ ସୂଚନା ଦେବା ସହ ଆବଶ୍ୟକସ୍ଥଳେ ନିକଟସ୍ଥ ପୋଲିସ ଷ୍ଟେଶନରେ ସୂଚନା ମଧ୍ୟ ଦିଅନ୍ତୁ।

**ପବ୍ଲିକ୍ ଟ୍ରାନ୍ସପୋର୍ଟ** – ଯଦି ନିଜସ୍ୱ ଗାଡ଼ି ବଦଳରେ ବାହାରକୁ ଯିବାଲାଗି ପବ୍ଲିକ ଟ୍ରାନ୍ସପୋର୍ଟର ସାହାଯ୍ୟ ନେଉଛନ୍ତି, ତେବେ ଖାଲି ଥିବା ବସ୍ କିମ୍ବା ଅଟୋ ବଦଳରେ ଲୋକ ଗହଳି ଥିବାକ ଟ୍ରାନ୍ସପୋର୍ଟର ସୁବିଧା ନିଅନ୍ତୁ। ଯଦି ଏକୁଟିଆ କୌଣସି ଗାଡ଼ିରେ ଯିବାକୁପଡ଼େ ତେବେ ଯଥାଶୀଘ୍ର ସେ ଗାଡ଼ିର ନମ୍ବର ନିଜ ପରିବାର ଏବଂ ସମ୍ପର୍କୀୟଙ୍କୁ ଏସ୍‌ଏମ୍‌ଏସ୍ କରିଦିଅନ୍ତୁ। ଫଳରେ କୌଣସି ଅସୁବିଧା ହେଲେ ଉକ୍ତ ଗାଡ଼ି ବିଷୟରେ ଜାଣିବା ସହଜ ହୋଇପାରିବ।

# ଅଫିସ୍ ୟୁନିଫର୍ମରେ ଲାଗିବେ ଟ୍ରେଣ୍ଡି

**ଅଫିସିଆଲ୍ ଗେଟଅପ୍ ନାଁ ଶୁଣିବା ମାତ୍ରେ ଏକ ଫର୍ମାଲ୍ ଆଉଟ୍‌ଫିଟ୍ ନଚେତ୍ ଅଫିସ୍ ୟୁନିଫର୍ମର ଚିତ୍ର ଆଖିକୁ ଆସିଥାଏ। ଆଉ ସବୁବେଳେ ଏହି ଏକା ପ୍ରକାର ଆଉଟ୍‌ଫିଟ୍ ପିନ୍ଧି ବୋର୍ ଲାଗିଥାଏ। ତେଣୁ ଅଫିସ୍ ଆଉଟ୍‌ଫିଟ୍‌ରେ ବି କେମିତି ଟ୍ରେଣ୍ଡି ଲୁକ୍ ପାଇ ପାରିବେ ଜାଣି ରଖନ୍ତୁ ଟିପ୍ସ...**



– ଲୁକ୍ ଚେଞ୍ଜ କରିବାରେ ହେୟାର ଷ୍ଟାଇଲ୍ ବେଶ୍ କାମରେ ଆସିଥାଏ। ତେଣୁ ଆପଣ ଚାହିଁଲେ ବିଭିନ୍ନ ପ୍ରକାର ହେୟାର ଷ୍ଟାଇଲ୍ କରି ଅଫିସ୍ ଡ୍ରେସ୍‌ରେ ବି ସୁନ୍ଦର ଏବଂ ଆକର୍ଷଣୀୟ ଲାଗିପାରିବେ।

– କେବଳ ଏତିକି ନୁହେଁ ଆପଣଙ୍କ ଫେସ୍‌କୁ ସୁଟ୍ କରିବା ଭଳି ଅଳ୍ପ ମେକ୍‌ଅପ୍ ନେଲେ ବି ଆକର୍ଷଣୀୟ ଲୁକ୍ ମିଳିପାରିବ।

– ଯଦି ଆପଣଙ୍କ ଅଫିସ୍‌ରେ ଆସେସରିଜ୍ ପିନ୍ଧିବାକୁ ନେଇ କୌଣସି କଟକଣା ନାହିଁ ତେବେ ବିଭିନ୍ନ ପ୍ରକାରର ଆସେସରିଜ୍ ବ୍ୟବହାର କରି ଟ୍ରେଣ୍ଡି ଲୁକ୍ ପାଇପାରିବେ।



– ଯଦି ଆପଣଙ୍କ ଅଫିସ୍‌ରେ ୟୁନିଫର୍ମ ଥାଏ ଏବଂ ଏଥିପାଇଁ ଆପଣ ଅନ୍ୟ କୌଣସି କଲର ବା ଭେରାଇଟିର ଡ୍ରେସ୍ ପିନ୍ଧିବାରୁ ବଞ୍ଚିତ ହେଉଥାନ୍ତି, ତେବେ ଏକ ଡିଜାଇନର ତଥା ଷ୍ଟାଇଲିସ୍ ବ୍ୟାଗ୍ କ୍ୟାରି କରନ୍ତୁ। ଏହା ମଧ ଆପଣଙ୍କୁ ଫ୍ୟାଶନେବଲ୍ ଲାଗିବାରେ ସାହାଯ୍ୟ କରିବ।

– ଯଦି ଅଫିସ୍ ଗେଟ୍‌ଅପ୍‌ରେ ଫର୍ମାଲ୍ ଜୋତା ବାଧ୍ୟତାମୂଳକ ହୋଇ ନ ଥାଏ ତେବେ ବିଭିନ୍ନ କଲରର ଷ୍ଟାଇଲିସ୍ ଫୁଟ୍‌ୱେର ବାଛନ୍ତୁ। ଏହା ଲୁକ୍ ଚେଞ୍ଜ୍ କରିବା ଲାଗି ଏକ ଭଲ ଉପାୟ।

– ସେହିପରି ବିଭିନ୍ନ ଡିଜାଇନ୍‌ର ରିଷ୍ଟ ୱାଚ୍ ବି ଆପଣଙ୍କୁ ଟ୍ରେଣ୍ଡି ଲାଗିବାରେ ସାହାଯ୍ୟ କରିବ।

ଖାଦ୍ୟ ରୁଚି

# ରୋଜି ଡିଲାଇଟ୍

**ଆବଶ୍ୟକ ସାମଗ୍ରୀ:** ବ୍ରେଡ୍– ୫ଟି (ସ୍ଲାଇସ୍ ବ୍ରେଡ୍), ୫ ଚାମଚ ରୋଜ୍ ସିରପ୍, ୧/୪ କପ୍ ନଡ଼ିଆ କୋରା, ୨ ଚାମଚ ଠଣ୍ଡାଇ ପାଉଡର, ୨୫୦ଗ୍ରାମ୍ ଖୁଆ, ଆବଶ୍ୟକ ଅନୁସାରେ ଟୁଟିଫ୍ରୁଟି, ଡ୍ରାଏ ଫ୍ରୁଟ୍ସ, ଚକୋ ଚିପ୍ସ।

**ପ୍ରସ୍ତୁତି ପ୍ରଣାଳୀ:** କୁକି କଟରରେ ବ୍ରେଡ୍‌କୁ ଗୋଲ ଗୋଲ କାଟି ଦିଅନ୍ତୁ। ଏକ ପାତ୍ରରେ ଖୁଆ ଏବଂ ଠଣ୍ଡାଇ ପାଉଡର ନେଇ ଅଳ୍ପ ପାଣି ପକାଇ ଭଲ ଭାବେ ଚକଟନ୍ତୁ। ଏହାକୁ ହାତରେ ଗୋଲ ଗୋଲ କରି ପୂର୍ବରୁ କଟା ହୋଇଥିବା ବ୍ରେଡ୍ ଉପରେ ରଖନ୍ତୁ। ଏହା ଉପରେ ଡ୍ରାଏ ଫ୍ରୁଟ୍‌ସ, ଚକୋ ଚିପ୍ସ, ଟୁଟିଫ୍ରୁଟି ରଖନ୍ତୁ। ଏହା ଉପରେ କଟା ହୋଇଥିବା ଆଉ ଗୋଟିଏ ସ୍ଲାଇସ୍ ରଖି ଦିଅନ୍ତୁ। ଏହା ଉପରେ ନଡ଼ିଆ କୋରା ଲଗାଇ ଫ୍ରିଜ୍‌ରେ ରଖିଦିଅନ୍ତୁ।

ପ୍ରସ୍ତୁତ ହୋଇଗଲା ରୋଜି ଡିଲାଇଟ୍‌ସ। ଏହାକୁ ଫ୍ରିଜ୍‌ରୁ କାଢ଼ି ନିଜେ ଖାଇବା ସହ ପରିବାର ଲୋକଙ୍କୁ ଖୁଆବାର ଆନନ୍ଦ ନିଅନ୍ତୁ।



# ଦାନ୍ତ ବିନ୍ଧୁଥିଲେ...

ଦାନ୍ତ ଯନ୍ତ୍ରଣା ଖୁବ୍ କଷ୍ଟଦାୟକ। ଯାହାକୁ ଦୂର କରିବାକୁ ସାଧାରଣତଃ ସମସ୍ତେ ପେନ୍‌କିଲର ଉପରେ ନିର୍ଭର କରିଥାନ୍ତି। ହେଲେ ବାରମ୍ବାର ଏହାର ବ୍ୟବହାର ସ୍ୱାସ୍ଥ୍ୟ ପ୍ରତି ହିତକର ନୁହେଁ। ତେଣୁ ଆପଣ ଚାହିଁଲେ ନିଜର ହେଉ କିମ୍ବା ପରିବାରର କୌଣସି ସଦସ୍ୟଙ୍କ ଦାନ୍ତ ବିନ୍ଧୁଥିଲେ କେତେକ ଘରୋଇ ଉପାୟ ଆପଣାଇ ଏହାକୁ ଦୂର କରିପାରିବେ...



- ଦାନ୍ତ ବିନ୍ଧା ସମୟରେ ଗରମ ଲୁଣପାଣି କୁଳିକରିବା ଦ୍ୱାରା ଏହି ସମସ୍ୟାରୁ କିଛି ମାତ୍ରାରେ ଉପଶମ ମିଳିଥାଏ।
- ଲବଙ୍ଗରେ ଅନେକ ଔଷଧୀୟ ଗୁଣ ଭରି ରହିଛି। ତେଣୁ ବିନ୍ଧୁଥିବା ଦାନ୍ତ ଉପରେ ଏକ ଲବଙ୍ଗ ରଖି କିଛି ସମୟ ଛାଡ଼ିଦିଅନ୍ତୁ କିମ୍ବା ଲବଙ୍ଗ ତେଲ ଲଗାନ୍ତୁ ଦେଖିବେ ତୁରନ୍ତ ଆରାମ ମିଳିବ।
- ଦାନ୍ତ ବିନ୍ଧୁଥିଲେ ପିଆଜକୁ ଛୋଟ ଛୋଟ କାଟି ଚୋବାଇବା ଦ୍ୱାରା ଶୀଘ୍ର ଉପଶମ ମିଳିଥାଏ।
- ସେହିପରି ଦାନ୍ତ ବିନ୍ଧୁଥିଲେ ରସୁଣ ସହ ଅଳ୍ପ ଲୁଣ ମିଶାଇ ଚୋବାଇଲେ ଉପକୃତ ହୋଇପାରିବେ। ଏହାକୁ ପ୍ରତିଦିନ ଖାଦ୍ୟ ତାଲିକାରେ ସାମିଲ କଲେ ଦାନ୍ତ ସମସ୍ୟାରୁ ମୁକ୍ତି ପାଇପାରିବେ।
- ଭିଟାମିନ 'ସି' ଦାନ୍ତ ବିନ୍ଧା କମ୍ କରିବାରେ ସାହାଯ୍ୟ କରିଥାଏ, ଯାହାକି ଲେମ୍ବୁରେ ପ୍ରଚୁର ପରିମାଣରେ ଭରି ରହିଛି। ତେଣୁ ଆପଣ ଚାହିଁଲେ ବିନ୍ଧୁଥିବା ଦାନ୍ତ ଉପରେ ଲେମ୍ବୁ ଚୋପା ଲଗାଇ ହାଲ୍‌କା ଘଷିଲେ କଷ୍ଟ କମ୍ ହେବ।
- ଗୋଲମରିଚ ଗୁଣ୍ଡରେ ଅଳ୍ପ ଲୁଣ ମିଶାଇ କିମ୍ବା ସୋରିଷ ତେଲରେ ଅଳ୍ପ ଲୁଣ ମିଶାଇ ଦାନ୍ତ ଘଷିଲେ ବି ବିନ୍ଧା କମ୍ ହୋଇଥାଏ।



- ଦାନ୍ତ ବିନ୍ଧୁଥିଲେ ଦିନକୁ ଦୁଇ ତିନି ଥର ବରଫ ସେକ ଦେବା ବି ଲାଭଦାୟକ ହୋଇଥାଏ।

## ସ୍ୱାୟତ୍ତ ଶାସନ ଦିବସରେ ୩ ପ୍ରକଳ୍ପ ଲୋକାର୍ପିତ

କଟକ ଅଫିସ– ସ୍ୱାୟତ୍ତ ଶାସନ ଦିବସ ପାଳନ ଅବସରରେ ସୋମବାର ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଏକ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ କଟକ ମହାନଗର ନିଗମ (ସିଏମ୍‌ସି)ର ୩ଟି ପ୍ରକଳ୍ପ ଉଦ୍‌ଘାଟନ କରାଯାଇଛି। ପୋତାପୋଖରୀ ଓ ସିଏମ୍‌ସିର ବିକାଶ ଭବନଠାରେ ୫୦ ଲକ୍ଷ ଟଙ୍କା ଲେଖାଏ ବ୍ୟୟରେ ନିର୍ମାଣ ହୋଇଥିବା ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟର (ଏମ୍‌ସିସି)ର ଶୁଭାରମ୍ଭ ହୋଇଛି। ନେହରୁ କଲୋନୀରେ ଶୁଖିଲା ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ମ୍ୟାଟେରିଆଲ ରିକଭରି ଫ୍ୟାସିଲିଟିର ଲୋକାର୍ପଣ କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଏହାର ଶୁଭାରମ୍ଭ କରିଛନ୍ତି।

## ସଂକ୍ଷେପରେ

### ବନ୍ୟା ସ୍ଥିତି ଦେଖିଲେ ବିଧାୟକ

ବାଲିଅନ୍ତା,୩୧।୮(ଡି.ଏନ୍.ଏ.)- ଜୟଦେବ ବିଧାୟକ ଡ.ଅରବିନ୍ଦ ଢାଲି ସୋମବାର ବାଲିଅନ୍ତା ବ୍ଲକ ଅଞ୍ଚଳକୁ ଗସ୍ତରେ ଆସି ବନ୍ୟାଞ୍ଚଳ ବୁଲି ଦେଖିଛନ୍ତି। ବିଶେଷକରି ବଇଁଟୁଆ, ଯୋଗୀସାହି କାଜ ସ୍ଥାନକୁ ସହ କୁଶଭଦ୍ରା ନଦୀରୁ ଧନୁଆ ନଦୀକୁ ପ୍ରବାହିତ ହେଉଥିବା ବନ୍ୟାଜଳକୁ ଅନୁଧ୍ୟାନ କରିଥିଲେ। ଏହିଠାରେ ଧନୁଆ ନଦୀର ବନ୍ୟାଜଳ ପ୍ରବେଶ କରିବା ଯୋଗୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଏ। ଏହି ପ୍ରାୟ ୧୦୦ମି. ଲମ୍ବ କାଜ ଉପରେ ଏକ ପୋଲ ନିର୍ମାଣ ପାଇଁ ସ୍ଥାନୀୟ ଲୋକେ ଓ ସରପଞ୍ଚ ବିଜୟ କୁମାର ସାହୁ ବିଧାୟକଙ୍କୁ ନିବେଦନ କରିଥିଲେ। ଏ ନେଇ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିବେ ବୋଲି ବିଧାୟକ କହିଥିଲେ। ବିଧାୟକଙ୍କ ସହ ତାଙ୍କ ପ୍ରତିନିଧି ଅଚ୍ୟୁତା ନନ୍ଦ ପାତ୍ର, ଦିଲୀପ ସାହୁ ଉପସ୍ଥିତ ଥିଲେ।

### କଳା ଦିବସ ପାଳିଲା ଭାଜପା

କଟକ ଅଫିସ,୩୧।୮ - ସ୍ୱାୟତ୍ତ ଶାସନ ଦିବସକୁ କଳା ଦିବସ ଭାବେ ପାଳନ କରିଛି କଟକ ନଗର ଭାଜପା। ସଙ୍ଗଠନର କାର୍ଯ୍ୟକର୍ତ୍ତା କଟକ ମହାନଗର ନିଗମ (ସିଏମ୍‌ସି) କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। କରୋନା ପରିଚାଳନା କ୍ଷେତ୍ରରେ ଅବ୍ୟବସ୍ଥା, ପରିମଳ ବ୍ୟବସ୍ଥା କ୍ଷେତ୍ରରେ ସିଏମ୍‌ସି ପଛରେ ପଡ଼ିଥିବା ସଙ୍ଗଠନର ସଭାପତି ଲଲାଟେନ୍ଦୁ ବଡୁ କହିଥିଲେ। ଏହି ସମସ୍ୟାଗୁଡ଼ିକ ପ୍ରତି ଦୃଷ୍ଟି ଆକର୍ଷଣ କରିବା ପାଇଁ ପ୍ରତୀକାତ୍ମକ ଭାବେ ହାତରେ କଳା କପଡ଼ା ଓ ମୁହଁରେ କଳା ମାସ୍କ ପିନ୍ଧି କଳା ଦିବସ ପାଳନ କରାଯାଇଥିଲା। ଏଥିରେ ପାର୍ବତୀ ଦାସ, ପୂର୍ଣ୍ଣଚନ୍ଦ୍ର ଜେନା, ବିଶ୍ୱରଞ୍ଜନ ମିଶ୍ର, ନନ୍ଦ କିଶୋର ଜେନା, ଦେବାନନ୍ଦ ସିଂ ଉପସ୍ଥିତ ଥିଲେ।

### ପଜିଟିଭ ଚିହ୍ନଟ: ୨ ସରକାରୀ କାର୍ଯ୍ୟାଳୟ ବନ୍ଦ

ନରାଜ,୩୧।୮ (ଡି.ଏନ୍.ଏ) କଟକ ଜିଲା ବାରଙ୍ଗ ବ୍ଲକ କାର୍ଯ୍ୟାଳୟ ଓ ତହସିଲ କାର୍ଯ୍ୟାଳୟରୁ ଜଣେ ଲେଖାଏ ପଜିଟିଭ ରବିବାର ଚିହ୍ନଟ ହୋଇଛନ୍ତି। ଏହାପରେ ୨ ସରକାରୀ କାର୍ଯ୍ୟାଳୟକୁ ୨ ଦିନ ଲେଖାଏ ବନ୍ଦ କରିଦିଆଯାଇଛି। ସୋମବାର ଓ ମଙ୍ଗଳବାର ତହସିଲ କାର୍ଯ୍ୟାଳୟ ବନ୍ଦ କରାଯାଇଥିବା ବେଳେ ମଙ୍ଗଳବାର ଓ ବୁଧବାର ବ୍ଲକ କାର୍ଯ୍ୟାଳୟ ବନ୍ଦ ରହିବ ବୋଲି ତହସିଲଦାର ଚୌଧୁରୀ ପ୍ରଜ୍ଞାନନ୍ଦ ଦାସ ସୂଚନା ଦେଇଛନ୍ତି। ଉଭୟ କାର୍ଯ୍ୟାଳୟକୁ ବାରଙ୍ଗ ଅଗ୍ନିଶମ ସେବା ସଂସ୍ଥା ପକ୍ଷରୁ ସାନିଟାଇଜ କରାଯାଇଛି।

### ପଞ୍ଚାୟତିରାଜ ମନ୍ତ୍ରୀଙ୍କ ବନ୍ୟା ସ୍ଥିତି ଅନୁଧ୍ୟାନ

ଲଳିତଗିରି,୩୧।୮(ସ୍ୱ.ପ୍ର.)- ଆଇନ ଓ ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନା ମାହାଙ୍ଗା ବ୍ଲକ ବୀରୁପାଗେଙ୍ଗୁଟି ଦ୍ୱୀପାଞ୍ଚଳ ଗସ୍ତ କରି ଲୋକଙ୍କ ସମସ୍ୟା ବୁଝିଥିଲେ। ସେ ବାସୁଦେବପୁର ପଞ୍ଚାୟତର କଉଡ଼କୋଲ ଓ ମୂଳବସନ୍ତପୁର ପଞ୍ଚାୟତର ସିପୁରା, ଗୋପାଳପୁର, ଗୁଣ୍ଡୁପୁର, ଧର୍ମଦାସପୁର, କୋଳିଅଠା, ବାଜପୁରା, ସାହାପୁର ଆଦି ଗସ୍ତ କରି ବନ୍ୟାସ୍ଥିତି ଅନୁଧ୍ୟାନ କରିଥିଲେ। ଏଥିସହ ଜହଲ ଗ୍ରାମର ଅଗ୍ନିବିପନ୍ନ ପରିବାରଙ୍କୁ ଭେଟି ସହାୟତା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ।

### ନଦୀବନ୍ଧ ସ୍ଥିତି ଅନୁଧ୍ୟାନ କଲେ ମନ୍ତ୍ରୀ

ପୁରୁଣା ଭୁବନେଶ୍ୱର,୩୧।୮(ଡି.ଏନ୍.ଏ.): ଦୟାନଦୀରେ ଜଳସ୍ତର ବୃଦ୍ଧି ପାଉଥିବାରୁ ଭୁବନେଶ୍ୱର ବ୍ଲକ ଅଧୀନ ନାଥପୁର, ଲିଙ୍ଗିପୁର, ନୂଆଗାଁ, ବସନ୍ତପୁର, ଇଟିପୁର, ବିଡ଼ିପୁର ଆଦି ଗ୍ରାମବାସୀ ଭୟଭୀତ ଅବସ୍ଥାରେ ରହିଛନ୍ତି। ସୋମବାର ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ନଦୀବନ୍ଧର ଅନୁଧ୍ୟାନ କରିବା ସହ ଭୟଭୀତ ନ ହେବା ପାଇଁ ଗ୍ରାମବାସୀଙ୍କୁ କହିଥିଲେ। ସେହିପରି ସ୍ଥାନୀୟ ଅଞ୍ଚଳର ଆଞ୍ଚଳିକ ବିକାଶ ପରିଷଦର ଶତାଧିକ ଯୁବକମାନେ ବିଭିନ୍ନ ଗ୍ରାମ ବୁଲି ଲୋକଙ୍କୁ ଭୟଭୀତ ନ ହେବାପାଇଁ କହିବା ସହ ସଚେତନ କରିଥିଲେ।

### ରତ୍ନଭଣ୍ଡାରକୁ ରୁପା ଇଟା ଫେରାଇବାକୁ ଦାବି

ପୁରୀ ଅଫିସ, ୩୧।୮: ବହୁଚର୍ଚ୍ଚିତ ଏମାର ମଠରୁ ଜବତ ହୋଇଥିବା ୫୨୨ ଖଣ୍ଡ ରୁପାଇଟା ବର୍ତ୍ତମାନ ପୋଲିସ ଅସ୍ତ୍ରାଗାରରେ ରଖାଯାଇଛି। ମଠର ସମସ୍ତ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ଅଟେ। ତେଣୁ ସ୍ୱତଃପ୍ରବୃତ୍ତ ଭାବେ ୧୦୦ କୋଟିରୁ ଊର୍ଦ୍ଧ୍ୱ ମୂଲ୍ୟର ଏହି ରୁପାଇଟା ମହାପ୍ରଭୁଙ୍କର ହୋଇସାରିଛି। ଏହାକୁ ପୋଲିସ ଅସ୍ତ୍ରାଗାରରୁ ରତ୍ନଭଣ୍ଡାରକୁ ସ୍ଥାନାନ୍ତର କରାଯିବାକୁ ଶ୍ରୀଜଗନ୍ନାଥ ସେନା ଦାବି କରିଛି। ଏ ନେଇ ସେନା ପକ୍ଷରୁ ସୋମବାର ଏସ୍‌ପିଙ୍କୁ ଏକ ସ୍ମାରକପତ୍ର ଦିଆଯାଇଛି ବୋଲି ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ କହିଛନ୍ତି।

# ନିମାପଡ଼ାର ୬୦ ଗ୍ରାମ ଜଳବନ୍ଦୀ

ନିମାପଡ଼ା,୩୧।୮(ଡି.ଏନ୍.ଏ.)

ଧନୁଆଁ ନଦୀରେ ବନ୍ୟା ସ୍ଥିତି ଧୀରେ ଧୀରେ ଉଗ୍ରରୂପ ନେବାରେ ଲାଗିଛି। ଏହା ଯୋଗୁ ନିମାପଡ଼ା ବ୍ଲକର ଧନୁଆଁ, ଶଗଡ଼ା, ରେଞ୍ଚଶାସନ, ବଡ଼ମାଛପୁର, ଅଲଣ୍ଡା, ଜଳେଶ୍ୱର, ଶାଇଁସଶାସନ, ବଡ଼ଶିରବଲା, କୋଟକୋସାଙ୍ଗ, ଉଚ୍ଛୁପୁର, ନୂଆସନ୍ଥ, ଅନ୍ତଆର, ବାମନାଳ ଆଦି ୧୩ ପଞ୍ଚାୟତର ପ୍ରାୟ ୬୦ଟି ଗ୍ରାମ ପାଣିଘେରରେ ଜଳବନ୍ଦୀ ହୋଇରହିଛି। ଏହି ୬୦ଟି ଗ୍ରାମର ପ୍ରାୟ ୧୦ହଜାର ଲୋକ ବିପନ୍ନ ହୋଇପଡ଼ିଛନ୍ତି। ବହୁ ଗ୍ରାମର ଗ୍ରାମ୍ୟରାସ୍ତା ବୁଡ଼ିଯାଇ ଗାଁଦାଣ୍ଡରେ ୩/୪ଫୁଟର ବନ୍ୟାଜଳର ସୁଅ ଛୁଟୁଛି। ପ୍ରାୟ ୧୨ହଜାର ହେକ୍ଟର ଚାଷଜମି ବନ୍ୟାଜଳରେ ବୁଡ଼ିଯାଇଛି। ରାସ୍ତାରେ ଆଣ୍ଠୁଏ ଲେଖାଏ ପାଣି ରହୁଥିବାରୁ ନିମାପଡ଼ା-ପିପିଲି, ନିମାପଡ଼ା-ବଳଙ୍ଗା, ବାମନାଳ-ବଳଙ୍ଗା ମୁଖ୍ୟ ରାସ୍ତାର ଯୋଗାଯୋଗ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇପଡ଼ିଛି। ଫଳରେ ବ୍ଲକ, ମେଡିକାଲ ଯିବାଆସିବା ପାଇଁ କେବଳ ଡଙ୍ଗା ଓ ବୋଟ ସାହାଭରସା। ହେଲେ



ବଡମାଛପୁର ପଞ୍ଚାୟତର ଏକ ଅଞ୍ଚଳରେ ଲୋକମାନେ ବନ୍ୟାଜଳରେ ପଶି ଆସୁଛନ୍ତି ।

ବନ୍ୟାପ୍ଲାବିତ ପଞ୍ଚାୟତଗୁଡ଼ିକ ଅଦ୍ୟାବଧି ଡଙ୍ଗା ଯୋଗାଇ ଦିଆଯାଇ ନ ଥିବାରୁ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଏବେ ଧନୁଆଁ ଓ ବଡ଼ଶିରିବିଲା ପଞ୍ଚାୟତକୁ ୨ଟି ଡଙ୍ଗା ଦିଆଯାଇଥିବାବେଳେ ଅନ୍ୟଗୁଡ଼ିକୁ ମଧ୍ୟ ଖୁବଶୀଘ୍ର ଦିଆଯିବ ବୋଲି ବିଡିଓ ମନୋଜ କୁମାର ବେହେରା କହିଛନ୍ତି। ଏହାସହ ବିଡିଓ ବିଭିନ୍ନ ବନ୍ୟାଞ୍ଚଳ ବୁଲି ସମୀକ୍ଷା କରିବା ସହ କିଛି ଜାଗାରେ ୩ଦିନ ପାଇଁ ଖାଦ୍ୟ ବଣ୍ଟନ କରାଯିବା ସହ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ପାଣିଘେରରେ ଥିବା ଲୋକଙ୍କୁ ୧୦ଦିନ ପାଇଁ ଜରୁରୀ ସାମଗ୍ରୀ ଓ ଡଙ୍ଗା ଦେବା ପାଇଁ ସରପଞ୍ଚ ସସ୍ମିତା ନାୟକ, ରଶ୍ମିତା ପ୍ରଧାନ, ପ୍ରତାପସେନ୍ ସ୍ୱାଇଁ, ଜିଲା ପରିଷଦ ସଭ୍ୟ ସ୍ୱର୍ଣ୍ଣଲତା ପ୍ରଧାନ, ଚାଷୀ ସୁରକ୍ଷା ମଞ୍ଚର ସଭାପତି ତପନଜ୍ୟୋତି ବରିହା, ଗୋକୁଳାନନ୍ଦ ପରିଡ଼ା ସ୍ୱତନ୍ତ୍ର ରିଲିଫ କମିଶନର ଓ ଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି।

## ଜଟଣୀ, ବାଲିଅନ୍ତା ବ୍ଲକର ୮୪୫ ହେକ୍ଟର ଚାଷଜମି କ୍ଷତି

ଖୋର୍ଦ୍ଧା ଅଫିସ,୩୧।୮

ହୀରାକୁଦ ଜଳଭଣ୍ଡାର ଗେଟ ଖୋଲାଯିବା ପରେ ମହାନଦୀ ଓ ଶାଖା ନଦୀରେ ବନ୍ୟାଜଳ ପ୍ରବାହିତ ହେବା ଫଳରେ ଖୋର୍ଦ୍ଧା ଜିଲାରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଏଥିରେ ଜିଲାର ଜଟଣୀ, ଖୋର୍ଦ୍ଧା, ବାଲିଅନ୍ତା ଓ ବାଲିପାଟଣା ବ୍ଲକର ୧୬ଟି ଗ୍ରାମ ପ୍ରଭାବିତ ହୋଇଛି। ଖୋର୍ଦ୍ଧା ବ୍ଲକର ଡିହଖଲା, ହିରିମୂଳ, ଦୁର୍ଗାପୁର, ଓରମି, ଓରବରସିଂ, ମାନପୁର ଏବଂ ବଳପୁର ଗ୍ରାମ। ସେହିପରି ଜଟଣୀ ବ୍ଲକର ଓରଖଲା, କଣ୍ଟିଲୋ, ବରକୁଦା ଓ ପାଞ୍ଚଗାଁ, ବାଲିଅନ୍ତା ବ୍ଲକର ନବତିଆ, ପୁରୋହିତପୁର, ଝିଙ୍କିଶାସନ ଓ ବରିଜଙ୍ଗା ଏବଂ ବାଲିପାଟଣା ବ୍ଲକର ତିନିକିପଡ଼ା ଗ୍ରାମରେ ବନ୍ୟାଜଳ ଘେରରେ ରହିଥିବା ଅତିରିକ୍ତ ଜିଲାପାଳ ମନୋଜ ପାଢୀ କହିଛନ୍ତି।

ଖୋର୍ଦ୍ଧା ଓ ବାଲିପାଟଣା ବ୍ଲକର ୩ଟି ଗ୍ରାମର ୩୯୫୦ ଗ୍ରାମବାସୀ ବିଶେଷ ପ୍ରବାଭିତ ହୋଇଛନ୍ତି। ୨୦୦ ଲୋକଙ୍କୁ ଅନ୍ୟତ୍ର ସ୍ଥାନାନ୍ତରିତ କରାଯାଇଥିବା ବେଳେ ଅନ୍ୟମାନଙ୍କୁ ନିକଟସ୍ଥ ଆଶ୍ରୟକେନ୍ଦ୍ରରେ ଥଇଥାନ କରାଯାଇଛି। ଖୋର୍ଦ୍ଧା ଏବଂ ବାଲିଅନ୍ତା ବ୍ଲକର ଦୁଇଟି ସ୍ଥାନରେ ରନ୍ଧାଖାଦ୍ୟ ବ୍ୟବସ୍ଥା କରାଯାଇଛି। ବନ୍ୟା ମୁକାବିଲା ଲାଗି ଅଗ୍ନିଶମ ସେବା ସଂସ୍ଥାର ଗୋଟିଏ ଟିମ୍ ମୁତୟନ କରାଯାଇଛି। ୫ଟି ବୋଟ୍ ବ୍ୟବସ୍ଥା କରାଯାଇଥିଲା। ସେଥିରୁ ଖୋର୍ଦ୍ଧା ଓ ଜଟଣୀ ବ୍ଲକରେ ୨ଟି ଲଖାଏ ଏବଂ ବାଲିଅନ୍ତା ବ୍ଲକରେ ଗୋଟିଏ ରହିଥିଲା। ୩୦୧୭ ଗୋରୁ ଅସୁସ୍ଥ ହୋଇଛନ୍ତି। ଜଟଣୀ ବ୍ଲକର ୭ଶହ ଏବଂ ବାଲିଅନ୍ତା ବ୍ଲକର ୧୪୫ ହେକ୍ଟର ଚାଷ ଜମି ଜଳମଗ୍ନ ହୋଇଛି। ବନ୍ୟା ବିପନ୍ନ ପରିବାରଙ୍କୁ ପ୍ରଶାସନ ପକ୍ଷରୁ ଶୁଖିଲା ଖାଦ୍ୟ, ଜରୁରୀ ସାମଗ୍ରୀ ଏବଂ ଗୋଖାଦ୍ୟ ଯୋଗାଇ ଦିଆଯାଇଛି। ଦୁଇ ସ୍ୱାସ୍ଥ୍ୟ ଟିମ୍ ଏବଂ ପ୍ରାଣୀଧନ ବିଭାଗ ଟିମ୍ ବନ୍ୟାଜଳ ଘେରରେ ରହିଥିବା ଗ୍ରାମବାସୀ ଓ ଗୋରୁଙ୍କ ସ୍ୱାସ୍ଥ୍ୟାବସ୍ଥା ପରୀକ୍ଷା କରୁଛନ୍ତି। ରବିବାର ଜଟଣୀ ବ୍ଲକ ତିରିମଲ ଗ୍ରାମରେ ସୃଷ୍ଟି ହୋଇଥିବା ଘାଇ ଯୋଗୁ ତିରିମଲ, ଶଢେଇଘର ଏବଂ ଶ୍ରଦ୍ଧାପୁର ଗ୍ରାମର ଧାନଚାଷ କ୍ଷତି ହୋଇଥିବା ଅତିରିକ୍ତ ଜିଲାପାଳ ପାଢୀ କହିଛନ୍ତି।

## ତିରିମଲ୍ଲରେ ଘାଇ, ବସନ୍ତପୁରରେ ଘଳିଆ

କଣାସ ୩୧।୮(ସ୍ୱ.ପ୍ର):

କଣାସ ବ୍ଲକରେ ପ୍ରବାହିତ ଦୟାନଦୀର ଡାହାଣପାର୍ଶ୍ୱ ଗଡ଼ମାଟିଆପଡ଼ା ନିକଟରେ ଗତ ୨୯ତାରିଖ ସନ୍ଧ୍ୟାରେ ଅଚାନକ ୧୦୦ଫୁଟର ଘାଇ ସୃଷ୍ଟି ହୋଇଥିଲା। ପରେ ତାହା ଭାଙ୍ଗି ଯିବାରୁ ନିକଟସ୍ଥ ପାଣ୍ଡିଆକେରା ଓ ଗଡ଼ବଡ଼ପୁଟ ପଞ୍ଚାୟତର ୨୦ଟି ଗ୍ରାମର ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷ କରି ପାଣ୍ଡିଆକେରା ପଞ୍ଚାୟତର ନୂଆସାହି, ଗଡ଼ମାଟିଆପଡା, ଘରଛିଆ, ବଗିପଡା, ପାଣ୍ଡିଆକେରା ଗ୍ରାମବାସୀଙ୍କ ସବୁ ଆସବାବପତ୍ର ନଷ୍ଟ ହୋଇଯାଇଛି। ରାତି ହୋଇଥିବାରୁ ଜୀବନ ବିକଳରେ ଘରଛାଡି ପକ୍କା ଉପରକୁ ଏବଂ ଉଚ୍ଚ ସ୍ଥାନମାନଙ୍କୁ ଦୌଡ଼ି ପଳାଇଯାଇଛନ୍ତି। ପ୍ରତେକ ଗ୍ରାମରେ ୫ରୁ ୬ଫୁଟ୍ ଉଚ୍ଚ ପାଣିର ସୋତ୍ର ଛୁଟିଥିବା ବେଳେ ବାସଗୃହରେ ୩ରୁ ୪ଫୁଟ ପାଣି ଲହଡ଼ା ଭାଙ୍ଗୁଛି। ଅନେକ ମାଟି ଓ ଚାଳଘର ଧରାସାୟୀ ହୋଇପଡିଛି। ଅନ୍ୟପଟେ ତ୍ରିଲୋଚନପୁରଠାରୁ ଖୋର୍ଦ୍ଧାକୁ ସଂଯୋଗ କରୁଥିବା ରାସ୍ତାର ଗଡ଼ବଡ଼ପୁଟ ନିକଟରେ ୩ରୁ ୪ଫୁଟ୍ ପାଣି ଚାଲିଥିବାରୁ ଯାତାୟାତ ବିଚ୍ଛିନ୍ନ ହୋଇଯାଇଛି। ଦୟାନଦୀର ଡାହାଣପାର୍ଶ୍ୱ ତିରିମଲ୍ଲ ନିକଟରେ ରବିବାର ଭୋରୁ ଏକ ଘାଇ ସୃଷ୍ଟି ହୋଇଛି। ଘାଇର ପ୍ରବେଶ ଜଳ କଣାସ ବ୍ଲକ ଗଡ଼ସାନପୁଟ ପଞ୍ଚାୟତର ଲୋକାପାଳ ଓ ହଳଦିଆପଡ଼ା ଗ୍ରାମରେ ପଶିଥିବାରୁ ଗ୍ରାମବାସୀ ଭୟଭୀତ ହୋଇପଡ଼ିଛନ୍ତି। ଧାନଜମିରେ ୭ରୁ ୮ଫୁଟ୍‌ର ବନ୍ୟାଜଳ ଲହଡି ଭାଙ୍ଗୁଥିବା ବେଳେ ଗାଁ ଦାଣ୍ଡରେ ପାଣିର ସୁଅ ଛୁଟୁଛି। ଲୋକଙ୍କ ଘରେ ମଧ୍ୟ ବନ୍ୟାଜଳ ପଶିଥିବାରୁ ଅନେକ ଘରେ ଚୁଲିଜଳୁ ନାହିଁ। ସୋମବାର ପ୍ରଶାସନ ପକ୍ଷରୁ ଶୁଖିଲା ଖାଦ୍ୟ ଦିଆଯାଇଥିବା ବେଳେ ଗୋ-ଖାଦ୍ୟ ପହଞ୍ଚି ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସେହିପରି ବସନ୍ତପୁର ଏବଂ ଏକେଏସ୍‌ଏସ୍‌ରେ ଦୟାନଦୀର ବାମପାର୍ଶ୍ୱ ବନ୍ଧରେ ଦୁଇଟି ଘଳିଆ ପଡିଯାଇଛି। ଫଳରେ ଦୟା ଓ ଲୁଣାନଦୀର ମଧ୍ୟବର୍ତ୍ତୀ ଅଞ୍ଚଳର ଶତାଧିକ ଗ୍ରାମବାସୀଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି। କଣାସରେ ଦୟାନଦୀର ବିପଦ ସଙ୍କେତ ୩.୯୯ମି. ଥିବାବେଳେ ସୋମବାର ଅପରାହ୍ନରେ ୫.୧୮ମି. ପ୍ରବାହିତ ହେଉଛି। ପ୍ରଶାସନିକ ଅଧିକାରୀମାନେ ଘଳିଆର ସୁରକ୍ଷା ପାଇଁ ନାନା ବ୍ୟବସ୍ଥା ଜାରି ରଖିଛନ୍ତି। ଅନ୍ୟପଟେ ପ୍ରତ୍ୟେକ ଥର ଲଗାଣ ବର୍ଷା ଓ ବନ୍ୟାଜଳ ଆସିଲେ ଏହି ୨ଅଞ୍ଚଳ ବିଶେଷ କ୍ଷତି ହେଉଥିବାବେଳେ ପ୍ରଶାସନ ପକ୍ଷରୁ ଏହାର ସ୍ଥାୟୀ ସମାଧାନ କରୁ ନଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

## ଭୁବନେଶ୍ୱରରେ ଆଉ ୪୦୪ ପଜିଟିଭ୍

ଭୁବନେଶ୍ୱର, ୩୧।୮(ବ୍ୟୁରୋ)

ଗତ ୨୪ ଘଣ୍ଟାରେ ଭୁବନେଶ୍ୱରରୁ ଆଉ ୪୦୪ ପଜିଟିଭ୍ ଚିହ୍ନଟ ହେବାପରେ ମୋଟ ସଂକ୍ରମିତ ସଂଖ୍ୟା ୧୦,୪୨୫ରେ ପହଞ୍ଚିଛି। ସେହିଭଳି ଆଉ ୨୭୩ଜଣ ଆକ୍ରାନ୍ତ ସୁସ୍ଥ ହୋଇ ହସ୍ପିଟାଲରୁ ଡିସ୍‌ଚାର୍ଜ ହୋଇଛନ୍ତି। ଫଳରେ ମୋଟ ଆରୋଗ୍ୟ ସଂଖ୍ୟା ୬,୩୩୪କୁ ବୃଦ୍ଧି ପାଇଛି। ଅର୍ଥାତ୍ ମୋଟ ଆକ୍ରାନ୍ତଙ୍କ ମଧ୍ୟରୁ ୬୦.୭୬ ପ୍ରତିଶତ ସୁସ୍ଥ ହୋଇଛନ୍ତି। ଏବେ ବି ୪୦୩୮ କୋଭିଡ୍ ପଜିଟିଭ ଚିକିତ୍ସାଧୀନ ଅଛନ୍ତି। ବିଏମ୍‌ସି ୪ହଜାରରୁ ଊର୍ଦ୍ଧ୍ୱ କୋଭିଡ୍ ବେଡ୍ ସୃଷ୍ଟି କରିଥିବା କହୁଛି। କିନ୍ତୁ ଏହାଠାରୁ ଚିକିତ୍ସାଧୀନଙ୍କ ସଂଖ୍ୟା ଅଧିକ ଥିବାରୁ ଲକ୍ଷଣଯୁକ୍ତ ଓ କରୋନା ସହିତ ଅନ୍ୟ ରୋଗରେ ପୀଡ଼ିତ ଥିବା ରୋଗୀଙ୍କୁ ଶଯ୍ୟା ମିଳିବାରେ ସମସ୍ୟା ସୃଷ୍ଟି ହେଉଥିବା ଅଭିଯୋଗ ହୋଇଛି। ସୋମବାର ଚିହ୍ନଟ ଆକ୍ରାନ୍ତଙ୍କ ମଧ୍ୟରେ ବିଭିନ୍ନ ହସ୍ପିଟାଲରୁ ୨୧ କର୍ମଚାରୀ ଓ ୪୨ ବସ୍ତିବାସିନ୍ଦା ରହିଥିବା ବେଳେ ବିଭିନ୍ନ ଅଞ୍ଚଳରୁ ଅନ୍ୟ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେପଟେ ଆଉଜଣେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିବାରୁ ମୃତକଙ୍କ ସଂଖ୍ୟା ୪୨କୁ ବୃଦ୍ଧି ହୋଇଛି।

## ନିଲମ୍ବନ ଉଠାଇବା ଦାବିରେ ମନ୍ତ୍ରୀଙ୍କ ବାସଭବନ ଆଗରେ ଆତ୍ମହତ୍ୟା ଉଦ୍ୟମ

- ଉଦ୍ଧାର ପରେ ବୁଝାଶୁଝା କରି ଛାଡ଼ିଲା ପୋଲିସ
- ନ୍ୟାୟ ନ ମିଳିଲେ ନବୀନ ନିବାସ ଆଗରେ ଆତ୍ମହତ୍ୟା ଧମକ

ଭୁବନେଶ୍ୱର,୩୧।୮(ବ୍ୟୁରୋ):

ନିଲମ୍ବନ ଉଠାଇବା ସହ ବକେୟା ଦରମା ପ୍ରଦାନ ଦାବିରେ କୋରାପୁଟ ଚିତାଗାଁର ରବି ନାରାୟଣ ପାଢୀ ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ଘର ଆଗରେ ସୋମବାର ଆତ୍ମହତ୍ୟା ଉଦ୍ୟମ କରିଥିଲେ। ସେ ମନ୍ତ୍ରୀଙ୍କ ଘର ଆଗରେ ଥିବା ଏକ ଗଛରେ ରଶି ଲଗାଇ ଆତ୍ମହତ୍ୟା କରିବାକୁ ଯାଉଥିବାବେଳେ କ୍ୟାପିଟାଲ ଥାନା ପୋଲିସ ପହଞ୍ଚି ତାଙ୍କୁ କାବୁ କରି ଥାନାକୁ ନେଇଥିଲା। ସେଠାରେ ରବି ନାରାୟଣ ଘଟଣା ସମ୍ପର୍କରେ ପୋଲିସକୁ ସବୁକଥା ଜଣାଇବା ସହ ନିଜ ସମସ୍ୟା ନେଇ ପୋଲିସ ମାଧ୍ୟମରେ ମନ୍ତ୍ରୀଙ୍କୁ ଏକ ଦାବିପତ୍ର ଦେଇଛନ୍ତି। ପୋଲିସ ତାଙ୍କୁ ବୁଝାଶୁଝା କରିବା ପରେ ଘରକୁ ପଠାଇ ଦେଇଛନ୍ତି। ତେବେ ନ୍ୟାୟ ନ ମିଳିଲେ ନବୀନ ନିବାସ ଆଗରେ ଆତ୍ମହତ୍ୟା କରିବେ ବୋଲି ରବିନାରାୟଣ କହିଛନ୍ତି। ରବି ନାରାୟଣ ଅଭିଯୋଗ କରିଛନ୍ତି ଯେ, କୋରାପୁଟ କେନ୍ଦ୍ର ସମବାୟ ବ୍ୟାଙ୍କରେ ସେ ଚାକିରି କରୁଥିଲେ। ୨୦୧୭ରେ ତାଙ୍କୁ ଯୋଜନାବଦ୍ଧ ଭାବେ ନିଲମ୍ବିତ କରାଯାଇଥିଲା। ଚାଷୀଙ୍କ ଆକାଉଣ୍ଟ ଖୋଲିବାକୁ ବ୍ୟାଙ୍କ୍ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା। ହେଲେ ସେହି ସମୟରେ ବ୍ୟାଙ୍କ୍‌ରେ ଇଣ୍ଟରନେଟ୍ ଓ ବିଦ୍ୟୁତ୍ ସମସ୍ୟା ଲାଗି ରହୁଥିଲା। ବର୍ଷା ପାଣି ପଡ଼ି କମ୍ପ୍ୟୁଟରରେ ସମସ୍ୟା ଉପୁଜିବାରୁ ଆକାଉଣ୍ଟ ଖୋଲିବାରେ ବିଳମ୍ବ ହୋଇଥିଲା। କିନ୍ତୁ ପରମୁହୂର୍ତ୍ତରେ ଲୋନ୍ ନେବାକୁ ଚାହୁଁଥିବା ଚାଷୀଙ୍କ ଆକାଉଣ୍ଟ ଖୋଲା ହୋଇଯାଇଥିଲା। କିନ୍ତୁ ସୋସାଇଟି ସଭାପତି ଅଭିଯୋଗ କରିବାପରେ ଜାଣିଶୁଣି ତାଙ୍କୁ ନିଲମ୍ବିତ କରାଯାଇଥିଲା। ତାଙ୍କ ନାମରେ ୩ଥର ତଦନ୍ତ ହୋଇଥିଲେ ମଧ୍ୟ କୌଣସି ପ୍ରମାଣ ମିଳିନଥିଲା। ବ୍ୟାଙ୍କ୍ ନିୟମ ଅନୁଯାୟୀ ୬ ମାସ ମଧ୍ୟରେ ପ୍ରମାଣ ନ ମିଳିଲେ ନିଲମ୍ବନ ଉଠାଇବା କଥା। କିନ୍ତୁ ତାହା ଉଠାଗଲା ନାହିଁ। ୨୦୧୯ ମାର୍ଚ୍ଚରେ ସେ ଅବସର ନେଇସାରିଛନ୍ତି। ହେଲେ ତାଙ୍କର ବକେୟା ଟଙ୍କା ଏଯାଏ ମିଳିପାରିନାହିଁ। ଏହି ସମସ୍ୟା ନେଇ ସେ ଉଚ୍ଚ ଅଧିକାରୀଙ୍କୁ ଭେଟିଥିଲେ ମଧ୍ୟ ସୁଫଳ ମିଳୁନି। ବାଧ୍ୟହୋଇ ନ୍ୟାୟ ପାଇଁ ସେ ଆତ୍ମହତ୍ୟା ଉଦ୍ୟମ କରିଥିଲେ ବୋଲି କହିଥିଲେ ।

## ନନ୍ଦନକାନନରେ ଅହିରାଜ ମୃତ

ବାରଙ୍ଗ,୩୧।୮(ଡି.ଏନ୍.ଏ.)

ପ୍ରାଣୀଉଦ୍ୟାନ ନନ୍ଦନକାନନରେ ରବିବାର ହିମାଳୟ କଳାଭାଲୁ ଚୁଲୁ ମୃତ୍ୟୁବରଣ କରିଥିବାବେଳେ ସୋମବାର ପୁଣି ଏକ ଅହିରାଜ ସାପର ମୃତ୍ୟୁ ହୋଇଛି। ଏହି ଅହିରାଜଟି ସରୀସୃପ ଉଦ୍ୟାନର ୪୪ଡି ଏନ୍‌କ୍ଲୋଜରରେ ରହୁଥିଲା। ସୋମବାର ସକାଳେ କର୍ମଚାରୀମାନେ ଏନ୍‌କ୍ଲୋଜର ସଫା କରିବାକୁ ଯାଇଥିବାବେଳେ ସାପଟି ମରିପଡିଥିବାର ଦେଖିବାକୁ ପାଇଥିଲେ। ଦୀର୍ଘଦିନ ହେବ ସାପଟିର ଲାଞ୍ଜ ପଟୁ ଶୁଖି ଆସିଥିବାବେଳେ ଗୋଟିଏ ଜାଗାରେ ହିଁ ପଡ଼ିରହିଥିଲା। ତେବେ ଲାଞ୍ଜରେ କୌଣସି କ୍ଷତ ହୋଇ ଶୁଖିଯିବା କାରଣରୁ ଅହିରାଜଟି ମୃତ୍ୟୁବରଣ କରିଥିବା ନନ୍ଦନକାନନ ଉପ-ନିର୍ଦ୍ଦେଶକ ବିମଳ ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି। ଏହି ଅହିରାଜର ମୃତ୍ୟୁପରେ ଏମାନଙ୍କ ସଂଖ୍ୟା ହ୍ରାସ ପାଇ ୨ରେ ପହଞ୍ଚିଛି। ତେବେ ବିଷଧର ସାପମାନଙ୍କ ମଧ୍ୟରେ ଏହା ହେଉଛି ସବୁଠାରୁ ଲମ୍ବା। ଏମାନଙ୍କ ପ୍ରିୟତମ ଆହର ଛୋଟଛୋଟ ସାପ ହୋଇଥିବାବେଳେ ମାଟି ଉପରୁ ୩ଫୁଟରୁ ଅଧିକ ଉଚ୍ଚ ପର୍ଯ୍ୟନ୍ତ ଫଣାଟେକି ଶତ୍ରୁ ଆଡକୁ ଅଗ୍ରସର ହେବାର କ୍ଷମତା ଅହିରାଜର ରହିଥାଏ।

## ନାବାଳିକାଙ୍କୁ ବଳାତ୍କାର ତଦନ୍ତ ଆରମ୍ଭ କଲା ମହିଳା ଥାନା ପୋଲିସ

ଭୁବନେଶ୍ୱର,୩୧।୮(ବ୍ୟୁରୋ):

ଚନ୍ଦ୍ରଶେଖପୁର ଥାନା ଅଞ୍ଚଳରେ ରହୁଥିବା ଜଣେ ନାବାଳିକାଙ୍କୁ ବଳାତ୍କାର କରାଯାଇଛି। ଜଣେ ସମ୍ପର୍କୀୟ ଯୁବକ ଏପରି କାଣ୍ଡ ଘଟାଇଥିବା ନେଇ ସୋମବାର ମହିଳା ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିବାସହ ପୀଡିତାଙ୍କ ଡାକ୍ତରୀମାଇନା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଅଭିଯୁକ୍ତ ଫେରାର ଥିବା ଜଣାପଡିଛି। ଅଭିଯୋଗ ଅନୁଯାୟୀ, ନାବାଳିକାକ ଜଣକ ଏଠାରେ ପରିବାର ସହ ରୁହନ୍ତି। ଦୁଇ ମାସ ତଳେ ସେ ଘର ନିକଟରେ ଖେଳୁଥିବାବେଳେ ଅଭିଯୁକ୍ତ ଜଣକ ତାଙ୍କୁ ନିକଟ ବଜାରକୁ ଯିବାକୁ ଡାକି ନେଇଥିଲେ। ବାଟରେ ଯିବାବେଳେ ଏକ ନିଛାଟିଆ ସ୍ଥାନକୁ ଟେକିନେଇ ନାବାଳିକାଙ୍କୁ ବଳାତ୍କାର କରିଥିଲେ। ପରିବାର ଲୋକଙ୍କୁ ଜଣାଇଲେ ଜୀବନରୁ ମାରି ଦେବାକୁ ଧମକ ଦେଇଥିଲେ। ଭୟରେ ନାବାଳିକା ଚୁପ୍‌ଚାପ ରହିଥିଲେ। ଏହାପରେ ଅଭିଯୁକ୍ତ ଜଣକ ତାଙ୍କୁ ବାରମ୍ବାର ବଳାତ୍କାର କରିବାରୁ ଶେଷରେ ସେ ସବୁକଥା ପରିବାର ଲୋକଙ୍କୁ ଜଣାଇଥିଲେ। ପରିବାର ଲୋକେ ପ୍ରଥମେ ଚନ୍ଦ୍ରଶେଖରପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସର ପରାମର୍ଶକ୍ରମେ ପରେ ମହିଳା ଥାନାକୁ ଆସିଥିଲେ।

## ଫନୀ ସହାୟତାରେ ଅନିୟମିତତା ଅଭିଯୋଗ

ପୁରୀ ଅଫିସ, ୩୧।୮:




ପୁରୀ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଉଥିବା ୩ ସଂଗଠନର ସଦସ୍ୟ ।

### କାର୍ଯ୍ୟାନୁଷ୍ଠାନ ଦାବିରେ ୩ ସଙ୍ଗଠନର ମିଳିତ ଧାରଣା

ଫନୀ ବାତ୍ୟାକୁ ବର୍ଷେ ବିତିଗଲାଣି। ଏପର୍ଯ୍ୟନ୍ତ ସରକାରୀ ସହାୟତା ନ ପାଇ ସତ୍ୟବାଦୀ ଅଞ୍ଚଳର ଅନେକ ବାସହରା ପରିବାର ପଲିଥିନ ତଳେ ମୁଣ୍ଡ ଗୁଞ୍ଜିଛନ୍ତି। ଫନୀ ସହାୟତା ପ୍ରଦାନରେ ଅନିୟମିତତା ହୋଇଥିବା ଅଭିଯୋଗ ଆଣି କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ନବ ନିର୍ମାଣ କୃଷକ ସଙ୍ଗଠନ, ଆଞ୍ଚଳିକ କୃଷକ ସଙ୍ଗଠନ ସତ୍ୟବାଦୀ ଏବଂ ଫନୀ କ୍ଷତିଗ୍ରସ୍ତ କ୍ରିୟାନୁଷ୍ଠାନ କମିଟି। ଏହି ୩ଟି ସଙ୍ଗଠନ ପକ୍ଷରୁ ମିଳିତ ଭାବେ ସୋମବାର ପୁରୀ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି।

ଧାରଣାକାରୀମାନେ କହିଛନ୍ତି ଯେ, ୨୦୧୯ ଜୁନଠାରୁ ବିଭିନ୍ନ ସମୟରେ ସେମାନେ ସତ୍ୟବାଦୀ ବ୍ଲକ ଓ ତହସିଲ ଅଫିସ ଆଗରେ ଧାରଣା ଦେବା ସହ ଆନ୍ଦୋଳନ କରିଥିଲେ। ଅଭିଯୋଗର ତଦନ୍ତ କରାଯିବା ଓ ବାଦ୍ ପଡ଼ିଥିବା ଯୋଗ୍ୟ ହିତାଧିକାରୀଙ୍କୁ ସହାୟତା ଦେବାକୁ ସେମାନେ ଦାବି ରଖିଥିଲେ। ଏପରି କି ତହସିଲଦାରଙ୍କୁ ବାଦ୍ ପଡ଼ିଥିବା କ୍ଷତିଗ୍ରସ୍ତଙ୍କ ତାଲିକା ଦିଆଯାଇଥିଲା। ଗତ ମେ ମାସରେ ତଦନ୍ତ କରି କେତେଜଣ ଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରାଯାଇଥିଲା। ମାତ୍ର ଚୂଡ଼ାନ୍ତ ତାଲିକାରେ ସେମାନଙ୍କ ନାମ ନ ଥିଲା। ଫଳରେ ଅସନ୍ତୋଷ ବୃଦ୍ଧି ପାଇଥିଲା। ତେଣୁ ପୁଣି ଆନ୍ଦୋଳନକୁ ଓହ୍ଲାଇଛୁ ବୋଲି ଫନୀ କ୍ଷତିଗ୍ରସ୍ତ କ୍ରିୟାନୁଷ୍ଠାନ କମିଟିର ଜିଲା ଆବାହକ ଗୋବିନ୍ଦ ମହାପାତ୍ର କହିଛନ୍ତି। ଦାବି ପୂରଣ ନ ହେଲେ ସେମାନେ ରାସ୍ତାକୁ ଓହ୍ଲାଇବା ସହ ୩୦ରୁ ଊର୍ଦ୍ଧ୍ୱ ହିତାଧିକାରୀ ଆତ୍ମାହୁତି ଦେବେ ବୋଲି ଏକେଏସ୍‌ଏସ୍‌ର ସଭାପତି କୈଳାଶ ଚନ୍ଦ୍ର ବରାଳ କହିଛନ୍ତି। ଗୋବିନ୍ଦ ନାଥ, ବିଷ୍ଣୁପ୍ରିୟା ରଥ, ଲକ୍ଷ୍ମୀପ୍ରିୟା ପ୍ରଧାନ, ରଙ୍ଗବତୀ ପ୍ରଧାନ, ଗୋପାଳ ଚନ୍ଦ୍ର ସାହୁ, ଲକ୍ଷ୍ମୀଧର ନାୟକ ପ୍ରମୁଖ ୫୦ରୁ ଊର୍ଦ୍ଧ୍ୱ ସଦସ୍ୟ ବ୍ୟାନର ଓ ପ୍ଲାକାର୍ଡ ଧରି ପୁରୀ ମୋଚିସାହି ଛକରୁ ଶୋଭାଯାତ୍ରାରେ ଯାଇ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ।

## ଲକ୍ଷାଧିକ ଟଙ୍କାର ନିଶାଦ୍ରବ୍ୟ ଜବତ

କଟକ ଅଫିସ,୩୧।୮

ସାଲେପୁର ଓ ନେହୁରପଲ୍ଲୀ ଅଞ୍ଚଳରେ ଅବକାରୀ ବିଭାଗ ଚଢ଼ାଉ କରିଛି। ଏଥିରେ ୫ ଜଣ ନିଶାଦ୍ରବ୍ୟ ବ୍ୟବସାୟୀଙ୍କୁ ଗିରଫ କରାଯିବା ସହ ଲକ୍ଷାଧିକ ଟଙ୍କା ମୂଲ୍ୟର ଦେଶୀମଦ, ଭାଙ୍ଗ, ଅଟୋରିକ୍ସା ଜବତ ହୋଇଛି। ଗିରଫ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଉଲ୍ଲେଖଯୋଗ୍ୟ, କେତେକ ବ୍ୟବସାୟୀ ଚୋରାରେ ନିଶାଦ୍ରବ୍ୟ କାରବାର କରୁଥିବା ଜିଲା ଅବକାରୀ ବିଭାଗକୁ ଖବର ମିଳିଥିଲା। ପରେ ଅବକାରୀ ଅଧୀକ୍ଷକ ଅଶୋକ ଶତପଥୀ ୨ଟି ଟିମ୍‌କୁ ଚଢ଼ାଉ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଫଳରେ ନେହୁରପଲ୍ଲୀ ଅଞ୍ଚଳର କୁନା କର (୩୪), ଦଶରଥ ସ୍ୱାଇଁ (୫୦) ଓ ଲକ୍ଷ୍ମଣ ବେହେରାଙ୍କୁ ଗିରଫ କରାଯାଇଥିଲା। ସେହିପରି ସାଲେପୁର ରୋବା ଅଞ୍ଚଳର ଗୌତମ ସାମଲ ଓ ତୋନ୍ତାଲ ଅଞ୍ଚଳର ଶୁଭଙ୍କର ମଣ୍ଡଳଙ୍କୁ ବିଭାଗ ଗିରଫ କରିଥିଲା। ଅଭିଯୁକ୍ତଙ୍କଠାରୁ ପ୍ରାୟ ୧୩୭ କେଜି ଭାଙ୍ଗ, ୩୦ ଲିଟର ଦେଶୀମଦ ଓ ୭ ଲିଟର ବିୟର ସହ ଏଥିରେ ବ୍ୟବହୃତ ହୋଇଥିବା ଅଟୋ (ଓଆର୍‌୦୫ ଏଜେ ୬୦୦୮)କୁ ବିଭାଗ ଜବତ କରିଛି।



ଗିରଫ ହୋଇଥିବା ଅଭିଯୁକ୍ତମାନେ ।

## ପାଞ୍ଚ ହଜାର ଛୁଇଁବ ପଜିଟିଭ୍ ସଂଖ୍ୟା

କଟକ ଅଫିସ,୩୧।୮

- କଟକ ସହରରୁ ଆଉ ୧୪୭ ଆକ୍ରାନ୍ତ ଚିହ୍ନଟ
- ଜିଲାରୁ ଚିହ୍ନଟ ହେଲେ ୨୩୬ ପଜିଟିଭ

କଟକ ସହରରେ କରୋନା ସଂକ୍ରମଣ ଥମିବାର ନାଁ ନେଉନାହିଁ। ଅଗଷ୍ଟରେ ଯେଉଁ ପଜିଟିଭ ଚିହ୍ନଟ ହୋଇଛନ୍ତି, ସେମାନଙ୍କ ମଧ୍ୟରେ ସ୍ଥାନୀୟ ଆକ୍ରାନ୍ତଙ୍କ ସଂଖ୍ୟା ବଢୁଥିବା ଜଣାପଡ଼ିଛି। ସୋମବାର ଜିଲାର ୨୩୬ ଜଣ ସଂକ୍ରମିତଙ୍କ ମଧ୍ୟରୁ କଟକ ମହାନଗର ନିଗମ (ସିଏମ୍‌ସି) ଅଞ୍ଚଳରେ ମୋଟ ୧୪୭ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେଥିରୁ ୫୬ ଜଣ ସ୍ଥାନୀୟ ଆକ୍ରାନ୍ତ, ୫୬ ଜଣ ହୋମ୍ କ୍ୱାରାଣ୍ଟାଇନରୁ ଚିହ୍ନଟ ହୋଇଥିବା ବେଳେ ୩୪ ଜଣ ସରକାରୀ କ୍ୱାରାଣ୍ଟାଇନରୁ ଚିହ୍ନଟ ହୋଇଛନ୍ତି। ସ୍ଥାନୀୟ ଆକ୍ରାନ୍ତଙ୍କ ମଧ୍ୟରେ ରାଣୀହାଟରୁ ୭ ଜଣ, ସିଡିଏ ସେକ୍ଟର-୯ ଚାଉଳିଆଗଞ୍ଜ ଓ କ୍ୟାଣ୍ଟନମେଣ୍ଟ ରୋଡ୍‌ରୁ ୩ ଜଣ ଚିହ୍ନଟ ହୋଇଛନ୍ତି। ସେହିପରି ଝୋଲାସାହି, ସିଡିଏ ସେକ୍ଟର-୭, ଫ୍ରେଣ୍ଡସ କଲୋନୀ, ଚାନ୍ଦିନୀଚୌକ, ବିଡ଼ାନାସୀ, ନୂଆବଜାର, ମହାନଦୀ ବିହାର, ଜଗତପୁର ଓ ନୂଆବଜାର ଅଞ୍ଚଳରୁ ୨ଜଣ ଲେଖାଏ ପଜିଟିଭ ରହିଛନ୍ତି। ମଙ୍ଗଳାବାଗ, ଶିଖରପୁର, ଦେଉଳସାହି, ମାଛୁଆବଜାର, ଝାଞ୍ଜିରୀମଙ୍ଗଳା, ବିଦ୍ୟାଧରପୁର, ବକ୍ସିବଜାର, ସିଡିଏ ସେକ୍ଟର-୬, ଶଙ୍କରପୁର, ବଙ୍ଗାଳୀସାହି, ପିଠାପୁର, କାଜିଡିହ, ମଠସାହି, ଶେଖବଜାର ଓ କଲ୍ୟାଣନଗର ଅଞ୍ଚଳରୁ ଜଣେ ଲେଖାଏ ଆକ୍ରାନ୍ତ ରହିଛନ୍ତି। ସେହିପରି ସରକାରୀ କ୍ୱାରାଣ୍ଟାଇନରୁ ୩୦ ଜଣଙ୍କ ମଧ୍ୟରୁ ୧୯ ଜଣ ପୁରୁଷ ଓ ୧୧ ଜଣ ମହିଳା ଥିବାବେଳେ ୪ ଜଣ କରୋନା ଯୋଦ୍ଧା ରହିଥିବା ସିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି। ଏହାକୁ ମିଶାଇ ସହରରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୪୯୨୪ରେ ପହଞ୍ଚିଛି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୩ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ମଙ୍ଗଳବାର, ସେପ୍ଟେମ୍ବର ୧/୨୦୨୦ Bhubaneswar, Tuesday, September 1/ 2020

## ସଂକ୍ଷେପରେ

### ୬ ଆଇପିଏଲ୍ ଟିମ୍‌ର ପ୍ରାୟୋଜକ ହେବ ବିକେଟି ଟାୟର୍ସ

**ଦୁବାଇ, ୩୧।୮ (ପି.ଟି.):** ଭାରତୀୟ ବହୁରାଷ୍ଟ୍ରୀୟ କମ୍ପାନୀ ବାଲକ୍ରିଷ୍ଣ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ (ବିକେଟି ଟାୟର୍ସ) ମୁମ୍ବାଇ ଇଣ୍ଡିଆନ୍ସ ସମେତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ୬ଟି ଦଳର ପ୍ରାୟୋଜକ ହେବ। ଟି୨୦ ଲିଗ୍‌ର ଆଗାମୀ ସଂସ୍କରଣ ସେପ୍ଟେମ୍ବର ୧୯ରୁ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ରେ ହେବ। ମୁମ୍ବାଇ ଇଣ୍ଡିଆନ୍ସ ବ୍ୟତୀତ ଏହି କମ୍ପାନୀ ଚେନ୍ନାଇ ସୁପର କିଙ୍ଗ୍ସ, ଦିଲ୍ଲୀ କ୍ୟାପିଟାଲ୍ସ, କିଙ୍ଗ୍ସ ଇଲେଭେନ ପଞ୍ଜାବ, କୋଲକାତା ନାଇଟ ରାଇଡର୍ସ ଏବଂ ରାଜସ୍ଥାନ ରୟାଲ୍ସର ପ୍ରାୟୋଜକ ହେବ। ଅଷ୍ଟ୍ରେଲିଆର ଟି୨୦ ଟୁର୍ନାମେଣ୍ଟ ବିଗ୍ ବାଶ୍ ଲିଗ୍‌କୁ ସମର୍ଥନ କରି ଏହି କମ୍ପାନୀ କ୍ରିକେଟ ଖେଳର ମଧ ପ୍ରମୋଟ କରୁଛି। ଗତ ବର୍ଷ ପ୍ରୋ-କବାଡ଼ି ଲିଗ୍‌ରେ ୧୨ଟି ଦଳ ମଧ୍ୟରୁ ୮ଟି ଦଳ ସହ ଏହି କମ୍ପାନୀ ପାର୍ଟନରଶିପ୍ ରହିଥିଲା। ବିକେଟିର ଯୁଗ୍ମ ପରିଚାଳନା ନିର୍ଦ୍ଦେଶକ ରାଜୀବ ପୋଦ୍ଦାର କହିଛନ୍ତି, ସମଗ୍ର ବିଶ୍ୱରେ ଅନେକ ଜାତୀୟ ଖେଳି ପ୍ରତି ଆମର ଉତ୍ସାହ ରହିଛି।

### ଟୋକିଓରେ ଅଲିମ୍ପିକ ଜ୍ୟୋତି ପ୍ରଦର୍ଶନ ହେବ



**ଟୋକିଓ, ୩୧।୮ (ଏପି):** ମଙ୍ଗଳବାରଠାରୁ ଜାପାନ ଅଲିମ୍ପିକ ମ୍ୟୁଜିୟମରେ ଅତି କମ୍‌ରେ ଦୁଇ ମାସ ପର୍ଯ୍ୟନ୍ତ ଅଲିମ୍ପିକ ଜ୍ୟୋତି ପ୍ରଦର୍ଶନ କରାଯିବ। କୋଭିଡ୍-୧୯ ମହାମାରୀ ଆସି ନ ଥିଲେ ହୁଏତ ଏକ ମାସକ ପୂର୍ବେ ନବ ନିର୍ମିତ ନ୍ୟାଶନାଲ ଷ୍ଟାଡିୟମରେ ଶୋଭା ପାଇଥାନ୍ତା। ଅଲିମ୍ପିକ ଜ୍ୟୋତି ଗତ ମାର୍ଚ୍ଚ ମାସରେ ଗ୍ରୀସ୍‌ରୁ ଆସି ଜାପାନରେ ପହଞ୍ଚିଥିଲା। ମାତ୍ର କରୋନା ମହାମାରୀ ଯୋଗୁ ଅଲିମ୍ପିକ୍ସକୁ ଆସନ୍ତା ମାସ ପର୍ଯ୍ୟନ୍ତ ଘୁଞ୍ଚାଇ ଦିଆଯିବା ପରେ ଏହାକୁ ଗୋପନରେ ରଖାଯାଇଥିଲା। ସୋମବାର ଏକ ସଂକ୍ଷିପ୍ତ ଉତ୍ସବରେ ଅଲିମ୍ପିକ ଜ୍ୟୋତି ଉନ୍ମୋଚନ ହୋଇଛି। ଏହି ଅବସରରେ ଟୋକିଓ ଅଲିମ୍ପିକ ଆୟୋଜକ କମିଟି ସଭାପତି ୟୋଶିରୋ ମୋରି ଓ ଜାପାନିଜ୍ ଅଲିମ୍ପିକ କମିଟି ସଭାପତି ୟାସୁହିରୋ ୟାମାଶିତା ଉପସ୍ଥିତ ଥିଲେ। ନୂଆ ଷ୍ଟାଡିୟମର ନିକଟରେ ଜାପାନ ଅଲିମ୍ପିକ ମ୍ୟୁଜିୟମ ଅବସ୍ଥିତ। ପରିଦର୍ଶକମାନେ ମ୍ୟୁଜିୟମ ଭିତରକୁ ଯାଇ ଅଲିମ୍ପିକ ଜ୍ୟୋତିକୁ ଦେଖିପାରିବେ। ଜାପାନିଜ ପ୍ରଧାନମନ୍ତ୍ରୀ ଶିଞ୍ଜୋ ଆବେ ତାଙ୍କ ଅବସର ଘୋଷଣାର କିଛି ଦିନ ପରେ ଅଲିମ୍ପିକ ଜ୍ୟୋତିର ଉନ୍ମୋଚନ କରାଯାଇଛି।

# ‘ଏକ ମ୍ୟାଜିକ ମୁହୂର୍ତ୍ତ’

## ଚେସ୍ ଅଲିମ୍ପିଆଡରେ ଭାରତକୁ ସ୍ୱର୍ଣ୍ଣ

**ଚେନ୍ନାଇ, ୩୧।୮ (ପି.ଟି.)**

ଭାରତ ଓ ରୁଷିଆ ୨୦୨୦ ଅନ୍‌ଲାଇନ୍ ଚେସ୍ ଅଲିମ୍ପିଆଡରେ ଯୁଗ୍ମ ବିଜେତା ଘୋଷିତ ହୋଇଛନ୍ତି। ଭାରତୀୟ ଚେସ୍ ପାଇଁ ଏହା ଏକ ମ୍ୟାଜିକ ମୁହୂର୍ତ୍ତ ବୋଲି କିମ୍ବଦନ୍ତୀ ଖେଳାଳି ବିଶ୍ୱନାଥନ ଆନନ୍ଦ ଓ ମହିଳା ବିଭାଗରେ ଦେଶର ନମ୍ବରୱାନ କୋନେରୁ ହମ୍ପି ପ୍ରକାଶ କରିଛନ୍ତି। ଭାରତ ପ୍ରଥମଥରପାଇଁ ଚେସ୍ ଅଲିମ୍ପିଆଡ ସ୍ୱର୍ଣ୍ଣ ପଦକ ପାଇଛି। ଚେସ୍‌ର ପ୍ରସାର ଦିଗରେ ଏହା ସହାୟକ ହେବ ବୋଲି ଉଭୟ ଖେଳାଳି ପ୍ରକାଶ କରିଛନ୍ତି।

ପ୍ରତିଯୋଗିତାର ଫାଇନାଲ ଅବସରରେ ସର୍ଭରରେ ଯାନ୍ତ୍ରିକ ତ୍ରୁଟି ଦେଖା ଦେଇଥିଲା। ଫଳରେ ଭାରତର ନିହାଲ ସରିନ ଓ ଦିବ୍ୟା ଦେଶମୁଖ ସେମାନଙ୍କ ଗେମ୍ ହାରିଯାଇଥିବା ଦର୍ଶା ଯାଇଥିଲା ଏବଂ ରୁଷିଆକୁ ବିଜେତା



ବିଶ୍ୱନାଥନ ଆନନ୍ଦ



କୋନେରୁ ହମ୍ପି

ଘୋଷଣା କରାଯାଇଥିଲା। ମାତ୍ର ଭାରତ ଏହି ବିବାଦୀୟ ନିଷ୍ପତ୍ତିର ପ୍ରତିବାଦ କରିବାରୁ ରିଭ୍ୟୁ କରାଯାଇ ଉଭୟ ଦଳକୁ ଯୁଗ୍ମବିଜେତା ଘୋଷଣା କରାଗଲା। ‘‘ଏହି ଟୁର୍ନାମେଣ୍ଟ ମୋ ପାଇଁ ଏକ ସ୍ୱପ୍ନଭଳି ଥିଲା। ମୋ ଲାଗି ଏହା ଏକ ସ୍ୱତନ୍ତ୍ର ସ୍ୱର୍ଣ୍ଣ ପଦକ ଏବଂ ଯୁବ ଖେଳାଳିଙ୍କ ପାଇଁ ମ୍ୟାଜିକାଲ ମୁହୂର୍ତ୍ତ’’ ବୋଲି ଅନ୍ୟ ୧୧ ଭାରତୀୟ ଖେଳାଳିଙ୍କ ଉପସ୍ଥିତିରେ ଅନ୍‌ଲାଇନ୍‌ରେ ଗଣମାଧ୍ୟମ ପ୍ରତିନିଧିଙ୍କ ସହିତ ଭାବବିନିମୟ ଅବସରରେ ଆନନ୍ଦ ପ୍ରକାଶ କରିଛନ୍ତି। ଚେସ୍ ଅଲିମ୍ପିଆଡରେ ପ୍ରଥମ ସ୍ୱର୍ଣ୍ଣ ଭାରତରେ ଅନେକ କିଛି ନୂଆ ଧାରାର ଆରମ୍ଭ କରିବ ବୋଲି ସେ ଆଶା ପ୍ରକାଶ କରିଛନ୍ତି। ୨୦୧୪ରେ ଭାରତୀୟ ଦଳ ବ୍ରୋଞ୍ଜ ପଦକ ପାଇଥିଲା। ଏହା ଭାରତର ଶ୍ରେଷ୍ଠ ପ୍ରଦର୍ଶନ ହୋଇ ରହିଥିଲା। ଯୁବ ଖେଳାଳିମାନେ ପ୍ରତିଯୋଗିତାରେ ଚମତ୍କାର ପ୍ରଦର୍ଶନ କଲେ। ଭାରତୀୟ ଚେସ୍‌ର ଗଭୀରତାକୁ ଏହା ସୂଚାଉଛି। ଏହା ନିଶ୍ଚିତ ଉପରେ ଚେସ୍‌ପ୍ରତି ସରକାରଙ୍କ ମନୋଭାବ ଉପରେ ସକାରାତ୍ମକ ପ୍ରଭାବ ପକାଇବ ବୋଲି ଆନନ୍ଦ ଆଶାବ୍ୟକ୍ତ କରିଛନ୍ତି।

ବିଶ୍ୱ ର୍ୟାପିଡ୍ ଚେସ୍ ଚାମ୍ପିୟନ ହମ୍ପିଙ୍କ ମତରେ ଭାରତୀୟ ଚେସ୍ ପାଇଁ ଏହା ଏକ ସ୍ୱର୍ଣ୍ଣିମ ମୁହୂର୍ତ୍ତ। ନିହାଲ ସରିନ, ଆର. ପ୍ରଜ୍ଞାନାନନ୍ଦ, ଭାନ୍ତିକା ବହୁତ ଭଲ ପ୍ରଦର୍ଶନ କଲେ। ମୋଟାମୋଟି ଭାବେ ଏହା ଏକ ଚମତ୍କାର ଟିମ୍‌ୱର୍କ ଥିଲା। ମିକ୍ସଡ ଟିମ୍‌ର ଆମକୁ ଫାଇଦା ମିଳିଲା। ‘‘ଅନ୍‌ଲାଇନ୍ ଚେସ୍ ଖେଳିବାରେ ମୋର ଅଭିଜ୍ଞତା ନ ଥିଲା। ବୋର୍ଡରେ ଖେଳିବାକୁ ମୁଁ ସହଜ ମନେକରେ। କରୋନା ସଂକ୍ରମଣ ଆମକୁ ଅନ୍‌ଲାଇନ୍‌ରେ ଖେଳିବା ଉପରେ ଫୋକସ କରିବାକୁ ବାଧ୍ୟ କରିଛି। ଏହା ଏକ ଭିନ୍ନ ଅନୁଭବ। ଧୀରେ ଧୀରେ ଆମେ ଏହି ଢାଞ୍ଚାରେ ପଡ଼ିଯିବୁ’’ ବୋଲି ହମ୍ପି କହିଛନ୍ତି। ସମସ୍ତ ଖେଳାଳିଙ୍କ ଅବଦାନ ଯୋଗୁ ଭାରତ ଏପରି ଏକ ସଫଳତା ପାଇଲା ବୋଲି ଟିମ୍ କ୍ୟାପଟେନ ଭିଦିଥ ଗୁଜରାଟୀ ପ୍ରକାଶ କରିଛନ୍ତି।



ଆମେରିକାର ଅଲିମ୍ପିଆ ଫିଲ୍ଡ୍ସ କଣ୍ଟ୍ରି କ୍ଲବରେ ବିଏମଡବ୍ଲ୍ୟୁ ଚାମ୍ପିୟନଶିପ୍ ଗଲ୍ଫ ଟୁର୍ନାମେଣ୍ଟ ଜିତିବାପରେ ସ୍ତ୍ରୀ କେଲି କାହିଲଙ୍କ ସହ ଜନ ରାହମ ଟ୍ରଫି ପ୍ରଦର୍ଶନ କରୁଛନ୍ତି।

# ସଙ୍କଟରେ ରାଇନାଙ୍କ ସିଏସ୍‌କେ କ୍ୟାରିୟର

## ଇଣ୍ଡିଆନ ପ୍ରିମିୟର ଲିଗ୍

**ଦୁବାଇ, ୩୧।୮**

ଚଳିତ ବର୍ଷର ଆଇପିଏଲ ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ)ରେ ହେବାକୁ ଯାଉଛି। ବିଭିନ୍ନ ଦଳର ଖେଳାଳିମାନେ ସେଠାରେ ପହଞ୍ଚିବା ପରେ କରୋନା କଟକଣାଜନିତ କ୍ୱାରାଣ୍ଟାଇନ୍ ଅବଧି ଶେଷ କରି ଅଭ୍ୟାସ ଆରମ୍ଭ କରିଛନ୍ତି। ମାତ୍ର ଲିଗ୍ ଆରମ୍ଭ ପୂର୍ବରୁ ତାରକା ଖେଳାଳି ସୁରେଶ ରାଇନାଙ୍କ ଗୃହ ପ୍ରତ୍ୟାବର୍ତ୍ତନ ଚେନ୍ନାଇ ସୁପରକିଙ୍ଗ୍ସ(ସିଏସ୍‌କେ) ପାଇଁ ଶକ୍ତ ଧକ୍କା ସଦୃଶ ହୋଇଛି। ଏଥିପାଇଁ ରାଇନା ବ୍ୟକ୍ତିଗତ କାରଣ ଥିବା ଦର୍ଶାଇଥିଲେ ହେଁ ଏପରି ନିଷ୍ପତ୍ତି ଯୋଗୁ ସିଏସକେରେ ରାଇନାଙ୍କ କ୍ୟାରିୟର ଶେଷ ହୋଇପାରେ ବୋଲି ଏକ ରିପୋର୍ଟରୁ ପ୍ରକାଶ।

ସିଏସକେ ଟିମ୍ ଦୁବାଇରେ ଅବସ୍ଥାନ କରୁଛି। ଦୁଇ ମୁଖ୍ୟ ଖେଳାଳି ଦୀପକ ଚହର ଓ ଋତୁରାଜ ଗାଏକ୍ୱାଡଙ୍କୁ ମିଶାଇ ଦଳର ୧୩ ସଦସ୍ୟ କରୋନା ଭାଇରସରେ ସଂକ୍ରମିତ ହୋଇଛନ୍ତି। ରାଇନାଙ୍କ ଆଇପିଏଲରୁ ଓହରିବାର ଏହା ଏକ କାରଣ ହୋଇପାରେ ବୋଲି ଆଲୋଚନା ହେଉଛି। ଅନ୍ୟପକ୍ଷରେ କ୍ୱାରାଣ୍ଟାଇନ୍ ସମୟରେ ୩୨ ବର୍ଷୀୟ ରାଇନାଙ୍କ ବ୍ୟବହାରରେ ଟିମ୍ ମ୍ୟାନେଜମେଣ୍ଟ ଖୁସି ନ ଥିବା ଜଣାଯାଇଛି। ଯାହାକି ସିଏସକେ ମାଲିକ ତଥା ପୂର୍ବତନ ବିସିସିଆଇ ସଭାପତି ଏନ. ଶ୍ରୀନିବାସନଙ୍କୁ କ୍ରୋଧାନ୍ୱିତ କରିଥିଲା। ସିଏସକେର କୋଚ୍, ଅଧିନାୟକ ଓ ମ୍ୟାନେଜରଙ୍କ ପାଇଁ ସ୍ୱତନ୍ତ୍ର ରୁମ୍‌ର ବ୍ୟବସ୍ଥା କରାଯାଇଥିଲା। ଫ୍ରାଞ୍ଚାଇଜ୍ ରହୁଥିବା ହୋଟେଲରେ ରାଇନାଙ୍କୁ ମଧ ଏକ ରୁମ୍ ଦିଆ ଯାଇଥିଲା। ମାତ୍ର ସେହି ରୁମ୍‌ରେ ବାଲକୋନି ନ ଥିଲା। ଏଥିରେ ରାଇନା ସନ୍ତୁଷ୍ଟ ନ ଥିଲେ। ମାତ୍ର ଭାରତ ଫେରିଯିବା ପାଇଁ ନିଷ୍ପତ୍ତି ନେବାପାଇଁ ଏହା ପର୍ଯ୍ୟାପ୍ତ କାରଣ ହୋଇ ନ ପାରେ। ଏହା ବ୍ୟତିରେକେ ଆଉ କିଛି କାରଣ ଥାଇପାରେ ବୋଲି ରିପୋର୍ଟରେ ପ୍ରକାଶ କରିଛି। ଏପରିକି ରାଇନା ଜୈବ-ସୁରକ୍ଷିତ ନିୟମ ଭଙ୍ଗ କରିଥିବା ନେଇ ମଧ ଆଲୋଚନା ହେଉଛି। ଏପରି ସ୍ଥିତିରେ ରାଇନା କେବଳ ଚଳିତ ସିଜନରୁ ଓହରିଛନ୍ତି ତା’ ନୁହେଁ ୨୦୨୧ ଏପ୍ରିଲରୁ ଆରମ୍ଭ ହେଉଥିବା ଆଗାମୀ ସିଜନରେ ମଧ ସିଏସକେ ଦଳରେ ସ୍ଥାନ ପାଇବା ସମ୍ଭାବନା କମ୍।



ସୁରେଶ ରାଇନା

ଜଣେ ଅବସରପ୍ରାପ୍ତ ଖେଳାଳି ସିଧାସଳଖ ସିଏସକେ ଦଳରେ ସ୍ଥାନ ନେବା ନଜିର ନାହିଁ। ତେଣୁ ସମ୍ଭବତଃ ରାଇନା ନିଲାମ ମାଧ୍ୟମରେ ଆଗାମୀ ସିଜନରେ କୌଣସି ଦଳକୁ ଯାଇପାରନ୍ତି। ସେ ଚଳିତ ସିଜନରେ ଦଳ ପାଇଁ ଉପଲବ୍ଧ ହେବେ ନାହିଁ ବୋଲି ସିଏସ୍‌କେ ପକ୍ଷରୁ ପ୍ରକାଶ କରାଯାଇଥିଲେ ହେଁ ତାଙ୍କ ବଦଳ ଖେଳାଳିପାଇଁ ଅନୁରୋଧ କରାଯାଇନାହିଁ। ଅପ୍ୟପକ୍ଷରେ ଋତୁରାଜ ଶୀଘ୍ର ସୁସ୍ଥ ହୋଇ ଦଳକୁ ଫେରିବେ ବୋଲି ଏହି ଫ୍ରାଞ୍ଚାଇଜ୍ ଆଶାବାଦୀ ଅଛି। ଅଧିନାୟକ ମହେନ୍ଦ୍ର ସିଂ ଧୋନୀ ଓ କୋଚ୍ ଷ୍ଟିଫେନ୍ ଫ୍ଲେମିଂ ଋତୁରାଜଙ୍କୁ ନେଇ ରଣନୀତି ପ୍ରସ୍ତୁତ କରୁଥିବା ଉକ୍ତ ରିପୋର୍ଟରୁ ପ୍ରକାଶ। ରାଇନା ୧୬୪ ମ୍ୟାଚରୁ ସିଏସ୍‌କେ ପକ୍ଷରୁ ସର୍ବାଧିକ ୪୫୨୭ ରନ ସ୍କୋର କରିଛନ୍ତି।

### ଲିଅନକୁ ୫ମ ଚାମ୍ପିୟନ୍ସ ଲିଗ୍ ମହିଳା ଟାଇଟଲ

**ସାନ୍ ସେବାଷ୍ଟିଆନ (ସ୍ପେନ), ୩୧।୮ (ଏପି):** ଲିଅନ କ୍ରମାଗତ ୫ମ ଥର ପାଇଁ ଚାମ୍ପିୟନ୍ସ ଲିଗ୍ ମହିଳା ଟାଇଟଲ ହାସଲ କରିଛି। ଦଳ ଫାଇନାଲରେ ଜର୍ମାନୀର ପ୍ରଫେସନାଲ ଫୁଟ୍‌ବଲ କ୍ଲବ ଓଲ୍ଫବର୍ଗକୁ ୩-୧ ଗୋଲରେ ପରାସ୍ତ କରିଛି। ଲିଅନ ପକ୍ଷରୁ ୟୁଜେନି ଲି ସୋମର, ସାକି କୁମାଗାଇ ଏବଂ ସାରା ବର୍କ ଗନାର୍ସଡଟିର ଗୋଲ ସ୍କୋର କରିଥିଲେ। ବିପକ୍ଷ ଦଳ ପକ୍ଷରୁ ଆଲେକ୍ସ ପପ୍ ଏକମାତ୍ର ଗୋଲ ସ୍କୋର କରିଥିଲେ। ସବୁଠାରୁ ଅଧିକ ଥର ଚାମ୍ପିୟନ୍ସ ଲିଗ୍ ଚାମ୍ପିୟନ ହେବାର ରେକର୍ଡ ଫ୍ରେଞ୍ଚ ପ୍ରଫେସନାଲ ଫୁଟ୍‌ବଲ କ୍ଲବ ଲିଅନ ନାମରେ ରହିଛି। ଏଥରକୁ ମିଶାଇ ଏହାର ଟାଇଟଲ ସଂଖ୍ୟା ୭କୁ ବୃଦ୍ଧି ପାଇଛି। ୨୦୧୩ ଓ ୨୦୧୪ରେ ପଛକୁ ପଛ ଏହି ଟାଇଟଲ ଜିତିଥିବା ଓଲ୍ଫବର୍ଗ ତୃତୀୟ ଥର ଚାମ୍ପିୟନ ହେବାଲାଗି ଲକ୍ଷ୍ୟ ରଖିଥିଲା। ବିଜୟୀ ଦଳ ତରଫରୁ ଲି ସୋମର ୨୫ତମ ମିନିଟ୍‌ରେ ମ୍ୟାଚର ପ୍ରଥମ ଗୋଲ ସ୍କୋର କରିଥିଲେ। ପ୍ରଥମାର୍ଦ୍ଧ ଖେଳ ଶେଷ ହେବାରୁ ଅଳ୍ପ ସମୟ ପୂର୍ବରୁ କୁମାଗାଇ ଏକ ଗୋଲ ସ୍କୋର କରି ଲିଅନକୁ ୨-୦ରେ ଅଗ୍ରଣୀ କରାଇଥିଲେ। ଗନାର୍ସଡଟିର ୮୮ତମ ମିନିଟ୍‌ରେ ଗୋଲ୍ ଦେଇ ଦଳକୁ ବିଜୟୀ କରାଇବା ପୂର୍ବରୁ ଓଲ୍ଫବର୍ଗ ତରଫରୁ ୫୮ତମ ମିନିଟ୍‌ରେ ଏକ ଗୋଲ ସ୍କୋର କରିଥିଲେ। ଓଲ୍ଫବର୍ଗ ଏହା ପୂର୍ବରୁ ୨୦୧୬ ଏବଂ ୨୦୧୮ ଫାଇନାଲରେ ଲିଅନଠାରୁ ପରାଜିତ ହୋଇଥିଲା। ଦଳ ଲିଅନ ବିପକ୍ଷରେ ଏକମାତ୍ର ସଫଳତା ୨୦୧୩ ଫାଇନାଲରେ ହାସଲ କରିଥିଲା।

# ଜାମସେଦପୁର ଏଫ୍‌ସିରେ ଆଲେକ୍ସ

**ଜାମସେଦପୁର, ୩୧।୮ (ପି.ଟି.)**

ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍) ଫ୍ରାଞ୍ଚାଇଜ୍ ଜାମସେଦପୁର ଏଫ୍‌ସି ଆସନ୍ତା ସିଜନ ପାଇଁ ବ୍ରାଜିଲିଆନ ମିଡ୍‌ଫିଲ୍ଡର ଆଲେଜାଣ୍ଡ୍ରେ ମଣ୍ଟିରୋ ଡି’ ଲିମାଙ୍କୁ ଦଳରେ ନେଇଥିବା ସୋମବାର ଘୋଷଣା କରିଛି। ସେ ହେଉଛନ୍ତି ଦଳର ଚତୁର୍ଥ ବିଦେଶୀ ଖେଳାଳି। ୩୧ ବର୍ଷୀୟ ଖେଳାଳି ଆଲେକ୍ସ ନାମରେ ବିଶେଷ ଭାବେ ପରିଚିତ। ଏସିଆରେ ଖେଳିବାରେ ତାଙ୍କର ଯଥେଷ୍ଟ ଅଭିଜ୍ଞତା ରହିଛି। କେ. ଲିଗ୍-୨ (ଦକ୍ଷିଣ କୋରିଆ)ରେ ସେ ସୁଓନ୍ ଏଫ୍‌ସି ଏବଂ ଏଫ୍‌ସି ଆନ୍ୟାଙ୍ଗ୍ ଦଳ ତରଫରୁ ଖେଳିଛନ୍ତି। ନିକଟରେ ଭିଏତ୍‌ନାମରେ ଭି-୧ ଲିଗ୍‌ରେ ସେ ହୋ ଚି ମିନ୍ ସିଟି ଏଫ୍‌ସି ଦଳ ପକ୍ଷରୁ ଖେଳିଛନ୍ତି। ଏହି ମିଡ୍‌ଫିଲଡର ଜଣକ ତାଙ୍କ କ୍ୟାରିୟରରେ ଏପର୍ଯ୍ୟନ୍ତ ୩୩୭ ମ୍ୟାଚ୍ ଖେଳି ସାରିଲେଣି। ସେ ୪୩ ଗୋଲ ସ୍କୋର କରିଥିବାବେଳେ ୨୩ଟି ଗୋଲରେ ସହାୟତା କରିଛନ୍ତି।

# ମର୍କ୍ୱେଜ ହାଇଦ୍ରାବାଦ ଏଫ୍‌ସିର ମୁଖ୍ୟ କୋଚ୍

**ହାଇଦ୍ରାବାଦ, ୩୧।୮ (ପି.ଟି.):** ସ୍ପେନର ଅଭିଜ୍ଞ ମାନୁଏଲ୍ ମର୍କ୍ୱେଜ ସୋମବାର ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ) ଦଳ ହାଇଦ୍ରାବାଦ ଏଫ୍‌ସିର ମୁଖ୍ୟ କୋଚ୍ ହୋଇଛନ୍ତି। ଆଲବର୍ଟୋ ରୋକା କିଛିଦିନ ପୂର୍ବେ କ୍ଲବ ଛାଡ଼ି ଏଫ୍‌ସି ବାର୍ସିଲୋନାର ସପୋର୍ଟ ଷ୍ଟାଫ୍ ଭାବେ ଯୋଗ ଦେବାପରେ ତାଙ୍କୁ ଏହି ନିଯୁକ୍ତି ମିଳିଛି। ୫୧ ବର୍ଷୀୟ ମର୍କ୍ୱେଜ ସ୍ପାନିଶ ଲା ଲିଗା ଏବଂ କ୍ରୋଏସିଆର ଅଗ୍ରଣୀ କ୍ଲବ ସହ କାର୍ଯ୍ୟ କରିଛନ୍ତି। ହାଇଦ୍ରାବାଦ ଏଫ୍‌ସି ସହ ସେ ବର୍ଷକିଆ ଚୁକ୍ତି କରିଛନ୍ତି। ବାର୍ସିଲୋନାରେ ଜନ୍ମ ଗ୍ରହଣ କରିଥିବା ମର୍କ୍ୱେଜ ଜଣେ ପୂର୍ବତନ ଖେଳାଳି। ସ୍ପାନିଶ ଲିଗ୍‌ରେ ସେ ବିଭିନ୍ନ ଦଳ ତରଫରୁ ପ୍ରତିନିଧିତ୍ୱ କରିଛନ୍ତି।

# ଡିଏଗୋଙ୍କ ସହ ଓଏଫ୍‌ସିର ଚୁକ୍ତି

**ଭୁବନେଶ୍ୱର, ୩୧।୮ (କ୍ରୀଡ଼ା ପ୍ରତିନିଧି)**

ଇଣ୍ଡିଆନ ସୁପରଲିଗ୍‌ର ୭ମ ସଂସ୍କରଣ ପାଇଁ ବ୍ରାଜିଲିଆନ ଷ୍ଟ୍ରାଇକର ଡିଏଗୋ ମୌରିସିଓଙ୍କ ସହ ଚୁକ୍ତି କରିଛି ଓଡ଼ିଶା ଏଫସି (ଓଏଫସି)। ଭୁବନେଶ୍ୱର ଭିତ୍ତିକ ଫ୍ରାଞ୍ଚାଇଜ୍ ସହିତ ଡିଏଗୋ ଏକ ବର୍ଷିଆ ଚୁକ୍ତି କରିଛନ୍ତି ବୋଲି ସୋମବାର ପ୍ରକାଶ କରାଯାଇଛି। ୨୯ ବର୍ଷୀୟ ଡିଏଗୋଙ୍କର ବିଶ୍ୱର ବିଭିନ୍ନ ଶୀର୍ଷସ୍ଥାନୀୟ



ଡିଏଗୋ ମୌରିସିଓ

ଫୁଟବଲ ଲିଗ୍‌ରେ ଖେଳିବାର ଅଭିଜ୍ଞତା ରହିଛି। ୨୦୧୦ରେ ସେ ସିନିୟର କ୍ଲବ କ୍ୟାରିୟର ଆରମ୍ଭ କରିଥିଲେ। ବ୍ରାଜିଲର ଫ୍ଲାମେଙ୍ଗୋ ପକ୍ଷରୁ କ୍ୟାରିୟର ଆରମ୍ଭ ସମୟରେ ସେ କିମ୍ବଦନ୍ତୀ ଖେଳାଳି ରୋନାଲ୍ଡିନୋଙ୍କ ସଂସ୍ପର୍ଶରେ ଆସିଥିଲେ। ପରେ ଅନ୍ୟତମ ବ୍ରାଜିଲିଆନ ଟିମ୍ ସ୍ପୋର୍ଟ୍ସ କ୍ଲବ ଡୋ ରାସିଫେ, ବ୍ରାଗାଣ୍ଟିନୋ ଓ ସେଣ୍ଟ୍ରୋ ସ୍ପୋର୍ଟିଭୋ ଆଲାଗୋଆନୋ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ। ରିଓଡି ଜେନିରୋରେ ଜନ୍ମିତ ଏହି ଫରୱାର୍ଡ ୨୦ ବର୍ଷରୁ କମ୍ ବ୍ରାଜିଲ ଦଳର ସଦସ୍ୟ ଭାବରେ ଫିଲିପେ କୌଟିନୋ, କାସେମିରୋ, ଓସ୍କାର, ଫେଲିପେ ଆଣ୍ଡରସନ, ଫିର୍ମିନୋ ଓ ତାରକା ଖେଳାଳି ନେମାରଙ୍କ ସହିତ ଖେଳିବାର ସୁଯୋଗ ପାଇଥିଲେ। ଏହା ବ୍ୟତୀତ ସେ ବିଶ୍ୱର ବିଭିନ୍ନ ସ୍ଥାନକୁ ଯାଇ ଦକ୍ଷିଣ କୋରିଆର ବୁସାନ ଆଇପର୍କ ଓ ଗାଙ୍ଗଓନ ଏଫସି, ସୌଦି ଆରବର ଅଲ୍ କ୍ୱାଦିସିଆ, ପର୍ତ୍ତୁଗାଲର ଭିଟୋରିଆ ଏଫସି, ରୁଷିଆର ଏଫସି ସ୍ପାଟାର୍କ ଭ୍ଲାଡିକାଭକାଜ ଏବଂ ଚାଇନାର ଶିଜିଆଝୁଆଙ୍ଗ ଏଭର ବ୍ରାଇଟ୍ ଏଫସି ପକ୍ଷରୁ ପ୍ରତିନିଧିତ୍ୱ କରିଛନ୍ତି।

ଡିଏଗୋଙ୍କୁ ସ୍ୱାଗତ କରିବା ସହ ତାଙ୍କ ପରି ଏକ ଖେଳାଳି ପାଇଥିବାରୁ ସେ ଅତ୍ୟନ୍ତ ଖୁସି ବୋଲି ଓଏଫସି ମୁଖ୍ୟ କୋଚ୍ ଷ୍ଟୁଆର୍ଟ ବକ୍ସଟର ପ୍ରକାଶ କରିଛନ୍ତି। ଆଗାମୀ ସିଜନରେ ଡିଏଗୋ ଓଏଫସିର ବଡ଼ ସମ୍ପତ୍ତିଭାବେ ଉଭାହେବେ ବୋଲି ସେ କହିଛନ୍ତି। ଡିଏଗୋ ମଧ୍ୟ ଏହି ଚୁକ୍ତିରେ ଖୁସି ଜାହିର କରିବା ସହ ବକ୍ସଟରଙ୍କ ସହ କାମ କରିବାକୁ ଆଗ୍ରହୀ ବୋଲି ପ୍ରକାଶ କରିଛନ୍ତି। ଓଡ଼ିଶା ଏଫସିରେ ଯୁବ ଭାରତୀୟ ଖେଳାଳିଙ୍କୁ ପ୍ରାଧାନ୍ୟ ଦିଆଯାଉଛି ବୋଲି ମୁଁ ଜାଣିବାକୁ ପାଇଛି। ଏହା ମୋତେ ଖୁବ୍ ଉତ୍ସାହିତ କରିଛି ଏବଂ ଲିଗ୍ ଜିତିବା ମୋର ଲକ୍ଷ୍ୟ ରହିବ ବୋଲି ସେ କହିଛନ୍ତି।

# କ୍ରିକେଟ ଗ୍ରାଉଣ୍ଡରୁ ଷ୍ଟୁଡିଓ

**ଲିଟିଲ ମାଷ୍ଟର ସଚିନ ତେନ୍ଦୁଲକରଙ୍କ ‘କ୍ରିକେଟ ୱାଲି ବିଟ୍’ ହେଉ କି ଅଲରାଉଣ୍ଡର ସୁରେଶ ରାଇନାଙ୍କ ‘ବିଟିୟା ରାନୀ କିମ୍ବା ଅଷ୍ଟ୍ରେଲୀୟ ପେସ୍ ତାରକା ବ୍ରେଟ୍ ଲୀଙ୍କ ‘ଉମି’ ଗୀତ, ଏହି କ୍ରିକେଟ ତାରକାମାନେ ଗୀତ ଗାଇ କଳାଜଗତରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ପଡ଼ିଆରେ କରତାଳି ସାଉଁଟିଥିବା କ୍ରିକେଟର ଷ୍ଟୁଡ଼ିଓ ମାଇକ୍ ଆଗରେ ମଧ ନିଜ ପ୍ରତିଭାକୁ ନିଖୁଣ ଭାବେ ନିଭାଇଛନ୍ତି। ଓଡ଼ିଶା କ୍ରିକେଟରେ ଅଛନ୍ତି ଏଭଳି ଏକ ଯୁଗଳବନ୍ଦୀ। ଦିନେ ରାଜ୍ୟ ପକ୍ଷରୁ ଇନିଂସ ଓପନ କରୁଥିବା ଏହି ଦୁଇ ଖେଳାଳି ଏବେ ଗୀତ ଲେଖିବା, କମ୍ପୋଜ କରିବା ଓ ସ୍ୱର ଦେବାରେ ନିଜକୁ ବ୍ୟସ୍ତ ରଖୁଛନ୍ତି...**

## ଦୁଇ ଓପନର ଏବେ କମ୍ପୋଜର, ସିଙ୍ଗର୍

୨୦୦୦ ମସିହାର କଥା। ୧୬ବର୍ଷରୁ କମ୍ କୁଚବିହାର ଟ୍ରଫିରେ ଦୁଇ ଓପନର ରାଜ୍ୟ ପକ୍ଷରୁ ପ୍ରତିନିଧିତ୍ୱ କରୁଥିଲେ। ଜଣେ ହେଲେ ସୁବ୍ରତ ବେହେରା ଓ ଅନ୍ୟଜଣେ ହେଲେ ପ୍ରିୟଦର୍ଶୀ ଦେବାଶିଷ। ଧୂଆଁଧାର ବ୍ୟାଟିଂ ପ୍ରଦର୍ଶନ ଦ୍ୱାରା ଉଭୟ ରାଜ୍ୟ କ୍ରିକେଟ ଜଗତରେ ବେଶ୍ ପରିଚିତ। କିଛି ବର୍ଷ ପରେ ଆଘାତ ଜନିତ ସମସ୍ୟା ଯୋଗୁ ଦେବାଶିଷ ହଠାତ୍ କ୍ରିକେଟ ଜଗତରୁ ଦୂରେଇ ଯାଇଥିଲେ। ହେଲେ ସୁବ୍ରତଙ୍କ କ୍ରିକେଟ କ୍ୟାରିୟର ଲମ୍ବା ରହିଥିଲା। ଦୀର୍ଘବର୍ଷ ଧରି ସିନିୟର ଦଳରୁ ଖେଳିବା ପରେ ଏବେ ସେ ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ)ର ଏକ ଗୁରୁତ୍ୱପୂର୍ଣ୍ଣ ପଦବୀରେ ଅବସ୍ଥାପିତ। ହେଲେ ସଙ୍ଗୀତର ନିଶା ଏହି ଦୁଇ ଯୋଡ଼ିଙ୍କୁ ପୁଣିଥରେ ସାମ୍ନାକୁ ଆଣିଛି।

ଗତ ରାଖୀ ପୂର୍ଣ୍ଣିମା ଉପଲକ୍ଷେ ଏକ ମ୍ୟୁଜିକ ଭିଡ଼ିଓ ମୁକ୍ତିଲାଭ କରିଥିଲା, ଯାହାର ଶୀର୍ଷକ ହେଉଛି ସୁନା ଭଉଣୀ। ଗୀତର ରଚନା ଓ କମ୍ପୋଜ ଦାୟିତ୍ୱ ତୁଲାଇଥିଲେ ସୁବ୍ରତ। ପ୍ରିୟଦର୍ଶୀଙ୍କ କଣ୍ଠରେ ଏହାକୁ ଭୁବନେଶ୍ୱରର ସୋମେଶ ଷ୍ଟୁଡ଼ିଓରେ ରେକର୍ଡିଂ କରାଯାଇଥିଲା। ଏବେ ଏହି ଗୀତ ୟୁଟ୍ୟୁବ୍‌ରେ ବେଶ୍ ପ୍ରଶଂସିତ ହେଉଛି। ହେଲେ ଏହା ପଛରେ ଯେ, ରାଜ୍ୟର ଦୁଇଜଣ ଖ୍ୟାତନାମା କ୍ରିକେଟର ଅଛନ୍ତି ତାହା ଖୁବ କମ ଲୋକ ଜାଣନ୍ତି। ଦେବାଶିଷ ୧୬ବର୍ଷରୁ କମ୍ ଦଳର ଅଧିନାୟକ ରହିବା ସହିତ ୧୯ବର୍ଷରୁ କମ୍ ଦଳରୁ ମଧ ପ୍ରତିନିଧିତ୍ୱ କରିଥିଲେ। ଏପରିକି ସେ ଜାତୀୟ କ୍ରିକେଟ ଏକାଡେମୀ(ଏନସିଏ)ରେ ମଧ ସୁଯୋଗ ପାଇଥିଲେ। ହେଲେ ୨୦୦୩ ରେ ମ୍ୟାଚ୍ ଖେଳୁଥିବାବେଳେ ହାତରେ ଆଘାତ ଲାଗିଥିଲା। ପରେ ଏହି ସମସ୍ୟାର ସମାଧାନ ନ ହେବାରୁ ସେ ପୁନର୍ବାର ପଡ଼ିଆକୁ ଫେରି ପାରି ନ ଥିଲେ। ଏବେ ଏମ୍‌ବିଏ ଶିକ୍ଷା ଶେଷ କରି ଘରୋଇ କମ୍ପାନୀରେ ଚାକିରି କରୁଛନ୍ତି। ଇତି ମଧ୍ୟରେ ପ୍ରିୟଦର୍ଶୀ ସଙ୍ଗୀତ କ୍ଷେତ୍ରରେ ପାରଦର୍ଶିତା ହାସଲ କରି ସାରିଛନ୍ତି। ଛାତିରେ ଲେଖିଛି ତୋରି ନାଁ, କିଏ ସେ ଡାକୁଛି କୋଉଠି ମୋତେ, ମୋ ଦୁନିଆ ତୁ ହି ତୁ ଭଳି ଓଲିଉଡର ସୁପରହିଟ୍ ଚଳଚ୍ଚିତ୍ରର ଗୀତ ଯେ ପ୍ରିୟଦର୍ଶୀ ଗାଇଛନ୍ତି, ତାହା ସମସ୍ତଙ୍କୁ ଚକିତ କରୁଛି। ବର୍ତ୍ତମାନ ସୁଦ୍ଧା ୧୨ଟି ଚଳଚ୍ଚିତ୍ରରେ ସେ ପ୍ରଚ୍ଛଦପଟ ଗାୟକ ଭାବେ କଣ୍ଠଦାନ କରି ସାରିଲେଣି। କଟକ ଗତିରାଉତପାଟଣାର ସୁବ୍ରତ ରାଜ୍ୟ ସିନିୟର ଦଳ ପକ୍ଷରୁ ୧୨ଟି ପ୍ରଥମଶ୍ରେଣୀ ଓ ୪ଟି ଲିଷ୍ଟ-ଏ ମ୍ୟାଚ୍ ଖେଳିଛନ୍ତି। ଖେଳିବା ସମୟରେ ଉଭୟ ସଙ୍ଗୀତକୁ ନେଇ ଚର୍ଚ୍ଚା କରୁଥିଲେ ବୋଲି ମଧ କୁହନ୍ତି। ଗୀତ, କବିତା ଲେଖିବା ପ୍ରତି ସୁବ୍ରତଙ୍କର ରୁଚି ରହିଛି। ସୁନା ଭଉଣୀ ଗୀତ ଶେଷ ହେବା ପରେ ଏବେ ୨ରୁ ୩ଟି ଗୀତ ପ୍ରସ୍ତୁତ ହୋଇ ରହିଛି ବୋଲି ସୁବ୍ରତ କୁହନ୍ତି। ନିଜେ ଗୀତ ଲେଖିବା ସହ କମ୍ପୋଜ ଦାୟିତ୍ୱ ମଧ ତୁଲାଉଛନ୍ତି। କ୍ରିକେଟ ଭଳି ଗୀତ ବି ଏକ ନିଶା ବୋଲି ଏମାନେ କୁହନ୍ତି। କାର୍ଯ୍ୟବ୍ୟସ୍ତତା ଭିତରୁ ଗୀତ ପାଇଁ ସମୟ କାଢ଼ିବାକୁ ପଡୁଛି। ଘରେ ରହିବା ବେଳେ ବି ଗୀତକୁ ନେଇ ପରସ୍ପର ଫୋନ୍ ମାଧ୍ୟମରେ ଆଲୋଚନା କରୁ। ପରିଚୟ କି ପ୍ରଶଂସା ପାଇଁ ନୁହେଁ, ନିଜର କଳାକୁ ପରିପୂର୍ଣ୍ଣ କରିବାକୁ ଚେଷ୍ଟା କରିଛୁ ବୋଲି ଏହି ଦୁଇ କ୍ରିକେଟରଙ୍କ ମତ।



ସୁବ୍ରତ ବେହେରା ଓ ପ୍ରିୟଦର୍ଶୀ ଦେବାଶିଷ।

–ପ୍ରସ୍ତୁତି: କୁମାରଶ୍ରୀ



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ